

ବୁମ୍ରା-ମନ୍ଧାନା ବିଶ୍ୱର ଶ୍ରେଷ୍ଠ ଖେଳାଳି ପୃଷ୍ଠା ୭

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 34 | ISSUE 32 | ଭାଗ ୩୪ | ସଂଖ୍ୟା ୩୨ | Bhubaneswar | Thursday 24 April 2025 | Page 8 Rs. 4.00 | ● ଭୁବନେଶ୍ୱର ଗୁରୁବାର ୨୪ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ଲିଭିନି ମେହେନ୍ଦୀ, ଲିଭିଗଲା ଜୀବନଦୀପ

## ସ୍ୱାମୀଙ୍କୁ ଲୁହ ଭିଜା ଆଖିରେ ଦେଲେ ଶେଷ ବିଦାୟ





ହାତରୁ ଲିଭିନି ମେହେନ୍ଦୀ...ହେଲେ ମଥାରୁ ଲିଭିଗଲା ସିନ୍ଦୂର। ସ୍ୱାମୀ କଥା ଦେଇଥିଲେ ସାତ ଜନମର ସାଥୀ ହେବେ ବୋଲି। ହେଲେ ୭ ଦିନରେ ଆତଙ୍କବାଦୀଙ୍କ ବର୍ବରତା ତାଙ୍କ ମୁଣ୍ଡରୁ ସିନ୍ଦୂର ଲିଭାଇଦେଲା। ହନିମୁନରୁ ଶେଷ ଯାତ୍ରା। ବାହାଘରକୁ ମାତ୍ର ୭ଟା ଦିନ ହୋଇଛି। ଆଉ ୭ଟା ଦିନରେ ପତ୍ନୀ ଆଖି ଆଗରେ ସ୍ୱାମୀକୁ ଗୁଳି। ମୃତ ସ୍ୱାମୀର ଶରୀର ପାଖରେ ବସି ରହିଥିବା ସ୍ତ୍ରୀର ଫଟୋ ସମସ୍ତଙ୍କୁ ନିର୍ବାକ କରିଦେଇଛି। ସ୍ୱାମୀଙ୍କ କଫିନକୁ ଆଲିଙ୍ଗନ କରି, ଲେଫ୍ଟନାଣ୍ଟ ବିନୟ ନରୱାଲଙ୍କ ପତ୍ନୀ ହିମାଂଶୀ ତାଙ୍କୁ ଏପରି ବିଦାୟ ଦେଲେ ଯେ ସମସ୍ତଙ୍କ ହୃଦୟ ଥରିଉଠିଲା।

ଏହି ଶବ୍ଦଗୁଡ଼ିକ ଶୁଣି ଦିଲ୍ଲୀ ବିମାନବନ୍ଦରରେ ଥିବା ସମସ୍ତ ସଦସ୍ୟଙ୍କ ଆଖିରେ ଲୁହ ଆସି ଯାଇଥିଲା। ଆଉ ପତ୍ନୀ ସ୍ୱାମୀଙ୍କୁ ଦେଇଥିବା ଶେଷ ସାଲ୍ୟୁଟ୍ ଚିତ୍ର ଥିଲା ହୃଦୟ ବିଦାରକ। ଶେଷ ସାଲ୍ୟୁଟ୍ ସମୟର ଦୁଇ ପଦ କଥା 'ତୁମ ପାଇଁ ଗର୍ବିତ... ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ତୁମର ଆତ୍ମାକୁ ଶାନ୍ତି ମିଳୁ। ତୁମେ ତୁମ ଜୀବନର ସବୁଠାରୁ ସୁନ୍ଦର ମୁହୂର୍ତ୍ତଗୁଡ଼ିକ ବଞ୍ଚିଛ, ଏବଂ ଆମେ ତୁମକୁ ଗର୍ବିତ ଅନୁଭବ କରାଇବୁ।' ହିମାଂଶୀ କଫିନ ପାଖରେ ଠିଆ ହୋଇ ଚାହିଁରହିଥିଲେ। ତାଙ୍କ ଥରୁଥିବା ହାତଦୁଇଟି ସ୍ୱାମୀଙ୍କ ମୃତଦେହକୁ ଘୋଡ଼ାଇ ରଖିଥିବା ତ୍ରିରଙ୍ଗାକୁ ସ୍ପର୍ଶ କରୁଥିଲେ। ହିମାଂଶୀର ହାତ ଧରି ପରିବାର ସଦସ୍ୟମାନେ ତାଙ୍କୁ ବାରମ୍ବାର ସାନ୍ତ୍ୱନା ଦେଉଥିଲେ, କିନ୍ତୁ ସେମାନେ ନିଜେ ବି ଲୁହକୁ ରୋକିପାରୁ ନଥିଲେ।

କିନ୍ତୁ କିଏ ଜାଣିଥିଲା ଯେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ତାଙ୍କ ଜୀବନର ସମସ୍ତ ଖୁସି ଛଡ଼ାଇନେବ। ବୁଧବାର ବିନୟ ନରୱାଲଙ୍କ ମୃତଦେହକୁ ଦିଲ୍ଲୀ ଅଣାଯିବା ପରେ ତାଙ୍କ ପରିବାର ସଦସ୍ୟମାନେ ତାଙ୍କୁ ଶେଷ ବିଦାୟ ଦେଇଥିଲେ। ବିବାହ ➪ପୃଷ୍ଠା-୬

### ପାକିସ୍ତାନ ସହ କୂଟନୈତିକ ସମ୍ପର୍କ ଛିନ୍ନ

# ଝଡ଼ ପୂର୍ବର ନୀରବତା




ପହଲଗାମରେ ଆତଙ୍କୀଙ୍କ ଆକ୍ରମଣ ପରେ ପୂରା ଦେଶ ଚାହୁଁଛି ପ୍ରତିଶୋଧ। ସୀମାପାର ଆତଙ୍କବାଦୀ କାର୍ଯ୍ୟ ପ୍ରମାଣିତ ହୋଇସାରିଥିବାରୁ ଭାରତ ପାକିସ୍ଥାନ ସହ ସବୁ ପ୍ରକାର ସମ୍ପର୍କ ଛିନ୍ନ କରିଛି। ହେଲେ ଏସବୁ ➪ପୃଷ୍ଠା-୬



## ସିନ୍ଧୁ ଚୁକ୍ତି ରଦ୍ଦ, ଅଟାରୀ ଚେକ୍ ପୋଷ୍ଟ ବନ୍ଦ

ନୂଆଦିଲ୍ଲୀ, ୨୩।୪(ଏଜେନ୍ସି): ଆତଙ୍କୀ ହମ୍‌ଲା ଜଣେ ନେପାଳୀ ସମେତ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା ପରେ କେନ୍ଦ୍ର ସରକାର ପାକିସ୍ତାନ ବିପକ୍ଷରେ ଠୋସ୍ ପଦକ୍ଷେପ ଉପରେ ଆଲୋଚନା ସକାଶେ ଆଜି ସନ୍ଧ୍ୟାରେ ଏଠାରେ ଗୁରୁତ୍ୱପୂର୍ଣ୍ଣ ନିରାପତ୍ତା ସଂକ୍ରାନ୍ତ କ୍ୟାବିନେଟ୍ ବୈଠକ (ସିସିଏସ୍) ଅନୁଷ୍ଠିତ ହୋଇଛି। ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି, ଯେଉଁଥିରେ ପାକିସ୍ତାନ ସହ ସିନ୍ଧୁ ଚୁକ୍ତିକୁ ସମାପ୍ତ କରିଦିଆଯିବା ସହ ଅଟାରୀ ଚେକ୍ ପୋଷ୍ଟକୁ ବନ୍ଦ କରିଦିଆଯିବା ଆଦି ପ୍ରମୁଖ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର, ଏନଏସଏ ଅଜିତ ଡୋଭାଲ, ବୈଦେଶିକ ସଚିବ ବିକ୍ରମ ମିଶ୍ରି ଉପସ୍ଥିତ ଥିଲେ। ବୈଠକରେ ପହଲଗାମ୍ ଆତଙ୍କୀ ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରାଯିବା ସହ ପୀଡିତଙ୍କ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଛି। ଏଥିସହ ବୈଠକରେ ଆହତମାନଙ୍କ ଆଶୁ ଆରୋଗ୍ୟ ମଧ କାମନା କରାଯାଇଛି।

ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ, ଭାରତ ଅଟାରୀ-ୱାଘା ସୀମା ବନ୍ଦ କରାଯାଇଥିବା ବେଳେ ଯେଉଁମାନେ ବୈଧ ➪ପୃଷ୍ଠା-୬

## ଆଜି ପ୍ରଶାନ୍ତଙ୍କ ଅନ୍ତିମ ସଂସ୍କାର

ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ): କାଶ୍ମୀର ଉପତ୍ୟକାର ବରଫ ପାହାଡ଼ରେ ଯେଉଁ ୨୬ ଜୀବନ ଦୀପକୁ ଲିଭାଇ ଦେଇଥିଲେ ଧର୍ମାନ୍ଧ ଆତଙ୍କୀ, ତାରି ଭିତରେ ଓଡ଼ିଆ ପର୍ଯ୍ୟଟକ ପ୍ରଶାନ୍ତ ଶତପଥୀଙ୍କୁ ହରାଇ ଝୁରୁଛି ଓଡ଼ିଶା। ଯିଏ ଗୁଳିମାଡ଼ ପରେ ଘଣ୍ଟାଏ ଧରି ବଞ୍ଚିଥିଲେ । କିନ୍ତୁ କେହି ସହାୟତା କଲେନି ବୋଲି ଶେଷରେ ଆଖିବୁଜିଲେ। ଆଜି ପ୍ରଶାନ୍ତଙ୍କ ପାଇଁ କାନ୍ଦୁଛି ସାରା ବାଲେଶ୍ୱର। ତେଣେ ଗୃହମନ୍ତ୍ରୀ ଅମିତ ଶାହ, ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ପ୍ରଶାନ୍ତଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶ୍ରୀନଗରରେ ଶୋକସନ୍ତପ୍ତ ପରିବାରକୁ ଭେଟି ସାନ୍ତ୍ୱନା ଦେଇଛନ୍ତି। ଆଜି ବିଳମ୍ବିତ ରାତିରେ ଫେରିଛି ପ୍ରଶାନ୍ତଙ୍କ ମରଶରୀର। ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱରରେ ମରଶରୀର ପହଞ୍ଚିବା ପରେ ତାଙ୍କ ଘର ବାଲେଶ୍ୱର ଇସାଣୀ ଗାଁକୁ ନିଆଯାଇଛି। ଆସନ୍ତାକାଲି ସେଠାରେ ତାଙ୍କର ଶେଷକୃତ୍ୟ କରାଯିବ। ଆଜି ଭୁବନେଶ୍ୱର ବିମାନବନ୍ଦରରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ପ୍ରଶାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲେଶ୍ୱରରେ ତାଙ୍କ ସଂସ୍କାର କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଶାନ୍ତ ଶତପଥୀ ବାଲେଶ୍ୱର ➪ପୃଷ୍ଠା-୬

## ପରିବାରକୁ ଅପରାଜିତାଙ୍କ ଆଶ୍ୱାସନା



ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ): ଗତକାଲି ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲ୍ଲାର ପହଲଗାମ୍‌ଠାରେ ଆତଙ୍କୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଜଣ ପର୍ଯ୍ୟଟକଙ୍କ ମଧ୍ୟରେ ଥିବା ଓଡ଼ିଆ ଯୁବକ ପ୍ରଶାନ୍ତ ଶତପଥୀଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଆତଙ୍କୀ ଆକ୍ରମଣ ସମୟରେ ଅପରାଜିତ ଶ୍ରୀନଗର ଗସ୍ତରେ ଥିବା ସମୟରେ ଆଜି ସେ ପ୍ରଶାନ୍ତଙ୍କ ପୁଅ ତନୁଜ ଓ ପତ୍ନୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟଙ୍କୁ ଭେଟିଛନ୍ତି। ସାଂସଦ ସେମାନଙ୍କୁ ଆଶ୍ୱାସନା ଦେବା ସହ ଏପରି ଏକ ନାରକୀୟ କାଣ୍ଡ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଅପରାଜିତାଙ୍କୁ ଦେଖିବା ମାତ୍ରେ ପ୍ରିୟଦର୍ଶିନୀ ନିଜର କୋହ ସମ୍ବରଣ କରିପାରିନଥିଲେ। ସେ ଅପରାଜିତାଙ୍କୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ନେଇ ସୂଚନା ଦେବା ସହ ୮ ବର୍ଷର ପୁଅର ଭବିଷ୍ୟତ ଅନ୍ଧାର ହୋଇଗଲା ବୋଲି କୋହଭରା କଣ୍ଠରେ କହିଥିଲେ। ତାଙ୍କ ଆଖି ସାମ୍ନାରେ ଆତଙ୍କୀମାନେ ସ୍ୱାମୀଙ୍କୁ ମାରିଦେଲେ। ସ୍ୱାମୀଙ୍କ ଅନୁପସ୍ଥିତିରେ ଏବେ ସେ ➪ପୃଷ୍ଠା-୬

### ଆଜି ସର୍ବଦଳୀୟ ବୈଠକ

## ଡୋଭାଲଙ୍କୁ ବଡ଼ ଦାୟିତ୍ୱ, ଥରିଲା ପାକିସ୍ତାନ

ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶ୍ରୀନଗରରେ ପହଞ୍ଚିଛନ୍ତି। ଏହା ପରେ ସେ ଆକ୍ରମଣ ସ୍ଥାନକୁ ମଧ ଯାଇଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀରେ ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ଉଚ୍ଚସ୍ତରୀୟ ବୈଠକ ବସିଛି। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଏନଏସଏ ମୁଖ୍ୟ ଅଜିତ ଡୋଭାଲ ମଧ ସାମିଲ ଅଛନ୍ତି। ଏବେ ଆଉ ଏକ ବଡ଼ ସୂଚନା ସାମ୍ନାକୁ ଆସିଛି। ପହଲଗାମ ଆକ୍ରମଣ ପରେ ସେନା, ବାୟୁସେନା ଓ ନୌସେନାକୁ ହାଇ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପହଲଗାମ ଆକ୍ରମଣର ଆତଙ୍କବାଦୀଙ୍କ ସ୍କେଚ ମଧ ପ୍ରକାଶ ପାଇଛି। ଜମ୍ମୁ ଓ କଶ୍ମୀର ପୁଲିସ ବୁଧବାର ୩ଟି ସ୍କେଚ ଜାରି କରିଛି।

ଆକ୍ରମଣରେ ସାମିଲ ଥିବା ସନ୍ଦିଗ୍ଧ ଆତଙ୍କବାଦୀଙ୍କ ନାମ ମଧ ପ୍ରକାଶ ପାଇଛି। ଏହି ତାଲିକାରେ ଆସିଫ ଫୌଜି, ➪ପୃଷ୍ଠା-୬



## ୩ ଆତଙ୍କୀଙ୍କ ପରିଚୟ ମିଳିଲା, ୨୦ ଲକ୍ଷ ପୁରସ୍କାର

ପହଲଗାମ୍ ଆତଙ୍କୀ ହମ୍‌ଲାରେ ସାମିଲ୍ ଥିବା ଆତଙ୍କୀଙ୍କ ମଧ୍ୟରୁ ଆଜି ୩ ଜଣଙ୍କ ପରିଚୟ ମିଳିଛି। ସେମାନେ ହେଲେ ଅସିତ୍ ଫୁଜି, ସୁଲେମାନ୍ ଶାହ ଓ ଅବୁ ତଲ୍‌ହା। ଏହି ଆତଙ୍କୀମାନେ ଲଗାତାର ୨୦ ମିନିଟ୍ ଧରି ପର୍ଯ୍ୟଟକଙ୍କ ଉପରେ ଗୁଳିବର୍ଷଣ କରିଥିଲେ। ସେହିପରି ଏହି ଆତଙ୍କୀ ଆକ୍ରମଣ ସହ ଜଡ଼ିତ ଥିବା ଆତଙ୍କୀଙ୍କ ସମ୍ପର୍କରେ କୌଣସି ପ୍ରକାର ସୂଚନା ଦେବା ସକାଶେ ଅନନ୍ତନାଗ ପୁଲିସ୍ ପକ୍ଷରୁ ବୁଧବାର ୨୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି।

### ମନ୍ତ୍ରୀ ପରିଷଦ ବୈଠକରେ 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' ଉପସ୍ଥାପିତ

## ଓଡ଼ିଶା ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ '୩୬ ପାଇଁ ୩୬'



### ୪ଟି ସ୍ଥାନରେ ଆୟୋଜିତ ହେବ କର୍ମଶାଳା

ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ମନ୍ତ୍ରୀ ପରିଷଦଙ୍କ ସପ୍ତମ ବୈଠକ ଆଜି ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଓ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ପରିଷଦର ସମସ୍ତ ସଦସ୍ୟଗଣ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅନ୍ୟ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ଓ ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି। ୨୦୪୭ ସୁଦ୍ଧା ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ଦିଗରେ ମଧ ଏହା ସହାୟକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନଏବଂ ନୀତି ଆୟୋଗଙ୍କ ସହଯୋଗରେ ସରକାର ଅଗଷ୍ଟ ୨୦୨୪ଠାରୁ 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅନ୍ତର୍ଭୁକ୍ତି, ସମୃଦ୍ଧି ଓ ସମ୍ପନ୍ନତା ଏହି ଭିଜନ ଦସ୍ତାବିଜର ଆଧାର। ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଆମେରିକୀୟ ଡଲାର ମୂଲ୍ୟର ଜିଏସଡିପି ବା ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ ଲକ୍ଷ୍ୟ ହାସଲ କରିବା ଓ ଭାରତର ଜିଡିପିର ୫ ପ୍ରତିଶତ ଅଂଶୀଦାର ହେବା ପାଇଁ ଓଡ଼ିଶା ଏପର୍ଯ୍ୟନ୍ତ ହାସଲ କରିଥିବା ଅର୍ଥନୈତିକ ଅଭିବୃଦ୍ଧି ହାରକୁ ଅତିକ୍ରମ କରିବା ସହ ଏହାକୁ ଦ୍ରୁତତର କରିବା ଆବଶ୍ୟକ। ଏହା ଆମ ପାଇଁ ଏକ ଆହ୍ୱାନ ଓ ସୁଯୋଗ। ସହଯୋଗୀ ପରିବେଶ, ସରକାରୀ-ବେସରକାରୀ ନିବେଶ, କାର୍ଯ୍ୟାନ୍ୱୟନଜନିତ ସହାୟତା ଓ ପ୍ରଯୁକ୍ତିବିଦ୍ୟା ମାଧମରେ ସମନ୍ୱୟ ବ୍ୟବସ୍ଥା ସହ ଏହି ଲକ୍ଷ୍ୟ ହାସଲ ହୋଇପାରିବ। ୨୦୩୬ ସୁଦ୍ଧା ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ୩୬ଟି ସର୍ବୋଚ୍ଚ ପ୍ରାଥମିକ କାର୍ଯ୍ୟକ୍ରମ ଚିହ୍ନଟ କରି ଏକ ରଣନୈତିକ ପଦକ୍ଷେପ '୩୬ ପାଇଁ ୩୬' ଆରମ୍ଭ କରି ଓଡ଼ିଶାର ଅଭିବୃଦ୍ଧିର ପରିବର୍ତ୍ତନ ଯାତ୍ରାକୁ ତ୍ୱରାନ୍ୱିତ କରାଯିବ। ମନ୍ତ୍ରୀ ପରିଷଦଙ୍କ ସୁଚିନ୍ତିତ ପରାମର୍ଶ ଓ ମାର୍ଗଦର୍ଶନ ଦ୍ୱାରା ଚିଠାକୁ ଚୂଡ଼ାନ୍ତ ରୂପ ଦେବା ସମ୍ଭବ ହେବ। ତଦନୁଯାୟୀ ସେଥିରେ ସ୍ଥାନିତ ଲକ୍ଷ୍ୟଗୁଡ଼ିକର ସଫଳ ରୂପାୟନ ପାଇଁ ଏକ କାର୍ଯ୍ୟାନ୍ୱୟନ ଖସଡା ପ୍ରସ୍ତୁତ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଠକରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରିବାକୁ ରପ୍ତାନୀଭିତ୍ତିକ ଉତ୍ପାଦନର ଆବଶ୍ୟକତା ଓ ବିଭିନ୍ନ ନିୟମାବଳୀର ଅନୁପାଳନ ଓ ସରକାରୀ ନିୟନ୍ତ୍ରଣର ପ୍ରତିବନ୍ଧକ ହ୍ରାସ ସମ୍ବନ୍ଧରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସୂଚନା ଦେଇଛନ୍ତି। ➪ପୃଷ୍ଠା-୬

## ଅଙ୍ଗନବାଡ଼ି ସୁପରଭାଇଜର ପାଇଁ ଯୋଗ୍ୟତା ସ୍ନାତକ

ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ): ରାଜ୍ୟ କ୍ୟାବିନେଟରେ ୬ ପ୍ରସ୍ତାବକୁ ଅନୁମୋଦନ। ମୁଖ୍ୟମନ୍ତ୍ରୀଙ୍କ ମୋହନ ଚରଣ ମାଝୀ ଅଧକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ୬ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବରେ ମୋହର ବାଜିଛି। ଏଣିକି ଅଙ୍ଗନବାଡି ସୁପରଭାଇଜର ପଦବୀ ପାଇଁ ସର୍ବନିମ୍ନ ଯୋଗ୍ୟତା ରହିବ ଗ୍ରାଜୁଏସନ, ଯାହା ଆଗରୁ ମାଟ୍ରିକ ଯାଏ ରହୁଥିଲା। ଏହାକୁ ଅନୁମୋଦନ କରିଛି କ୍ୟାବିନେଟ୍ । ଏଥିପାଇଁ ଓଡିଶା ଶିଶୁ ଓ ମହିଳା କଲ୍ୟାଣ ସେବା (ସଂଶୋଧନ) ନିୟମ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଓଡିଶା ଶିଶୁ ଓ ମହିଳା କଲ୍ୟାଣ ସେବା ନିୟମ, ୧୯୮୯ ଅନୁସାରେ କନିଷ୍ଠ ବର୍ଗ ସେବା ପଦବୀରେ ଚୟନଭିତ୍ତିକ ନିଯୁକ୍ତି ନିମନ୍ତେ ଜଣେ ଅଙ୍ଗନବାଡି କର୍ମୀ ନିଶ୍ଚିତ ରୂପେ ମାଧମିକ ଶିକ୍ଷା ବୋର୍ଡ ଅଥବା ତତ୍ତୁଲ୍ୟ ବୋର୍ଡ ଦ୍ୱାରା ପରିଚାଳିତ ମାଧମିକ ➪ପୃଷ୍ଠା-୬

### ଜିଡିଏସ୍ ନିଯୁକ୍ତି ଠକେଇ ମାମଲା

## ଏକକାଳୀନ ୧୨ ସ୍ଥାନରେ ଚଢ଼ାଉ

ଭୁବନେଶ୍ୱର, ୨୩।୪ (ସଂଚାର ବ୍ୟୁରୋ) : ଗ୍ରାମୀଣ ଡାକ ସେବକ (ଜିଡିଏସ) ନିଯୁକ୍ତିରେ ଠକେଇ ମାମଲା ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଆଜି ଓଡ଼ିଶାର ୫ଟି ରାଜ୍ୟର ୧୨ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। କେନ୍ଦ୍ରୀୟ ଏଜେନ୍ସିର ଏକାଧିକ ଟିମ୍ ଭୁବନେଶ୍ୱର, କଳାହାଣ୍ଡି, ସମ୍ବଲପୁର, କେଉଁଝର ଓ ବଲାଙ୍ଗୀରର ୧୨ଟି ଭିନ୍ନ ଭିନ୍ନ ସ୍ଥାନରେ ଚଢାଉ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ଓ କାର୍ଯ୍ୟାଳୟରେ ତଲାସ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛନ୍ତି। ଏଥିସହ ଅଭିଯୁକ୍ତମାନଙ୍କୁ ପଚରାଉଚରା ମଧ ଚାଲିଛି। ମିଳିଥିବା ସୂଚନାନୁସାରେ, ଗ୍ରାମୀଣ ଡାକ ସେବକ (ଜିଡିଏସ)ର ୧,୩୮୧ ପଦବୀ ପୂରଣ ପାଇଁ ୨୦୨୩ରେ ଅନୁଷ୍ଠିତ ପୋଷ୍ଟାଲ ନିଯୁକ୍ତି ପରୀକ୍ଷାରେ ଅନେକ ପ୍ରାର୍ଥୀ ଜାଲ୍ ଦଶମ ଶ୍ରେଣୀ ସାର୍ଟିଫିକେଟ୍ ଏବଂ ମାର୍କସିଟ୍ ଆଣିଥିଲେ। ତଦନ୍ତ ସମୟରେ ➪ପୃଷ୍ଠା-୬



### କାନ ଡେରିଥା

ଖରା ତାତି ଏବେ ଯେତିକି ବଢୁଛି
ପାଣି, ଛାଇ ଖୋଜା ପଡୁଛି
ପରିବେଶ କଥା ଏବେ ମନେ
ପଡେ
ତେଣୁ ତ ଦେହକୁ ବାଧୁଛି
ଗଛ ଅଭିଶାପ ପଡୁଛି...
ଆଉ କିଛି ଦିନ ଏମିତି ରହିଲେ
ଧ୍ୱଂସ ହେଇଯିବ ଲାଗୁଛି।

■ ଦେବାଶିଷ

# ହୃଦୟ ଜିତିଲେ ସାହସୀ ଶାହ

- ପୀଡ଼ିତଙ୍କ ପାଖରେ ଛିଡ଼ାହେଲେ ଗୃହମନ୍ତ୍ରୀ
- ଆଧୁନିକ ଭାରତର ଲୌହ ମାନବ





ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ): ଭାରତର ମିନି ସୁଇଜରଲ୍ୟାଣ୍ଡ କୁହାଯାଉଥିବା କାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଗୁଳିମାଡରେ ୨୮ ଜଣଙ୍କ ମୃତ୍ୟୁନେଇ ଦେଶବାସୀ ସ୍ତବ୍ଧ ହୋଇଯାଇଥିବାବେଳେ ଗୃହମନ୍ତ୍ରୀ ଅମିତ ଶାହ ଯେଭଳି ଭାବେ ତୁରନ୍ତ ଗୁଳିମାଡ ସ୍ଥାନକୁ ଯାଇ ପୀଡିତ ଲୋକଙ୍କୁ ଭେଟିଲେ ତାହା ଅମିତ ଶାହଙ୍କୁ ଜଣେ ସାହସୀ ଭାବେ ଚିତ୍ରଣ କରିନାହିଁ, ସେ ଜଣେ ହୃଦୟବାନ୍ ବ୍ୟକ୍ତି ବୋଲି ମଧ ପ୍ରମାଣିତ କରିଦେଇଛି ।

ମଙ୍ଗଳବାଦ ଅପରାହ୍ନ ପ୍ରାୟ ୨.୩୦ ସମୟରେ ପହଲଗାମଠାରେ ପ୍ରକୃତିର ମଜା ଉପଭୋଗ କରୁଥିବା ପାକପାଖି ଦୁଇ ହଜାର ପର୍ଯ୍ୟଟକଙ୍କ ଉପରେ ଗୁଳିମାଡ କରିଥିଲେ ଆତଙ୍କବାଦୀ । ଅନେକ ପର୍ଯ୍ୟଟକଙ୍କୁ ସୋମନଙ୍କ ଧର୍ମ ପଚାରିବା ପରେ ଗୁଳି ମାରି ହତ୍ୟା କରିଥିଲେ । ଯେଉଁମାନେ ହିନ୍ଦୁ ବୋଲି ଜାଣୁଥିଲେ ସୋମନଙ୍କୁ ଖୋଜି ଖୋଜି ମାରୁଥିଲେ । କେଉଁଠି ସ୍ତ୍ରୀ ସାମ୍ନାରେ ସ୍ୱାମୀ ତ ଆଉ କେଉଁଠି ପିଲାଙ୍କ ସାମ୍ନାରେ ବାପାଙ୍କୁ ଗୁଳି ମାରୁଥିଲେ । କେହି କିଛି ବୁଝିବା ପର୍ବରୁ ୨୮ଜଣଙ୍କ ମୁଣ୍ଡ ନେଇ ଆତଙ୍କୀମାନେ ସ୍ଥାନ ଛାଡିଥିଲେ । ଅନେକଙ୍କୁ ଗୁରୁତର ଆହତ କରିଥିଲେ ।

ତେବେ ଏହି ଖବର ଦିଲ୍ଲୀରେ ପହଞ୍ଚିବା ପରେ ଗୃହମନ୍ତ୍ରୀ ଅମିତ ଶାହ ତୁରନ୍ତ ଶ୍ରୀନଗର ଅଭିମୁଖେ ଯାତ୍ରା କରିଥିଲେ। ତାଙ୍କ ସହିତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ ଗୁଇନ୍ଦା ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ । ସେଠାରେ ପହଞ୍ଚିବା ପରେ ଶାହ ତୁରନ୍ତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହିତ ସ୍ଥିତିର ସମୀକ୍ଷା ବୈଠକ କରିଥିଲେ । ବୁଧବାର ଦିନ ସକାଳୁ ଗୁଳିକାଣ୍ଡ ଘଟିଥିବା ପହଲଗାମର ସେହି ସ୍ଥାନକୁ ଶାହା ଯାଇଥିଲେ ଯେଉଁଠାରେ ଆତଙ୍କୀମାନେ ୨୮ଟି ମୁଣ୍ଡ ନେବା ସହିତ ଅନେକଙ୍କୁ ଆହତ କରି ଖସିଯିବାର ସଫଳ ହୋଇଛନ୍ତି ।

ତେବେ ସୁଦୂର ଶ୍ରୀନଗରରେ ➪ପୃଷ୍ଠା-୬

### ଥମିବାର ନା ନେଉନି ଜଳ ସମସ୍ୟାଜନିତ ଆନ୍ଦୋଳନ

# ଗରା ବାଲଟି ଧରି ତୃତୀୟ ଦିନରେ ପହଞ୍ଚିଲା ମହିଳାଙ୍କ ରାସ୍ତାରୋକ

**ମହାକାଳପଡ଼ା, ୨୩।୪(ସଂଚାର ବ୍ୟୁରୋ):** ଥମିବାର ନା ନେଉନି ପାନୀୟ ଜଳ ସମସ୍ୟା ଜନିତ ଆନ୍ଦୋଳନ। ପାଣି ପାଇଁ ଆରମ୍ଭ ହୋଇଥିବା ଧାରଣା ଓ ରାସ୍ତାରୋକ ଆଜି ତୃତୀୟ ଦିନରେ ପହଞ୍ଚିଛି। ମହିଳାମାନେ ହାତରେ ଗରା ବାଲଟି ଧରି ରାସ୍ତାରୋକ କରିବା ସହିତ ପ୍ରଶାସନକୁ ଚରମବାଣୀ ଶୁଣାଇଛନ୍ତି। ମହାକାଳପଡ଼ା ବ୍ଲକ ବଡକୂଳ ପଞ୍ଚାୟତ ଆଇତିପୁର ଗ୍ରାମରେ ଦେଖିବାକୁ ମିଳିଛି ଏମିତି ଦୃଶ୍ୟ। ପାଣି ପାଇଁ ମହିଳାମାନେ କରିଥିବା ରାସ୍ତାରୋକ ଆଜି ତୃତୀୟ ଦିନରେ ପହଞ୍ଚିଛି। ଯଦୁପୁର ପଞ୍ଚାୟତ କଳାଗଡ଼ ଗ୍ରାମରେ ଥିବା ମେଗା ପାନୀୟ ଜଳ ପ୍ରକଳ୍ପରୁ ଯଦୁପୁର ପଞ୍ଚାୟତର ଆଇତିପୁର ଗ୍ରାମ ସମେତ ଅନ୍ୟ ୧୦ ପଞ୍ଚାୟତକୁ ପାଣି ପହଞ୍ଚୁ ଥିଲା। ହେଲେ ବଉଦ ନିକଟରେ ଏକ କମ୍ପାନୀ ପାଇପ୍ ବିଛା କାମ କରୁଥିବା ସମୟରେ ତିନୋଟି ପାଣି ପାଇପ୍ ଛିଣ୍ଡି ଯାଇଛି। ସେଥିରୁ ଦୁଇଟି ପାଇପ୍ ମରାମତି ହୋଇଥିବା ବେଳେ ଆଉ ଗୋଟିଏର ମରାମତି ହୋଇପାରି ନାହିଁ। ଯାହା ଫଳରେ



ଦୀର୍ଘ ଏକମାସ ରୁ ଉର୍ଦ୍ଧ୍ୱ ହେବ ଲୋକମାନଙ୍କ ପାଖରେ ପାଣି ପହଞ୍ଚି ପାରିନାହିଁ। ଏନେଇ ବାରମ୍ବାର ପ୍ରଶାସନକୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ନମିଳିବାରୁ ମହିଳାମାନେ ଗଣତାନ୍ତ୍ରିକ ପଦ୍ଧତିରେ ନିଜର ହକ୍ ମାଗିଛନ୍ତି। ଗତ ସୋମାବାର ଦିନ ଆଇତିପୁର ଗ୍ରାମର ୨୦ ରୁ ଉର୍ଦ୍ଧ୍ୱ ମହିଳା ହାତରେ ଗରା ମାଠିଆ ଧରି ଆଇତିପୁର ମୁଖ୍ୟ ରାସ୍ତାକୁ ଅବରୋଧ କରି ନାରାବାଜି କରିଥିଲେ। ପ୍ରଶାସନ ତରଫରୁ ମଙ୍ଗଳବାର ସକାଳୁ ଏକ ଟ୍ୟାଙ୍କର ଯୋଗେ ଗାଆଁ ରେ ପାଣି ପହଞ୍ଚାଇ ଦିଆଯାଇଥିଲା। ହେଲେ ୭୦୦ ଲୋକଙ୍କୁ ଗୋଟିଏ ଟ୍ୟାଙ୍କର ପାଣି ନିଅଣ୍ଟ ପଡ଼ିଥିଲା। ଅଧେ ଲୋକ ପାଣି ପାଇଥିବା ବେଳେ ଆଉ ଅଧେ ଲୋକ ପାଣି ପାଇବାରୁ ବଞ୍ଚିତ ଥିଲେ। ପୁନର୍ବାର ମଙ୍ଗଳବାର ମହିଳାମାନେ ରାସ୍ତା ଅବରୋଧ କରି ପାଣି ପାଇଁ ଅଡ଼ି ବସିଥିଲେ। ଆଜି ମଧ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ଗତକାଲି ଯେତିକି ଲୋକ ଟ୍ୟାଙ୍କର ପାଣି ପାଇଥିଲେ ସେତିକି ଲୋକଙ୍କୁ ପାଣି ଦେଇ ଯାଉଥିବା ସମୟରେ ଉତ୍ୟକ୍ତ ମହିଳା ଟ୍ୟାଙ୍କରକୁ ଅଟକାଇ ରାସ୍ତାରେ ଗରା ବାଲଟି ଧରି ରାସ୍ତାରୋକ କରିଥିଲେ। ଆବଶ୍ୟକୀୟ ଟ୍ୟାଙ୍କର ପାଣି ଯୋଗାଇବା ସହିତ ସ୍ଥାୟୀ ପାନୀୟ ଜଳ ଯୋଗାଇବାକୁ ବ୍ୟବସ୍ଥା କରାନଗଲେ ରାଜରାସ୍ତା ଅବରୋଧ କରିବାକୁ ମହିଳାମାନେ ଚେତାବନୀ ଦେଇଛନ୍ତି।

# ସମସ୍ୟାରେ ଜର୍ଜରିତ ସୁଭଦ୍ରା ମହାବିଦ୍ୟାଳୟ

● କଲେଜ ଅଧ୍ୟକ୍ଷଙ୍କ କୌଣସି ନିଘାନାହିଁ



**ନିଶ୍ଚିନ୍ତକୋଇଲି, ୨୩।୪(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ଅସୁରେଶ୍ୱର ସୁଭଦ୍ରା ସୁଭଦ୍ରା ମହାବିଦ୍ୟାଳୟରେ ବହୁ ସମସ୍ୟାରେ ଜର୍ଜରିତ ହୋଇ ମହାବିଦ୍ୟାଳୟଟି ଦିନକୁ ଦିନ ଗୁରୁତର ହେବାରେ ଲାଗିଛି। ଏଠାରେ ଶିକ୍ଷାଦାନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଏଥିପ୍ରତି ଅଧକ୍ଷଙ୍କର କୌଣସି ନିଘା ନାହିଁ। ଅଧିକାଂଶ ଦିନ ବିଭିନ୍ନ ଅଧାପକ କଲେଜକୁ ଆସୁନଥିବାରୁ ଛାତ୍ର ଛାତ୍ରୀ ମାନେ ଶିକ୍ଷା ଗ୍ରହଣ କରିବାରେ ହଟହଟା ହେଉଛନ୍ତି। ମୋଟାଅଙ୍କର ଦରମା ନେଇ ମୁଲିଆ ଶିକ୍ଷକ ବନ୍ଦୋବସ୍ତ କରିଛନ୍ତି।ସେମାନଙ୍କୁ ସହ ମଜୁରୀ ଦେଇ ନିଜେ ସିଂହ ଭାଗ ନେଇ ବ୍ୟବସାୟ ଚଳାଇଛନ୍ତି। କେତେକ ଅଧାପକ ବ୍ୟାପକ ଘରୋଇ ଟିଉସନ୍ ଚଳାଇ ଜାଣି ଜାଣି ମହାବିଦ୍ୟାଳୟରେ ନିୟମିତ ଭାବେ ଶିକ୍ଷାଦାନ କରୁନାହାନ୍ତି। କଟିକଟା ଜୟପୁର ବ୍ୟସ୍ତ ବହୁଳ ରାସ୍ତାରେ ଶହ ଶହ ସାଇକେଲ୍ ଜମା କରାଯାଉଥିବାରୁ ଏହି ରାସ୍ତାରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଗୁରୁତର ହେବାରେ ଲାଗିଛି। ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଲେଜ ସାଇକେଲ୍ ଷ୍ଟାଣ୍ଡ ନିର୍ମିତ କରାଯାଇଥିବା ବେଳେ କଲେଜ ଅଧକ୍ଷ ଏହାକୁ ଅନ୍ୟ ବ୍ୟବହାର ଲଗାଇ ଫାଇଦା ହାସଲ କରୁଥିବା ବେଳେ ଛାତ୍ର ଛାତ୍ରୀ ମାନଙ୍କ ସାଇକେଲ୍ କ୍ୟାମ୍ପସ ବାହାରେ ରାସ୍ତା କଡରେ ଜମା ହେବା ଫଳରେ ଏହି ରାସ୍ତାରେ ଗମନା ଗମନ ବାଧାପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ବାରମ୍ବାର ଦୁର୍ଘଟଣା ଘଟୁଅଛି।ଏ ଅଭିଯୋଗ ସଂକ୍ରାନ୍ତରେ ଆମ ପ୍ରତି ପ୍ରତିନିଧି କଲେଜ ଅଧକ୍ଷଙ୍କୁ ବାରମ୍ବାର ଟେଲିଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ ସେ କଲ୍ ଗ୍ରହଣ କରିନଥିଲେ।ଏ ସଂକ୍ରାନ୍ତରେ ଉଚ୍ଚ ଶିକ୍ଷା ବିଭାଗ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କଟିକଟା ଜୟପୁର ରାସ୍ତା ପାର୍ଶ୍ୱରୁ ସାଇକେଲ୍ ହଟାଇ ଟ୍ରାଫିକ୍ ସମସ୍ୟା ଦୁର କରିବା ନିମନ୍ତେ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

## ମୁଶିଦାବାଦରେ ହିନ୍ଦୁଙ୍କ ପ୍ରତି ଅତ୍ୟାଚାରର ପ୍ରତିବାଦ, ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**କେନ୍ଦ୍ରାପଡା,୨୩।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ ସଂଗଠନ ପକ୍ଷରୁ ମହାମାନ୍ୟ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ୱାକପ ଆଇନ ପ୍ରଣୟନ ଆଳରେ ପଶ୍ଚିମବଙ୍ଗ ର ମୁରସିଦାବାଦ ରେ ରହୁଥିବା ସଂଖ୍ୟାଲଘୁ ହିନ୍ଦୁ ମାନଙ୍କ ପ୍ରତି ହିଂସାଚରଣ କରାଯାଇ ହତ୍ୟା, ଲୁଣ୍ଠନ, ଘରପୋଡି ଘଟଣା ଘଟି ଯାଇଛି। ଫଳରେ ସେଠାକାର ୫୦୦ ରୁ ଉର୍ଦ୍ଧ୍ୱ ପରିବାର ପଳାୟନ କରି ପାଖ ଜିଲ୍ଲା ମାନଙ୍କରେ ଆଶ୍ରୟ ନେଇଛନ୍ତି। ପଶ୍ଚିମବଙ୍ଗ କୁ ଗଜୱା ଏ ୱେଷ୍ଟବେଙ୍ଗଲ ଏଜେଣ୍ଡା କାର୍ଯ୍ୟକାରୀ କରି ଦେଶକୁ ବିଚ୍ଛିନ୍ନ କରିବା ପାଇଁ ଉଦ୍ୟମ ଆରମ୍ଭ କରାଯାଇଛି। ଏଠାକାର ମମତା ବାନାର୍ଜୀଙ୍କ ସରକାର ସଂଖ୍ୟାଲଘୁ ତୃଷ୍ଟିକରଣ କାର୍ଯ୍ୟକାରୀ କରି ନିରବଦ୍ରଷ୍ଟା ସାଜିବା ଘଟଣାରେ ବିଶ୍ୱ ହିନ୍ଦୁ ପରିଷଦ ତୀବ୍ର ପ୍ରତିବାଦ କରିବା ସହ ସେଠାରେ କେନ୍ଦ୍ରୀୟ ଆଇନ ଲାଗୁ କରିବା ଓ ହିଂସାଗ୍ରସ୍ତ ବ୍ୟକ୍ତି ମାନଙ୍କୁ ନିରାପଦ ରେ ଫେରାଇ ଆଣିବା, ସେଠାରେ ଅନୁପ୍ରବେଶ କରିଥିବା ବଙ୍ଗଳଦେଶୀ ଓ ରୋହିଙ୍ଗ୍ୟା ମାନଙ୍କୁ ଦେଶରୁ ବିତାଡିତ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଶ୍ୱ ହିନ୍ଦୁ ପରିଷଦ ଦାବି କରିଛନ୍ତି ଏନେଇ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଉପସ୍ଥିତି ରେ ପରିଷଦର ସଂପାଦକ ଦେବେନ୍ଦ୍ର କୁମାର ସାମଲ, ପ୍ରଭାତ ପାଣି, ସୁକାନ୍ତ କୁମାର ସାହୁ, ପ୍ରଦିପ୍ତ କିଶୋର ନାୟକ, ଭାଗିରଥୀ ପତି, ନିଳକଣ୍ଠ ସ୍ୱାଇଁ, ବିଶ୍ୱଜିତ ସ୍ୱାଇଁ, ଶିବ ନାରାୟଣ ଦାସ, ନିଖିଳ କୁମାର ମହାନ୍ତି, ଚିତ ରଂଜନ ଖୁଣ୍ଟିଆ, ଲୋକନାଥ ଦାସ, ସ୍ମୃତି ଅନୁପମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜାଭିୟର ଇଣ୍ଟରନେସନ୍ୟାଲ ସ୍କୁଲ୍‌ରେ ବିଶ୍ୱ ପୃଥିବୀ ଦିବସ ପାଳିତ



**ଆଳି,୨୩।୪(ସଂଚାର ବ୍ୟୁରୋ):** ଜାଭିୟର ଇଣ୍ଟରନେସନାଲ ବିଦ୍ୟାଳୟ ଆଳି ତରଫରୁ ବୁଧବାର ବିଶ୍ୱ ପୃଥିବୀ ଦିବସ ଉପଲକ୍ଷେ ପୃଥିବୀ କୁ ପ୍ରଦୂଷଣ ମୁକ୍ତ ଏବଂ ପରିବେଶ ସୁରକ୍ଷା କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା। ପ୍ରଥମେ ବିଦ୍ୟାଳୟ ର ଅଧକ୍ଷା ମାନସୀ ସାହୁ ସବୁଜ ସଂକେତ ଦେଇ କାର୍ଯ୍ୟ ର ଶୁଭାରମ୍ଭ କରିଥିଲେ। ପରେ ପରେ ବିଦ୍ୟାଳୟ ର ବୟୋଜ୍ୟେଷ୍ଠ ଛାତ୍ରଛାତ୍ରୀ ମାନଙ୍କୁ ନେଇ ପରିବେଶ ସୁରକ୍ଷା ଓ ବାୟୁ ପ୍ରଦୂଷଣ କୁ ରୋକିବା ପାଇଁ ମଟର ଗାଡି ପରିବର୍ତ୍ତେ ସାଇକେଲ ର ବହୁଳ ବ୍ୟବହାର କରିବା ଏବଂ ପ୍ଲାଷ୍ଟିକ ର ବ୍ୟବହାର କମେଇବା ଆଦି ବିଷୟ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ବିଦ୍ୟାଳୟ ଠାରୁ ସାତ କିଲୋମିଟର ପରିକ୍ରମା ରେ ଯାଇ ନିଆଳ ଠାରୁ ବାହାରି ଆଳି ନୂଆବଜାର ଦେଇ ଆଠକଣିଆ ଠାରେ ପହଞ୍ଚି ସେଇଠୁ ଦେମାଳ ସ୍ଥିତ ଲକ୍ଷ୍ମୀ ବରାହ ମନ୍ଦିର କୁ ଯାଇ ବିଦ୍ୟାଳୟ କୁ ଫେରି ଆସିଥିଲେ। ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ପ୍ରଶାସକ ସ୍ୱାଧୀନ ଦାସ ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷ ଅକ୍ଷୟ କୁମାର ପଣ୍ଡା, ରଶ୍ମିତା ଦାସ, କୁଞ୍ଜଲତା ନାୟକ, ଉଜ୍ଜ୍ୱଳ ଦାସ ଓ ଦେବାଶିଷ ଦାଶ କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ। ଏହାଛଡା ସବଜୁନିଅର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟ ରେ ଆର୍ଟ ଆଣ୍ଡ କ୍ରାଫ୍ଟ, ପୃଥିବୀ ଦିବସ ଉପରେ କୁଇଜ ପ୍ରତିଯୋଗିତା ସହ ପିଲାମାନଙ୍କ ର ରଙ୍ଗ ତୂଳି ରେ ଚମତ୍କାରୀତା ଓ ଉପସ୍ଥାପନା ଶୈଳୀ ବହୁ ଚିତାକର୍ଷକ ଥିଲା। ସମସ୍ତ କାର୍ଯ୍ୟକ୍ରମ କୁ ନିର୍ଦ୍ଦେଶନା ଦେଇଥିବା ବିଦ୍ୟାଳୟ ର ନିର୍ଦ୍ଦେଶିକା ଜୟଶ୍ରୀ ପଣ୍ଡା କହିଥିଲେ କି ପିଲାମାନଙ୍କୁ ଉତ୍ସାହିତ କରି ସେମାନଙ୍କ ଅନ୍ତର୍ନିହିତ ଗୁଣ ର ବିକାଶ କଲେ ଦେଶର ବିକାଶ ହୋଇ ପାରିବ। ପରିଶେଷରେ ମାନସୀ ସାହୁ ପିଲା ମାନଙ୍କୁ ଧନ୍ୟବାଦ ଦେବା ସହ ଅବସର ସମୟ କୁ ସୁବିନିଯୋଗ କରିବା ସହ ସ୍ୱଅଧ୍ୟୟନ କଲେ ସୁଫଳ ପାଇପାରିବେ ବୋଲି ଦର୍ଶାଇଥିଲେ ।

## ଜୟରାଷ୍ଟ୍ର ପକ୍ଷରୁ ପହଲଗାମ୍ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡା,୨୩।୪(ସଂଚାର ବ୍ୟୁରୋ):** ରାଷ୍ଟ୍ରବାଦୀ ସାମାଜିକ ସଂଗଠନ 'ଜୟ ରାଷ୍ଟ୍ର ଚାରିଟେବଲ୍ ଟ୍ରଷ୍ଟ' ପକ୍ଷରୁ ଜମ୍ମୁ କାଶ୍ମୀର ପେହେଲଗାମ୍ ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ବୀରଗତି ପ୍ରାପ୍ତ ହୋଇଥିବା ପର୍ଯ୍ୟଟକ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗୋପ ରାମ ମନ୍ଦିରରେ ପ୍ରଥମେ ମୃତକଙ୍କ ସଦ୍ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସମୂହ ଦୀପଦାନ କରାଯାଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା ମାନେ ଏକ ମହମବତୀ ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲେ। ଆକ୍ରମଣ ଘଟଣାରେ ସମ୍ପୃକ୍ତ ଆତଙ୍କବାଦୀ ମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ମହାରଣା, ଅଞ୍ଜନ କୁମାର ଶତପଥୀ, ପଙ୍କଜ ସିହ୍ନା, ବିରେନ୍ଦ୍ର ଦାସ, ସୁଶାନ୍ତ ନାୟକ, ଜ୍ୟୋତି ରଞ୍ଜନ ନାୟକ, କ୍ଷିତିଶ ରୋଶନ ସିଂ, ନରହରି ଲେଙ୍କା, ଜ୍ଞାନ ରଞ୍ଜନ ଦାସ, ରୀନାରାଣୀ ଦାସ, ବିଦୁଲତା ପତି, ପ୍ରଭାତ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରା ମଦ ଜବତ, ୨ମହିଳାଙ୍କ ସମେତ ୩କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ୨୩।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସଦର ଓ ଟାଉନ ଥାନା ଅଧିନିସ୍ତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଏରା ଗ୍ରାମର ସୁଲେଖା ମଳିକ ବୟସ -୪୨ ବର୍ଷଙ୍କ ଠାରୁ ୩୨ଲିଟର ଦେଶୀ ମଦ,ବଳଗଣ୍ଡି ଗ୍ରାମର କଳ୍ପନା ସାହୁ ବୟସ-୩୦ ଙ୍କ ଠାରୁ ୨୭ ଲିଟର ବିଦେଶୀ ମଦ ଏବଂ ଶଶିକାନ୍ତ ମଳିକ



ବୟସ-୫୦ ବର୍ଷ ଙ୍କ ଠାରୁ ୩୫ ଲିଟର ରନ୍ଧା ମଦ ଓ ୨୦ ଲିଟର ଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇ ଅଛି । ଏମାନଙ୍କ ପାଖରୁ ସମୁଦାୟ ୧୧୪ ଲିଟର ରନ୍ଧା, ବିଦେଶୀ ଓ ଦେଶୀ ମଦ ଜବତ କରାଯାଇ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ, କେନ୍ଦ୍ରାପଡ଼ା କହିଛନ୍ତି । ଏହି ଚଢାଉରେ ଅବକାରୀ ନିରିକ୍ଷକ ଶ୍ରୀ ହିତାଂଶୁ ଶେଖର ମଲ୍ଲିକ, ଅବକାରୀ ଉପ ନିରିକ୍ଷକ ଶ୍ରୀ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

## 'ମାଟି ମନ୍ଦାକିନୀ' ଗ୍ରୀଷ୍ମକାଳୀନ ସେବାର ଆରମ୍ଭ କଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ

**କେନ୍ଦ୍ରାପଡା, ୨୩।୪(ସଂଚାର ବ୍ୟୁରୋ):** ପ୍ରତି ବର୍ଷ ପରି ଏ ବର୍ଷ ଗ୍ରୀଷ୍ମ ର ପ୍ରବାହ ବଢ଼ି ଚାଲିଛି। ଏହାକୁ ପ୍ରତିହତ କରିବାକୁ ବିଭିନ୍ନ ସ୍ଥାନ ରେ ଭିନ୍ନ ଭିନ୍ନ ପ୍ରୟାସ ଜାରି ରହିଛି। ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏ



ବର୍ଷ ଗ୍ରୀଷ୍ମ କାଳୀନ ସେବା ରେ ପଥଚାରୀ ମାନଙ୍କ ପାଇଁ 'ମାଟି ମନ୍ଦାକିନୀ' ଏକ ନୂତନ ପ୍ରଣାଳୀରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପାନୀୟ ଜଳ ସେବା ରେ ପ୍ରାୟ ୧୨ ପ୍ରକାର ର ଜଳ ସେବା ନାନ୍ଦୁ ବଗୁଲି, ଲେମ୍ବୁ ଜଳ, ତରଭୁଜ ଜୁସ, ପୁଦିନା ଜଳ, ଗଉଡ ଗୋବିନ୍ଦ ସର୍ବତ, ମିଠା ଦହି, ଦହି ପୁଦିନା, ଜଳଜିରା ଜୁସ୍, ଆମ୍ବ ଜୁସ, ଦହି ପଣା, ଦହି ଛୁଙ୍କ ଓ ପାନ ମଧୁରୀ ସର୍ବତ ଆଦି ଯୋଗାଇ ଦିଆଯିବ। ମାଟି ର ପାତ୍ର ରେ ତିଆରି ଓ ମାଟି ର ଗ୍ଲାସ ରେ ପାନୀୟ ଜଳ ବ୍ୟବସ୍ଥା ହେଇଛି। ଏହି କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ନମ୍ବର ବ୍ଲକ ରାସ୍ତା ରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ କାର୍ଯ୍ୟାଳୟ ନିକଟ ରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି ଙ୍କ ବାର୍ତ୍ତା ଥିଲା ପ୍ରତିଦିନ ପରିବର୍ତ୍ତନ ର ସ୍ୱର, ମାଟି ମନ୍ଦାକିନୀ, ଅମୃତ ର ଝରା। ଏହି କାର୍ଯ୍ୟକ୍ରମ ଗଣ ପର୍ବ ରଜ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଦୁଇ ମାସିଆ ସେବା କୁ ଆପଣଙ୍କୁ ସ୍ୱାଗତ ଜଣାଇଛନ୍ତି ଟ୍ରଷ୍ଟ ର ସଂସ୍କୃତି ବିଭାଗୀୟ ଅଧିକାରୀ ସଞ୍ଜୀବ କୁମାର ତରାଇ। ଏହି କାର୍ଯ୍ୟକ୍ରମ କୁ କେନ୍ଦ୍ରାପଡ଼ା ମେଡିକାଲ ର ଡାକ୍ତର ଶ୍ରୀଯୁକ୍ତ ବିରେନ୍ଦ୍ର କୁମାର ଦାଶ ଶୁଭାରମ୍ଭ କରିଥିଲେ। ଅନ୍ୟ ମାନଙ୍କ ମଧ ରେ ମନୋଜ କୁମାର ରାଉତ, ଜଗୁ ଜେନା, ଉମେଶ ବେହେରା, ଅନିଲ କୁମାର ସ୍ୱାଇଁ, ଅଜୟ କୁମାର ସେଠୀ ଓ କୁଳମଣୀ ଲେଙ୍କା ଉପସ୍ଥିତ ଥିଲେ।

### ନିଘୋଡ଼ ନିଦରେ ତହସିଲ

## ଡହଡହ ଖରାରେ ଜଳୁଛି ବେଆଇନ୍ ଇଟାଭାଟି ମାଫିଆ

**ମହାକାଳପଡ଼ା, ୨୩।୪(ସଂଚାର ବ୍ୟୁରୋ):** ଜାରି ରହିଛି ପ୍ରବଳ ଗ୍ରୀଷ୍ମ ପ୍ରବାହ। ଗ୍ରୀଷ୍ମ ପ୍ରବାହକୁ ଆଖିରେ ରଖି ରାଜ୍ୟ ସରକାର ସ୍କୁଲ କଲେଜଗୁଡିକୁ ଛୁଟି ଘୋଷଣା କରିଛନ୍ତି। ସରକାରୀ କାର୍ଯ୍ୟାଳୟକୁ ସକାଳୁଆ କରିଛନ୍ତି। କିପରି ଅଂଶୁଘାତକୁ ଏଡାଇ ଦିଆଯାଇପାରିବ ସେଥିପାଇଁ



ଜିଲ୍ଲାଠାରୁ ଆରମ୍ଭ କରି ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ ସତର୍କତା ଜାରି କରିଛନ୍ତି ସରକାର। ହେଲେ ସରକାରଙ୍କ ସମସ୍ତ ନିୟମାବଳୀ କୁ ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତରେ ଜଳାଞ୍ଜଳି ଦିଆଯାଇଥିବା ଦେଖିବାକୁ ମିଳିଛି। ପ୍ରବଳ ଖରା ଗରମ ସତ୍ତ୍ୱେ ପୁଳା ପୁଳା ବେଆଇନ ଇଟାଭାଟି ପୋଡ଼ା ଚାଲିଛି। ନା ଏଥିପାଇଁ ସ୍ଥାନୀୟ ତହସିଲଦାର ଙ୍କ ନଜର ରହିଛି ନା ଜିଲ୍ଲା ପ୍ରଶାସନର। ବେଆଇନ୍ ଇଟାଭାଟି ପୋଡ଼ା ଚାଲିଥିବାରୁ ପଞ୍ଚାୟତବାସୀ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଗ୍ରୀଷ୍ମ ପ୍ରବାହର ତାତିକୁ ଆହୁରି ବଳି ଯାଇଛି ଇଟାଭାଟିର ତାତି। ଯାହାକୁ ନେଇ ପଞ୍ଚାୟତବାସୀ ଉଦବେଗ ପ୍ରକାଶ କରିଛନ୍ତି। କାହା ଅନୁମତିରେ ଏମିତି ଗଦା ଗଦା ବେଆଇନ ଇଟା ଭାଟି ପୋଡ଼ା ଚାଲିଛି ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାଟି ଇଟା ପୋଡିବାକୁ ରାଜ୍ୟ ସରକାର ବେଆଇନ୍ ବୋଲି ଘୋଷଣା କରିଛନ୍ତି। ବେଆଇନ୍ ଇଟାଭାଟି ଦେଖାଗଲେ ତୁରନ୍ତ ତାହାକୁ ନଷ୍ଟ କରିବା ସହିତ ମୋଟା ଅଙ୍କର ଜୋରିମାନା ଆଦାୟ କରିବାକୁ ତହସିଲଦାର ମାନଙ୍କୁ କୁହାଯାଇଛି। ଏହାସତ୍ତ୍ୱେ ମଧ ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତ ଏବେ ବେଆଇନ୍ ଇଟା ପୋଡାର ଭୂସ୍ୱର୍ଗ ପାଲଟିଛି। ତହସିଲ ପ୍ରଶାସନର ପ୍ରିୟା ପ୍ରତି ପୋଷଣ ନୀତି ପାଇଁ ବେଆଇନ୍ ଇଟାଭାଟି ବିଭିନ୍ନ ପଞ୍ଚାୟତକୁ ବ୍ୟାପି ଗଲାଣି। ନା ଏଥିପାଇଁ ଚଢାଉ ହେଉଛି ନା ଧରପଗଡ଼। ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଅସାଧୁ ଇଟାଭାଟି ମାଲିକମାନଙ୍କ ସହିତ ଯୋଗାଯୋଗରେ ରହୁଥିବା ଲୋକେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ତଳଠାରୁ ଉପର ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ବେଆଇନ ଇଟାଭାଟି ପୋଡ଼ା ବିଷୟରେ ଅବଗତ ଅଛନ୍ତି ହେଲେ କାର୍ଯ୍ୟାନୁଷ୍ଠାନ ନାହିଁ କି ଧରପଗଡ଼ ବି ନାହିଁ। ଯେଉଁଥିପାଇଁ ପଞ୍ଚାୟତ ବାସୀ ଗରମ ତାତିରେ ଛଟପଟ ହେଉଛନ୍ତି। ଏଠି ପ୍ରଶ୍ନ ପ୍ରବଳ ଖରା ଗରମରେ ବେଆଇନ ଇଟାଭାଟି ପୋଡ଼ା ଚାଲିଛି ତହସିଲଦାର ଜାଣି ପାରୁ ନାହାଁନ୍ତି କେମିତି? ଯଦି ଜାଣି ପାରୁଛନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ କାହିଁକି? ଅସାଧୁ ବ୍ୟବସାୟୀ ମାନଙ୍କ ସହିତ ଅଧିକାରୀ ମାନଙ୍କ ସମ୍ପୃକ୍ତି ନାହିଁ ତ?

## ଶିକ୍ଷାବିତଙ୍କୁ ଗୁରୁରତ୍ନ ସମ୍ମାନ



**ରାଜନଗର,୨୩।୪(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ପେଣ୍ଠ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ପକୃତିମିତ୍ର ଘନଶ୍ୟାମ ବଳଙ୍କୁ ଗୁରୁରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। କଟକ ବିଡାନାସୀ ଠାରେ ରାଷ୍ଟ୍ରୀୟ ପୂଜ୍ୟପୂଜା ପରିଷଦ ପକ୍ଷରୁ ଆୟୋଜିତ ସାରସ୍ୱତ ସମାରୋହ ଓ ପ୍ରତିଭା ପୂଜା କାର୍ଯ୍ୟକ୍ରମରେ ଶିକ୍ଷାବିତ ଶ୍ରୀବଳଙ୍କୁ ଛାତ୍ର ବତ୍ସଳ ଶିକ୍ଷକ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୁରୁରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ପୂଜ୍ୟପୁଜା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇଜି ରାଜ କିଶୋର ଦାସ, ମୁଖ୍ୟ ବକ୍ତା ଭାବେ ଡକ୍ଟର ସତ୍ୟ ରାୟ ପ୍ରମୁଖ ଯୋଗଦେଇ ଶ୍ରୀବଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## କେନ୍ଦ୍ରାପଡ଼ାରେ ପହଞ୍ଚିଲା ଯାତ୍ରା ବିବାଦ

● ଟିକସ ଫାଙ୍କନ୍ତି ଯାତ୍ରାପାର୍ଟି ମାଲିକ: ଯାତ୍ରା କମିଟି

**କେନ୍ଦ୍ରାପଡ଼ା, ୨୩।୪(ସଂଚାର ବ୍ୟୁରୋ):** ବର୍ତ୍ତମାନ ସମୟରେ ଯାତ୍ରାପାଟି ମାଲିକ, କଳାକାରଙ୍କ ମଧ୍ୟରେ ବିବାଦ ଦେଖାଯାଇଛି। ଏହା ମଧ୍ୟ କେନ୍ଦ୍ରାପଡା ଜିଲ୍ଲାରେ ଦେଖାଯାଇଛି। ଏହି




ପରିପ୍ରେକ୍ଷିରେ ଗରାପୁର ଡାକବଙ୍ଗଳାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମିଟର ସଭାପତି ମିହିର ସାମଲ କହିଛନ୍ତି ଆଜି ଯାତ୍ରା ପାର୍ଟିରେ ଯେଉଁ ଝଡ଼ ସୃଷ୍ଟି ହୋଇଛି ସେଥିପାଇଁ ଯାତ୍ରା ମାଲିକମାନେ ଅଧିକାଂଶରେ ଦାୟୀ। ଆହୁରି ସେମାନେ କହିଛନ୍ତି ଯେ ଯାତ୍ରା ପାର୍ଟି ମାଲିକ ଓ କଳାକାରମାନେ ବହୁ ଟଙ୍କା ରୋଜଗାର କରୁଥିବା ବେଳେ ସେମାନେ ସରକାରଙ୍କୁ ଟିକସ ଦିଅନ୍ତି ନାହିଁ। ଟିକସ ଫାଙ୍କି ସେମାନେ ବଡ଼ଲୋକ ହୋଇଥାନ୍ତି। ତେଣୁ ଯାତ୍ରା ପାର୍ଟି ମାଲିକ ଓ କଳାକାରଙ୍କ ଠାରୁ ଟିକସ ଆଦାୟ କରାଯାଉ ବୋଲି କେନ୍ଦ୍ରାପଡ଼ା ଜିଲା ଯାତ୍ରା କମିଟି ସଂଘ ପକ୍ଷରୁ ଏହି ସମ୍ମିଳନୀରେ ପ୍ରକାଶ କରାଯାଇଛି। ପିୟୁଷ ତ୍ରିପାଠୀ ହେଉ କି ନରି ପଣ୍ଡା ଘଟଣା ହେଉ ସବୁ କ୍ଷେତ୍ରରେ ମାଲିକମାନେ ହିଁ ଦାୟୀ। କାରଣ ସେମାନେ ଅଧିକ ଟଙ୍କା ଦେଇ କଳାକାରଙ୍କୁ କିଣୁଛନ୍ତି। ହେଲେ ଯାତ୍ରା ଆୟୋଜନ କରୁଥିବା ଯାତ୍ରା କମିଟି ହିଁ କ୍ଷତି ସହୁଛି। ଗୋଟିଏ ରାତି ଯାତ୍ରା କରିବା ପାଇଁ ୩ ଲକ୍ଷରୁ ସାଢେ ୩ ଲକ୍ଷ ଖର୍ଚ୍ଚ ହେଉଛି। ହେଲେ ପ୍ରଥମ ରାତିରେ ଆୟ କମ ହୋଇଥାଏ। ଏହାର କାରଣ ହେଉଛି ଯାତ୍ରା ବିଳମ୍ବରେ ପରିବେଷଣ କରାଯାଇଥାଏ। କିନ୍ତୁ ଯାତ୍ରା ପାର୍ଟି ମାଲିକ ଟଙ୍କାଟିଏ ଛାଡନ୍ତି ନାହିଁ। ଯାତ୍ରା କମିଟି ସବୁ କ୍ଷତି ସହିବାକୁ ପଡେ। ଏହାଦ୍ୱାରା ଯାତ୍ରା କମିଟି ଦେବାଳିଆ ହୋଇଯାଏ। ଏହା ଯାତ୍ରା ପାର୍ଟି ମାଲିକମାନେ ବୁଝିବା ଆବଶ୍ୟକ। ପଶ୍ଚିମ ଓଡ଼ିଶାରେ ଯେଉଁ ଯାତ୍ରା ହୁଏ ଯାତ୍ରା ପାର୍ଟି ମାଲିକ ମାନେ ପରସେଣ୍ଟ ନେଇଥାନ୍ତି। ଅର୍ଥାତେ ଟିକେଟ ବିକ୍ରିରୁ ଯାହା ରୋଜଗାର ହୁଏ ସେହି ଅନୁଯାୟୀ ଯାତ୍ରା ପାର୍ଟି ମାଲିକ ଅର୍ଥ ନେଇଥାନ୍ତି। କିନ୍ତୁ ଉପକୂଳ ଓଡ଼ିଶାର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ।

## ଜାତୀୟ ରାଜପଥ ପ୍ରଶସ୍ତିକରଣ ପାଇଁ ଜମି ଅଧିଗ୍ରହଣ ସଂପର୍କରେ ଆଲୋଚନା

**କେନ୍ଦ୍ରାପଡା,୨୨।୪(ସଂଚାର ବ୍ୟୁରୋ):** ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ପ୍ରଶକ୍ତି କରଣ କାମ ଚାଲୁ ଥିବାରୁ ମାର୍ଶାଘାଇ ଏବଂ ମହାକାଳପଡା ତହସିଲ ଅଞ୍ଚଳରେ ପ୍ରଶକ୍ତି କରଣ ପାଇଁ ଜମି ଆବଶ୍ୟକ ପଡୁ ଥିବାରୁ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତା ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାସ୍ତା ପ୍ରଶକ୍ତି କରଣ ସମୟରେ ଗ୍ରାମ ଏବଂ ସହରକୁ ସଂଯୋଗ କରିବା ପାଇଁ ଜମିର ଆବଶ୍ୟକ ପଡୁଥିବାରୁ ଜମି ମାଲିକ ମାନଙ୍କ ସହିତ ଆଜି ଆଲୋଚନା କରାଯାଇଛି। ମାର୍ଶାଘାଇ ଏବଂ ମହାକାଳପଡା ତହସିଲ ଅଞ୍ଚଳର ବିଭିନ୍ନ ରାସ୍ତା ଗୁଡିକୁ ସଂଯୋଗ କରିବା ପାଇଁ ଚାଷ ଜମି ମାଲିକ ମାନଙ୍କ ସହିତ ଆଲୋଚନା ସମୟରେ ସରକାରୀ ଧାର୍ଯ୍ୟ ମୂଲ୍ୟ ଉପରେ ଆଲୋଚନା କରାଯାଇଛି। ଚାଷୀମାନେ ଏହି ମୂଲ୍ୟରେ ଜମି ଛାଡିବାକୁ ଅମଙ୍ଗ ହେଉଥିବା ଜଣାପଡ଼ିଛି। ତେବେ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦେଇ ହେବା ନାହିଁ ବୋଲି ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଜାତୀୟ ରାଜପଥ ର ପ୍ରକଳ୍ପ ନିର୍ଦ୍ଦେଶକ (ଚଣ୍ଡୀଖୋଲ) ଜୟ ପ୍ରକାଶ, ଜିଲ୍ଲା ସବରେଜିଷ୍ଟାର ସମୀର ବେହେରା, ଜମି ଅଧିଗ୍ରହଣ ଅଧିକାରୀ ତୃପ୍ତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଗର୍ଭବତୀ ମହିଳା ମୃତ୍ୟୁ ଘଟଣାରେ, ସ୍ୱାମୀଙ୍କୁ କୋର୍ଟ ଚାଲାଣ

**ରାଜନଗର,୨୩।୪(ସଂଚାର ବ୍ୟୁରୋ):** ରାଜନଗର ଥାନା ଅନ୍ତର୍ଗତ ବାଲିସାହିପାଟଣା ଗାଁରେ ଯୌତୁକ ପାଇଁ ୯ ମାସର ଗର୍ଭବତୀ ମହିଳା ଆଳି ଥାନା ନଳପାହି ଗାଁର ଜୟୀରାମ ପରିଡାଙ୍କ ଝିଅ କଳ୍ପନା ପରିଡାଙ୍କୁ ହତ୍ୟା କରାଯାଇଥିବା ନେଇ ଗତ ଶନିବାର ୧୯ ତାରିଖ ଦିନ ଅଭିଯୋଗ ହୋଇଥିଲା। ପରିବାର ଲୋକେ ବାହାରୁ ଖବର ପାଇ ଝିଅର ଶାଶୁଘରେ ପହଞ୍ଚିବା ବେଳକୁ ଝିଅ ମରି ପଡ଼ିଥିବା ଦେଖିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସେହିଦିନ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ସ୍ୱାମୀ ଦୀପକ ଦାସ, ପୁଅର ଦାଦା ଅଜୟ ଦାସଙ୍କୁ ପୋଲିସ ଧରିଥିଲେ ମଧ୍ୟ କୋର୍ଟ ଚାଲାଣ କରୁନଥିଲା। ଗତକାଲି ସନ୍ଧ୍ୟାରେ ଆଳି ଥାନା ନଳପାହି ଗାଁର ମହିଳା ଓ ପୁରୁଷ ରାଜନଗର ଥାନା ଘେରାଉ କରିବା ସହ ସ୍ୱାମୀ ଓ ଦାଦା ଶଶୁରକୁ କୋର୍ଟ ଚାଲାଣ ସହିତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ନଳପାହି ଗ୍ରାମବାସୀ ଥାନା ଆଗରେ ବସି ରହିଥିଲେ। ଗତକାଲି ରାତିରେ ପୋଲିସ ବୁଝାସୁଝା କରିବା ପରେ ଧାରଣାରେ ବସିଥିବ ମହିଳାମାନେ ଧାରଣାରୁ ଉଠି ଯାଇଥିଲେ। ଆଜି ମୃତ କଳ୍ପନାଙ୍କ ସ୍ୱାମୀ ଦୀପକ ଦାସଙ୍କୁ କୋର୍ଟ ଚାଲାଣ କରିଛି। ଦାଦା ଶଶୁରକୁ ଛାଡି ଦିଆଯାଇଛି। ଆଳି ଥାନା ନଳପାହି ଗାଁର ଜୟୀରାମ ପରିଡାଙ୍କ ଝିଅ କଳ୍ପନା ପରିଡା ବାଲିସାହିପାଟଣା ଗାଁର ଦୀପକ ଦାସଙ୍କୁ ଗତବର୍ଷ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ। ବର ଘର ଦାବି ମୁତାବକ ସମସ୍ତ ଆସବାସପତ୍ର ସହିତ ସୁନା ଅଳଙ୍କାର ଝିଅ ଘର ପକ୍ଷରୁ ଦିଆଯାଇଥିଲା। କିନ୍ତୁ ଶାଶୂଘର ଲୋକେ ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରିବା ସହ ଝିଅକୁ ନିର୍ଯ୍ୟାତନା ଦେଉଥିବା ଅଭିଯୋଗ କରିଛନ୍ତି। ଏପରିକି ଝିଅ ଗର୍ଭବତୀ ହେବ ପରେ ମେଡିକାଲ ନେଉନଥିଲେ। ଶୁକ୍ରବାର ରାତିରେ ସ୍ୱାମୀ ଦୀପକ, ଶାଶୁ, ଶାଶ୍ୱର ଓ ଦିଅର ମିଳିମିଶି ତାଙ୍କ ଝିଅକୁ ହତ୍ୟା କରିଛନ୍ତି। ଝିଅ ୯ ମାସର ଗର୍ଭବତୀ ଥିବା ବେଳେ ଝିଅକୁ ତାର ଶାଶୁଘର ଲୋକେ ହତ୍ୟା କରିଥିବା ଝିଅର ପରିବାର ଲୋକେ ରାଜନଗର ଥାନାରେ ଅଭିଯୋଗ କରିଥିଲେ।

## ପାଳଦା ମା' ବାଶେଳୀ ପୀଠରେ ବାର୍ଷିକୀ ଚୈତ୍ରୋତ୍ସବ ଓ ଘୋଡାନାଚ

**ନିଶ୍ଚିନ୍ତକୋଇଲି, ୨୩।୪(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ପାଳଦା ପଞ୍ଚାୟତ ମା' ବାଶେଳୀ ଦେବୀ



ମନ୍ଦିର ପ୍ରାଙ୍ଗଣରେ କୈବର୍ତ୍ତ ସଙ୍ଘ ପାଳଦା ତରଫରୁ ତ୍ରୟ ଦିବସ ବ୍ୟାପୀ ' ବାର୍ଷିକ ଚୈତ୍ରୋତ୍ସବ ଓ ଘୋଡାନାଚ ' ୨୨ ତାରିଖ ମଙ୍ଗଳବାର ଦିନ ଶୁଭାରମ୍ଭ ହୋଇଯାଇଛି। ପାଳଦା କୈବର୍ତ୍ତ ସଙ୍ଘର ସଭାପତି ପ୍ରହଲ୍ଲାଦ ଦଳାଇଙ୍କ ସଂଯୋଜନାରେ ଅନୁଷ୍ଠିତ ବାର୍ଷିକ ଚୈତ୍ରୋତ୍ସବ ଓ ଘୋଡାନାଚ କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ପ୍ରାନ୍ତରରୁ ୬୦ରୁ ଉର୍ଦ୍ଧ୍ୱ ଘୋଡାନାଚ ପାଇଁ ମା 'ଙ୍କ ଆଜ୍ଞାମାଳ ଆସିଥିଲା ବେଳେ ୨୨ତାରିଖ ସନ୍ଧ୍ୟାରେ ଘୋଡାନାଚ ପରିବେଷଣ ଗାୟକ ବିମ୍ବାଧର ବେହେରା ଓ ସାଥୀଙ୍କ ଦ୍ୱାରା ଆମ ସଂସ୍କୃତି ଓ ଆମ ପରମ୍ପରା ଉପରେ ଘୋଡାନାଚ ପରିବେଷଣ କରାଯାଇଥିଲା। ପ୍ରତିଦିନ ବିଭିନ୍ନ ସଂଗଠନ ତରଫରୁ ଘୋଡାନାଚ ପରିବେଷଣ କରାଯାଉଥିବା ବେଳେ ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା ' ବାଶେଳୀଙ୍କ କରୁଣା ଲାଭ କରିଛନ୍ତି। ୨୨ ତାରିଖରେ ମା ' ବାଶେଳୀଙ୍କ ପଟୁଆର ଶୋଭାଯାତ୍ରା ହୋଇଥିଲା ବେଳେ ପ୍ରତିଦିନ ଘୋଡାନାଚ ହେଉଅଛି।

# ସରକାରଙ୍କୁ ଲାଭାଂଶ ପ୍ରଦାନ କଲେ ୪ ନିଗମ




**ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ):** ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନସ୍ଥ ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଏବଂ ଶକ୍ତି ବିଭାଗ ଅଧିନସ୍ଥ ଓଡ଼ିଶା ଜଳ ବିଦ୍ୟୁତ ନିଗମ (ଓଏଚ୍‌ପିସି) ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ କରାଯାଇଛି।

ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୨୨-୨୩ ବର୍ଷର ଲାଭାଂଶ ବାବଦକୁ ୧ କୋଟି ୩୫ ଲକ୍ଷ ୭୮ ହଜାର ୫୦୨ ଟଙ୍କା ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ୪୬ ଲକ୍ଷ ୫୧ ହଜାର ୨୦୦ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି, ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ପକ୍ଷରୁ ୨୦୨୩-୨୪ ବର୍ଷର ଲାଭାଂଶ ଯୋଗୁଁ ୧୧୧ କୋଟି ୮୨ ଲକ୍ଷ ୪୮ ହଜାର ୭୦୦ ଟଙ୍କା ଏବଂ ଓଡ଼ିଶା ଜଳ ବିଦ୍ୟୁତ ନିଗମ ପକ୍ଷରୁ ୯୨ କୋଟି ୨୧ ଲକ୍ଷ ୯୧ ହଜାର ୯୧୧ ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ ଯେ ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୧୫-୧୬ ବର୍ଷ ଠାରୁ ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ୧୯୯୫-୯୬ଠାରୁ ଏହି ଲାଭାଂଶ ପ୍ରଦାନ କରୁଛନ୍ତି। ଓଡ଼ିଶା କୃଷି ଶିଳ୍ପ ନିଗମ ବାର୍ଷିକ ହାରାହାରି ୮୦୦ରୁ ୯୦୦ କୋଟି ଟଙ୍କାର ସାର, କୃଷି ଯନ୍ତ୍ରପାତି, ଟ୍ରାକ୍ଟର, ଧାନ ଅମଳ ଯନ୍ତ୍ର, ଧାନବୁଣା ଯନ୍ତ୍ର ଇତ୍ୟାଦି ସରକାରଙ୍କ ଧାର୍ଯ୍ୟ ରିହାତି ଦରରେ ଚାଷୀମାନଙ୍କୁ ଯୋଗାଇ ଦେଉଛି। ରାଜ୍ୟ କାଜୁ ଉନ୍ନୟନ ନିଗମର ପ୍ରଚେଷ୍ଟା ଯୋଗୁଁ ଓଡ଼ିଶା ବର୍ତ୍ତମାନ ଦେଶରେ କାଜୁ ଉତ୍ପାଦନରେ ଓ କାଜୁ ଉଦ୍ୟାନର କ୍ଷେତ୍ରଫଳରେ ଦେଶରେ ସର୍ବଶ୍ରେଷ୍ଠ ହୋଇପାରିଛି। ଓଡ଼ିଶା ଜଳ ବିଦ୍ୟୁତ ନିଗମ ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଓଡ଼ିଶାର ଶକ୍ତି ଆବଶ୍ୟକତାର ପ୍ରାୟ ୪୫ ପ୍ରତିଶତ ପ୍ରଦାନ କରି ରାଜ୍ୟର ଶକ୍ତି ଉତ୍ପାଦନ ଓ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି। ଲୋକସେବା ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏହି ଅବସରରେ ଉପସ୍ଥିତ ଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ଏବଂ ଶକ୍ତି ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଲ କୁମାର ଦେବ ମୁଖ୍ୟମନ୍ତ୍ରୀଙ୍କୁ ଏହି ଚେକ୍ ପ୍ରଦାନ କରିଥିଲେ।

### ରାଜ୍ୟରେ ଇଥାନଲ ପ୍ଲାଣ୍ଟ ସ୍ଥାପନ ସଂକ୍ରାନ୍ତରେ ବୈଠକ

# ଚିଲିକାରେ ଇଥାନଲ୍‌ଯୁକ୍ତ ଇନ୍ଧନରେ ଚାଲିବ ବୋଟ୍

**ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ):** ପରିବେଶକୁ ସୁରକ୍ଷା ଦେବା ସହ ପ୍ରଦୂଷଣମୁକ୍ତ କରିବା ଦିଗରେ ଅଗ୍ରସର ହେଉଛନ୍ତି ଓଡ଼ିଶା ସରକାର। ରାଜ୍ୟରେ ୨ଜି ଇଥାନଲର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମିଡ୍‌ୱେଷ୍ଟ ଏନର୍ଜି କମ୍ପାନୀ ପକ୍ଷରୁ ଏକ ଉପସ୍ଥାପନା ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶାରେ ଇଥାନଲ ପ୍ଲାଣ୍ଟ ସ୍ଥାପନ କରି ଇନ୍ଧନ ରୂପେ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀ ପ୍ରତିନିଧି ପ୍ରଭାକର ରେଡ୍ଡୀ ପ୍ରସ୍ତାବ ଦେଇଥିଲେ। ଏହାବ୍ୟତୀତ ଓଡ଼ିଶାର ଚିଲିକା ହ୍ରଦରେ ଚାଲୁଥିବା ବୋଟଗୁଡ଼ିକରେ ମଧ୍ୟ ଇଥାନଲ ବ୍ଲେଣ୍ଡିଂ ଇନ୍ଧନ ବ୍ୟବହାର କରିବା ବିଷୟରେ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ୨୦୩୦ ସୁଦ୍ଧା ଡିଜେଲରେ ୫ ପ୍ରତିଶତ ଇଥାନଲ ମିଶାଇ ବ୍ୟବହାର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ବାସ୍ତବିକ କାର୍ଯ୍ୟରେ ରୂପାନ୍ତର କରିବା ଦିଗରେ ଓଡ଼ିଶା ଅଗ୍ରସର ହେଉଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ଧାନ ଫସଲ ଅମଳ ପରେ ସାଧାରଣତଃ ନଡ଼ା ଗୁଡ଼ିକୁ ଜମିରେ ସେମିତି ଛାଡି ଦିଆଯାଏ କିମ୍ବା ନିଆଁ ଲଗାଇ ପୋଡ଼ି ଦିଅନ୍ତି । ସେହି ନଡ଼ାକୁ ବ୍ୟବହାର କରି ୨ଜି ଇଥାନଲ ପ୍ରସ୍ତୁତ କରାଯିବ। କେବଳ ଧାନ ନୁହେଁ, ଆଖୁ,ମକା,ବାଜରା, ଜହ୍ନା ଇତ୍ୟାଦିର ଅନାବଶ୍ୟକ ଅଂଶରୁ ଇଥାନଲ ପ୍ରସ୍ତୁତ ହୋଇପାରିବ । ଏହି ଅଂଶଗୁଡ଼ିକୁ ଚାଷୀଙ୍କଠାରୁ ସମ୍ପୃକ୍ତ କମ୍ପାନୀ କ୍ରୟ କରି ନେଇ ଇଥାନଲ ଉତ୍ପାଦନ କରିବ। ଏହା ପରିବେଶକୁ ପ୍ରଦୂଷଣରୁ ମୁକ୍ତ ରଖିବ ଓ ଚାଷୀଙ୍କୁ ପରୋକ୍ଷରେ ରୋଜଗାର ମଧ୍ୟ ପ୍ରଦାନ କରିବ। ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହେବା ସହ ଦାଦନ ଶ୍ରମିକ ସଂଖ୍ୟା ମଧ୍ୟ କମିବ। ଏହି ଉପସ୍ଥାପନା ପ୍ରଦର୍ଶନ ବେଳେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢ଼ୀ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ପର୍ଯ୍ୟଟନ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ଇପିକଲ୍ ଏମଡି ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ।




## ପହଲଗାମ୍ ଆତଙ୍କୀ ହମଲାକୁ କଂଗ୍ରେସର ନିନ୍ଦା

**ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ):** ଜାମ୍ମୁ-କଶ୍ମୀରର ପହଲଗାମରେ ଗତକାଲି ଘଟିଥିବା ଆତଙ୍କବାଦୀ ଆକ୍ରମଣ ଘଟଣାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି ଘଟଣାକୁ ନେଇ କଂଗ୍ରେସ ଶୋକ ବ୍ୟକ୍ତ କରିଛି। ଏହା ମାନବତା ଉପରେ ହିଂସାତ୍ମକ କାଳିମାର କଳଙ୍କ ବୋଲି ଦଳ ପକ୍ଷରୁ କୁହାଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ୨୬ ଜଣ ମୃତକ ପର୍ଯ୍ୟଟକମାନଙ୍କ ଶୋକାକୁଳ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ୩୬ ଜଣ ଗୁରୁତର ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛି। ଏଥିସହ ଦଳ ବାଲେଶ୍ୱର ରେମୁଣାର ପ୍ରଶାନ୍ତ ଶତପଥୀଙ୍କ ପରିବାର ସହ ଏହି ଦୁଃଖଦ ସମୟରେ ଛିଡ଼ା ହୋଇଛି। ଦେଶର ଏଭଳି ସଙ୍ଗୀନ ସମୟରେ ଦେଶବାସୀ ଏକାଠି ବିଚ୍ଛିନ୍ନତାବାଦୀ ତତ୍ତ୍ୱମାନଙ୍କ ବିରୁଦ୍ଧରେ ଲଢ଼ିବେ । ଶାନ୍ତି, ସଂହତି ପାଇଁ ମିଳିତଭାବେ କାର୍ଯ୍ୟ କରିବେ । ତେବେ ଜାମ୍ମୁ କାଶ୍ମୀରରେ ସ୍ୱାଭାବିକତା ବଜାୟ ରହିଛି ବୋଲି ଯାହା ପ୍ରଚାର କରାଯାଉଥିଲା ଏବେ ସେଭଳି ପ୍ରଚାରରୁ ବିରତ ରହି ସ୍ୱାଭାବିକତା ଫେରାଇବା ପାଇଁ ମିଳିତ ଉଦ୍ୟମ ହେବା ଉଚିତ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏଥିସହ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ସକାଶେ ଦଳ ପକ୍ଷରୁ ନିରବ ପ୍ରାର୍ଥନା କରାଯାଇଛି।

## ହାଇ ଟେନ୍‌ସନ ଇଲେକ୍ଟ୍ରି ଲାଇନ ସଂକ୍ରାନ୍ତ ସମୀକ୍ଷା ବୈଠକ

**ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ହାଇ ଟେନ୍‌ସନ ଲାଇନକୁ ନେଇ ମନ୍ତ୍ରୀସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜ୍ୟସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ଥିଲେ। ରାଜ୍ୟରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପ୍ରକ୍ରିୟା ଆଗେଇ ଚାଲିଛି। ବିପଜ୍ଜନକ ଭାବେ ଥିବା ବିଦ୍ୟୁତ ଲାଇନଗୁଡ଼ିକର ସ୍ଥାନ ଆବଶ୍ୟକ ସ୍ଥଳେ ବଦଳାଯାଉଛି। ଏଥିସହ ରାଇଟ୍ ଅଫ୍ ୱେ (ଆର୍‌ଓଡବ୍ଲ୍ୟୁ)




ବିଷୟରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି), ଓପିଟିସିଏଲ, ରାଜ୍ୟର ୪ଟି ବିଦ୍ୟୁତ ଆବଣ୍ଟନ କମ୍ପାନୀ (ଡିସ୍‌କମ୍)ର ଅଧିକାରୀମାନେ ବୈଠକରେ ଯୋଗଦେଇ ସେମାନଙ୍କ ପକ୍ଷ ଉପସ୍ଥାପନ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାରେ ଉଡ଼ା ପାଉଁଶ ବା ଫ୍ଲାଏ ଆଶ୍‌କୁ ନିୟନ୍ତ୍ରଣ କରିବା ପାଇଁ ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଆଗାମୀ ବୈଠକରେ ଏହି ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରାଯିବା ସକାଶେ ନିଷ୍ପତ୍ତି ହୋଇଛି। ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ ସିଏମଡି ଭାସ୍କର ଜ୍ୟୋତି ଶର୍ମା, ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ବିଜେପିରେ ଯୋଗଦେଲେ ଶତାଧିକ ବିଜେଡି କର୍ମୀ




**ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ):** ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଏବଂ ରାଜ୍ୟରେ ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟ ପଟେ ବିଜେଡି ଉପରୁ ଦଳୀୟ କର୍ମୀ ଓ ନେତାଙ୍କ ଆସ୍ଥା ହ୍ରାସ ପାଇଚାଲିଛି। ଏହି କ୍ରମରେ ଆଜି ନିଆଳୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଆଳୀ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡ ମେମ୍ବର ଓ ବରିଷ୍ଠ ନେତା ବିଜେଡି ଛାଡ଼ି ବିଜେପିରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି।

ସାମିଲ୍ ହୋଇଥିବା ବିଜେଡି କର୍ମୀଙ୍କ ମଧ୍ୟରେ ନିଆଳୀ ବ୍ଲକର ନିଭରଣ ପଞ୍ଚାୟତ ସରପଞ୍ଚ ମାନସ ରଞ୍ଜନ ସ୍ୱାଇଁ, ସମିତି ସଭ୍ୟ କାଳନ୍ଦୀ ପୃଷ୍ଟି, ନାୟବ ସରପଞ୍ଚ ପରେଶ ପରିଡ଼ା, ପୂର୍ବତନ ସମିତି ସଭ୍ୟ ତୋଫାନ କାଣ୍ଡି ପ୍ରମୁଖ ଅଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ନିଆଳୀ ବିଧାୟକ ଛବି ମଲ୍ଲିକ, କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ପ୍ରବକ୍ତା ବ୍ରଜକିଶୋର ମିଶ୍ର, ନିଆଳୀ ବ୍ଲକ ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ମାଧବ ମଣ୍ଡଳ ସଭାପତି ଶାନ୍ତନୁ କୁମାର ଦାସ, ପୂର୍ବତନ ମଣ୍ଡଳ ସଭାପତି ପତିତପାବନ ବେହେରା, ବରିଷ୍ଠ କାର୍ଯ୍ୟକର୍ତ୍ତା ଆଦିତ୍ୟ ପାଣି, ତିହୁଡି ପଞ୍ଚାୟତ ସମିତିସଭ୍ୟ ଶଶିକାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ପତ୍ନୀଙ୍କୁ ଖୋଜି ଖୋଜି ନୟାନ୍ତ ହେଲେଣି ପତି

**ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ):** ପାଖାପାଖି ଦୁଇ ବର୍ଷ ହେଲା ନିଖୋଜ ହେଲେଣି ପତ୍ନୀ। ଏନେଇ ଥାନାରେ ଏକାଧିକ ବାର ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ ପାଇବାର ସକ୍ଷମ ହୋଇନାହାନ୍ତି ପତି। ବାଲେଶ୍ୱର ଔପଦା ଥାନା ଅନ୍ତର୍ଗତ ବଡ଼ପୋଖରୀ ଗ୍ରାମର ଚିତ୍ତରଞ୍ଜନ ବାରିକଙ୍କ ପତ୍ନୀ ଅଗ୍ନିଶିଖା ପଟ୍ଟନାୟକ ଓରଫ୍ ବବି ଗତ ୨୦୨୨ ଡିସେମ୍ବରରେ କେଉଁଆଡ଼େ ଚାଲିଯାଇଛନ୍ତି। ଉଭୟଙ୍କ ଔରସରୁ ଗୋଟିଏ ୫ ବର୍ଷର ପୁଅ ରହିଛି। ପତ୍ନୀ ନିଖୋଜ ହୋଇଯାଇଥିବା ନେଇ ଖବର ପାଇବା ପରେ ଗତ ୨୦୨୩ ଜାନୁଆରୀରେ ଚିତ୍ତରଞ୍ଜନ ସୋମାଲିଆରୁ ଆସି ଭୁବନେଶ୍ୱରରେ ପହଞ୍ଚି ଭିଏସ୍‌ଏସ୍ ନଗର ସମେତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ।



ଶେଷରେ ସେ ତାଙ୍କୁ ପାଇଥିଲେ ଓ ଉଭୟ ସାଥୀ ହୋଇ ରହିଥିଲେ। ତେବେ ଉକ୍ତ ସ୍ଥାନଟି ପରବର୍ତ୍ତୀ ସମୟରେ ଅନୁପଯୁକ୍ତ ହେବାରୁ ସେଠାରୁ ଅନ୍ୟତ୍ର ଯିବା ସକାଶେ ଚିତ୍ତରଞ୍ଜନ ପତ୍ନୀ ଅଗ୍ନିଶିଖାଙ୍କୁ କହିଥିଲେ। କିନ୍ତୁ ସେ ଏଥିରେ ରାଜି ହୋଇନଥିଲେ, ବରଂ କିଛି ଦିନ ପରେ ଅଚାନକ କୁଆଡ଼େ ଚାଲିଯାଇଥିଲେ। ତାଙ୍କୁ ଖୋଜି ଖୋଜି ହତାଶହେବା ପରେ ଶେଷରେ ଗତ ବର୍ଷ ସେପ୍ଟେମ୍ବର ୧୯ ତାରିଖରେ ସେ ଶହୀଦ ନଗର ଥାନାରେ ନିଖୋଜ ନେଇ ଏତଲା ଦେଇଥିଲେ। ଏହାଛଡ଼ା ପରେ ସେ ପରିବାର ଅଦାଲତ-୨ରେ ତାଙ୍କ ପତ୍ନୀଙ୍କୁ ଘରକୁ ଫେରାଇ ଆଣିବା ସକାଶେ ଏକ ମାମଲା ମଧ୍ୟ ରୁଜୁ କରିଥିଲେ। ସେଠାରୁ ଏକ ନୋଟିସ୍ ଗତ ବର୍ଷ ଅକ୍ଟୋବର ୨୩ ତାରିଖରେ ଅଗ୍ନିଶିଖାଙ୍କ ଘର ଠିକଣାରେ ପଠାଯାଇଥିଲା। ଉକ୍ତ ନୋଟିସ୍ ଅନୁସାରେ ତାଙ୍କୁ ଡିସେମ୍ବର ୨୪ରେ ହାଜର ହେବା ସକାଶେ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଅଗ୍ନିଶିଖା ଉକ୍ତ ତାରିଖରେ ହାଜର ହୋଇନଥିଲେ। ଅଦ୍ୟାବଧି ତାଙ୍କର କୌଣସି ପତ୍ତା ମିଳିପାରିନଥିବା ବେଳେ ଏ ଦିଗରେ ପୁଲିସ୍ ସମୁଚିତ ପଦକ୍ଷେପ ନେବା ସକାଶେ ଚିତ୍ତରଞ୍ଜନ ଦାବି କରିଛନ୍ତି। ଯଦି କୌଣସି ବ୍ୟକ୍ତିବିଶେଷ ଅଗ୍ନିଶିଖାଙ୍କ ସମ୍ପର୍କରେ ସୂଚନା ପାଆନ୍ତି, ୯୩୧୫୬୦୦୫୨୬ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।

## ନୂଆସାହି ଯୋବ୍ରା ଚୈତ୍ର ଉତ୍ସବ ଉଦ୍‌ଯାପିତ



**କଟକ,୨୩।୪(ସଂଚାର ବ୍ୟୁରୋ):** ଯୋବ୍ରା ନୂଆସାହିରେ ଚୈତ୍ର ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଠାରେ ମା' ସିଦ୍ଧ ବାସଳେଇ ପୂଜା, ଘୋଡ଼ା ପିଞ୍ଜରା ସହ ମହାମେଳଣରେ ଭକ୍ତମାନେ ସାମିଲ ହୋଇଥିବା ବେଳେ ସେମାନଙ୍କୁ ମାଛ ଘାଣ୍ଟ ବଣ୍ଟନ ପରେ ଚୈତାଳି ଘୋଡ଼ା ନାଚ ସହ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଏହି ଉତ୍ସବ ସମ୍ପନ୍ନ ହୋଇଛି। ଏହି ଚୈତ୍ର ମହୋତ୍ସବରେ ଅନୁଷ୍ଠାନର ଉପଦେଷ୍ଟା ଶୁଭେନ୍ଦୁ ମହାନ୍ତି, ଲକ୍ଷ୍ମଣ ନାୟକ, ମନ୍ଦିର ପରିଚାଳନା କମିଟି ସଭାପତି ତନୟ ବେହେରା, ଅଧିକାରୀ କାଶୀନାଥ ନାୟକ, ମହନ୍ତ ଶିବେନ୍ଦ୍ର ନାୟକ, ବ୍ୟାସକବି ଦାସ, ରାମଚନ୍ଦ୍ର ନାୟକ, ଈଶ୍ୱର ନାୟକ, ଜଗନ୍ନାଥ ନାୟକ, ଭାବଗ୍ରାହୀ ନାୟକ, ବିଦ୍ୟାଧର ନାୟକ, କାଳନ୍ଦୀ ନାୟକ, ରବୀନ୍ଦ୍ର ନାୟକଙ୍କ ସହ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, କର୍ପୋରେଟର ଝିଲୀ ବିହାରୀ, ଜିନେଶ ଦାସ, ଦୁର୍ଗା ମନ୍ଦିର ପରିଚାଳନା କମିଟି ସଭାପତି ପ୍ରମୋଦ ଜେନା, ସମ୍ପାଦକ ଶ୍ରୀମନ୍ତ ଦାସ, ଶରତ ବେହେରା, ସମରେଶ ଭୂୟାଁ ସମ୍ବର୍ଦ୍ଧିତ ହୋଇଥିଲେ। ସାଂସ୍କୃତିକ କର୍ଯ୍ୟକ୍ରମ ସହ ମଞ୍ଚ ପରିଚାଳନା କରିଥିଲେ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଅମ୍ବିକା ପ୍ରସାଦ ସାମଲ। ଏହି ଚୈତ୍ର ମହୋତ୍ସବ ଗତ ୧୨ରୁ ଆରମ୍ଭ ହୋଇ ୨୨ ତାରିଖରେ ଉଦ୍‌ଯାପିତ ହୋଇଥିବା ସହସମ୍ପାଦକ ଶୁଭମ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଆତଙ୍କୀ ହମ୍‌ଲାରେ ନିହତଙ୍କୁ ଶହୀଦନଗର ଦୁର୍ଗା ପୂଜା ସମିତିର ଶ୍ରଦ୍ଧାଞ୍ଜଳି




**ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ):** ଆଜି ସନ୍ଧ୍ୟାରେ ଜାମ୍ମୁ-କଶ୍ମୀରର ପହେଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ନିହତ ହୋଇଥିବା ପର୍ଯ୍ୟଟକଙ୍କୁ ସହିଦନଗରର ଦୁର୍ଗା ପୂଜା ସମିତି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ଶୋକସଭାରେ ସଭାପତି ହେମନ୍ତ କୁମାର ପରିଡା, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପାତ୍ର, ଉପଦେଷ୍ଟା ମନୋରଞ୍ଜନ ଦାସ, ସୁଧୀର କୁମାର ଶତପଥୀ, ଉପସଭାପତି ଚନ୍ଦନ କୁମାର ପାଲିତ୍, ଯୁଗ୍ମସମ୍ପାଦକ ବିଶ୍ୱ ପ୍ରସାଦ ମହାନ୍ତି, ସୁଦର୍ଶନ ସାହୁ, ରାଜେଶ ଖାନ୍ନା, କୋଷାଧ୍ୟକ୍ଷ ସ୍ମୃତି ରଞ୍ଜନ ଜେନା, ଉପକୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ମହାନ୍ତି, ଦିଲ୍ଲୀପ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ଦୀପଙ୍କର ମହାପାତ୍ର, ବିଭୁଦତ୍ତ ଦାସ,ଦିଲ୍ଲୀପ କୁମାର ମଲ୍ଲିକ, ମହେଶ୍ୱର ମହାନ୍ତି, ଆଶିଷ ମହାପାତ୍ର, ବିଶ୍ୱରଞ୍ଜନ ରାୟ, ରଞ୍ଜନ ସାମଲ, ବିଭୁ ପଦାରବିନ୍ଦ, ସତ୍ୟନାରାୟଣ ମହାପାତ୍ର, ରାମନାରାୟଣ ମହାପାତ୍ର, ସୁବ୍ରତ ସିଂହ, ଆନନ୍ଦ କୁମାର ମିତ୍ର, ଦେବାଶିଷ ସାହୁ, ସନ୍ଦୀପ କୁମାର ବେହେରା, ଜିତେନ୍ଦ୍ର ରାଓ, ଶକ୍ତିପ୍ରସାଦଜୀ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ନିହତ ହୋଇଥିବା ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟର ନୀରବପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ଆତଙ୍କୀଙ୍କ ଏପରି ନାରକୀୟ କାଣ୍ଡକୁ ନିନ୍ଦା କରାଯିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା। ଶେଷରେ ସମିତିର ସମ୍ପାଦକ ସଚ୍ଚିଦାନନ୍ଦ ନାୟକ ଧନ୍ୟବାଦ ଦେଇଥିଲେ। ଏଥିସହ ମା' ଦୁର୍ଗାଙ୍କ ନିକଟରେ ସମସ୍ତେ ପ୍ରଦୀପ ପ୍ରଜ୍ୱଳନ କରି ଆହତ ପର୍ଯ୍ୟଟକଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

# ୨୭ରେ ଜୀ ସାର୍ଥକରେ 'ସୁନାନାକୀ ବୋହୂ'




**ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ):** ଓଡ଼ିଶାର ନମ୍ବର ୧ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସୁଛି। ଦର୍ଶକେ ଦେଖିବାକୁ ଭଲ ପାଉଥିବା କାହାଣୀକୁ ଆଧାରିତ କରି ଅନେକ ଧାରାବାହିକ ସହିତ ନିଛକ ଓ ବାସ୍ତବବାଦୀ ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଇଛି ଜୀ ସାର୍ଥକ। ଯାହାପାଇଁ ଚ୍ୟାନେଲକୁ ମିଳିଛି ଅଗଣିତ ଦର୍ଶକଙ୍କ ଦ୍ୱାରା ଅଶେଷ ଭଲପାଇବା। ଆଗକୁ ଏମିତି ଏକ ମୌଳିକ ବିଷୟବସ୍ତୁ ସହ ରିଲିଜ ହେବାକୁ ଯାଉଛି ଓଡିଆ ଚଳଚ୍ଚିତ୍ର 'ସୁନାନାକୀ ବୋହୂ'। ଏହାର ପ୍ରଯୋଜକ ଉମେଶ ପଟ୍ଟନାୟକ ଓ ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁ ରହିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାସ। ସେହିପରି କାହାଣୀ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା। ଗୀତ ରଚନା ଅରୁଣ ମନ୍ତ୍ରୀ, ଉମାକାନ୍ତ ନାୟକ, ନିହାର ପ୍ରିୟାଶିଷ କରିଥିବା ବେଳେ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା,ଅର୍ପିତା ଚୌଧୁରୀ, ଚିରାଗଦିପ୍ ପଣ୍ଡା। ଏହା ଆସନ୍ତା ୨୭ ସନ୍ଧ୍ୟା ସାଢ଼େ ୬ଟା ସମୟରେ କେବଳ ଜୀ ସାର୍ଥକରେ ପ୍ରସାରିତ ହେବ। ଚଳଚ୍ଚିତ୍ରର କାହାଣୀ ଆରମ୍ଭ ହୋଇଛି ଦୁଇଟି ଗାଁ ମଧୁପୁର ଓ ଯଦୁପୁରରୁ। ଦୁଇ ଗାଁ ମଧ୍ୟରେ ଏକ ପୁରୁଣା ବିବାଦ ଲାଗିରହିଛି। ପ୍ରତି ପଣା ସଂକ୍ରାନ୍ତିରେ ନିଜର ପବିତ୍ର ଦେବତାଙ୍କୁ ଆତିଥ୍ୟ ଦେବା ପାଇଁ ଉଭୟ ଗାଁ ମଧ୍ୟରେ ଲାଗେ ପ୍ରତିଯୋଗିତାର ସଂଘର୍ଷ ଓ ୪ ବର୍ଷ ହେବ ଯଦୁପୁର ଗାଁର ଜଣେ ଏହି ପ୍ରତିଯୋଗିତାକୁ ଏକତରଫା ଜିତିଆସୁଛି। କିନ୍ତୁ ଚଳିତ ବର୍ଷ ମଧୁପୁର ଗାଁର ଜଣେ ସାହସୀ ମହିଳା ରଘୁର ଏହି ବିଜୟ ରଥକୁ ରୋକି ଏହି ଚକ୍ରକୁ ଭାଙ୍ଗିବାରେ ଦୃଢ଼ ପ୍ରତିଜ୍ଞାବଦ୍ଧ। ପ୍ରତିଯୋଗିତା ପାଇଁ ଉତ୍ତେଜନା ବୃଦ୍ଧି ପାଇବା ସମୟରେ ପୂରା ମଧୁପୁର ଚିନ୍ତାରେ। କିନ୍ତୁ ଭାଗ୍ୟର ଅଜବ ସଂଯୋଗ ଏକ ମିଥ୍ୟା ଅପବାଦକୁ ରୋକିବା ପାଇଁ ଦୁଇ ପ୍ରତିଯୋଗୀଙ୍କ ସମ୍ପର୍କରେ ଆସେ ପରିବର୍ତ୍ତନ। ଏହି ପରିବର୍ତ୍ତନ ଆସନ୍ତା ୨୭ ତାରିଖରେ ପୂରା ଚଳଚ୍ଚିତ୍ର ଦେଖିବା ପରେ ଦର୍ଶକ ଜାଣିପାରିବେ ବୋଲି କହିଛନ୍ତି ଜୀ ସାର୍ଥକର ମୁଖ୍ୟ ଚ୍ୟାନେଲ୍ ଅଫିସର୍ ପ୍ରତୀକ ସିଲ।

## ପ୍ରକାଶ ପାଇଲା ଆରଆଇ, ଏଆରଆଇ ପରୀକ୍ଷାଫଳ

**ଭୁବନେଶ୍ୱର,୨୩।୪ (ସଂଚାର ବ୍ୟୁରୋ):** ଓଡ଼ିଶା ସବ-ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓଏସ୍‌ଏସ୍‌ଏସ୍‌ସି) ଆଜି ରାଜସ୍ୱ ନିରୀକ୍ଷକ (ଆର୍‌ଆଇ), ସମନ୍ୱିତ ଶିଶୁ ବିକାଶ ସେବା ଯୋଜନା (ଆଇସିଡିଏସ୍) ସୁପରଭାଇଜର, ସହକାରୀ ରାଜସ୍ୱ ନିରୀକ୍ଷକ (ଏଆର୍‌ଆଇ), ଅମିନ, ଏବଂ ଷ୍ଟାଟିଷ୍ଟିକାଲ ଫିଲ୍ଡ ସର୍ଭେୟର ପଦବୀ ପାଇଁ ଅନୁଷ୍ଠିତ ମିଳିତ ନିଯୁକ୍ତି ପ୍ରାରମ୍ଭିକ ପରୀକ୍ଷା୨୦୨୩ ର ଫଳାଫଳ ଘୋଷଣା ହୋଇଛି । ଗତ ଅକ୍ଟୋବର ମାସରେ ହୋଇଥିବା ରାଜସ୍ୱ ନିରୀକ୍ଷକ(ଆରଆଇ), ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ), ଆଇସିଡିଏସ ସୁପରଭାଇଜର ଏବଂ ଅମିନ ପରୀକ୍ଷା ଦେଇଥିବା ସମସ୍ତ ପରିକ୍ଷାର୍ଥୀ ପ୍ରିଲିମ ପରୀକ୍ଷାରେ ପାସ୍ ହୋଇଛନ୍ତି। ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସଏସଏସସି) ପକ୍ଷରୁ ବୁଧବାର ଏ ନେଇ ସୂଚନା ଦିଆଯାଇଛି । କମିଶନଙ୍କ ଅନୁଯାୟୀ, ପରୀକ୍ଷାରେ କପି କରି ଧରାପଡ଼ିଥିବା ନଅ ଜଣ ପ୍ରାର୍ଥୀଙ୍କୁ ଛାଡ଼ି ଅନ୍ୟ ସମସ୍ତ ପ୍ରାର୍ଥୀଙ୍କୁ ମୁଖ୍ୟ ପରୀକ୍ଷା ଦେବାକୁ ଅନୁମତି ଦିଆଯାଇଛି।

# ଏଜୁକେଶନ ପାଠ, କଲେଜର ରୋଜଗାର

**ଭୁବନେଶ୍ୱର,୨୩।୪:** ସ୍ନାତକ ଶ୍ରେଣୀରେ ପଢାଯାଉଥିବା ଏଜୁକେଶନ ପାଠ୍ୟକ୍ରମ ଏବେ ବହୁ କଲେଜ ପାଇଁ ରୋଜଗାରର ମାଧ୍ୟମ ପାଲଟିଛି। ଛାତ୍ରଛାତ୍ରୀଙ୍କ ପାଇଁ ଏଜୁକେଶନ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ ନାଁରେ ଅର୍ଥ ଆଦାୟ କରାଯାଉଥିବାବେଳେ ଛାତ୍ରଛାତ୍ରୀମାନେ ବି ଟଙ୍କା ଦେବାକୁ ପଛାଉ ନାହାନ୍ତି ।

ସ୍ନାତକ ଶ୍ରେଣୀରେ ତୃତୀୟ ବର୍ଷର ଚୂଡାନ୍ତ ସେମିଷ୍ଟାର ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ପ୍ରକଳ୍ପ ରିପୋର୍ଟ ଦାଖଲ କରିବା ବାଧ୍ୟତାମୂଳକ। ଏଥିପାଇଁ ଏଜୁକେଶନ ପାଠ୍ୟକ୍ରମ ରଖିଥିବା ଛାତ୍ରଛାତ୍ରୀମାନେ ବିଭିନ୍ନ ବିଦ୍ୟାଳୟକୁ ଯାଇ ପାଠପଢ଼ାଇବା ସହିତ ସେହି ଆଧାରରେ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକଥା । ତେବେ ଆଉ ପ୍ରାୟତଃ କୋଣସି କଲେଜର ସ୍ନାତକ ଛାତ୍ରଛାତ୍ରୀମାନେ ନିକଟସ୍ଥ ବିଦ୍ୟାଳୟକୁ ପଢାଇବାକୁ ଯାଉନାହାନ୍ତି କି ଏଥିପ୍ରତି



କଲେଜ କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ କରୁନାହାନ୍ତି ।

ହେଲେ ପରୀକ୍ଷା ପାଇଁ ନିହାତି ଆବଶ୍ୟକ ହେଉଥିବାରୁ ଛାତ୍ରଛାତ୍ରୀମାନେ ବିଭିନ୍ନ ବିଦ୍ୟାଳୟର ମିଛ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି । ଏହି ପ୍ରକଳ୍ପ ରିପୋର୍ଟକୁ କଲେଜରେ ଦାଖଲ କରୁଛନ୍ତି । ଗୋଟିଏ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କର ପ୍ରାୟତଃ ସମାନ ଧରଣର ପ୍ରକଳ୍ପ ରିପୋର୍ଟ ଦେଖିବାକୁ ମିଳୁଛି । ଖାଲି ବିଦ୍ୟାଳୟର ନାମ ଓ ପଢାଉଥିବା ଶ୍ରେଣୀର ନାମ ବଦଳାଇ ଦେଉଛନ୍ତି। ଏହି ରିପୋର୍ଟକୁ ପ୍ରାୟତଃ କେହି ଦେଖୁନାହାନ୍ତି। ଛାତ୍ରଛାତ୍ରୀମାନେ ଶହ ଶହ ଟଙ୍କା ଖର୍ଚ୍ଚକରି ପ୍ରସ୍ତୁତ କରୁଥିବା ସୁନ୍ଦର ସୁନ୍ଦର ରିପୋର୍ଟ କିଛି ଦିନ କଲେଜର ଅଳିଆ ଗଦାରେ ପଡିବାପରେ ତାହାକୁ ରଦି କାଗଜବାଲା ନେଉଛି । ତେଣୁ ଛାତ୍ରଛାତ୍ରୀମାନେ ନିଜେ ପରିଶ୍ରମ କରି ରିପୋର୍ଟ ପ୍ରସ୍ତୁତ କରିବା ବଦଳରେ ଉପର ଶ୍ରେଣୀର ଛାତ୍ରଛାତ୍ରୀମାନେ ଦାଖଲ କରିଥିବା ରିପୋର୍ଟକୁ ନକଲ କରି ନିଜର ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିଦେଉଛନ୍ତି । ସରକାରୀ କଲେଜରେ ଏଭଳି ଢଙ୍ଗରେ ରିପୋର୍ଟ ଦାଖଲ ହେଉଥିବାବେଳେ କେତେକ ଘରୋଇ କଲେଜ କିନ୍ତୁ ଏଥିପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଠାରୁ ଗୋଟିଏ ପ୍ରକଳ୍ପ ରିପୋର୍ଟ ପାଇଁ ୮୦୦ ରୁ ୧୦୦୦ ଟଙ୍କା କରି ଆଦାୟ କରୁଛନ୍ତି । ଟଙ୍କା ଦେଇ ଛାତ୍ରଛାତ୍ରୀମାନେ ନିଶ୍ଚିତରେ ବସୁଛନ୍ତି । କଲେଜ କର୍ତ୍ତୃପକ୍ଷ ରିପୋର୍ଟ ପ୍ରସ୍ତୁତ କରି ତାହାକୁ ଦାଖଲ କରୁଛନ୍ତି । ଅନେକ ସ୍ଥାନରେ କେବଳ କାଗଜପତ୍ରରେ ରିପୋର୍ଟ ଦାଖଲ ସହିତ ଛାତ୍ରଛାତ୍ରୀଙ୍କୁ ନମ୍ବର ମିଳିଯାଉଛି । ବିନା ରସିଦରେ ଆଦାୟ ହେଉଥିବା ଟଙ୍କାକୁ କଲେଜର କିଛି କର୍ମଚାରୀ ମିଳିମିଶି ଚଳୁ କରୁଛନ୍ତି ।

ମହାବିଦ୍ୟାଳୟଗୁଡ଼ିକରେ କିଭଳି ପାଠପଢ଼ା ହେଉଛି ତାହାର ତଦାରଖ ହେଉନଥିବାରୁ ଏଭଳି ବିଚିତ୍ର ସ୍ଥିତି ଉପୁଜିଛି । ଅଧିକାଂଶ ମହାବିଦ୍ୟାଳୟରେ ଠିକା ଅଧ୍ୟାପକ ପାଠ ପଢ଼ାଉଥିବାରୁ ସେମାନେ ବି ଏଭଳି କାର୍ଯ୍ୟକୁ ପ୍ରୋତ୍ସାହିତ କରୁଛନ୍ତି। ମୋଟାମୋଟି ଭାବେ ସ୍ନାତକ ସ୍ତରରେ ଏଜୁକେଶନ ପାଠ୍ୟକ୍ରମରେ ଏକପ୍ରକାର କଳଙ୍କ ଲାଗିଗଲାଣି। ପ୍ରାକ୍ଟିକାଲ କାଗଜପତ୍ରରେ ହେଉଥିବା ବେଳେ ପରୀକ୍ଷକମାନେ ବି ଆଗପଛ ନବିଚାରି ହାତକାଟି ନମ୍ବର ଦେବାରେ ଲାଗିଛନ୍ତି। (ତଥ୍ୟ)

## ପ୍ରେମ ପାହାଡ଼ରେ ମରିପଡ଼ିଛନ୍ତି ୫ ଠେକୁଆ

**ରାୟଗଡ଼ା,୨୩।୪(ସଂଚାର ବ୍ୟୁରୋ):** ରାୟଗଡ଼ା ସଦରମହକୁମାସ୍ଥିତ ପ୍ରେମ ପାହାଡ଼ରେ ବୁଧବାର ସମୟରେ ୫ଟି ଠେକୁଆ ମରିପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ ପ୍ରେମ ପାହାଡ଼ରେ କେବେ ଠେକୁଆଙ୍କୁ କେହି ଦେଖି ନ ଥିବା ବେଳେ ହଠାତ ମୃତ ଦେଖି ସେଠାକୁ ଦୈନନ୍ଦିନ ଆସୁଥିବା ଲୋକେ ଚକିତ ହୋଇଛନ୍ତି । ପର୍ଯ୍ୟଟନ ବିଭାଗ ଦ୍ୱାରା ନିର୍ମାଣ ହୋଇ ରାୟଗଡ଼ା ପୌରସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା ଏହି ଛୋଟ ପାହାଡ଼ଟି ପର୍ଯ୍ୟଟକଙ୍କ ବେଶ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ସେଠାରେ ଠେକୁଆଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି। ଏନେଇ ରାୟଗଡ଼ା ରେଞ୍ଜର କାମେଶ୍ୱର ଆଚାରୀଙ୍କୁ ପଚାରିବାରୁ ବନ ବିଭାଗ ପକ୍ଷରୁ କୌଣସି ସ୍ଥାନରେ ଠେକୁଆ ଛଡ଼ାଯାଇ ନ ଥିବା ସହିତ ଠେକୁଆ ଛାଡିଥିବା ନେଇ କୌଣସି ବ୍ୟକ୍ତି ସୂଚନା ମଧ ଦେଇନାହାନ୍ତି।

SANCHAR
ସଂଚାର

୪ ଗୁରୁବାର ୨୪ ଏପ୍ରିଲ ୨୦୨୫, ଭୁବନେଶ୍ୱର
Thursday 24 April 2025 Bhubaneswar

# ପହଲଗାମର ଆତଙ୍କ

ଜାମ୍ମୁ-କାଶ୍ମୀରର ଅନନ୍ତନାଗ ଜିଲ୍ଲା ଅନ୍ତର୍ଗତ ପହଲଗାମ ହେଉଛି ପ୍ରାକୃତିକ ସୋଃନ୍ଦର୍ଯ୍ୟରେ ଭରପୁର ଏକ ଅତ୍ୟନ୍ତ ମନୋରମ ଅଞ୍ଚଳ। ସେଥିପାଇଁ ଏହାକୁ ମିନି ସୁଇଜଣଲାଣ୍ଡ ବୋଲି କୁହାଯାଏ। ଦେଶ ବିଦେଶରୁ ପ୍ରତିଦିନ ଅନେକ ପର୍ଯ୍ୟଟନ ଏଠାକୁ ଆସନ୍ତି। ଏହା ହିଁ ସ୍ଥାନୀୟ ଅର୍ଥନୀତିର ଭିତ୍ତିଭୂମି। କିନ୍ତୁ ମଙ୍ଗଳବାର ସେଠାରେ ଯେଉଁ ନରସଂହାର ହୋଇଛି ତାହା ସମଗ୍ର ଅଞ୍ଚଳରେ ଭୟ ଏବଂ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଆତଙ୍କବାଦୀଙ୍କ ଆକ୍ରମଣାର ୨୬ଜଣ ପର୍ଯ୍ୟଟକ ପ୍ରାଣ ହରାଇଛନ୍ତି। ଏହା ପରେ କାଶ୍ମୀରରୁ ଅନେକ ପର୍ଯ୍ୟଟକ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଶ୍ରୀନଗର ବିମାନ ବନ୍ଦରରେ ଯାତ୍ରୀମାନେ ପ୍ରବଳ ଭିଡ଼ ଲଗାଇଛନ୍ତି। ରାଜ୍ୟ ଅର୍ଥନୀତି ଉପରେ ଏହା ପ୍ରତିକୁଳ ପ୍ରଭାବ ପକାଇବ ସେଥିରେ ସନ୍ଦେହ ନାହିଁ। ଭାରତ ବିରୋଧୀ ଶକ୍ତିମାନେ ଠିକ ଏହା ହିଁ ଚାହାଁନ୍ତି। ଏଥିପାଇଁ ସେମାନେ ଯୋଜନାବଦ୍ଧ ଭାବେ ଦୀର୍ଘ ବର୍ଷ ହେବ ଉଦ୍ୟମ କରି ଆସୁଛନ୍ତି। ବେଳେ



ବେଳେ ଆତଙ୍କବାଦୀମାନେ ସାମୟିକ ଭାବେ ସେମାନଙ୍କ ଯୋଜନାରେ ସଫଳ ହୁଅନ୍ତି। କିନ୍ତୁ ଭାରତବାସୀଙ୍କ ଏକତା ଆଗରେ ସେମାନେ ଅନେକ ସମୟରେ ହାର ମାନିଛନ୍ତି। ପହଲଗାମ ଆତଙ୍କୀ ଆକ୍ରମଣ ପଛରେ ଠିକ ଏହା ହିଁ ଉଦ୍ଦେଶ୍ୟ ରହିଛି। ଏହାକୁ ଭଣ୍ଡୁର କରିବା ହେଉଛି ଆମର ପ୍ରଥମ କାର୍ଯ୍ୟ। ଏହି ଘଟଣା ଲାଗି ପାକିସ୍ତାନର ଲସ୍କର-ଇ-ତୋଇବାର ଏକ ସହଯୋଗୀ ସଙ୍ଗଠନ ଟିଆରଏଫ ନିଜକୁ ଦାୟୀ କରିଛି। କାଶ୍ମୀରରେ ଆତଙ୍କବାଦୀଙ୍କ ଏହି ବର୍ବରତା ନୂଆ ନୁହେଁ। ଏହା କେବଳ ପୁନରାବୃତ୍ତିସ। ଅତୀତରେ ଆତଙ୍କବାଦୀଙ୍କ ଆକ୍ରମଣରେ ଅନେକ ନିରୀହ ବ୍ୟକ୍ତି ପ୍ରାଣ ହରାଇବାର ନଜିର ରହିଛି। ତେବେ ପୁଲୱାମା ବିସ୍ଫୋରଣ ପରେ ଏହା ହେଉଛି କାଶ୍ମୀର ଉପତ୍ୟକାରେ ସବୁଠାରୁ ବଡ଼ ଆତଙ୍କୀ ହମଲା। ପୁଲୱାମାରେ ଆତଢ଼ଙ୍କବାଦୀଙ୍କ ହମଲାରେ ୪୦ଜଣ ଯବାନ ଶହୀଦ ହୋଇଥିଲେ। କିନ୍ତୁ ସେତେବେଳେ ଆତଙ୍କୀ ହମଲାରେ କେବଳ ସୁରକ୍ଷା କର୍ମୀ ନିହତ ହୋଇଥିଲେ। କିନ୍ତୁ ଏବେ ପହଲଗାମରେ ଯେଉଁ ଆତଙ୍କୀ ହମଲା ହେଲା ସେଥିରେ ସୁରକ୍ଷା କର୍ମୀ ନୁହଁନ୍ତି, ସାଧାରଣ ନିରୀହ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସେମାନେ ପର୍ଯ୍ୟଟକ ଭାବେ କାଶ୍ମୀରକୁ ଆସିଥିଲେ। ସେମାନଙ୍କ ଆତଙ୍କବାଦୀମାନେ ହତ୍ୟା କରିବା ପଛରେ ଦୁଇଟି ବଡ଼ କାରଣ ରହିଛି। ପ୍ରଥମତଃ କାଶ୍ମୀର ଉପତ୍ୟକାରେ ଭୟ ଏବଂ ଆତଙ୍କର ବାତାବରଣ ସୃଷ୍ଟି କରି ରାଜ୍ୟର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିବା। କାଶ୍ମୀର ଅର୍ଥନୀତିର ମୁଖ୍ୟ ଆଧାର ହେଲା ପର୍ଯ୍ୟଟନ ଶିଳ୍ପ। ଏବେ ଆତଙ୍କବାଦୀଙ୍କ ଗୁଳିରେ ୨୬ଜଣ ପର୍ଯ୍ୟଟକ ପ୍ରାଣ ହରାଇବା ପରେ କାଶ୍ମୀରର ପର୍ଯ୍ୟଟନ ଶିଳ୍ପ ଗୁରୁତର ପ୍ରଭାବିତ ହେବ। ଧାରା ୩୭୦ ଉଚ୍ଛେଦ ପରେ ଏବଂ ଜାମ୍ମୁ-କାଶ୍ମୀରରେ ଶାନ୍ତି ଶୃଙ୍ଖଳାର ସହ ବିଧାନସଭା ନିର୍ବାଚନ ହୋଇ ଏକ ଲୋକପ୍ରିୟ ନିର୍ବାଚିତ ସରକାର ଗଠିତ ହେବା ପରେ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ସହ ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କାଶ୍ମୀରବାସୀ ନିର୍ବାଚନରେ ବିପୁଳ ମତଦାନ କରି ଭାରତୀୟ ସମ୍ବିଧାନପ୍ରତି ସେମାନଙ୍କ ଆସ୍ଥା ଏବଂ ବିଶ୍ୱାସ ପ୍ରକାଶ କରିଛନ୍ତି। ସାରା ବିଶ୍ୱବାସୀ କାଶ୍ମୀରରେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା ଏବଂ ଭାରତ ସହ ଏହାର ମିଶ୍ରଣ ଚୁଡ଼ାନ୍ତ ବୋଲି ଜାଣିଲେ। ଏହାକୁ ଆତଙ୍କୀ ସଙ୍ଗଠନ ବା ପାକିସ୍ତାନ ବରଦାସ୍ତ କରିପାରୁନାହିଁ। ଜାମ୍ମୁ-କାଶ୍ମୀରରେ ଭୟ, ଆତଙ୍କ, ଅଶାନ୍ତି ଏବଂ ଅସ୍ଥିରତାର ବାତାବରଣ ସୃଷ୍ଟିକରିବାକୁ ପାକିସ୍ତାନ ଚାହେଁ। ୩୭୦ ଉଚ୍ଛେଦ ଏବଂ ଭାରତରେ କାଶ୍ମୀରର ମିଶ୍ରଣ ନେଇ କାଶ୍ମୀରବାସୀ ଖୁସି ନାହାଁନ୍ତି, କାଶ୍ମୀରରେ ଭାରତୀୟ ନେତା ମାନାଧିକାର ଉଲ୍ଲଘଂନ କରୁଛି ଏବଂ ଦମନଲୀଳା ଚଳାଇଛି ଏଭଳି ଧାରଣା ସୃଷ୍ଟି କରିବ୍‌କୁ ପାକିସ୍ତାନ ଚାହୁଁଛି। ପହଲଗାମ ଆକ୍ରମଣର ଏହା ହିଁ ପ୍ରଥମ ଉଦ୍ଦେଶ୍ୟ। ଦ୍ୱିତୀୟରେ ପହଲଗାମରେ ଆତଙ୍କବାଦୀମାନେ ଲୋକଙ୍କୁ ସେମାନଙ୍କ ଧର୍ମ ପଚାରି ଯେଉଁମାନେ ହିନ୍ଦୁ କେବଳ ସେହିମାନଙ୍କୁ ହତ୍ୟା କରିଛନ୍ତି। ଏହା ଦ୍ୱାରା ଭାରତରେ ହିନ୍ଦୁମାନଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି ହେବ ଏବଂ ହିନ୍ଦୁ-ମୁସଲମାନ ସାମ୍ପ୍ରଦାୟିକ ସଂଘର୍ଷ ସୃଷ୍ଟି ହୋଇପାରେ। ଏହା ହିଁ ଆତଙ୍କବାଦୀମାନେ ଚାହାଁନ୍ତି। ଭାରତରେ ହିନ୍ଦୁ-ମୁସଲମାନ ବିବାଦ ଏବଂ ସଂଘର୍ଷ ବୃଦ୍ଧି ପାଉ, ଦେଶର ସାମାଜିକ ଏବଂ ଅର୍ଥନୈତିକ ସ୍ଥିତି ବିପନ୍ନ ହେଉ, ଭାରତରେ ସଂଖ୍ୟାଲଘୁଙ୍କ ସ୍ଥିତି ବିପନ୍ନ ବୋଲି ବିଶ୍ୱବାସୀଙ୍କ ମନରେ ଧାରଣା ସୃଷ୍ଟି ହେଉ, ଏହା ପାକିସ୍ତାନର ଉଦ୍ଦେଶ୍ୟ। କୃଷକ ଆନ୍ଦୋଳନ ବେଳେ ସାରା ବିଶ୍ୱରେ ଅନେକ ଦେଶ ବିରୋଧୀ ଶକ୍ତି ଏଥିରୁ ଫାଇଦା ଉଠାଇ ମୋଦି ସରକାରଙ୍କୁ ବଦନାମ କରିବା ପାଇଁ ଚକ୍ରାନ୍ତ ଚଳାଇଥିଲେ। ପରବର୍ତ୍ତୀ ସମୟରେ ଏହା ବିଫଳ ହୋଇଥିଲା। ୱାକଫ ବିଲ ଗୃହୀତ ହେବା ପରେ ଭାରତରେ ଯେପରି ଅଶାନ୍ତି ଏବଂ ଆନ୍ଦୋଳନ ସୃଷ୍ଟି ହୋଇଛି ସେଥିରେ ପାକିସ୍ତାନ ଭାରି ଖୁସି। ଏବେ ପାକିସ୍ତାନ ଲକ୍ଷ୍ୟ ରଖିଛି କିପରି ଭାରତରେ ସାମ୍ପ୍ରଦାୟିକ ହିଂସାର ନିଆଁ ଜାଳି ଭାରତକୁ ବଦନାମ କରିବ ଏବଂ ତା ସହିତ ଭାରତରେ ସାମାଜିକ ଏବଂ ଅର୍ଥନୈତିକ ଅସ୍ଥିରତା ସଅଷ୍ଟି କରି ଏହାକୁ ଦୁର୍ବଳ କରିବା। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାରେ ଭାରତ ସବୁ କ୍ଷେତ୍ରରେ ବିକାଶିତ ଏବଂ ସମୃଦ୍ଧି ପଥରେ ଅଗ୍ରସର ହେଉଛି। ଏଥିରେ ପାକିସ୍ତାନ ଅସହିଷ୍ଣୁ ହୋଇପଡ଼ିଛି ଏବଂ ଭାରତକୁ ଦୁର୍ବଳ କରିବା ନିମନ୍ତେ ବରାବର ବିଭିନ୍ନ ଉପାୟ ଅବଲମ୍ବନ କରୁଛି। ପହଲଗାମ ଆତଙ୍କବାଦୀ ଆକ୍ରମଣର ଏହା ମୁଖ୍ୟ ଉଦ୍ଦେଶ୍ୟ। ଏହାକୁ ଭାରତବାସୀ ଭଲଭାବେ ବୁଝିବା ଉଚିତ ଏବଂ ପାକିସ୍ତାନର ଜାଲରେ ପଧଡ଼ିବା ଅନୁଚିତ। କିନ୍ତୁ ଆତଙ୍କବାଦୀଙ୍କୁ କ୍ଷମା ନାହିଁ। ଆତଙ୍କବାଦୀଙ୍କୁ ଅତି ନିର୍ମମଭାବେ ଦମନ କରାଯିବା ଉଚିତ। ଯେଉଁମାନେ ଆତଙ୍କବାଦୀଙ୍କୁ ସହଯୋଗ, ସହାୟତା ଏବଂ ଆଶ୍ରୟ ଦେଉଛନ୍ତି ସେମାନଙ୍କୁ ମଧ କଠୋର ଦଣ୍ଡ ମିଳିବା ଉଚିତ। ଆଶା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ଦୃଢ଼ତା ସାରା ବିଶ୍ୱବାସୀ ଦେଖିବେ। ପହଲଗାମ ଆକ୍ରମଣରେ ସମ୍ପୃକ୍ତ ୩ଜଣଙ୍କର ସ୍କେଚ ଜାରି କରାଯାଇଛି। ଆଜି ନହେଲେ କାଲି ସେମାନେ ଭାରତୀୟ ସେନା ହାତରେ ପ୍ରାଣ ହରାଇବେ। କିନ୍ତୁ କିଛି ବ୍ୟକ୍ତି ମରିଗଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ। ଏହା ପଛରେ ଥିବା ମତବାଦ, ଭୁଲ ଧାରଣା ଏବଂ ଆତଙ୍କବାଦ ଚିନ୍ତାଧରାକୁ ହତ୍ୟା କରାଯିବା ଉଚିତ। ଅସ୍ତ୍ରର ଉତ୍ତର ଅସ୍ତ୍ରରେ ଦିଆଯିବା ଉଚିତ। କାଶ୍ମୀର ଉପତ୍ୟକାକୁ ସମ୍ପୂର୍ଣ୍ଣ ଭାବେ ଆତଙ୍କବାଦରୁ ମୁକ୍ତ କରାଯିବା ଉଚିତ। ଏଥିପାଇଁ ଆବଶ୍ୟକ ପଡ଼ିଲେ ମାନବାଧିକାରକୁ ବଳି ଦିଆଗଲେ ମଧ କ୍ଷତି ନାହିଁ।

# ସର୍ବଦେବତା ସ୍ୱରୂପ ସତ୍ୟସାଇ



କିଶୋର କୁମାର ଜେନା

ଆମ ସମସ୍ତଙ୍କ ଜୀବନରେ ଧର୍ମର ମହତ୍ୱ ରହିଛି। ସବୁ ଧର୍ମର ଲୋକ ନିଜ ନିଜ ମାନତ୍ୟା ଅନୁଯାୟୀ ପ୍ରାର୍ଥନା କରିଥାନ୍ତି ଏବଂ ଈଶ୍ୱରଙ୍କୁ ସ୍ମରଣ କରିଥାନ୍ତି। ଏପରି କରିବା ଦ୍ୱାରା ଆମକୁ କଠିନ ସମୟରେ ମଧ ନିଜର ଲକ୍ଷ୍ୟ ପ୍ରତି ଏକାଗ୍ରତା ବଜାୟ ରଖିବାରେ ସହାୟତା ମିଳିଥାଏ। ଆସନ୍ତୁ କେତେକ ବିନ୍ଦୁ ଆଧାରରେ ଜାଣିବା ଯେ କିପରି ଆଧାତ୍ମ ଆମର ଜୀବନ, ବିଚାରଧାରା, କୃତ୍ୟ ଏବଂ ଆଚରଣକୁ ପ୍ରଭାବିତ କରିଥାଏ। ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି "ମନସ୍ୟେକମ୍, ବଚସ୍ୟେକମ୍, କର୍ମଣ୍ୟେକମ୍'। ସତ୍ୟ ହେଉଛି ବାସ୍ତବତା ସହିତ ସମ୍ପୂର୍ଣ୍ଣ ଐକ୍ୟ। ଏହା ଜୀବାତ୍ମାର ଆଧାତ୍ମିକ ଓ ଅପରିବର୍ତ୍ତନୀୟ ବିଭାବ। ଏହା ହିଁ ପ୍ରତ୍ୟେକ ଜୀବର ପ୍ରକୃତ ସ୍ୱଭାବ। ଏହା ଆମ ପ୍ରତ୍ୟେକଙ୍କ ମଧ୍ୟରେ ରହିଥିବା ଦୈବତ୍ୱ। ପୁଟ୍ଟପର୍ତ୍ତୀ ଆନ୍ଧ୍ରପ୍ରଦେଶ ଅନନ୍ତପୁର ଜିଲ୍ଲାର ଗୋଟିଏ ଛୋଟିଆ ଗାଁ। ସେଇ ଗାଁରେ ଜନ୍ମ ନେଇଥିଲେ ଭଗବାନ ଶ୍ରୀସତ୍ୟସାଇ ବାବା। ୧୯୨୬ ମସିହା ନଭେମ୍ବର ୨୩ ତାରିଖ କାର୍ତ୍ତିକ ମାସ ସୋମବାର ଦିନ। ପାରମ୍ପିକ ସତ୍ୟନାରାୟଣ ପୂଜା ସରିବା ପରେ ମାତା ଈଶ୍ୱରାମ୍ମା ସତ୍ୟନାରାୟଣଙ୍କ ପ୍ରସାଦ ଗ୍ରହଣ କରିଥିଲେ ଏବଂ ତାପରେ ଜନ୍ମ ନେଇଥିଲେ ସତ୍ୟସାଇ ବାବା; ସତ୍ୟନାରାୟଣଙ୍କ ପ୍ରସାଦରୁ ଜନ୍ମ ନେଇଥିବାରୁ ନାମ ଦିଆହେଲା ସତ୍ୟ ନାରାୟଣ ରାଜୁ, ଜନ୍ମ ହେବା ପୂର୍ବରୁ ଏବଂ ଜନ୍ମ ହେବା ପରେ ବହୁ ଅଲୌକିକ ଘଟଣା ଘଟି ଚାଲିଥିଲା। ସାତବର୍ଷ ବୟସରେ ସେ ସ୍କୁଲରୁ ଫେରି ଗୃହତ୍ୟାଗ କରି ନିଜକୁ ସତ୍ୟସାଇ ବୋଲି ଘୋଷଣା କରିଥିଲେ, ସେ ଆଜି ମର ଶରୀରରେ ନାହାନ୍ତି ସତ, କିନ୍ତୁ ପୃଥିବୀରେ ବର୍ତ୍ତମାନ ଏପରି କୌଣସି ଦେଶ ନାହିଁ, ଯେଉଁଠି ଭକ୍ତମାନେ ତାଙ୍କ ଅନୁଗ୍ରହ ଉପକାର ଅନୁଭବ କରୁନାହାନ୍ତି। ଦୈବସତ୍ତା ସବୁବେଳେ ଭକ୍ତମାନଙ୍କୁ ଡାକରାକୁ କାନ ଦେଇ ବସିଥାଏ। ଆବଶ୍ୟକତା ଅନୁଯାୟୀ ଯୁଗାବତାରମାନେ ନିଜର ସ୍ୱଭାବ ପ୍ରକଟ କରନ୍ତି।

ଯୋଗୀରାଜ ଶ୍ରୀ ଅରବିନ୍ଦଙ୍କ ମତରେ "ସବୁଯୁଗରେ ଅବତାରଙ୍କର କର୍ମ କୌଶଳ ସମାନ ରହିବ ବୋଲି ଆଶା କରାଯାଇ ନପାରେ।' ଆଜିର ସଂଶୟାତ୍ମକ ଯୁଗରେ ଦୈବଶକ୍ତିର ପ୍ରତ୍ୟକ୍ଷ ନିଦର୍ଶନ ନ ଦେଖିଲେ, ଲୋକମାନେ ତାଙ୍କ ଠାରେ ଆତ୍ମସମର୍ପଣ କରନ୍ତି ନାହିଁ। ଭଗବାନ କେବଳ ମନ୍ଦିର, ମସ୍‌ଜିଦ୍ ବା ଗୀର୍ଜାରେ ଅଛନ୍ତି ବୋଲି ଆମେ ଭାବିବା ଠିକ୍ ନୁହେଁ। ଭଗବାନଙ୍କ ଆସନ ହେଉଛି ଭକ୍ତର ହୃଦୟ। ସେଥିପାଇଁ ଗୀତାରେ କୁହାଯାଇଛି - "ପଶ୍ୟନ୍ନପି ଚ ନ ପଶ୍ୟତି'। ଆମ୍ଭେମାନେ ବାହାରେ ଦେଖୁଥିବା ପ୍ରତ୍ୟେକ ବସ୍ତୁ କେବଳ ଆମ ମାନଙ୍କର ଅନ୍ତରାତ୍ମାର ପ୍ରତିଫଳନ। "ସର୍ବତଃ ପାଣିପାଦଂ ତଥ୍ ସର୍ବତୋକ୍ଷି ଶିରୋମୁଖମ୍।' ସମସ୍ତ ପାଦ, ହାତ, ଆଖି, ମସ୍ତକ ସବୁ ତାଙ୍କର। ଏହାର ଅର୍ଥ ସେ ପ୍ରତ୍ୟେକ ଜୀବ ଭିତରେ ଅଛନ୍ତି।

କେବଳ ସଂଗଠନର ନିୟମ ଅନୁଯାୟୀ ସେବାଦଳ ହୁଅନ୍ତୁ



ବା ଯେକୌଣସି ବିଭାଗ, ସେମାନଙ୍କୁ ଦିଆଯାଉଥିବା କାର୍ଯ୍ୟକୁ ସମ୍ପାଦନ କରିବାଟା ଭକ୍ତି ବୋଲି ସ୍ୱୀକୃତ ହୁଏନାହିଁ। ପ୍ରେମଭାବର ସହ କରାଯାଉଥିବା କର୍ତ୍ତବ୍ୟ ହିଁ ବାଞ୍ଛନୀୟ। ସେବା କରିବା ମାଧ୍ୟମରେ ଆମେମାନେ ଉପଲବ୍ଧ କରିବା ଯେ ଆମେ ସମସ୍ତେ ସେହି ଦୈବୀ ସାଗରର ତରଙ୍ଗ ମାତ୍ର। ଅନ୍ୟାନ୍ୟ କୌଣସି ସାଧନା ମାଧ୍ୟମରେ ସମସ୍ତ ଜୀବନ୍ତ ପ୍ରାଣୀ ମାନଙ୍କ ମଧ୍ୟରେ ଥିବା ଐକ୍ୟ ଉପଲବ୍ଧ ହୋଇପାରିବନାହିଁ। ଅନ୍ୟର ଦୁଃଖକୁ ନିଜ ଦୁଃଖ ଭାବେ ଦେଖିବା, ଅନ୍ୟର ସଫଳତାକୁ ନିଜର ସଫଳତା ଭାବେ ଗ୍ରହଣ କରିବା, ଅନ୍ୟ ମାନଙ୍କୁ ନିଜ ପରି ଦେଖିବା ଓ ନିଜକୁ ପ୍ରତ୍ୟେକଙ୍କ ଭିତରେ ଦେଖିବା ହେଉଛି ସେବା ସାଧନାର ଅନ୍ତର୍ନିହିତ ତତ୍ତ୍ୱ। ସେବା ଆତ୍ମୋଲବ୍ଧି ପାଇଁ ଉଦ୍ଦିଷ୍ଟ ନବଧା ଭକ୍ତି ମଧ୍ୟରୁ ଏକ ସୋପାନ। ସେ ଦୃଷ୍ଟିରୁ ଆମେମାନେ ଏଥିପାଇଁ ନିଷ୍ଠାର ସହ ଉଦ୍ୟମ କରିବା ଦରକାର। ପ୍ରେମଭାବ କଠିନତମ ହୃଦୟ ପାଇଁ ମଧ ଶ୍ରେଷ୍ଠ ଦ୍ରାବକ। ପ୍ରେମଭାବ ଆମ ମାନଙ୍କ ହୃଦୟ ପଦ୍ମକୁ ବିକଶିତ କରୁ, ଯେଉଁ ସେବା କର୍ମରେ ଆମେ ନିୟୋଜିତ ହେଉଛେ ସେ ସମସ୍ତ କାର୍ଯ୍ୟରେ ବିଜୟୀ ପାଇଁ ଅଗ୍ରସର ହେବା ଉଚିତ। ନଦୀ ବହି ଚାଲେ କେତେକ ଅଞ୍ଚଳର ଉପକାର କରିବା ପାଇଁ କିନ୍ତୁ ନିଜେ ଜଳପାନ ଦରକାର କରେନା। ବୃକ୍ଷ ନିଜର ଫଳ ଖାଇନଥାଏ ଆମ ମାନଙ୍କୁ ସୁସ୍ୱାଦୁ ଫଳ ବିତରଣ କରେ। ମେଘ ବର୍ଷି ଚାଲେ ଅନ୍ୟର ଉପକାର ପାଇଁ। ଗୋ ମାତା ଦୁଗ୍ଧ ଦେଇ ଚାଲେ ଆମର ଆବଶ୍ୟକତା ପୂରଣ ପାଇଁ। ନିଜେ ତ ଟୋପାଏ ପିଇ ନଥାଏ ତେଣୁ କୁହାଯାଏ "ପରୋପକାରର୍ଥଂ ଇଦମ୍ ଶରୀରମ୍'। ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେହି ବିଶ୍ୱ ନିୟନ୍ତାଙ୍କ ସନ୍ତାନସନ୍ତତି ମଣି କିଛି କିଛି ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ସାଇ ସେବକର ହୃଦୟ ପବିତ୍ରତା, ନିର୍ମଳତା ଓ ପ୍ରେମ ପ୍ରବାହରେ ପ୍ଲାବିତ ହୋଇଥିବା କଥା। ଭଗବାନ ଶ୍ରୀସତ୍ୟସାଇ ସେବା ସୁଯୋଗର ଏହି ଦିବ୍ୟ ଅବସର ଆମ୍ଭ ମାନଙ୍କୁ ପ୍ରଦାନ କରିଛନ୍ତି। ନିଃସ୍ୱାର୍ଥପର ଭାବରେ ଅନ୍ୟର ଦୁଃଖ, ଯନ୍ତ୍ରଣା ଓ ଅଭାବ ଲାଘବ କରିବା ହେଉଛି ଏକ ମହତ୍ କର୍ମ। ଭଗବାନ କୁହନ୍ତି ବୁବୁକ୍ଷୁଭ ଠାରେ ଖାଦ୍ୟରୂପୀ ଭଗବାନ, ରୁଗଣକୁ ଔଷଧରୂପୀ ଭଗବାନ, ବସ୍ତ୍ରହୀନକୁ ବସ୍ତ୍ରୀରୂପୀ ଭଗବାନ ଓ ତୃଷ୍ଣାର୍ଥକୁ ଜଳରୂପୀ ଭଗବାନ ପହଞ୍ଚାଇ ଦିଅ। ପ୍ରତ୍ୟେକ ଅସହାୟ ବ୍ୟକ୍ତିର ହୃଦୟ ହେଉଛି ଭଗବାନଙ୍କର ମନ୍ଦିର। ଯେଉଁଠି ଆମେ ସେବ ରୂପକ ନୈବେଦ୍ୟ ଅର୍ପଣ କରିପାରିବା। ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ, ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା। ଆଜି ହେଉଛି ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୧୪ତମ ମହାପ୍ରୟାଣ ତିଥି ଯାହା ଆରାଧନା ମହୋତ୍ସବ ଭାବେ ସମଗ୍ର ବିଶ୍ୱରେ ପାଳିତ ହୋଇଥାଏ। ବାବା ଆଜି ମରଶରୀରରେ ନାହାନ୍ତି ସତ, କିନ୍ତୁ ତାଙ୍କର ଅନୁଗ୍ରହ ଏବେ ମଧ ଭକ୍ତମାନଙ୍କ ନିକଟରେ ଜୀବିତ ହୋଇ ରହିଛି। ଶ୍ରୀସତ୍ୟଇ ବାବା ଯେ, ଅବତାର ତାର ଅବିସମ୍ବାଦି ପ୍ରମାଣ ହେଲା, ତାଙ୍କର ଶକ୍ତି, ଯାହାବଳରେ ସେ ସାରା ସଂସାରରେ ଲକ୍ଷ ଲକ୍ଷ ଲୋକଙ୍କୁ ଆକୃଷ୍ଟ କରି ଧର୍ମମାର୍ଗରେ ନିୟୋଜିତ କରିଛନ୍ତି, ସେହି ଶକ୍ତି ହିଁ ପ୍ରମାଣ କରି ସେ "ସର୍ବଦେବତା ସ୍ୱରୂପ'।

**ଆଇନଜୀବୀ, ବଙ୍ଗାଳିସାହି, କଟକ**
**ମୋବାଇଲ୍: ୭୩୨୫୯୦୪୯୨୭/୭୩୭୭୪୩୯୦୭୭**

# ବିପଦରେ ବିପନ୍ନ ହେଲେ କ'ଣ କରିବା ?

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଏହି ସମଗ୍ର ସୃଷ୍ଟିର ତତ୍ତ୍ୱାବଧାରକ ଏବଂ ନିର୍ଦ୍ଦେଶକ ହେଉଛନ୍ତି ପରମାତ୍ମା। ସୃଷ୍ଟିର ଜନ୍ମ-ମୃତ୍ୟୁ ଏବଂ ପ୍ରଳୟର ସେ ଏକମାତ୍ର ଦ୍ରଷ୍ଟା। ଯଦିଓ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ସେ ହେଉଛନ୍ତି ସ୍ରଷ୍ଟା ସେ କିନ୍ତୁ ନିର୍ଲିପ୍ତ। ସେ କୌଣସିଥିରେ ସମ୍ପୃକ୍ତ ନୁହନ୍ତି। ସେ ହେଉଛନ୍ତ ସ୍ୱସମ୍ବେଦ୍ୟ ଅର୍ଥାତ୍ ସଂବେଦନ ଠାରୁ ବହୁ ଉଦ୍ଧ୍ୱର୍ରେ। ସୃଷ୍ଟିର ଆରମ୍ଭ ପୂର୍ବରୁ ପରମାତ୍ମା ଥିଲେ ଏବଂ ସୃଷ୍ଟିର ବିନାଶ ପରେ ମଧ ସେ ରହିଥିବେ। ପରମାତ୍ମାଙ୍କ ଠାରୁ ସୃଷ୍ଟିର ଆରମ୍ଭ ଏବଂ ତାଙ୍କରି ଠାରେ ଏହାର ବିଲୟ। ପରମାତ୍ମା କିନ୍ତୁ ସେହିପରି ନିଶ୍ଚଳ ଥିବେ।

ସଂକ୍ଷେପରେ କୁହାଯାଇପାରେ ଯେ ଏହି ପ୍ରକାଣ୍ଡ ବିଶ୍ୱକୁ ଏକ ମହାଶକ୍ତି ପରିଚାଳିତ କରୁଛି ଏବଂ ସେହି ମହାଶକ୍ତି ହେଉଛନ୍ତି ପରମାତ୍ମା। ଯାହା ସବୁ ଆମର ଦୃଶ୍ୟ ହେଉଛି ତାହାଠାରୁ ତାଙ୍କର ସ୍ଥିତି ହେଉଛି ଭିନ୍ନ। ସୃଷ୍ଟିରେ ଯାହା କିଛି ଅଛି ସେ ସବୁର ସେ ହେଉଛନ୍ତି ଅଭିନ୍ନ ଅଂଗ। ତେବେ ଏ ସବୁକୁ ସୃଷ୍ଟି କରିବା ପରେ ପରମାତ୍ମାଙ୍କ ସ୍ଥିତି ହେଉଛି ସ୍ୱତନ୍ତ୍ର ଏବଂ ସ୍ୱାଧୀନ। ପରମାତ୍ମାଙ୍କର ଏହି ସର୍ବବ୍ୟାପୀ ଗୁଣ ଯୋଗୁ ତାଙ୍କୁ ଅନେକ ଅଜ, ଅମର ଏବଂ ଅନାଦି କହିଥାନ୍ତି। କେବଳ ସେତିକି ନୁହେଁ ତାଙ୍କୁ ମଧ ଅନନ୍ତ, ଅବିଚ୍ଛିନ୍ନ, ଅର୍ନିବାଚନୀୟ ଏବଂ ସଦଚିତ ଆନନ୍ଦ କୁହାଯାଏ। ପରମାତ୍ମାଙ୍କର ସର୍ବବ୍ୟାପୀ ଗୁଣକୁ ବର୍ଣ୍ଣନା କରିବାକୁ ଯାଇ କୁହାଯାଏ ଯେ ସେ ହେଉଛନ୍ତି ସୂକ୍ଷ୍ମାତିସୂକ୍ଷ୍ମ ଏବଂ ବିଶାଳତା ଠାରୁ ମଧ ବିଶାଳ। ତେବେ ପରମାତ୍ମାଙ୍କ ଗୁଣକୁ ବର୍ଣ୍ଣନା କରିବାକୁ ଶବ୍ଦ ଯଥେଷ୍ଟ ନୁହେଁ।

ଜଣେ ମା' ବ୍ୟାକୁଳ କଣ୍ଠରେ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ କହିଲେ - ବାବା! ମୁଁ ବଡ଼ ବିପନ୍ନ। କ'ଣ କଲେ ମୋର ବିପଦ ଯିବ? ମୋତେ ଗୋଟିଏ ରାସ୍ତା ବତାଇ ଦିଅନ୍ତୁ। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଗଭୀର ସମବେଦନାର ସହିତ କହିଲେ - କ'ଣ ଆଉ କରିବୁ ମା! ପ୍ରାଣ ଭରି ଭଗବାନଙ୍କୁ ଡାକ। ଭଗବାନଙ୍କର ନାମ କର। ତାଙ୍କ ଛଡ଼ା ମଣିଷର ଆଉ କ'ଣ ବା ସମ୍ବଳ ଅଛି କହ? ଭଗବାନଙ୍କ ବ୍ୟତୀତ ଆଉ ଯାହା କିଛି ଉପରେ ହିଁ ମଣିଷ ନିର୍ଭର କରିବାକୁ ଯାଏ, ସମସ୍ତେ ହିଁ ଜଣ ଜଣ କରି ଅପସରି ଯାଆନ୍ତି, କୌଣସିଟା ହିଁ ଦୀର୍ଘସ୍ଥାୟୀ ହୁଏ ନାହିଁ। ତାଙ୍କୁ ଯିଏ ଭଲ ପାଏ, ସମ୍ପଦରେ, ବିପଦରେ ଯିଏ କେବେ ବି ତାଙ୍କୁ ଭୁଲେ ନାହିଁ, ସେ କିନ୍ତୁ କମ ଘାବୁରାଇ ଥାଏ।



ଲୋକମାନେ ତାଙ୍କୁ ବିପଦ ବାରଣ କରିଥାନ୍ତି। ଶରୀର ଠିକ ରଖ, ଆଉ ତୋ ମନରେ କେହି କଷ୍ଟ ଦେଲେ ବି ତୁ କାହାରି ମନରେ କଷ୍ଟ ଦେବୁ ନାହିଁ। ଯେତେ ଟିକେ ପାରିବୁ ମଣିଷର ଭଲ କରିବୁ ଏବଂ ଭଗବାନ ପାଖରେ ସମସ୍ତଙ୍କର ମଙ୍ଗଳ ପ୍ରାର୍ଥନା କରିବୁ। ଏହି ଭାବରେ ଚଳିଲେ ଦେଖିବୁ ଭଗବାନଙ୍କ ଦୟାରେ ବିପଦର ସମୟରେ ସହାୟ ସମ୍ବଳର ଅଭାବ ହେବନାହିଁ ଏବଂ ମନରେ ବଳ ପାଇବୁ।

ବିଶ୍ୱର ସମସ୍ତ ଜଡ଼ ଏବଂ ଜୀବ ପରମାତ୍ମାଙ୍କ ଠାରୁ ସୃଷ୍ଟ। ପଞ୍ଚମହାଭୂତ ଯଥା ମାଟି, ପାଣି, ପବନ, ନିଆଁ ଏବଂ ବ୍ୟୋମର ସେ ହେଉଛନ୍ତି ନିୟନ୍ତ୍ରକ। ସ୍ଥାନ ଏବଂ ସମୟ ଠାରୁ ସେ ସ୍ୱାଧୀନ। ସେ ହେଉଛନ୍ତି ପରମାନନ୍ଦ। ତାଙ୍କୁ କେବଳ ସର୍ବଶକ୍ତିମାନ ଭାବେ ସମ୍ମାନ ପ୍ରଦର୍ଶନ କରାଯାଏ ନାହିଁ, ସେ ହେଉଛନ୍ତି ସବୁ ଶକ୍ତିର ସମନ୍ୱୟ ରକ୍ଷାକାରୀ। ପରମାତ୍ମାଙ୍କର ଜନ୍ମ ବା ମୃତ୍ୟୁ ନାହିଁ। ତାଙ୍କର ବୃଦ୍ଧି ନାହିଁ କିମ୍ବା କ୍ଷୟ ନାହିଁ। ପରମାତ୍ମା ସବୁବେଳେ ସତ ଚିତ ଆନନ୍ଦ ଅବସ୍ଥାରେ ବାସ କରୁଥାନ୍ତି।

ଈଶ୍ୱର ଏବଂ ସନ୍ଥ ହେଉଛନ୍ତି ଅଭିନ୍ନ। ଭୂଲୋକରେ ସନ୍ଥମାନେ ପରମାତ୍ମାଙ୍କ ପ୍ରତୀକ ଭାବେ କାର୍ଯ୍ୟ କରନ୍ତି। ପରମାତ୍ମା ମଣିଷ ଶରୀର ନେଇ ଜନ୍ମ ହେବା ଦ୍ୱାରା ଏହି ମର ଦୁନିଆରେ ଯାହା ସବୁ ଭୋଗିବାକୁ ପଡ଼େ ତାହା ମାନବ ହୋଇ ଜନ୍ମ ନେଇଥିବା ପରମାତ୍ମାଙ୍କ କ୍ଷେତ୍ରରେ ମଧ ହୋଇଥାଏ। ଏହି ଲୌକିକ ଦୁନିଆରେ କାର୍ଯ୍ୟ କରୁଥିଲେ ମଧ ସେ ଅଲୌକିକ ହୋଇରହନ୍ତି। ଭଗବାନ କହିଛନ୍ତି ଧର୍ମର ପତନ ହେବା ମାତ୍ରେ ସେ ମାନବ ଶରୀର ନେଇ ଧରାରେ ଜନ୍ମ ଗ୍ରହଣ କରି ଦୁଷ୍ଟଙ୍କ ନିବାରଣ କରନ୍ତି ଏବଂ ସନ୍ଥଙ୍କ ରକ୍ଷା କରନ୍ତି। ପରମାର୍ଥ ଲାଭ ମାର୍ଗରେ ବହୁ ପ୍ରତିବନ୍ଧକମାନ ରହିଛି। ସେଗୁଡ଼ିକ ହେଲା ଅହଂକାର, ଅବିଦ୍ୟା, ଲୋଭ, ମୋହ ଏବଂ କାମ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହିସବୁ ଗୁଣଠାରୁ ଦୂରେଇ ରହିବା ପାଇଁ ଆଶ୍ରିତ ମାନଙ୍କୁ ସବୁବେଳେ ପରାମର୍ଶ ଦେଇଛନ୍ତି। ଆତ୍ମ ସ୍ୱରୂପ ଏବଂ ଆତ୍ମ ବିବେକରେ ରହିବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି। ମନ ଉପରେ ଜୟଲାଭ ନିମନ୍ତେ ସେ ତାଙ୍କର ଭକ୍ତମାନଙ୍କୁ ସାହାଯ୍ୟ କରିଥାଆନ୍ତି। ବିବେକ ଏବଂ ବୈରାଗ୍ୟର ମାର୍ଗରେ ଭକ୍ତଙ୍କୁ ନେଇ ଭବସାଗର ପାର କରାଇବାରେ ଶ୍ରୀ ଶ୍ରୀ ଠାକୁର ସାହାଯ୍ୟ କରନ୍ତି। ଏଥିନିମନ୍ତେ ଭକ୍ତ ସଦଗୁରୁଙ୍କ ପାଦତଳେ ନିଜର ଶରୀର, ଧନ ଏବଂ ଆତ୍ମାକୁ ସମର୍ପଣ କରିବା ଉଚିତ। ସଦଗୁରୁ ଏତିକି ମାତ୍ର ଚାହାଁନ୍ତି। ସଦଗୁରୁଙ୍କ ଜୀବନର ଲକ୍ଷ୍ୟ ହେଉଛି ତାଙ୍କ ନିକଟରେ ଯିଏ ନିଜକୁ ସମର୍ପଣ କରିଦେଇଛି ଏବଂ ତାଙ୍କର ନାମ ଜପ କରୁଛି ତାକୁ ମୋକ୍ଷ ପ୍ରଦାନ କରିବା।

**ସହ-ପ୍ରତିରଦ୍ଧିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**

# ବିହାର ରାଜନୀତି

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)



**ମୁଖ୍ୟମନ୍ତ୍ରୀ ପଦ ପାଇଁ ବିଜେପିର ବହୁ ତୁଙ୍ଗ ନେତା ଆଶାୟୀ ଥିବା ସେମାନଙ୍କ ଆଚରଣ ଓ ଉଚ୍ଚାରଣ ସଂକେତ ଦେଇଛି। ମୁଖ୍ୟମନ୍ତ୍ରୀ ପଦ ପାଇଁ ନୀତିଶ କୁମାରଙ୍କ ନାମ ବିଜେପି କେନ୍ଦ୍ରୀୟ ନେତାମାନେ ଘୋଷଣା କରିଥିବା ସତ୍ୱେ ନିର୍ବାଚନରେ ଦଳ ଯଦି ମେଂଟରେ ସର୍ବବୃହତ ଅଂଶୀଦାରର ମର୍ଯ୍ୟଦା ବଜାୟ ରଖେ, ତେବେ ମହାରାଷ୍ଟ୍ର ଘଟଣାର ପୁନରାବୃତି ଘଟିବା କିଛି ଅସମ୍ଭବ ନୁହେଁ।**



ଚଳିତ ବର୍ଷ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନ ଆଉ ମାତ୍ର କିଛି ମାସ ବାକିଥିବାବେଳେ ବର୍ତ୍ତମାନ ଠାରୁ ବିଭିନ୍ନ ରାଜନୈତିକ ଦଳମାନଙ୍କ ପକ୍ଷରୁ ବ୍ୟାପକ ତତ୍ପରତା ପ୍ରକାଶ ପାଇବା ସ୍ୱାଭାବିକ। ଉଭୟ ଏନଡିଏ ଓ ଇଣ୍ଡିଆ ମେଂଟ ନିଜ ନିଜ ମଧ୍ୟରେ ବୁଝାମଣା ଆରମ୍ଭ କରିଦେଇଥିବା ଲକ୍ଷ୍ୟ କରାଯାଇଛି। ବିଶେଷ କିଛି ଗତ ସାଧାରଣ ନିର୍ବାଚନରେ ଶାସକ ବିଜେପି ଆଶାତୀତ ସଫଳତା ପାଇନଥିବାବେଳେ ମହାରାଷ୍ଟ୍ରରେ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ସହ କ୍ଷମତାସୀନ ହେବା ଏବଂ ହରିଆନାରେ କ୍ରମାଗତ ତୃତୀୟ ଥର ପାଇଁ ବିଜୟୀ ହେବା ପରେ ବିହାର ଦଖଲ ଅଭିଯାନକୁ ଦଳ ଏବେ ତ୍ୱରାନ୍ୱିତ କରିଛି। ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଦଳର ବହୁ ବରିଷ୍ଠ ନେତା ଇତି ମଧ୍ୟରେ ରାଜ୍ୟକୁ ବାରମ୍ବାର ଗସ୍ତ କରି ବହୁ ପ୍ରସ୍ତାବିତ ପ୍ରକଳ୍ପର ଶିଳାନ୍ୟାସ କରିଥିବାବେଳେ ବହୁ ପ୍ରକଳ୍ପକୁ ଲୋକାର୍ପିତ କରିଛନ୍ତି। କେବଳ ଏତିକି ନୁହେଁ, ରାଜ୍ୟର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କାର ଅନୁଦାନ ଘୋଷଣା ମଧ କରିଛନ୍ତି। କେବଳ ଏତିକି ନୁହେଁ, ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଜେଡିୟୁ, ଚିରାଗ ପଶ୍ୱାନଙ୍କ ଏଲଜେପି ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ମାନଝୀଙ୍କ ଗୋଷ୍ଠୀ ସହ ମେଂଟ କରି ବିଜେପି ନିର୍ବାଚନ ଲଢିବ ଏବଂ ନୀତିଶ ପୁନର୍ବାର ମୁଖ୍ୟମନ୍ତ୍ରୀ ହେବ ନେଇ ସଂକେତ ଦେଇସାରିଲେଣି। ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇ ଦଶନ୍ଧି ପୂର୍ବରୁ ମେଂଟରେ ବିଜେପି ଦୁଇନମ୍ବର ଦଳ ଭାବେ ବିବେଚିତ ହୋଇଥିବାବେଳେ ଗଲା ବିଧାନସଭା ନିର୍ବାଚନରେ (ଜେଡିୟୁ) କୁ ପଛରେ ପକାଇ ମେଂଟରେ ଏକ ନମ୍ବର ସ୍ଥାନ ଦଖଲ କରିଛି। ଆସନ୍ତା ନିର୍ବାଚନରେ ଏନଡିଏ ବିଜୟୀ ହେବା ନେଇ ବିଜେପି ଦୃଢ଼ ଆଶାବାଦୀ। ତେବେ ମୁଖ୍ୟମନ୍ତ୍ରୀ ପଦ ପାଇଁ ବିଜେପିର ବହୁ ତୁଙ୍ଗ ନେତା ଆଶାୟୀ ଥିବା ସେମାନଙ୍କ ଆଚରଣ ଓ ଉଚ୍ଚାରଣ ସଂକେତ ଦେଇଛି। ମୁଖ୍ୟମନ୍ତ୍ରୀ ପଦ ପାଇଁ ନୀତିଶ କୁମାରଙ୍କ ନାମ ବିଜେପି କେନ୍ଦ୍ରୀୟ ନେତାମାନେ ଘୋଷଣା କରିଥିବା ସତ୍ୱେ ନିର୍ବାଚନରେ ଦଳ ଯଦି ମେଂଟରେ ସର୍ବବୃହତ ଅଂଶୀଦାରର ମର୍ଯ୍ୟଦା ବଜାୟ ରଖେ, ତେବେ ମହାରାଷ୍ଟ୍ର ଘଟଣାର ପୁନରାବୃତି ଘଟିବା କିଛି ଅସମ୍ଭବ ନୁହେଁ। କହିବା ବାହୁଲ୍ୟ ଯେ, ନିର୍ବାଚନ ପୂର୍ବରୁ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଏକନାଥ ସିନ୍ଦେଙ୍କ ନାମ ଘୋଷଣା କରିଥିବାବେଳେ ନିର୍ବାଚନ ପରେ ଦଳର ନେଇ ଦେବେନ୍ଦ୍ର ଫଣ୍ଡନବିଶ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲା। ସିନ୍ଦେଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ଏବେ ବୟସାଧିକ ଓ ସ୍ୱାସ୍ଥ୍ୟଗତ କାରଣରୁ ନୀତିଶଙ୍କ ନେତୃତ୍ୱ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇପାରେ। ଅନ୍ୟପକ୍ଷରେ ଗତ ବିଧାନସଭା ନିର୍ବାଚନରେ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଆରଜେଡି କ୍ଷମତା ଠାରୁ ଅଳ୍ପ ବ୍ୟବଧାନରେ ରହିଯାଇଥିବାବେଳେ ଏଥର ସହଯୋଗୀଙ୍କୁ ନେଇ କ୍ଷମତା ଦଖଲ ପାଇଁ ଦଳ ଗୋଟି ଚାଳନା କରୁଥିବା ମନେ ହୁଏ। ତେଜସ୍ୱୀ ଯୁବଗୋଷ୍ଠୀଙ୍କୁ ଏକତ୍ରିତ କରି ନିର୍ବାଚନ ବୈତରଣୀ ପାର ହେବା ଲାଗି ଯୋଜନାରେ ଲାଗି ପଡିଛି। ତେଜସ୍ୱୀ ରାଜ୍ୟର ବିଭିନ୍ନ ଅଂଚଳ ଗସ୍ତ କରି ସଭା, ସମିତିରେ ଯୋଗ ଦେଇଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, କହ୍ନେୟା କୁମାର ରାଜ୍ୟର ବିଭିନ୍ନ ଅଂଚଳରେ ସମାବେଶ ଓ ପଦଯାତ୍ରା କରିବା ଉଲ୍ଲେଖନୀୟ ଘଟଣା। କହ୍ନେୟା କୁମାରଙ୍କୁ କଂଗ୍ରେସ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପିତ କରିଛି। ମହାମେଂଟକୁ ସକ୍ରୀୟ କରାଇଥିବା ସତ୍ୱେ ଆସନ ବୁଝାମଣା ନେଇ ଅଂଶୀଦାର ଦଳମାନଙ୍କ ମଧ୍ୟରେ ଏବେ ବି ସଂଶୟ ଲାଗି ରହିଛି। ଶେଷ ମୁହୂର୍ତ୍ତରେ ଆସନ ବଂଟନ କରି କମ୍ ଆସନ ଆରଜେଡି ଦେଇପାରେ ବୋଲି ଉଭୟ କଂଗ୍ରେସ ଓ ବାମପନ୍ଥୀ ମେଂଟ ଆଶଙ୍କା ପ୍ରକାଶ କରିବା ସ୍ୱାଭାବିକ। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୦ ବିଧାନସଭା ନିର୍ବାଚନରେ କଂଗ୍ରେସ ୭୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୧୯ଟି ଆସନ ପାଇଥିବାବେଳେ ବାମପନ୍ଥୀ ଦଳଗୁଡିକ ୧୯ଟି ଆସନରେ ଲଢି ୧୨ଟି ଆସନ ହାତେଇଥିଲେ। କଂଗ୍ରେସର ଆସନ ସଂଖ୍ୟା ହ୍ରାସ ପାଇବା ଏବଂ ବାମପନ୍ଥୀ ଦଳଗୁଡିକ ଅଧିକ ଆସନ ଦାବି କରିବା ନେଇ ଚର୍ଚ୍ଚା ହେଉଛି। ତେବେ ନିର୍ବାଚନ ସମୟ ପାଖେଇଥିଲେ, ଏହା ସ୍ପଷ୍ଟ ହୋଇଯିବ। ସେହିପରି ଚିରାଗଙ୍କ ଦାଦା ପଶୁପତି ପାରସଙ୍କ ନେତୃତାଧୀନ ଏଲଜେପି ଏଥର ଏନଡିଏ ହାତ ଛାଡିଥିବାବେଳେ ପ୍ରଶାନ୍ତ କିଶୋରଙ୍କ 'ଜନସୂରାଜ' ଦଳ କେତେଦୂର ବିଜେପିର ସଫଳତାକୁ ପ୍ରତିହିତ କରିବ, ନିର୍ବାଚନରେ ପ୍ରଭାବ ପକାଇବ, ତାହା ଫଳାଫଳ ହିଁ କହିବ କିନ୍ତୁ ରାଜେନୈତିକ ମନ୍ଥନ ଚଳିତ ବିହାର ବିଧାନସଭା ନିର୍ବାଚନକୁ ସରଗରମ କରିବ, ଏଥିରେ ସନ୍ଦେହ ନାହିଁ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ-୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

## ପହେଲଗାମ ଆତଙ୍କୀ ହମଲା

# ପାକିସ୍ତାନ ଲିଙ୍କ୍ ନେଇ ମିଳିଲା ବଡ଼ ପ୍ରମାଣ




**ଶ୍ରୀନଗର,୨୩।୪:**ପହେଲଗାମ୍ ଆତଙ୍କୀ ହମଲାରେ ପାକିସ୍ତାନ ଲିଙ୍କ୍ ନେଇ ବଡ଼ ପ୍ରମାଣ। ଡିଜିଟାଲ୍ ଫୁଟପ୍ରିଣ୍ଟ ଓ ଅନ୍ୟ ସୂଚନାରୁ ସାମ୍ନାକୁ ଆସିଲା ବଡ଼ ଷଡଯନ୍ତ୍ରର ବଡ଼ ତଥ୍ୟ। ପହେଲଗାମର ବେସରନ୍ ଭାଲିରେ ନରସଂହାର ରଚିଥିବା ଆତଙ୍କବାଦୀମାନେ ବାରବାର ପାକିସ୍ତାନର କାରଚୀ ଓ ମୁଜଫରାବାଦର ଯୋଗାଯୋଗରେ ଥିଲେ। ସେଠାରୁ ମିଳୁଥିଲା ସେମାନଙ୍କୁ ନିର୍ଦ୍ଦେଶ । ଜାତୀୟ ଗଣମାଧ୍ୟମରେ ଏନେଇ ଖବର ପ୍ରକାଶ ପାଇଛି । ଆତଙ୍କୀ ହମଲାରେ ପାକିସ୍ତାନ ଲିଙ୍କ୍ ନେଇ କିଛି ଡିଜିଟାଲ୍ ପ୍ରମାଣ ବି ମିଳିଛି। ଖାଲି ସେତିକି ନୁହେଁ ସେନାରେ ବ୍ୟବହାର ହେଉଥିବା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରୁ ଆତଙ୍କବାଦୀମାନେ ଫାୟାରିଂ କରିଥିବା ନେଇ ମଧ୍ୟ ଖବର ଆସୁଛି । ଏଇ ନରସଂହାର ପାଇଁ ଦାୟୀ କରୁଥିବା ଟିଆରଏଫ୍ ଆତଙ୍କୀ ସଂଗଠନ ଲସ୍କର ଏ ତୋଏବାର ପ୍ରକ୍ସି ଟିମ୍। ଲସ୍କର ଏ ତୋଏବାର ମୁଖ୍ୟ ହାଫିଜ ସଇଦି ପାକିସ୍ତାନରେ। ୨୦୦୮ ମୁମ୍ବାଇ ଆଟାକର ମାଷ୍ଟରମାଇଣ୍ଡ ମୋଷ୍ଟୱାଣ୍ଟେଡ୍ ହାଫିଜ୍ ପାକିସ୍ତାନ ସୁରକ୍ଷାରେ। ମଙ୍ଗଳବାର ପହଲଗାମରେ ମୃତ୍ୟୁର ବିଭୀଷିକା ରଚିଛନ୍ତି ଆତଙ୍କବାଦୀ। ଧର୍ମ ପଚାରି ମାରିଲେ ଗୁଳି। ଏହି ହୃଦୟ ବିଦାରକ ଘଟଣା ଛାତି ଥରାଇ ଦେଇଛି ସମସ୍ତଙ୍କର। କି ଦୋଷ କରିଥିଲେ ସେମାନେ? ସେମାନଙ୍କର ଦୋଷ କେବଳ ଏତିକି ସେମାନେ ହିନ୍ଦୁ ଥିଲେ। ହୋଟେଲର ଘାସ ଗାଲିଚାରେ ପ୍ରକୃତିର ମଜା ନେଉଥାନ୍ତି ପର୍ଯ୍ୟଟକ। କିଏ ଖାଉଥାଏ, କିଏ ଖେଳୁଥାଏ ଆଉ କିଏ ସ୍ମୃତିକୁ ସାଇତି ରଖିବାକୁ କ୍ୟାମେରାରେ କଏଦ କରୁଥାନ୍ତି। ଆଉ ଏତିକି ବେଳେ ହଠାତ୍ ସେନା ଆଉ ପୋଲିସ ପୋଷାକ ପିନ୍ଧି ପ୍ରବେଶ କରନ୍ତି ତିନି ଚାରିଜଣ। ସୁରକ୍ଷା କର୍ମୀ ଭାବି ସମସ୍ତେ ସହଯୋଗ କରନ୍ତି। ପ୍ରଥମେ ସେମାନେ ପର୍ଯ୍ୟଟକଙ୍କ ପରିଚୟ ମାଗନ୍ତି। ଆଉ ଯିଏ ହିନ୍ଦୁ ବୋଲି କୁହନ୍ତି ତାଙ୍କ ଉପରେ କରନ୍ତି ଅତର୍କିତ ଗୁଳି ଚାଳନା। ଘଟଣା ପରର ଭିଡିଓ ସାମ୍ନାକୁ ଆସିବା ପରେ ଯିଏ ଦେଖୁଛି ସିଏ ବିଚଳିତ ହୋଇଯାଉଛି। ଜଣେ ବ୍ୟକ୍ତି ଗୁଳିମାଡ଼ ପରେ ତଳେ ପଡ଼ିଛନ୍ତି। କିଛି ଦୂରତାରେ ତାଙ୍କ ପତ୍ନୀ ସାହାଯ୍ୟ ପାଇଁ ନେହୁରା ହେଉଥିବାର ଦୃଶ୍ୟ ସାରା ଦେଶକୁ ସ୍ତବ୍ଧ କରି ଦେଇଛି।

### ୩୫ ବର୍ଷରେ ପ୍ରଥମ ଥର ବନ୍ଦ ଡାକରା

ପହଲଗାମ୍‌ରେ ହୋଇଥିବା ଆତଙ୍କୀ ଆକ୍ରମଣର ପ୍ରତିବାଦରେ ଜମ୍ମୁ-କାଶ୍ମୀରରେ ବନ୍ଦ ଡାକରା । ପୂରା ଜମ୍ମୁ-କାଶ୍ମୀରରେ ଏହି ଆହ୍ୱାନର ପ୍ରଭାବ ଦେଖିବାକୁ ମିଳିଛି । ୩୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କାଶ୍ମୀର ଉପତ୍ୟାକାରେ ଏଭଳି ବନ୍ଦ ଦେଖଇବାକୁ ମିଳିଛି । ଏହି ଡାକରାରେ ବିଶେଷକରି ବ୍ୟବସାୟିକ ସଂଗଠନ ଏବଂ ରାଜନୈତିକ ଦଳ ସାମିଲ ଅଛନ୍ତି। ଶ୍ରୀନଗରରେ ଅଧିକାଂଶ ସ୍କୁଲ,କଲେଜ ସହିତ ଦୋକାନ ଏବଂ ଅନ୍ୟାନ୍ୟ ବ୍ୟବସାୟ ପ୍ରତିଷ୍ଠାନ ସହ ପେଟ୍ରୋଲ ପମ୍ପ ମଧ୍ୟ ବନ୍ଦ ରହିଥିଲା। ସୂଚନାନୁସାରେ, କେବଳ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିବା ଦୋକାନଗୁଡ଼ିକ ଖୋଲାଅଛି । କିଛି ସରକାରୀ ସ୍କୁଲ ମଧ୍ୟ ଖୋଲା ରହିଥିଲା । ରାସ୍ତାରେ ପରିବହନ ଯାନବାହନ ମଧ୍ୟ ବହୁତ କମ୍ ଦେଖିବାକୁ ମିଳିଛି। ବନ୍ଦର ପ୍ରଭାବ ବିଶେଷକରି କାଶ୍ମୀର ଉପତ୍ୟାକାର ଜିଲ୍ଲା ମୁଖ୍ୟାଳୟରେ ଦେଖିବାକୁ ମିଳିଛି । ତେବେ ପହଲଗାମ୍‌ରେ ଗତକାଲି ଯେଉଁ ବର୍ବର କାଣ୍ଡ ଘଟାଇଲେ ଆତଙ୍କବାଦୀ ସେଥିରେ ୨୬ ଜଣଙ୍କ ନିରୀହ ଜୀବନ ଚାଲିଗଲା । ଏହି ଆକ୍ରମଣ ପରେ କାଶ୍ମୀର ଉପତ୍ୟାକାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଦିଆ ଯାଇଛି। ଅନ୍ୟପକ୍ଷରେ ଜମ୍ମୁରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସନ୍ଦିଗ୍ଧ ଅଞ୍ଚଳରେ ପୁଲିସ ଏବଂ ଅର୍ଦ୍ଧସାମରିକ ବାହିନୀ ମୁତୟନ କରାଯାଇଛି। ପୂରା ଘଟଣାର ତଦନ୍ତ କରୁଛି ଏନଆଇଏ ।

### ପୁଲିସ ବର୍ଦ୍ଦିରେ ଥିଲେ ଆତଙ୍କୀ

ମହାରାଷ୍ଟ୍ରର ପୁଣେରୁ ପହଲଗାମ ବୁଲିବାକୁ ଆସିଥିଲେ ଆଶାବରୀ। ଆଶାବରୀଙ୍କ କହିବା ଅନୁଯାୟୀ, ଆତଙ୍କୀମାନେ ସ୍ଥାନୀୟ ପୋଲିସ ବର୍ଦ୍ଦିରେ ଥିଲେ ଏବଂ ମାସ୍କ ପିନ୍ଧିଥିଲେ। ଆତଙ୍କୀମାନେ କେବଳ ପୁରୁଷମାନଙ୍କୁ ଟାର୍ଗେଟ କରିଥିଲେ। ବିଶେଷକରି ହିନ୍ଦୁମାନଙ୍କୁ ଜବରଦସ୍ତ କଲମା ପଢ଼ାଇବାକୁ ଚେଷ୍ଟା କରୁଥିଲେ। ଯେଉଁମାନେ ପଢ଼ି ପାରୁ ନ ଥିଲେ ସେମାନଙ୍କୁ ଗୁଳି ମାରୁଥିଲେ।

### କେମିତି ଆସିଲେ ଆତଙ୍କୀ

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମଙ୍ଗଳବାର ଦ୍ୱିପହର ସମୟ। ଘାଟିର ଥଣ୍ଡା ଥଣ୍ଡା ପବନରେ ପର୍ଯ୍ୟଟକମାନେ ମନଖୁସିରେ ବୁଲୁଥିଲେ। ହଠାତ ଆତଙ୍କୀ ଆକ୍ରମଣ ଆରମ୍ଭ ହୋଇ ଯାଇଥିଲା । ପହଲଗାମ ଘନ ଜଙ୍ଗଲ ଆଚ୍ଛାଦିତ। ଏଠାରେ ପର୍ଯ୍ୟଟକଙ୍କ ଭିଡ ମଧ୍ୟ ଲାଗିଥାଏ। ଏପରି ସ୍ଥିତି ଆତଙ୍କବାଦୀଙ୍କୁ ସୁହାଇଥିଲା। ମିଳିଥିବା ଖବର ଅନୁଯାୟୀ, ପାକିସ୍ତାନୀ ଆତଙ୍କୀ ଗୋଷ୍ଠୀ ଏପ୍ରିଲ ପ୍ରଥମ ସପ୍ତାହରୁ କାଶ୍ମୀରର କେତେକ ପର୍ଯ୍ୟଟନ ସ୍ଥଳୀ ବିଶେଷ କରି ହୋଟେଲ ବୁଲି ଦେଖିଥିଲେ । ସେମାନେ ଏପ୍ରିଲ ୧ରୁ ୭ ତାରିଖ ମଧ୍ୟରେ ଏହି ସବୁ କାମ କରିଥିଲେ।

### ସୈଫୁଲ୍ଲା ଉପରେ ପୁଷ୍ପବୃଷ୍ଟି କରନ୍ତି ପାକ୍ ସେନା ଅଧିକାରୀ

ଖୁବ ବିଳାସପୂର୍ଣ୍ଣ ଜୀବନ ବିତାଉଛି ସୈଫୁଲ୍ଲାହ। ଦାମୀ ବିଳାସପୂର୍ଣ୍ଣ କାରରେ ସବୁବେଳେ ଯିବା ଆସିବା କରେ ସୈଫୁଲ୍ଲାହ । ତାର ସୁରକ୍ଷା ପାଇଁ ଲସ୍କର ଆତଙ୍କୀ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଧରି ଜଗିଥାନ୍ତି। ସେଫୁଲ୍ଲାହ ପାକ ସେନାଙ୍କୁ ଉସକାଇବା ପରି କାମ କରିଥାଏ । ସେଥିପାଇଁ ପାକ ସେନା ଅଫିସର ତାର ପ୍ରଶଂସା କରନ୍ତି ଏବଂ ତା ଉପରେ ପୁଷ୍ପବୃଷ୍ଟି କରନ୍ତି ।

### ଜଣାପଡ଼ିଲା ମାଷ୍ଟରମାଇଣ୍ଡ
## କିଏ ଏହି ସୈଫୁଲ୍ଲା ?



କାଶ୍ମୀର ପଲଗାମ ପର୍ଯ୍ୟଟକ ନରସଂହାର ପଛରେ ଆତଙ୍କୀ ସୈଫୁଲ୍ଲା କସୁରୀ ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି। ତେବେ ଏହି ସୈଫୁଲ୍ଲା କସୁରୀ କିଏ? ପାକିସ୍ତାନର ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ସିନିୟର କମାଣ୍ଡର ହେଉଛନ୍ତି ସୈଫୁଲ୍ଲା କସୁରୀ ଓରଫ ଖାଲିଦ୍। ସେ ଲସ୍କର-ଇ-ତୋଇବା ସଂଗଠନର ପ୍ରତିଷ୍ଠାତା ତଥା ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ହାଫିଜ୍ ସୟିଦର ଘନିଷ୍ଠ ସହଯୋଗୀ ବୋଲି ଜଣାପଡ଼ିଛି। ସୈଫୁଲ୍ଲା କସୁରୀ ପାକିସ୍ତାନ ପେଶାୱର ହେଡକ୍ୱାର୍ଟରର ମୁଖ୍ୟ ଭାବେ କାମ କରେ। ସେ ହାଫିଜର ରାଜନୈତିକ ଦଳ ମିଲି ମୁସଲିମ ଲିଗ୍‌ର ସଭାପତି ଅଛି। ଏହାସହ ସୈଫୁଲ୍ଲା କସୁରୀ ପାକିସ୍ତାନ ସେଣ୍ଟ୍ରାଲ ପଞ୍ଜାବ ପ୍ରୋଭିନ୍ସର କୋଅର୍ଡିନେଟର ଭାବେ ଦାୟିତ୍ୱରେ ଅଛି। ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ନାଁ ସଂଗଠନ ଗଢ଼ି କାଶ୍ମୀରର ଯୁବକମାନଙ୍କୁ ଆତଙ୍କବାଦୀ ଗତିବିଧିରେ ସାମିଲ କରିବାରେ ସେ ହେଉଛନ୍ତି ମୁଖ୍ୟ କାର୍ଯ୍ୟକର୍ତ୍ତା। କେବଳ ସେତିକି ନୁହେଁ ଆତଙ୍କବାଦୀ ଆକ୍ରମଣ ପାଇଁ ଏହି ସଂଗଠନ ମାଧ୍ୟମରେ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଏ। ତେବେ ପଲଗାମ ଆକ୍ରମଣରେ ସାମିଲ ଥିବା ଆତଙ୍କୀଙ୍କ ମଧ୍ୟରୁ ଚିହ୍ନଟ ହୋଇଥିବା ଆସିଫ ଫୌଜି, ସୁଲେମାନ ଶାହ ଓ ଅବୁ ତଲହା ତିନି ଜଣ ସୈଫୁଲ୍ଲା କସୁରୀର ଅତି ଘନିଷ୍ଠ ବୋଲି ସୂଚନା ମିଳିଛି। ପଲଗାମ ଆକ୍ରମଣ ପାଇଁ ସ୍ୱତନ୍ତ୍ର ରଣନୀତି କରିଥିଲା ସୈଫୁଲ୍ଲା କସୁରୀ। କେମିତି ଅଧିକ ସମୟରେ ଅଧିକ ଲୋକଙ୍କୁ ହତ୍ୟା କରାଯିବ ସେନେଇ କସୁରୀ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଥିଲା। ଆମେରିକା ଉପରାଷ୍ଟ୍ରପତିଙ୍କ ଭାରତ ଗସ୍ତ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ସାଉଦି ଗସ୍ତ ବେଳେ ଏହି ଆକ୍ରମଣ ପାଇଁ ପ୍ଲାନ କରାଯାଇଥିଲା।

ପହଲଗାମ ଆଜିକାଲି ଟୁରିଷ୍ଟମାନଙ୍କର ପସନ୍ଦର ଜାଗା ହୋଇଯାଇଛି। ଗତ ଦୁଇ ବର୍ଷ ହେବ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବେଶ ବୃଦ୍ଧି ପାଉଛି। କାଶ୍ମୀରର ଅର୍ଥ ବ୍ୟବସ୍ଥା ଉପରେ ବି ଏହା ସକାରାତ୍ମକ ପ୍ରଭାବ ପକାଉଛି। ଏହି ସଫଳତା ପାକିସ୍ତାନ ଏବଂ ପାକ ସମର୍ଥିତ ଆତଙ୍କୀଗୋଷ୍ଠୀଙ୍କୁ ହଜମ ହେଉନି। ତେଣୁ ପର୍ଯ୍ୟଟକଙ୍କୁ ଟାର୍ଗେଟ କରିଛନ୍ତି ପାକ ଆତଙ୍କୀ । ତା ଛଡ଼ା କାଶ୍ମୀରରେ ଏବେ ବି ଆତଙ୍କବାଦ ଶେଷ ହୋଇ ନାହିଁ ଏମିତି ଏକ ବାର୍ତ୍ତା ଦେବା ପାଇଁ ଏପରି ଆକ୍ରମଣ କରାଯାଇଛି ବୋଲି ସୁରକ୍ଷା ବିଶେଷଜ୍ଞଙ୍କ ମତ। ଅମରନାଥ ଯାତ୍ରାକୁ ଲକ୍ଷ୍ୟ ରଖି ଏହି ଆକ୍ରମଣ କରି ଥାଇ ପାରନ୍ତି ଆତଙ୍କୀ। କାରଣ ଅମରନାଥ ଯିବା ପାଇଁ ପହଲଗାମ ମୁଖ୍ୟ ରାସ୍ତା ଅଟେ। ଅମରନାଥ ଯାତ୍ରା ପୂର୍ବରୁ ଆକ୍ରମଣ କରିବାର ଅର୍ଥ ସୁରକ୍ଷା ଏଜେନ୍ସିମାନଙ୍କ ମଧ୍ୟରେ ଅସ୍ଥିରତା ସୃଷ୍ଟି କରିବା। ଅମରନାଥ ଯାତ୍ରୀଙ୍କ ଉପରକୁ ବି ଆକ୍ରମଣ ହୋଇପାରେ ଏମିତି ଏକ ବାର୍ତ୍ତା ଦେବାକୁ ମଧ୍ୟ ଚାହିଁଛନ୍ତି ଆତଙ୍କୀ ।

### ଦୃଢ଼ ଜବାବ ଦିଆଯିବ, କାହାରିକୁ ଛଡ଼ାଯିବନି: ରାଜନାଥ ସିଂ



ପହଲଗାମ୍ ଆତଙ୍କୀ ହମ୍‌ଲାକୁ ନେଇ ପ୍ରତିରକ୍ଷା ମନ୍ତ୍ରୀଙ୍କ ବଡ଼ ପ୍ରତିକ୍ରିୟା। ପହଲଗାମ ଆକ୍ରମଣର ଦୃଢ଼ ଜବାବ ଦିଆଯିବ ବୋଲି କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଏହି ଘଟଣାର ଜବାବ ଦେବା ଲାଗି ଯାହା ଆବଶ୍ୟକ ଏବଂ ଉପଯୁକ୍ତ ସରକାର ସେ ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ନେବେ ବୋଲି ରାଜନାଥ କହିଛନ୍ତି। ମନ୍ତ୍ରୀ କହିଛନ୍ତି, କାହାରିକୁ ବି ଛଡ଼ା ଯିବନି। ଘଟଣାରେ ଯିଏ ସମ୍ପୃକ୍ତ ଓ ପରଦା ପଛରେ ଯିଏ ଅଛି କାହାରିକୁ ଛଡ଼ାଯିବନି। ଭାରତ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ଜାରି ରଖିଛି। ଏଭଳି ଘୃଣ୍ୟ ଅମାନବୀୟ କାର୍ଯ୍ୟକୁ ନିନ୍ଦା କରୁଛି। ଆକ୍ରମଣକାରୀ ଆତଙ୍କବାଦୀ ଏବଂ ଘଟଣା ପଛର ମାଷ୍ଟରମାଇଣ୍ଡ ଖୁବଶୀଘ୍ର ଉଚିତ ଏବଂ ବଡ଼ ଧରଣର ଜବାବ ପାଇବେ ବୋଲି ସେ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଜାମ୍ମୁ-କାଶ୍ମୀରର ପହଲଗାମଠାରେ ଗତ ମଙ୍ଗଳବାର ଆତଙ୍କବାଦୀମାନେ ୨୮ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହି ଘଟଣାରେ ସାରା ବିଶ୍ୱ ସ୍ତବ୍ଧ ହୋଇପଡ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସମେତ ଅନେକ ଦେଶର ନେତାମାନେ ଏହାକୁ ନିନ୍ଦା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଉଦି ଆରବ ଗସ୍ତ ଅଧାରୁ ସ୍ଥଗିତ ରଖି ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ସହିତ ଉଚ୍ଚସ୍ତରୀୟ ବୈଠକ କରି ପହଲଗାମ ସ୍ଥିତିର ସମୀକ୍ଷା କରିଛନ୍ତି।

### ପାକିସ୍ତାନକୁ ଘାରିଛି ସର୍ଜିକାଲ ଷ୍ଟ୍ରାଇକ ଭୟ
## ସୀମାରୁ ଖାଲି କଲା ଟ୍ରେନିଂ ସେଣ୍ଟର

ପହଲଗାମ ଆତଙ୍କୀ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଉଦି ଆରବ ଗସ୍ତ ଅଧାରୁ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏପଟେ ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ଜମ୍ମୁ-କାଶ୍ମୀର ଗସ୍ତରେ ଯାଇଛନ୍ତି। ଆତଙ୍କୀ ଆକ୍ରମଣ ପରେ କଡ଼ା ଜବାବ ଦିଆଯିବ ବୋଲି ଭାରତ ଚେତାବନୀ ଦେଇଛି । ଏହି ଘଟଣା ପରେ ପାକିସ୍ତାନକୁ ସର୍ଜିକାଲ ଷ୍ଟ୍ରାଇକ ଭୟ ମାଡି ବସିଛି । ଭାରତ-ପାକ ସୀମାରେ ଥିବା ଆତଙ୍କବାଦୀ ଟ୍ରେନିଂ ସେଣ୍ଟରଗୁଡ଼ିକୁ ତୁରନ୍ତ ଖାଲି କରିବା ପାଇଁ ପାକ ସେନା ନିର୍ଦ୍ଦେଶ ଦେଇଛି । ଗତକାଲି ବିଳମ୍ବିତ ରାତିରେ ସେଠାରେ ଥିବା ଆତଙ୍କବାଦୀଙ୍କୁ ତୁରନ୍ତ ଆଖପାଖ ଗାଁରେ ରହିବା ପାଇଁ କୁହାଯାଇଥିଲା । ପାକିସ୍ତାନ ଗୁଇନ୍ଦା ସଂସ୍ଥା ଏବଂ ବରିଷ୍ଠ ସେନା ଅଧିକାରୀଙ୍କ ମଧ୍ୟରେ ଲଗାତାର ବୈଠକ ଚାଲିଛି । ଏଣୁସେ ସମେତ ଅନେକ ଇଲାକାରେ ପାକିସ୍ତାନ ହାଇ ଆଲର୍ଟ ଜାରି କରିଛି ।

### କାଶ୍ମୀର ମସଜିଦ୍‌ର ବଡ଼ ଘୋଷଣା

ପହଲଗାମରେ ଆତଙ୍କୀଙ୍କ ବର୍ବର ଆକ୍ରମଣରେ କାଶ୍ମୀରବାସୀ ଭୟଭୀତ ହୋଇ ପଡ଼ିଛନ୍ତି । ଘଟଣାର ୨ ଘଣ୍ଟା ପରେ କାଶ୍ମୀର ମସଜିଦରୁ ଏକ ବଡ ଘୋଷଣା କରାଯାଇଛି। ଏହି ଘଟଣାକୁ ନିନ୍ଦା କରିବା ସହ ଆତଙ୍କୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। କାଶ୍ମୀରବାସୀଙ୍କ ମାନସିକତାରେ ବି ପରିବର୍ତ୍ତନ ଆସିଛି ଏବଂ ସେମାନେ ଆତଙ୍କବାଦଙ୍କୁ ସମର୍ଥନ କରିବେ ନାହିଁ ବୋଲି ଏଥିରୁ ସ୍ପଷ୍ଟ ହେଉଛି । ଏହି ଘଟଣା ପରେ ଲୋକେ କ୍ୟାଣ୍ଡଲ ଶୋଭାଯାତ୍ରାରେ ବାହାରିଥିଲେ। ଏଠିକା ମସଜିଦରୁ ଏକ ଐତିହାସିକ ଘୋଷଣା କରାଯାଇଛି। କୁହାଯାଇଛି, ପହଲଗାମ ଆକ୍ରମଣ ଇସଲାମ ଏବଂ ମାନବତା ବିରୋଧୀ। ଆତଙ୍କବାଦର କୌଣସି ଧର୍ମ ନାହିଁ । ଏହି ଆକ୍ରମଣ କାଶ୍ମୀରର ଶାନ୍ତି ଏବଂ ଏକତାକୁ ନଷ୍ଟ କରିବାର ପାଇଁ ଏକ ଷଡଯନ୍ତ୍ର। କାଶ୍ମୀର ଆମ ସମସ୍ତଙ୍କ ଘର। ଆମେ ଏହାକୁ ଆତଙ୍କୀଙ୍କ ହାତକୁ ଟେକି ଦେବୁ ନାହିଁ । କାଶ୍ମୀରର ଧର୍ମଗୁରୁମାନେ ପର୍ଯ୍ୟଟକଙ୍କ ପ୍ରତି ସହାୟତାର ହାତ ବଢ଼ାଇବା ସହ ସରକାରଙ୍କୁ ଆତଙ୍କବାଦୀ ମୂଳପୋଛ କରିବା ପାଇଁ ଦାବି କରିଛନ୍ତି ।

### ପହଲଗାମକୁ କାହିଁକି ବାଛିଲେ?

ଏହା ପୂର୍ବରୁ କେବେ ପହଲଗାମରେ ଏପରି ଆତଙ୍କୀ ଆକ୍ରମଣ ହୋଇ ନ ଥିଲା । ହଠାତ ଏବେ ଏହି ସ୍ଥାନକୁ କାହିଁକି ଟାର୍ଗେଟ କଲେ ଆତଙ୍କୀ ? ପ୍ରଥମ କାରଣ ହେଲା ଆତଙ୍କୀମାନେ ପର୍ଯ୍ୟଟକଙ୍କୁ ଧର୍ମ ପଚାରିଲେ ଏବଂ ତାପରେ ଗୁଳି ମାରିଲେ। ଏପରି କରି ସେ ସାରା ଦେଶରେ ଘୃଣା ଏବଂ ହିଂସାର ବାର୍ତ୍ତା ଦେବାକୁ ଚାହୁଁଥିଲେ । ଆତଙ୍କୀଙ୍କ ଲକ୍ଷ୍ୟ ଥିଲା ଏହି ଘଟଣାକୁ ନେଇ ଦେଶରେ କୌଣସି ନା କୌଣସି ଜାଗାରେ ହିଂସା କାଣ୍ଡ ଘଟିଲେ ସେମାନଙ୍କର ଉଦ୍ଦେଶ୍ୟ ପୂରଣ ହେବ।

# ପାକିସ୍ତାନମୁହାଁ ଭାରତୀୟ ସେନା !

**ନୂଆଦିଲ୍ଲୀ,୨୩।୪:** ଏପ୍ରିଲ ୨୨ରେ ଜମ୍ମୁ ଓ କଶ୍ମୀରର ପହଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନାକୁ ଅତ୍ୟଧିକ ବୃଦ୍ଧି କରିଛି। ଏହି ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକ, ଯେଉଁଥିରେ ଦୁଇ ଜଣ ବିଦେଶୀ ଏବଂ ଦୁଇ ଜଣ ସ୍ଥାନୀୟ ଲୋକ ଥିଲେ, ମୃତ୍ୟୁବରଣ କରିଥିଲେ। ଏହି ଘଟଣାକୁ କଶ୍ମୀର ରେସିଷ୍ଟାନ୍ସ ନାମକ ଏକ ଗୋଷ୍ଠୀ ଦାୟିତ୍ୱ ନେଇଛି, ଯାହାକୁ ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ପାକିସ୍ତାନ ଆଧାରିତ ଲସ୍କର-ଏ-ତୋଇବା ଏବଂ ହିଜବୁଲ ମୁଜାହିଦ୍ଦୀନର ଏକ ଶାଖା ବୋଲି ଦାବି କରିଛନ୍ତି। ଏହି ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧର ସମ୍ଭାବନା ନେଇ ବିଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି।

ପହଲଗାମର ଉପତ୍ୟକାରେ ଏହି ଆକ୍ରମଣ ଘଟିଥିଲା, ଯେଉଁଠାରେ ଚାରିରୁ ଛଅ ଜଣ ଆତଙ୍କବାଦୀ ସାମରିକ ପୋଷାକରେ ଜଙ୍ଗଲରୁ ବାହାରି ପର୍ଯ୍ୟଟକମାନଙ୍କ ଉପରେ ଅତର୍କିତ ଗୁଳିଚାଳନା କରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ମୁତାବକ, ଆକ୍ରମଣକାରୀମାନେ ମୁଖ୍ୟତଃ ପୁରୁଷମାନଙ୍କୁ ଟାର୍ଗେଟ କରିଥିଲେ ଏବଂ ମହିଳାଙ୍କୁ ଜୀବନ୍ତ ଛାଡ଼ିଥିଲେ ଯାହା ଫଳରେ ସେ ଏହି ଘଟଣାର ଭୟାବହତା ବିଷୟରେ ବର୍ଣ୍ଣନା କରିପାରିବେ। ଏହି ଆକ୍ରମଣ ୩୦ ବର୍ଷରେ କଶ୍ମୀରରେ ପର୍ଯ୍ୟଟକମାନଙ୍କ ଉପରେ ହୋଇଥିବା ସବୁଠାରୁ ମାରାତ୍ମକ ଆକ୍ରମଣ ବୋଲି ବିବେଚନା କରାଯାଉଛି। ଏହି ଆକ୍ରମଣ ପରେ ଭାରତ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଉଦି ଆରବ ଗସ୍ତକୁ ଅଧାରୁ ଛାଡ଼ି ଦିଲ୍ଲୀ ଫେରିଥିଲେ ଏବଂ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ ଏବଂ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ସହ ଏକ ଜରୁରୀ ବୈଠକ କରିଥିଲେ। ମୋଦି ସୋସିଆଲ ମିଡ଼ିଆରେ ଘୋଷଣା କରିଛନ୍ତି ଯେ, ଏହି ଜଘନ୍ୟ କାର୍ଯ୍ୟରେ ଜଡ଼ିତ ଥିବା ବ୍ୟକ୍ତିମାନଙ୍କୁ ଛାଡ଼ାଯିବ ନାହିଁ। ଆତଙ୍କବାଦ ବିରୋଧରେ ଆମର ସଂକଳ୍ପ ଅଟଳ ଏବଂ ଏହା ଆହୁରି ଦୃଢ଼ ହେବ। ଗୃହମନ୍ତ୍ରୀ ଅମିତ ଶାହ ଶ୍ରୀନଗର ଯାଇ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ଏବଂ ଘୋଷଣା କରିଛନ୍ତି ଯେ, ଏହି ଆକ୍ରମଣରେ ଜଡ଼ିତ ବ୍ୟକ୍ତିମାନଙ୍କ ବିରୋଧରେ କଠୋରତମ ପଦକ୍ଷେପ ନିଆଯିବ। ଭାରତୀୟ ସେନା ଏବଂ ସୁରକ୍ଷା ବାହିନୀ ଆକ୍ରମଣକାରୀମାନଙ୍କୁ ଖୋଜିବା ପାଇଁ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିଛନ୍ତି।

ତେବେ ପାକିସ୍ତାନ ଏହି ଆକ୍ରମଣରେ ନିଜର ସମ୍ପୃକ୍ତିକୁ ଅସ୍ୱୀକାର କରିଛି। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖାଓଜା ଆସିଫ କହିଛନ୍ତି, ଏହି ଆକ୍ରମଣ ସହ ପାକିସ୍ତାନର କୌଣସି ସମ୍ପର୍କ ନାହିଁ। ଏହା ଭାରତର ଆଭ୍ୟନ୍ତରୀଣ ବିଦ୍ରୋହର ଫଳାଫଳ। ତଥାପି, ଭାରତୀୟ ଗୁଇନ୍ଦା ସୂତ୍ର ଏବଂ ବିଶେଷଜ୍ଞମାନେ ଏହି ଆକ୍ରମଣ ପାକିସ୍ତାନର ଇଣ୍ଟର-ସର୍ଭିସେସ ଇଣ୍ଟେଲିଜେନ୍ସ (ISI) ଦ୍ୱାରା ସମର୍ଥିତ ବୋଲି ଅଭିଯୋଗ କରିଛନ୍ତି। ସୋସିଆଲ ମିଡ଼ିଆରେ ପ୍ରକାଶିତ କିଛି ରିପୋର୍ଟ ଅନୁଯାୟୀ, ପାକିସ୍ତାନ ସେନା ଏବଂ ବାୟୁସେନା ନିଜର ଉତ୍ତର ସୀମାନ୍ତରେ



ସ ତ ର୍କ ତ । ବୃଦ୍ଧି କରିଛି, ଯାହା ଭାରତର ସମ୍ଭାବ୍ୟ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନକୁ ନେଇ ଭୟର ସୂଚନା ଦେଉଛି।

### ପାକିସ୍ତାନ ସେନା ମୁଖ୍ୟଙ୍କ ବିବାଦୀୟ ବୟାନ

ଏହି ଆକ୍ରମଣ ପୂର୍ବରୁ ପାକିସ୍ତାନ ସେନା ପ୍ରମୁଖ ଜେନେରାଲ ଆସିମ ମୁନୀର ଏକ ବିବାଦୀୟ ବୟାନରେ କଶ୍ମୀରକୁ ପାକିସ୍ତାନର ଗଳାର ନାଡ଼ି ବୋଲି ଅଭିହିତ କରିଥିଲେ। ଏହି ବୟାନକୁ ଭାରତୀୟ ବିଶେଷଜ୍ଞମାନେ ଆକ୍ରମଣର ପ୍ରେରଣା ଭାବେ ଦେଖୁଛନ୍ତି।

ଭାରତରେ ଏହି ଆକ୍ରମଣ ପରେ ଜନମତ ପାକିସ୍ତାନ ବିରୋଧରେ ତୀବ୍ର ହୋଇଛି। କଂଗ୍ରେସ ନେତା ଶାମା ମହମ୍ମଦ ପାକିସ୍ତାନର ରାୱାଲପିଣ୍ଡିକୁ ସଫା କରିଦେବା ପାଇଁ ଦାବି କରିଛନ୍ତି, ଯେଉଁଠାରେ ପାକିସ୍ତାନ ସେନାର ମୁଖ୍ୟାଳୟ ରହିଛି। ଜମ୍ମୁ ଓ କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏହି ଆକ୍ରମଣକୁ ସାମ୍ପ୍ରତିକ ବର୍ଷଗୁଡ଼ିକରେ ସାମାନ୍ୟ ନାଗରିକମାନଙ୍କ ଉପରେ ହୋଇଥିବା ସବୁଠାରୁ ବଡ଼ ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ପହଲଗାମ ଆକ୍ରମଣ ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ଗୁରୁତର ସଙ୍କଟ ସୃଷ୍ଟି କରିଛି। ଯଦିଓ ଏକ ପୂର୍ଣ୍ଣ ଯୁଦ୍ଧର ସମ୍ଭାବନା ବର୍ତ୍ତମାନ କମ ଦେଖାଯାଉଛି, ଭାରତର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଏବଂ ପାକିସ୍ତାନର ପ୍ରତିକ୍ରିୟା ଏହି ସ୍ଥିତିକୁ ଆହୁରି ଜଟିଳ କରିପାରେ। ଉଭୟ ଦେଶର ପରମାଣୁ ଶକ୍ତି ଏବଂ ଆନ୍ତର୍ଜାତୀୟ ସମୁଦାୟର ନିରୀକ୍ଷଣ ଏକ ବୃହତ୍ତର ସଂଘର୍ଷକୁ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ତଥାପି, ଏହି ଘଟଣା କଶ୍ମୀର ସମସ୍ୟା ଏବଂ ଆତଙ୍କବାଦର ଜଟିଳତାକୁ ପୁନର୍ବାର ଆଲୋକପାତ କରିଛି।

### ଘାଟିରୁ ଅଟକ ହେଲେଣି ୧୫ ଶହରୁ ଉର୍ଦ୍ଧ୍ୱ

ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷା ବାହିନୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ସୁରକ୍ଷା ବାହିନୀ ଘାଟିରୁ ୧୫୦୦ରୁ ଅଧିକ ଲୋକଙ୍କୁ ଅଟକ ରଖିଛି। ଏଥିରେ ଏପରି ଲୋକମାନେ ଅନ୍ତର୍ଭୁକ୍ତ ଯେଉଁମାନେ ଓଭର ଗ୍ରାଉଣ୍ଡ ୱାର୍କର କିମ୍ବା ଆତଙ୍କୀ କାର୍ଯ୍ୟକଳାପରେ ସାମିଲ ଅଛନ୍ତି।ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କୀ ହମଲା ପରେ, ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି। ଆକ୍ରମଣ ପରେ, ସୀମାନ୍ତ ରାଜ୍ୟ ପଞ୍ଜାବ ମଧ୍ୟ ଏହାର ସୁରକ୍ଷା ବୃଦ୍ଧି କରିଛି। ଏହି ଆତଙ୍କବାଦୀ ଆକ୍ରମଣ ପରେ, କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବୁଧବାର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଘନ ପାଇନ ଜଙ୍ଗଲ ଘେରା ଏହି ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀରେ ଆତଙ୍କବାଦୀମାନେ କେଉଁ କେଉଁ ରାସ୍ତା ଦେଇ ପହଞ୍ଚିଥାଇପାରନ୍ତି ସେ ବିଷୟରେ ମଧ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ସୂଚନା ଦିଆଯାଇଥିଲା। ଏହି ସ୍ଥାନ ଶ୍ରୀନଗରରୁ ପ୍ରାୟ ୧୧୦ କିଲୋମିଟର ଦୂରରେ ଅବସ୍ଥିତ। ଏହି ଆତଙ୍କୀ ହମଲାକୁ ନେଇ ମୋଦି ସରକାର ଏବେ ଆକ୍ସନରେ ଥିବା ବେଳେ ଖୁବ ଶୀଘ୍ର ଏହାର ଜବାବ ଦିଆଯିବ ବୋଲି କହିଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ।

### ୬ ଘଣ୍ଟାରେ ଶ୍ରୀନଗର ଛାଡ଼ିଲେ ୩,୩୩୭ ପର୍ଯ୍ୟଟକ

ଜମ୍ମୁ ଓ କାଶ୍ମୀରର ପାହାଲଗାମରେ ଘଟିଥିବା ମର୍ମନ୍ତୁଦ ଆତଙ୍କବାଦୀ ଆକ୍ରମଣ ପରେ, କେନ୍ଦ୍ରୀୟ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାୟଡୁ ନିଶ୍ଚିତ କରିଛନ୍ତି ଯେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସମସ୍ତ ବିମାନ ସେବା ଅପରେଟରଙ୍କୁ ବିମାନ ଭଡ଼ା ବୃଦ୍ଧି ନ କରିବାକୁ କଡ଼ା ନିର୍ଦ୍ଦେଶ ଜାରି କରିଛି। ମଙ୍ଗଳବାର ଅପରାହ୍ନ ୩ଟାରେ ଘଟିଥିବା ଏହି ଆକ୍ରମଣରେ ୨୬ ଜଣଙ୍କର ମୃତ୍ୟୁ ଘଟିଥିଲା। ନାୟଡୁ କହିଛନ୍ତି, "ଆମେ ଶ୍ରୀନଗରରୁ ପର୍ଯ୍ୟଟକଙ୍କ ନିରାପଦ ଯାତ୍ରା ନିଶ୍ଚିତ କରିବା ପାଇଁ ନିରନ୍ତର ପ୍ରୟାସ କରୁଛୁ।" "ବିମାନ କମ୍ପାନୀମାନଙ୍କୁ ଭଡ଼ା ବୃଦ୍ଧି ନ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଭଡ଼ା ଉପରେ ନଜର ରଖାଯାଉଛି ଏବଂ ଏହାକୁ ସାଧାରଣ ସ୍ତରରେ ରଖାଯାଉଛି।" ମଙ୍ଗଳବାର ଆକ୍ରମଣ ପରେ ବିମାନ ଭଡ଼ାରେ ଅତ୍ୟଧିକ ବୃଦ୍ଧି ନେଇ ଚିନ୍ତା ମଧ୍ୟରେ ମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶ ଆସିଛି। ଦିଲ୍ଲୀ ଓ ମୁମ୍ବାଇ ଭଳି ପ୍ରମୁଖ ସହରଗୁଡ଼ିକ ପାଇଁ ଟିକେଟ ମୂଲ୍ୟ ନାଟକୀୟ ଭାବେ ବୃଦ୍ଧି ପାଇଛି, କେତେକ କ୍ଷେତ୍ରରେ ଏହା ୨୦,୦୦୦ ଟଙ୍କା ଅତିକ୍ରମ କରିଛି। ବିମାନ ଅପରେଟରଙ୍କ ଅନଲାଇନ ପୋର୍ଟାଲଗୁଡ଼ିକ ଟିକେଟ ବିକ୍ରି ସରିଥିବା ଦର୍ଶାଉଛି କିମ୍ବା ଉଚ୍ଚ ମୂଲ୍ୟରେ ସୀମିତ ଉପଲବ୍ଧତା ଦେଖାଉଛି। ନାୟଡୁ କହିଛନ୍ତି ଯେ ଶ୍ରୀନଗରରୁ ଚାଲୁଥିବା ସମସ୍ତ ବିମାନ କମ୍ପାନୀ ବାତିଲ ଓ ପୁନଃନିର୍ଦ୍ଧାରଣ ଫିସ ମାଫ କରିଛନ୍ତି। ସେ କହିଛନ୍ତି, "ଏହା ଏକତାର ସମୟ।" "ଆମେ ପ୍ରତ୍ୟେକ ନାଗରିକଙ୍କ ସହ ଅଛୁ ଏବଂ ଆବଶ୍ୟକ ସମସ୍ତ ସମର୍ଥନ ନିଶ୍ଚିତ କରିବୁ।" ଶ୍ରୀନଗର ବିମାନବନ୍ଦରରେ, ଯାତ୍ରୀ ସଂଖ୍ୟା ବୃଦ୍ଧିକୁ ସାମନା କରିବା ପାଇଁ ସୁବିଧା ବୃଦ୍ଧି କରାଯାଇଛି। ନାୟଡୁ କହିଛନ୍ତି, ବୁଧବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ବିମାନବନ୍ଦର ୨୦ଟି ପ୍ରସ୍ଥାନ ପରିଚାଳନା କରିଛି, ଯେଉଁଥିରେ ମୋଟ ୩,୩୩୭ ଯାତ୍ରୀ ଥିଲେ। ଖାଦ୍ୟ ଓ ପାଣି ବଣ୍ଟନ କରାଯାଉଛି, ଏବଂ ଅପେକ୍ଷା କରୁଥିବା ଯାତ୍ରୀଙ୍କ ପାଇଁ ଟର୍ମିନାଲ ବାହାରେ ଏକ ଅତିରିକ୍ତ ତମ୍ବୁ ସ୍ଥାପନ କରାଯାଇଛି। ଡିଜିସିଏ ଆହୁରି ମଧ୍ୟ କହିଛି, "ଏହି କଠିନ ସମୟରେ ଅପ୍ରତ୍ୟାଶିତ ପରିସ୍ଥିତି ଓ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବା ପର୍ଯ୍ୟଟକଙ୍କୁ ବିମାନ ସେବାଗୁଡ଼ିକ ସମସ୍ତ ଆବଶ୍ୟକୀୟ ସହାୟତା ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି।"

### ମୃତକଙ୍କ ପରିବାରକୁ ୧୦ଲକ୍ଷ ଓ ଆହତଙ୍କୁ ୨ ଲକ୍ଷ ଅନୁକମ୍ପା ରାଶି

**ଶ୍ରୀନଗର:** ପହଲଗାମ ଆତଙ୍କୀ ହାମଲା ସାରା ଦେଶ ସ୍ତବ୍ଧ ହେଇଥିବା ବେଳେ ଘଟଣାରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି । ଘଟଣା ପରେ ଜମ୍ମୁକଶ୍ମୀର ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଘୋଷଣା କରାଯାଇଛି । ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା, ଗୁରୁତରଙ୍କୁ ୨ଲକ୍ଷ ଟଙ୍କା ଓ ସାମାନ୍ୟ ଆହତଙ୍କୁ ଏକଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବ। ପହଲଗାମ ଆତଙ୍କବାଦୀ ଆକ୍ରମଣରେ ନିହତଙ୍କୁ ଜମ୍ମୁ କଶ୍ମୀର ସରକାରଙ୍କ ଅନୁକଂପା ରାଶି ସହାୟତା ଘୋଷଣା । ଜମ୍ମୁ କଶ୍ମୀର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି । ଆତଙ୍କବାଦୀ ଆକ୍ରମଣକୁ ମୁଖ୍ୟମନ୍ତ୍ରୀ ଦୃଢ ନିନ୍ଦା କରିଛନ୍ତି। ସେ କହିଛନ୍ତି, ସାଧାରଣ ନିରୀହଙ୍କ ବିରୋଧରେ ଆକ୍ରମଣର ସମାଜରେ କୌଣସି ସ୍ଥାନ ନାହିଁ। ମୃତକଙ୍କ ପ୍ରତି ମୋର ଗଭୀର ସମବେଦନା ରହିଛି । ତେବେ ଏହି ଅନୁକମ୍ପା ରାଶି ପ୍ରିୟଜନକୁ ହରାଇଥିବା ଲୋକଙ୍କୁ ଫେରାଇ ଆଣିପାରିବ ନାହିଁ କିନ୍ତୁ ସମର୍ଥନ ଏବଂ ଏକତାର ପ୍ରତୀକ ହୋଇ ରହିବ । ଏହାସହିତ ମୃତକଙ୍କ ପାର୍ଥିବ ଶରୀରକୁ ସମ୍ମାନଜନକ ଭାବେ ଘରକୁ ପହଞ୍ଚାଇବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ଏଭଳି ଦୁଃଖ ସମୟରେ ଆମେ ଆପଣଙ୍କ ସହିତ ରହିଛୁ ବୋଲି ମଧ୍ୟ କହିଛନ୍ତି ।



### ବାରମୁଲାରେ ଗୁଳିବିନିମୟ, ୨ ଆତଙ୍କୀ ନିପାତ

ଜମ୍ମୁ-କଶ୍ମୀର ବାରାମୁଲାରେ ଜିଲା ଉରିରେ ୨ ଅନୁପ୍ରବେଶକାରୀ ଆତଙ୍କବାଦୀଙ୍କୁ ନିହତ କରିଛି ଭାରତୀୟ ସେନା । ପାକିସ୍ତାନୀ ଆଡୁ ସୀମାପାର କରି ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ଜବାବ ଦେଇଛି ଭାରତୀୟ ସେନା । ଘଟଣାସ୍ଥଳରୁ ବହୁ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ଅନ୍ୟାନ୍ୟ ଯୁଦ୍ଧ ସାମଗ୍ରୀ ଜବତ କରାଯାଇଛି। ସାମରିକ ଅଭିଯାନ ଜାରି ରହିଛି । ୨୩ ଏପ୍ରିଲ ସକାଳେ ଉତ୍ତର କାଶ୍ମୀରର ଉରି ନାଲା ନିକଟ ସର୍ଜୀବନ ଅଞ୍ଚଳ ଦେଇ ଦୁଇରୁ ତିନି ଜଣ ଆତଙ୍କବାଦୀ ଅନୁପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ବୁଧବାର ୨ରୁ୩ ଜଣ ଆତଙ୍କବାଦୀ ଉରି ନାଲା ସର୍ଜିଭାନରେ ପ୍ରବେଶ ଉଦ୍ୟମ କରୁଥିବାବେଳେ ସୁରକ୍ଷାକର୍ମୀଙ୍କ ନଜରକୁ ଆସିଥିଲେ । ବୁଧବାର ସକାଳ ୮ଟା ସମୟରେ ଏ ଘଟଣା ଘଟିଥିବା ସୂଚନା। ନିୟନ୍ତ୍ରଣ ରେଖାରେ ସତର୍କ ସୈନିକମାନେ ଅନୁପ୍ରବେଶକାରୀ ଦଳକୁ ଚ୍ୟାଲେଞ୍ଜ କରି ଅଟକାଇଥିଲେ, ଯାହା ଫଳରେ ଗୁଳିବିନିମୟ ହୋଇଥିବା ସେନା କହିଛି। ଏ ନେଇ ପୋଲିସ ପକ୍ଷରୁ ଏକ୍ସରେ ପୋଷ୍ଟ ସେୟାର କରାଯାଇଛି। ଅଧିକ ଆତଙ୍କବାଦୀ ଲୁଚି ରହିବା ନେଇ ସ୍ଥାନୀୟ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି। ଦିଲ୍ଲୀରେ ପହଞ୍ଚିବା କ୍ଷଣି ପାଲମ ବିମାନବନ୍ଦରରେ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି । ଏହି ବୈଠକରେ ଏନ୍‌ଏସ୍‌ଏ ଅଜିତ ଡୋଭାଲ ଓ ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ସାମିଲ ଅଛନ୍ତି। ଆତଙ୍କୀ ହମଲାର ତଦନ୍ତ କରିବାକୁ ଏନ୍‌ଆଇଏ ଟିମ୍ ପହଲଗାମ୍‌ରେ ପହଞ୍ଚିଛି । ଏହି ଆତଙ୍କୀ ହମଲାକୁ ସାରା ବିଶ୍ୱ ନିନ୍ଦା କରିଛି ।

ୱିସ୍‌ଡେନ୍ ପୁରସ୍କାର

# ବୁମରା-ମନ୍ଧାନା ବିଶ୍ୱରେ ଶ୍ରେଷ୍ଠ ଖେଳାଳି



**ନୂଆଦିଲ୍ଲୀ,୨୩।୪:** କ୍ରିକେଟର ବାଇବେଲ ଭାବେ ପରିଚିତ 'ୱିସ୍‌ଡେନ୍ କ୍ରିକେଟର୍ସ ଆଲମ୍‌ନାକ' ପତ୍ରିକାର ୨୦୨୪ ସଂସ୍କରଣ ଆଜି ପ୍ରକାଶିତ ହୋଇଛି। ପୁରୁଷରେ ଭାରତର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମରା ଏବଂ ମହିଳାରେ ଓପନିଂ ବ୍ୟାଟର ସ୍ମୃତି ମନ୍ଧନା ବିଶ୍ୱର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ସେହିପରି ୱେଷ୍ଟଇଣ୍ଡିଜର ନିକୋଲାସ ପୂରନ ଶ୍ରେଷ୍ଠ ଟି-ଟ୍ୱେଣ୍ଟି ଖେଳାଳି ପୁରସ୍କାର ମିଳିଛି।

୨୦୨୪ରେ ବୁମରାଙ୍କ ପ୍ରଦର୍ଶନ ବେଶ୍ ପ୍ରଶଂସନୀୟ ରହିଥିଲା। ସେ ଟେଷ୍ଟରେ ପ୍ରଥମ ବୋଲର ଭାବେ ୨୦ରୁ କମ୍ ଆଭରେଜ୍‌ରେ ୨୦୦ ୱିକେଟ୍ ନେବାରେ ସଫଳ ହୋଇଥିଲେ। ଗତ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜରେ ସେ ୫ଟି ମ୍ୟାଚ୍ ଖେଳି ୧୩.୦୬ ଆଭରେଜରେ ୩୨ଟି ୱିକେଟ୍ ନେବାରେ ସଫଳ ହୋଇଥିଲେ। ବୁମରା ଟେଷ୍ଟରେ ୪୫ଟି ମ୍ୟାଚ୍ ଖେଳି ୨୦୫ଟି ୱିକେଟ୍ ନେଇଥିବାବେଳେ ୮୯ଟି ଦିନିକିଆରୁ ୧୪୯ଟି ଏବଂ ୭୦ଟି ଟି-ଟ୍ୱେଣ୍ଟିରୁ ୮୯ଟି ୱିକେଟ୍ ଅକ୍ତିଆର କରି ସାରିଛନ୍ତି। ଅନ୍ୟ ପଟରେ ମନ୍ଧନା ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୩ଟି ଯାକ ଫର୍ମାଟରେ ମୋଟ ୧୬୫୯ରନ୍ ସଂଗ୍ରହ କରିବା ସହ ଏକ ରେକର୍ଡ଼ ସ୍ଥାପନ କରିଥିଲେ। ଦିନିକିଆରେ ସେ ୪ଟି ଶତକ ଏବଂ ଟେଷ୍ଟରେ ଗୋଟିଏ ଶତକ ଅର୍ଜନ କରିଥିଲେ। ଗତ ବର୍ଷ ଜୁନ୍ ମାସରେ ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଏକ ଟେଷ୍ଟରେ ମନ୍ଧନା ୧୪୯ରନ୍‌ର ଜବରଦସ୍ତ ଇନିଂସ୍ ଖେଳିଥିଲେ। ସେହିପରି ପୂରନ ଗତ ବର୍ଷ ୨୧ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳି ୧୪୨.୩୩ ଷ୍ଟ୍ରାଇକ ରେଟ୍‌ରେ ମୋଟ ୪୬୪ ରନ୍ ସଂଗ୍ରହ କରିଥିଲେ।



## ଓଡ଼ିଶା ଫୁଟବଲ ଦଳରେ ଆର୍‌ଏସ୍‌ଏର ୩ ଖେଳାଳି

**ରାଉରକେଲା, ୨୩।୪:** ଫୁଟବଲ କ୍ରୀଡ଼ା ଜଗତରେ ପୁଣିଥରେ ଚମକିଛି ରାଉରକେଲା ସ୍ପୋର୍ଟ୍ସ ଆସୋସିଏସନ(ଆର୍‌ଏସ୍‌ଏ)। ଏଠାରେ ପ୍ରଶିକ୍ଷଣ ନେଉଥିବା ତିନିଜଣ ଖେଳାଳି ୨୦ ବର୍ଷରୁ କମ୍ ଓଡ଼ିଶା ଦଳରେ ସାମିଲ ହୋଇଛନ୍ତି। ଏହି ତିନି ଖେଳାଳି ହେଉଛନ୍ତି ରକି ମାଝୀ, ରୋହିତ କିସାନ ଓ ସୁର ସିଂ ପୂର୍ତ୍ତି। ସଂପ୍ରତି ଓଡ଼ିଶା ଦଳ ଛତିଶଗଡ଼ର ନାରାୟଣପୁରଠାରେ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେସନ ଆୟୋଜିତ ବିବେକାନନ୍ଦ ଟ୍ରଫିରେ ଭାଗନେଇଛି। ଉଲ୍ଲେଖଯୋଗ୍ୟ, ରକି ଓ ରୋହିତ ସୁନ୍ଦରଗଡ଼ ଜିଲ୍ଲାର ବାସିନ୍ଦା ହୋଇଥିବାବେଳେ ସୁର ସିଂ ପୂର୍ତ୍ତି ହେଉଛନ୍ତି ଯାଜପୁର ଜିଲ୍ଲାର ମୂଳ ବାସିନ୍ଦା। ଏମାନେ ଆର୍‌ଏସ୍‌ଏର ମୁଖ୍ୟ ପ୍ରଶିକ୍ଷକ ଆବୁଙ୍କ ଠାରୁ ପ୍ରଶିକ୍ଷଣ ନେଉଛନ୍ତି। ଏହି ଖେଳାଳିମାନେ ଗତ ଦୁଇବର୍ଷ ହେଲା ଆର୍‌ଏସ୍‌ଏର ଫୁଟବଲ ଦଳ 'ରାଉରକେଲା ରେଡ୍'ର ପ୍ରତିନିଧିତ୍ୱ କରି ରାଜ୍ୟ ତଥା ସର୍ବଭାରତୀୟସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଭାଗ ନେଇଆସୁଛନ୍ତି। ଏହି ସଫଳତା ପାଇଁ ସଂଗଠନର ସଭାପତି ମିହିର ରାୟ, ସାଧାରଣ ସମ୍ପାଦକ ସୁବାଷ ପଣ୍ଡା ଅଭିନନ୍ଦନ ଜଣାଇଛନ୍ତି।

### ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡ କପ୍

## ଭାରତକୁ ତୃତୀୟ ସ୍ଥାନ

ଲିମା (ପେରୁ), ୨୨।୪: ପୃଥ୍ୱୀରାଜ ଟୋଣ୍ଡାଇମାନ ଓ ପ୍ରଗତି ଦୁବେ ଟ୍ରାପ୍ ମିକ୍ସଡ ଟିମ୍ ଇଭେଣ୍ଟର ମେଡାଲ ରାଉଣ୍ଡକୁ ଉନ୍ନୀତ ହେବାରେ ବିଫଳ ହେବାରୁ ଭାରତୀୟ ଶୁଟରମାନେ ଏଠାରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ସୋମବାର ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ଶିମରନପ୍ରୀତ୍ କୌର ଭାରତ ପାଇଁ ଶେଷ ପଦକ ଜିତିଥିଲେ। ଏହାଦ୍ୱାରା ଭାରତର ପଦକ ସଂଖ୍ୟା ଦୁଇ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହ ୭ରେ ପହଞ୍ଚିଛି। ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ମଧ ୭ ପଦକ ଲାଭ କରିଛି। ମାତ୍ର ଅଧିକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଦୃଷ୍ଟିରୁ ଭାରତକୁ ଅତିକ୍ରମ କରି ଏହି ଦେଶ ଦ୍ୱିତୀୟ ସ୍ଥାନ ଅଧିକାର କରିନେଇଛି। ଚାଇନାର ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ସହ ଷ୍ଟାଣ୍ଡିଂରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଭାରତ ତରଫରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୮ ବର୍ଷୀୟ ସୁରୁଚି ଇନ୍ଦର ସିଂ ଦେଶ ପାଇଁ ଉଭୟ ସ୍ୱର୍ଣ୍ଣ ପଦକ ଆଣି ଦେଇଛନ୍ତି। ସେ ପ୍ୟାରିସ ଅଲିମ୍ପିକ୍ସ ଡବଲ ପଦକ ବିଜେତା ମନୁ ଭାକରଙ୍କୁ ପଛରେ ପକାଇ ୧୦ ମିଟର ଏୟାର ପିସ୍ତଲ ଟାଇଟଲ ହାସଲ କରିଥିଲେ। ଏହାଛଡ଼ା ସେ ସୌରଭ ଚୌଧାରୀଙ୍କୁ ସାଥୀ କରି ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆରଏଆଇ)ର ସାଧାରଣ ସମ୍ପାଦକ କେ. ସୁଲ୍‌ତାନ ସିଂ ଯୁବ ଭାରତୀୟ ଶୁଟରଙ୍କ ପ୍ରଦର୍ଶନ ନେଇ ଆନନ୍ଦ ପ୍ରକାଶ କରିଛନ୍ତି।



## ୫ ମହିଳା ଚେସ୍ ଖେଳାଳିଙ୍କୁ ମିଳିବ ୧କୋଟି ଅନୁଦାନ

ହାଇଦ୍ରାବାଦ,୨୨।୪: ଭାରତରେ ମହିଳା ଖେଳର ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଥିବା ୬୪ ସ୍କୋୟାର୍ସ ନାମକ ଏକ ସଂଗଠନ ମଙ୍ଗଳବାର ଇଣ୍ଟରନ୍ୟାଶନାଲ ମାଷ୍ଟର(ଆଇଏମ୍) ଭାକ୍ତିକା ଅଗ୍ରୱାଲଙ୍କ ବ୍ୟତୀତ ଅନ୍ୟ ୪ଜଣ ଉଦୀୟମାନ ଚେସ୍ ଖେଳାଳି ୧କୋଟି ଟଙ୍କାର ଫେଲୋଶିପ୍ ଅନୁଦାନ ପାଇବା ପାଇଁ ମନୋନୀତ କରିଛି।



୬୪ ସ୍କୋୟାର୍ସ ହେଉଛି ହାଇଦ୍ରାବାଦସ୍ଥିତ ପ୍ରଭାହ ଫାଉଣ୍ଡେଶନ ଏବଂ ଚେସ୍ ଷ୍ଟାର୍ଟଅପ୍ ଏମ୍‌ଜିଢି-୧ର ଏକ ମିଳିତ ପ୍ରୟାସ। ଉପକୃତ ହେବାକୁଥିବା ୫ ଖେଳାଳି ହେଲେ ଆଇଏମ୍ ଭାକ୍ତିକା, ଡବ୍ଲ୍ୟୁଏଫ୍‌ଏମ୍ ଶୁଭି ଗୁପ୍ତା, ଡବ୍ଲ୍ୟୁଏଫ୍‌ଏମ୍ ଚାର୍ଭି ଅନିଲକୁମାର ଏବଂ ଉଦୀୟମାନ ପ୍ରତିଭା ଡବ୍ଲ୍ୟୁଆଇଏମ୍ ସାରାୟୁ ଭେଲପୁଲା ଓ ଡବ୍ଲୁଆଏଇଏମ୍ ସାହିଥି ଭାର୍ଷିନୀ। ଫେଲୋଶିପ୍ ଅନୁଦାନ ଏହି ଖେଳାଳିମାନଙ୍କ ଏକ ବର୍ଷ ପାଇଁ ଟ୍ରେନିଂ, ଟୁର୍ନାମେଣ୍ଟରେ ଅଂଶଗ୍ରହଣ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ବ୍ୟୟ ପରାଯିବ। ଏମାନଙ୍କ ମଧରୁ ପୂର୍ବରୁ ଅର୍ଜୁନ ପୁରସ୍କାର ବିଜେତା ଭାକ୍ତିକା ୨୦୨୩ରେ ସହାୟତା ପାଇଥିଲେ। ଏହାପରେ ସେ ଇଣ୍ଟରନ୍ୟାଶନାଲ ମାଷ୍ଟର ଟାଇଟଲ ହାସଲ କରିଥିଲେ। ଦେଶ ପାଇଁ ସେ ଅନେକ ସମ୍ମାନ ଆଣି ଦେଇଛନ୍ତି। ୨୦୨୪ରେଚେସ୍ ଅଲିମ୍ପିଆଡ୍‌ରେ ସେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଫେଲୋଶିପ୍ ଅନୁଦାନ ସହାୟତାରେ ସମ୍ମାନଜନକ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବା ପରେ ଭାକ୍ତିକା ପୁଣି ସୁଯୋଗ ପାଇବା ପାଇଁ ପୁଣି ମନୋନୀତ ହୋଇଛନ୍ତି।

## କଳିଙ୍ଗ ଷ୍ଟାଡିୟମରେ ହେବ ମାଇକେଲ କିଣ୍ଡୋ ମେମୋରିଆଲ ହକି ଚାମ୍ପିଅନସିପ ଟ୍ରଫି ୨୦୨୫




**ଭୁବନେଶ୍ୱର, ୨୩।୪:** ପ୍ରଥମ ଥର ପାଇଁ ମାଇକେଲ କିଣ୍ଡୋ ମେମୋରିଆଲ ହକି ଚାମ୍ପିଅନସିପ ଟ୍ରଫି ୨୦୨୫ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ହେବାକୁ ଯାଉଛି। ୨୫ରୁ ୨୭ ତାରିଖ ଯାଏଁ ଭୁବନେଶ୍‌ବରର କଳିଙ୍ଗ ଷ୍ଟାଡିୟମରେ ଯୁବ ହକି ପ୍ରତିଭା ମାନଙ୍କୁ ନେଇ ଖେଳାଯିବ। ଏଥିରେ ମୋଟ ୯ଟି ଦଳ ଅଂଶ ଗ୍ରହଣ କରିବେ। ୧୯ବର୍ଷରୁ କମ ବୟସର ଖେଳାଳି ମାନେ ଭାଗ ନେବେ। ଓଡ଼ିଶା ହକି ଆସୋସିଏସନ ସହଯୋଗରେ ପ୍ରଥମ ଥର ପାଇଁ ସ୍ୱର୍ଗତ କିଣ୍ଡୋଙ୍କ ସ୍ମୃତିରେ ଖେଳା ଯାଇ ଯୁବ ପ୍ରତିଭାକୁ ଗୋଟେ ବଡ ସୁଯୋଗ ସୃଷ୍ଟି ହେବ ଏହି ମ୍ୟାଚ୍ ବୋଲି ଅତିଥୀ ମାନେ ମତ ପ୍ରକାଶ କରିଛନ୍ତି। ଏହାକୁ ଆହୁରି ଆଗକୁ ନେଇ ଅନ୍ତର ଜାତୀୟ ସ୍ତରର ଦଳ ଗୁଡ଼ିକୁ ମଧ ଯୋଡିବା ପାଇଁ ଉଦ୍ୟମ କରାଯିବ ବୋଲି କହିଛନ୍ତି ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କି।

## ପହଲଗାମ ଆତଙ୍କୀ ହମଲାକୁ ନେଇ ଭାବୁକ ହେଲେ ବିରାଟ, ଅନୁଷ୍କା

**ନୂଆଦିଲ୍ଲୀ,୨୩।୦୪:** ପହଲଗାମରେ ହୋଇଥିବା ଆତଙ୍କବାଦୀ ହମଲାରେ ଭାରତୀୟ କ୍ରିକେଟର ବିରାଟ କୋହଲି ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ତାଙ୍କର ଅଫିସିଆଲ୍ ଇନଷ୍ଟାଗ୍ରାମ୍ ପ୍ରୋଫାଇଲ୍‌ରେ ଏକ ଷ୍ଟୋରୀ ସେୟାର କରିଛନ୍ତି। ଏହି ପୋଷ୍ଟରେ ସେ ନିର୍ଦ୍ଦୋଷ ଲୋକଙ୍କ ଉପରେ ହୋଇଥିବା ଏହି 'ଘୃଣ୍ୟ' ଆକ୍ରମଣକୁ ନିନ୍ଦା କରିଛନ୍ତି ଏବଂ ପୀଡିତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ତାଙ୍କ ପତ୍ନୀ ଅନୁଷ୍କା ଶର୍ମା ମଧ୍ୟ ଏହି ହିଂସାତ୍ମକ ଆକ୍ରମଣ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କୋହଲି ପହଲଗାମ ଆକ୍ରମଣ ସମ୍ପର୍କରେ ଇନଷ୍ଟାଗ୍ରାମରେ ଏକ ଷ୍ଟୋରୀ ସେୟାର କରି ଲେଖିଛନ୍ତି- ପହଲଗାମରେ ନିର୍ଦ୍ଦୋଷ ଲୋକଙ୍କ ଉପରେ ହୋଇଥିବା ଏହି ଜଘନ୍ୟ ଆକ୍ରମଣରେ ମୁଁ ଗଭୀର ଦୁଃଖିତ। ପୀଡିତଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା। ପହଲଗାମ ଆତଙ୍କୀ ହମଲାକୁ ନେଇ ଭାବୁକ ହେଲେ ବିରାଟ, ଅନୁଷ୍କା କହିଲେ-ଭୁଲି ହେବ ନାହିଁ ଏହି ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ଶାନ୍ତି ଏବଂ ଶକ୍ତି ମିଳୁ, ଏବଂ ଏହି ନୃଶଂସ ଆକ୍ରମଣ ପାଇଁ ନ୍ୟାୟ ମିଳୁ।

### ଅନ୍ତଃବିଶ୍ୱବିଦ୍ୟାଳୟ ହକି ଫଳାଫଳକୁ ନେଇ ବିବାଦ

## ଗୁରୁତର ଅଭିଯୋଗ ଆଣିଲେ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳର ପ୍ରବନ୍ଧକ

**ଭୁବନେଶ୍ୱର, ୨୩।୪:** କେନ୍ଦୁଝରର ଧରଣୀଧର ମହାବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଅନ୍ତଃବିଶ୍ୱବିଦ୍ୟାଳୟ ହକି ପ୍ରତିଯୋଗିତାର ଫଳାଫଳକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ଫାଇନାଲ୍‌ରେ ତଞ୍ଚକତା କରି ଉତ୍କଳ ବିଶ୍ୱବିଦ୍ୟାଳୟକୁ ହରାଇ ଦିଆଯାଇଥିବା ଭଳି ଚାଞ୍ଚଲ୍ୟକର ଅଭିଯୋଗ ଏହି ଦଳର ପ୍ରବନ୍ଧକ ଚନ୍ଦ୍ରକାନ୍ତ ମଲ୍ଲିକ ଏକ ପ୍ରେସ୍ ବିଜ୍ଞପ୍ତିରେ ଅଭିଯୋଗ କରିଛନ୍ତି। ଏଣୁ ଅନ୍ତଃବିଶ୍ୱବିଦ୍ୟାଳୟ ହକି ପ୍ରତିଯୋଗିତାର ବିଶ୍ୱସନୀୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀ ମଲ୍ଲିକ ଅଭିଯୋଗ କରିଛନ୍ତି ଯେ ଆୟୋଜକମାନେ ଯୋଜନାବଦ୍ଧ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଫାଇନାଲ୍‌ରେ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ଅନ୍ୟାୟ କରି ଏକତରଫା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଜିତାଇ ଦେଇଥିଲେ। ଗତବର୍ଷ ରେଭେନ୍‌ସା ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଅନ୍ତଃବିଶ୍ୱବିଦ୍ୟାଳୟ ହକି ପ୍ରତିଯୋଗିତାର ଫାଇନାଲ୍‌ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ହରାଇ ଉତ୍କଳ ବିଶ୍ୱବିଦ୍ୟାଳୟ ବିଜେତା ହୋଇଥିବାରୁ ଏବର୍ଷ ତାର ପ୍ରତିଶୋଧ ନେବା ଲାଗି ଏଭଳି କରାଯାଇଥିଲା। ଏହି ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ଆୟୋଜକଙ୍କ ସହ ମିଶି ଉତ୍କଳ ବିଶ୍ୱବିଦ୍ୟାଳୟକୁ ହରାଇବାର ମସୁଧା ପୂର୍ବରୁ କରିଥିଲେ। ସେଥିପାଇଁ ରେଫରି ଉତ୍କଳ ବିଶ୍ୱବିଦ୍ୟାଳୟର ଦୁଇଟି ଗୋଲ୍‌କୁ ଫାଉଲ୍ ଦେଇ ନାକଚ କରି ଦେଇଥିଲେ। ଫଳରେ ଏହକୁ ନେଇ ପଡ଼ିଆ ଭିତରେ ଚୁକ୍ତିତର୍କ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଘଟଣାକୁ ଆଳ କରି ମ୍ୟାଚ୍ ପରିଚାଳନା ଦାୟିତ୍ୱରେ ଥିବା କିଛି ଅଧିକାରୀ ଉତ୍କଳକୁ ତୃତୀୟ ସ୍ଥାନକୁ ଖସାଇ ଦେବାକୁ ତାଗିଦ କରି ଆମ ଖେଳାଳିଙ୍କ ମନୋବଳ ଭାଙ୍ଗି ଦେଇଥିଲେ। ଏପରିକି ଫାଇନାଲ୍ ଚାଲିଥିଲା ବେଳେ ଆମର କିଛି ଖେଳାଳିଙ୍କୁ ପଡ଼ିଆ ଭିତରେ ଧମକ ଚମକ ମଧ୍ୟ ଦିଆଯାଇଥିଲା। ଏଭଳି ଅନ୍ୟାୟକୁ ବିରୋଧ କରି ଉତ୍କଳ ବିଶ୍ୱବିଦ୍ୟାଳୟ ଖେଳାଳିମାନେ ଆଉ ମ୍ୟାଚ୍ ଜାରି ରଖିବାକୁ ରାଜି ହୋଇ ନଥିଲେ। ଫଳରେ ତୃତୀୟ କ୍ୱାର୍ଟରରେ ମ୍ୟାଚ୍ ବନ୍ଦ ହୋଇଯିବା ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ବିଜେତା ଘୋଷିତ କରାଯାଇଥିଲା। ବିନା ଦୋଷରେ ଉତ୍କଳକୁ ଉପବିଜେତାରେ ସନ୍ତୁଷ୍ଟ ହେବାକୁ ପଡ଼ିଲା। ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଫାଇନାଲ୍ ଖେଳୁଥିଲା ବେଳେ ଆଶ୍ଚର୍ଯ୍ୟଜନକ ଭାବେ ଫାଇନାଲ୍ ପରିଚାଳନା ଦାୟିତ୍ୱରେ ଏହି ବିଶ୍ୱବିଦ୍ୟାଳୟର ଅଧିକାଂଶ ଅଧିକାରୀ ରହିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ହକି ଦଳର ପୃଷ୍ଠପୋଷକ ତଥା ଦଳର ପ୍ରବନ୍ଧକ, ପ୍ରଶିକ୍ଷକ ଏସ୍ ଏନ୍ ରାଉତଙ୍କୁ ପ୍ରତିଯୋଗିତାର ମୁଖ୍ୟ ବୈଷୟିକ ନିର୍ଦ୍ଦେଶକ କରାଯାଇଥିଲା।




ଏଥିନେଇ ଆମେ ରେଫରିଙ୍କ ନିକଟରେ ଆନୁଷ୍ଠାନିକ ପ୍ରତିବାଦ କରିଥିଲୁ। ହେଲେ ଏହାକୁ କୌଣସି ଗୁରୁତ୍ୱ ଦିଆଯାଇ ନଥିଲା। ସେହିଭଳି ଫାଇନାଲ୍ ବେଳେ ନିୟମ ଅନୁସାରେ ଡିଡି ମହାବିଦ୍ୟାଳୟ କ୍ରୀଡ଼ା ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନଥିଲେ। ଏଣୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ଯାହା ଚାହୁଥିଲେ କରୁଥିଲେ ବୋଲି ଅଭିଯୋଗ କରିଛନ୍ତି ଶ୍ରୀ ମଲ୍ଲିକ। କେବଳ ସେତିକି ନୁହେଁ ଉତ୍କଳ ବିଶ୍ୱବିଦ୍ୟାଳୟ ହକି ଦଳର ଖେଳାଳିଙ୍କୁ ଜଣେ ଅଧିକାରୀ ଗତ ତିନି ବର୍ଷ ହେବ ହଇରାଣ କରି ଆସୁଛନ୍ତି। ସେମାନଙ୍କୁ ସର୍ବଭାରତୀୟ ପ୍ରତିଯୋଗିତାରେ ଖେଳିବାରୁ ଅଟକାଇବାରୁ ଏଭଳି କାମ କରୁଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଡୋଭାଲଙ୍କୁ ...

ସୁଲେମାନ ଶାହ ଏବଂ ଆବୁ ତଲହାଙ୍କ ନାମ ଅନ୍ତର୍ଭୁକ୍ତ। ରିପୋର୍ଟ ଅନୁସାରେ, କିଛି ସ୍ଥାନୀୟ ଲୋକ ମଧ୍ୟ ଆତଙ୍କବାଦୀଙ୍କୁ ସାହାଯ୍ୟ କରିଛନ୍ତି। ଭାରତୀୟ ସେନା ଏକ ସର୍ଚ୍ଚ ଅପରେସନ ଆରମ୍ଭ କରିଛି। ଏସବୁର ସନ୍ଧାନ ଜାରି ରହିଛି। ରିପୋର୍ଟ ଅନୁସାରେ, ଆତଙ୍କବାଦୀମାନେ ପ୍ରାୟ ୪୦ ମିନିଟ ପାଇଁ ଆକ୍ରମଣ ସ୍ଥାନରେ ରହିଥିଲେ। ଏହି ଲୋକମାନେ ଆକ୍ରମଣ ପାଇଁ ପୂର୍ବରୁ ଏକ ଯୋଜନା ପ୍ରସ୍ତୁତ କରିଥିଲେ ଏବଂ ସେମାନଙ୍କର ଖସିଯିବାର ରାସ୍ତା ମଧ୍ୟ ସ୍ଥିର କରାଯାଇଥିଲା। ଏହି ଆତଙ୍କବାଦୀମାନେ ପ୍ରଥମେ ପିର ପଞ୍ଜାଲ ପାହାଡ଼ରେ ପହଞ୍ଚିଥିଲେ ଏବଂ ତା'ପରେ ଆଗକୁ ବଢ଼ିଥିଲେ।

### ଭାରତ...

ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିରବତା ସମସ୍ତଙ୍କୁ ଚକିତ କରୁଛି। କିଏ କିଏ କହୁଛନ୍ତି ଏହା ହେଉଛି ଝଡ ପୂର୍ବର ନିରବତା। କାଶ୍ମୀର ଉପତ୍ୟକାରେ କେନ୍ଦ୍ର ସରକାର ବିକାଶ କାମକୁ ଆଗେଇ ନେଉଥିବା ବେଳେ ପାକ ସମର୍ଥିତ ଆତଙ୍କବାଦ ପୁଣି ଥରେ ଅଶାନ୍ତ ଓ ଆତଙ୍କର ପରିବେଶ ସୃଷ୍ଟି କରିଛି। ପୂର୍ବରୁ ମଧ୍ୟ ପାକିସ୍ତାକୁ ମୋଦି ଏକାଧିକବାର ବିଭିନ୍ନ ଘଟଣାରେ ଭାରତର ସାମରିକ ଜବାବର ଝଲକ ଦେଖାଇଛନ୍ତି। ତେଣୁ ଏଥର ମଧ୍ୟ ମୋଦି କୌଣସିମତେ ଚୁପ ରହିବେ ନାହିଁ ବୋଲି ପୂରା ଦେଶ ଅନେଇ ବସିଛି। କିନ୍ତୁ ବିଭିନ୍ନ ପ୍ରକାର ଆନ୍ତର୍ଜାତିକ କଟକଣା ଭାରତର ହାତ ବାନ୍ଧି ଦେଇଛି। ହେଲେ ଆଜି ସାଉଦି ଆରବ ଗସ୍ତ କାଟ୍‌ଛାଣ୍ଟ କରି ଯେଉଁଭଳି ମୋଦି ଭାରତ ଫେରିଆସିଲେ ଓ ବିମାନବନ୍ଦରରେ ହିଁ ସ୍ଥିତିର ସମୀକ୍ଷା କରି ଅପରାହ୍ଣରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟିର ବୈଠକରେ କଠୋର ନିଷ୍ପତ୍ତି ନିଆଗଲା ତାହା ଦର୍ଶାଉଛି ଯେ, ଭାରତ ହାତ ଉପରେ ହାତ ବାନ୍ଧି ବସିବ ନାହିଁ।

### ଝଡ଼...

ଅନୁମୋଦନ ସହ ସୀମା ପାର କରିଛନ୍ତି, ସେମାନେ ଆସନ୍ତା ୧ ତାରିଖ ପୂର୍ବରୁ ସେହି ରାସ୍ତା ଦେଇ ଫେରିପାରିବେ। ସେହିପରି ଭାରତରେ ଥିବା ପାକିସ୍ତାନ ନାଗରିକଙ୍କ ଭିସାକୁ ରଦ୍ଦ କରିଦିଆଯାଇଛି। ବର୍ତ୍ତମାନ ଭାରତରେ ଥିବା ଯେକୌଣସି ପାକିସ୍ତାନ ନାଗରିକ ଆଗାମୀ ୪୮ ଘଣ୍ଟା ଭିତରେ ଭାରତ ଛାଡ଼ିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି।

ଆହୁରି ପାକିସ୍ତାନରେ ଥିବା ଭାରତୀୟ ହାଇକମିଶନରଙ୍କୁ ଦେଶକୁ ଫେରାଇ ଅଣାଯିବ। ଭାରତ ଇସଲାମାବାଦସ୍ଥିତ ଭାରତୀୟ ହାଇକମିଶନ୍‌ରୁ ଏହାର ପ୍ରତିରକ୍ଷା, ନୌସେନା ଏବଂ ବାୟୁ ପରାମର୍ଶଦାତାଙ୍କୁ ଫେରାଇ ଆଣିବ। ସମ୍ପୃକ୍ତ ହାଇକମିଶନରେ ଏହି ପଦବୀଗୁଡ଼ିକୁ ରଦ୍ଦ ବୋଲି ବିବେଚନା କରାଯିବ। ସେହିପରି ଭାରତରେ ଥିବା ପାକ୍ ହାଇକମିଶନର୍‌ଙ୍କୁ ତୁରନ୍ତ ଦେଶ ଛାଡ଼ିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ହାଇକମିଶନର ପ୍ରତିରକ୍ଷା, ସାମରିକ, ନୌସେନା ଓ ବାୟୁ ପରାମର୍ଶଦାତାମାନଙ୍କୁ ବ୍ୟକ୍ତିଗତ ଭାବରେ ଅଣଅନୁଗ୍ରହୀ ଘୋଷଣା କରାଯାଇଛି। ଭାରତ ଛାଡ଼ିବା ପାଇଁ ସେମାନଙ୍କୁ ସପ୍ତାହେ ସମୟ ଦିଆଯାଇଛି। ପାଖାପାଖି ୬ ବର୍ଷ ପରେ କଶ୍ମୀରରେ ବଡ଼ ଧରଣର ଆତଙ୍କୀ ଆକ୍ରମଣ କରି ପାକିସ୍ତାନ ପୁଣିଥରେ ତା'ର ଅସଲା ଚେହେରା ଦେଖାଇଥିବାରୁ ଭାରତ ସରକାର ଏହି ଦେଶ ସହ କୂଟନୈତିକ ସମ୍ପର୍କକୁ ଏକପ୍ରକାର ଛିନ୍ନ କରିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

### ଅଙ୍ଗନବାଡ଼ି ...

ଶିକ୍ଷା ପରୀକ୍ଷା (ଏଚଏସସି) କିମ୍ବା ତଦୁର୍ଦ୍ଧ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।

ବର୍ତ୍ତମାନ ପ୍ରଚଳିତ ନିୟମର ସଂଶୋଧନ ଦ୍ୱାରା କନିଷ୍ଠ ବର୍ଗ ସେବା (ପରିଦର୍ଶିକା) ପଦବୀରେ ଚୟନଭିତ୍ତିକ ନିଯୁକ୍ତି ପ୍ରଦାନ ନିମନ୍ତେ ଜଣେ ଅଙ୍ଗନୱାଡି କର୍ମୀ ନିଶ୍ଚିତ ରୂପେ ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ କିମ୍ବା ସମାନ ଡିଗ୍ରୀ ପାଇଥିବା ଆବଶ୍ୟକ। ପୂର୍ବ ନିର୍ଦ୍ଧାରିତ ଯୋଗ୍ୟତା ଅନୁଯାୟୀ କାର୍ଯ୍ୟ କରିଆସୁଥିବା ଅଙ୍ଗନୱାଡି କର୍ମୀଙ୍କ କ୍ଷେତ୍ରରେ କିନ୍ତୁ ଏହା ଲାଗୁ ହେବ ନାହିଁ। ଏହି ପଦକ୍ଷେପ ସେବା ବିତରଣ ମାନ ବୃଦ୍ଧି କରିବା ସହ ଶିଶୁ ଓ ମହିଳାଙ୍କ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ଯୋଜନାଗୁଡ଼ିକର ସୁପରିଚାଳନା କରିବା ଦିଗରେ ଦକ୍ଷତାକୁ ଦୃଢ଼ କରିବା ନିମନ୍ତେ ସହାୟକ ହୋଇପାରିବ। ସେହିପରି ଅବକାରୀ ବିଭାଗ ନିୟମ ୨୦୧୭ ସଂଶୋଧନକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଅନୁସୂଚିତ ଜାତି ଜନଜାତିର କ୍ୟାଡର ପୁନଃଗଠନ କରାଯାଇ ୨୪ ପଦବୀ ସୃଷ୍ଟି କରାଯିବ। ଅବକାରୀ କନେଷ୍ଟବଲ ଡିଭିଜନ ବଦଳ ଯାଇ ଜିଲ୍ଲା କ୍ୟାଡର କରାଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ବୈତରଣୀ ବାମ ଓ ଡାହାଣ ପାର୍ଶ୍ୱରେ ୧୦୮ କୋଟି ବ୍ୟୟରେ କେନାଲ ନିର୍ମାଣ ହେବ। ଏହାଦ୍ୱାରା ଭଦ୍ରକ, ବାଲେଶ୍ୱର ଏବଂ କେନ୍ଦୁଝରର ୬୦ ହଜାର ହେକ୍ଟର ଜମି ଜଳସେଚିତ ହେବ। ସ୍ୱାସ୍ଥ୍ୟ ବିଭାଗର ୧୦୮ ସେବା ପାଇଁ ଆଗାମୀ ୫ ବର୍ଷ ପାଇଁ ୨୩୧୮ କୋଟି ଟଙ୍କା ମଂଜୁର କରିଛି କ୍ୟାବିନେଟ।

### ଓଡ଼ିଶା ...

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ୬ଟି ସଚିବସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀର ସଦସ୍ୟମାନେ ଭିଜନ ଦସ୍ତାବିଜର ବିଭିନ୍ନ ଦିଗ ଓ ଲକ୍ଷ୍ୟ ସହ '୩୬ ପାଇଁ ୩୬' ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତାଗୁଡ଼ିକୁ ମିଳିତ ଭାବେ ଉପସ୍ଥାପନ କରିଥିଲେ।

ମୁଖ୍ୟମନ୍ତ୍ରୀ ଭିତ୍ତିଭୂମି କ୍ଷେତ୍ରକୁ ଅଧିକ ପ୍ରାଥମିକତା ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ରାସ୍ତା, ରେଳପଥ, ବନ୍ଦର ଓ ବିମାନ ଯୋଗାଯୋଗ ବ୍ୟବସ୍ଥାର ସମ୍ପ୍ରସାରଣ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ ନିମନ୍ତେ ପରାମର୍ଶ ଦେଇଥିଲେ। ଏହି ଆଲୋଚନାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ, ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ସକ୍ରିୟ ଅଂଶଗ୍ରହଣ କରିବା ସହ ସୁଚିନ୍ତିତ ମତାମତ ଦେଇଥିଲେ। ବୈଠକରେ ଆଗାମୀ ୧୫ ଦିନ ମଧ୍ୟରେ 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' ଉପରେ ରାଜ୍ୟର ୪ଟି ସ୍ଥାନରେ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଛି। ଏଥିସହ ବିଭିନ୍ନ ସ୍ତରରେ ଜନପ୍ରତିନିଧି, ଜନସାଧାରଣ, ନାଗରିକ ସମାଜ, ବୁଦ୍ଧିଜୀବୀଙ୍କ ସହ ବିଚାରବିମର୍ଶ କରାଯାଇ ଏହି ଭିଜନ ଦସ୍ତାବିଜକୁ ଚୂଡ଼ାନ୍ତ ରୂପରେଖ ପ୍ରଦାନ କରାଯିବ।

### ସ୍ୱାମୀଙ୍କୁ ...

ମାତ୍ର ସାତ ଦିନ ପୂର୍ବରୁ ହୋଇଥିଲା, ହାତର ମେହେନ୍ଦୀ ବି ଫିକା ପଡ଼ିନଥିଲା। ହେଲେ ଆତଙ୍କୀଙ୍କ ଗୁଳି ଲିଭେଇଦେଲା ଜୀବନ ଦୀପ। ଭାରତୀୟ ନୌସେନା ଲେଫ୍ଟନାଣ୍ଟ ବିନୟ ନରୱାଲ ଓ ହିମାଂଶୀ ଗତ ୧୬ ତାରିଖରେ ବିବାହ କରିଥିଲେ। ଦୁହେଁ ସେମାନଙ୍କର ନୂଆ ଜୀବନକୁ ସ୍ମରଣୀୟ କରିବା ପାଇଁ ପହଲଗାମର ସୁନ୍ଦର ଉପତ୍ୟକାକୁ ବାଛିଥିଲେ। ହେଲେ ଆତଙ୍କୀ ଆକ୍ରମଣ ପରେ ବର୍ତ୍ତମାନ କାଶ୍ମୀର ଛାଡୁଛନ୍ତି ସମସ୍ତ ପର୍ଯ୍ୟଟକ। ବିମାନବନ୍ଦରରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିଛି। ସମସ୍ତେ ଚାହୁଁଛନ୍ତି ନିଜ ନିଜ ଘରକୁ ଫେରିବା ପାଇଁ।

### ଆଜି ପ୍ରଶାନ୍ତଙ୍କ...

ସୋମନାଥପୁରସ୍ଥିତ ସିପେଟରେ କାର୍ଯ୍ୟ କରୁଥିଲେ ଆକାଉଣ୍ଟାଣ୍ଟ ଭାବେ। ୨୦୧୧ରେ ବାଲେଶ୍ୱର ସଦର ବ୍ଲକର ପବ୍ଲିକ କୋର୍ଡିନେଟର ଭାବେ କାର୍ଯ୍ୟ କରୁଥିବା ପ୍ରିୟଦର୍ଶିନୀଙ୍କୁ ବିବାହ କରିଥିଲେ। ପ୍ରଶାନ୍ତଙ୍କ ଭଳି ମେଳାପୀ, ସ୍ନେହୀ ଏବଂ ପରୋପକାରୀ ବ୍ୟକ୍ତିତ୍ୱଙ୍କୁ ହରାଇ ଶୋକରେ ବୁଡ଼ିଛି ଇସାଣୀ ଗାଁ। ସମବେଦନା ପାଇଁ ଘରକୁ ଛୁଟୁଛି ସାଧାରଣ ଜନତାଙ୍କଠୁ ରାଜନେତାଙ୍କ ସୁଅ। ସମସ୍ତେ ଏବେ ଅନାଇ ରହିଛନ୍ତି ପ୍ରଶାନ୍ତଙ୍କ ପାର୍ଥିବ ଶରୀରକୁ। ଶେଷ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

### ଏକକାଳୀନ ...

ସିବିଆଇ ଟିମ୍ ଡାକ ବିଭାଗର ଅନେକ ଅଧିକାରୀଙ୍କ ସମ୍ପୃକ୍ତି ଥିବା ବିଷୟରେ ଜାଣିପାରିଲେ ଓ ଭୁବନେଶ୍ୱର ଡାକ ସେବା ନିର୍ଦ୍ଦେଶକଙ୍କ ଅଭିଯୋଗ ଆଧାରରେ ଆଇପିସି ଧାରା ୧୨୦-ବି (ଅପରାଧିକ ଷଡ଼ଯନ୍ତ୍ର), ୪୨୦ (ପ୍ରତାରଣା), ୪୬୮ (ଜାଲିଆତି) ଏବଂ ୪୭୧ (ନକଲି ଡକ୍ୟୁମେଣ୍ଟକୁ ପ୍ରକୃତ ଭାବରେ ବ୍ୟବହାର କରିବା) ସହ ୫୧୧ (ଅପରାଧ କରିବାକୁ ଚେଷ୍ଟା) ଓ ଦୁର୍ନୀତି ନିବାରଣ ଆଇନର ଧାରା ୭ଏ (ଲାଞ୍ଚ) ଅନୁଯାୟୀ ଗତ ୨୦୨୩ ମେ' ୯ ତାରିଖରେ ଏକ ମାମଲା ରୁଜୁ କରିଥିଲା। ଏହି ତଦନ୍ତ ସଂସ୍ଥା ପୂର୍ବରୁ ଗତବର୍ଷ ଡିସେମ୍ବର ୩୦ ତାରିଖରେ ୫୫ ପ୍ରାର୍ଥୀ ଓ ୩ ଜଣ ମଧ୍ୟସ୍ଥିଙ୍କ ସମେତ ମୋଟ ୫୮ ଜଣଙ୍କ ବିରୋଧରେ ଭୁବନେଶ୍ୱରର ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ (ଏସିଜେଏମ୍)ଙ୍କ ନିକଟରେ ଚାର୍ଜସିଟ୍ ଦାଖଲ କରିଛି।

### ହୃଦୟ ...

ଏଭଳି ଘଟଣା ଘଟିବାପରେ ଶ୍ରୀ ଶାହ ତୁରନ୍ତ ସେଠାକୁ ଯାଇ ସ୍ଥିତିର ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଜାମ୍ମୁକାଶୀର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ଗୁଇନ୍ଦା ବାହିନୀର ମୁଖ୍ୟମାନେ ଉପସ୍ଥିତ ଥିଲେ। ପରଦିନ ଅର୍ଥାତ୍ ବୁଧବାର ଦିନ ଶ୍ରୀ ଶାହ ପହଲଗାଓଁର ସେହି ସ୍ଥାନକୁ ଯାଇଥିଲେ ଯେଉଁଠାରେ ପର୍ଯ୍ୟଟକଙ୍କ ଉପରେ ଗୁଳିମାଡ ହୋଇଥିଲା। ବୋଧହୁଏ ଦେଶର ଗୃହ ମନ୍ତ୍ରୀ ହିସାବରେ ଏତେ ଶୀଘ୍ର ଗୁଳିକାଣ୍ଡ ସ୍ଥଳରେ ପହଞ୍ଚିବା କ୍ଷେତ୍ରରେ ଶ୍ରୀ ଶାହ ହେଉଛନ୍ତି ପ୍ରଥମ।

ଉଲ୍ଲେଖନୀୟ ଯେ ଜାମ୍ମୁ କାଶ୍ମୀରରେ ଲଗାଯାଇଥିବା ଧାରା ୩୭୦ ଉଠିବାପରେ ସେଠାରେ ସ୍ଥିତି ଧିରେ ଧିରେ ସ୍ୱାଭାବିକ ହେବା ସହିତ ପୂର୍ବାବସ୍ଥା ଫେରୁଥିଲା। ଦେଶ ତଥା ବିଦେଶର ପର୍ଯ୍ୟଟକମାନେ ପ୍ରକୃତିର ଭୂସ୍ୱର୍ଗ କାଶ୍ମୀରକୁ ଆସିବାରେ ଲାଗିଥିଲେ। କେନ୍ଦ୍ର ସରକାର ମଧ୍ୟ ଆଉ ଜାମ୍ମୁ-କାଶ୍ମୀରରେ ଆତଙ୍କୀ ଭୟ ନଥିବା ଜୋର ଦେଇ କହିଥିଲେ। ସରକାରଙ୍କର କଡା ଆଭିମୁଖ୍ୟ ଦେଖିବାପରେ ଆତଙ୍କୀମାନେ ପଛଘୁଞ୍ଚା ଦେବା ସହିତ ସ୍ଥାନୀୟ ଲୋକେ ମଧ୍ୟ ନିଜର ଜୀବନ ଜୀବିକା ପାଇଁ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦେଇ ଆତଙ୍କୀଙ୍କ ଠାରୁ ଦୂରେଇ ଯାଇଥିଲେ।

ତେବେ ହଠାତ୍ ଆତଙ୍କବାଦୀମାନେ ପୁଣିଥରେ କାଶ୍ମୀରରେ ସେମାନଙ୍କର ନରସଂହାର ଆରମ୍ଭ କରିଥିବାବେଳେ ସେମାନଙ୍କୁ ସାବାଡକରିବାପାଇଁ ଦେଶର ଗୃହମନ୍ତ୍ରୀ ମୋର୍ଚ୍ଚା ସମ୍ଭାଳିଛନ୍ତି। ଭାରତର ଗୃହମନ୍ତ୍ରୀ ହିସାବରେ ଘଟଣାସ୍ଥଳରେ ପହଞ୍ଚିବା ସହିତ ମୃତ ପର୍ଯ୍ୟଟକଙ୍କ ସମ୍ପର୍କୀୟମାନଙ୍କୁ ସିଧାସଳଖ ଭେଟି ଆଶ୍ୱାସନା ଦେଇଛନ୍ତି। ଏଭଳି ବର୍ବର କାଣ୍ଡ କରିଥିବା ଆତଙ୍କୀଙ୍କୁ କୌଣସି ସ୍ଥିତିରେ ଛଡାଯିବା ନାହିଁ ବୋଲି ଚରମବାଣୀ ଶୁଣାଇଛନ୍ତି। ଏଥି ସହିତ ଶାହଙ୍କ ନିର୍ଦ୍ଦେଶରେ ଘଟଣାର ତଦନ୍ତ ଏନଆଇଏ ହାତକୁ ନେବାପରେ କିଛି ସମୟ ମଧ୍ୟରେ ଆତଙ୍କୀଙ୍କ ସ୍କେଚ୍ ଜାରି ହୋଇଛି। ସେମାନଙ୍କୁ ଧରିବାପାଇଁ ସମ୍ପୂର୍ଣ୍ଣ ଇଲାକାକୁ ଘେରାବନ୍ଦୀ କରାଯାଇ ତଲାସୀ ଅଭିଯାନକୁ ଜୋରଦାର କରାଯାଇଛି।

ଶ୍ରୀ ଶାହ ଇତି ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହିତ ଟେଲିଫୋନରେ କଥା ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଘଟଣାର ଗମ୍ଭୀରତାକୁ ଦେଖି ତାଙ୍କର ମଧ୍ୟପ୍ରାଚ୍ୟ ଗସ୍ତକୁ କାଟ୍‌ଛାଣ୍ଟ କରି ଭାରତ ଫେରି ଆସିଛନ୍ତି। ତେବେ ଫେରିବା ସମୟରେ ପ୍ରଧାନମନ୍ତ୍ରୀ ପାକିସ୍ତାନର ଆକାଶପଥକୁ ବ୍ୟବହାର ନକରି ଆତଙ୍କବାଦୀ ଓ ସୋମନଙ୍କ ପୃଷ୍ଠପୋଷକମାନଙ୍କ ପ୍ରତି ଭାରତ କେତେ କଠୋର ତାହାର ସୂଚନା ଦେଇଛନ୍ତି।

ଆଜି ପର୍ଯ୍ୟନ୍ତ ଯେତେଜଣ ଗୃହମନ୍ତ୍ରୀଙ୍କୁ ଦେଶ ଦେଖିଛି ସେମାନଙ୍କ ମଧ୍ୟରେ ପ୍ରଥମ ଗୃହମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଠାରୁ ଆରମ୍ଭ କରି ସି. ରାଜଗୋପାଳଚାରୀ, କୈଳାଶ ନାଥ କିଟ୍‌ଜୁ, ଗୋପାଳ ବଲ୍ଲଭ ପନ୍ଥ, ଲାଲ ବାହାଦୂର ଶାସ୍ତ୍ରୀ, ଜୁଲଜାରୀ ଲାଲ ନନ୍ଦା, ପି ଭି ନରସିଂହରାଓ, ଚନ୍ଦ୍ର ଶେଖର, ଲାଲ କୃଷ୍ଣ ଆଡଭାନୀ, ଶିବରାଜ ପାଟିଲ, ପି ଚିଦାମ୍ବରମ ଓ ବର୍ତ୍ତମାନର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଭଳି ନେତାଙ୍କ ନାମ ରହିଛି। ତେବେ ଦେଶର ପ୍ରଥମ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଲାଲ ବାହାଦର ଶାସ୍ତ୍ରୀଙ୍କ ପରେ ଅମିତ ଶାହା ହେଉଛନ୍ତି ଏଭଳି ଜଣେ ଗୃହମନ୍ତ୍ରୀ ଯାହାଙ୍କୁ ପୀଢି ପରେ ପିଢି ଭାରତବାସୀ ମନେ ରଖିବେ। କାଶ୍ମୀରରୁ ଧାରା ୩୭୦ ଉଠାଇବାରେ ତାଙ୍କର କଠୋରତା ହେଉ କିମ୍ବା ଆତଙ୍କୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଶୋକାକୂଳ ପରିବାର ନିକଟରେ ତୁରନ୍ତ ପହଞ୍ଚି ଆଶ୍ୱାସନା ଦେବାର କୋମଳତା ହେଉ ଶାହ ଯେ ଭାରତର ଜଣେ ସାହସୀ ଓ ଅଦ୍ୱିତୀୟ ଗୃହମନ୍ତ୍ରୀ ଏହାକୁ ଭାରତବାସୀ ମୁକ୍ତ କଣ୍ଠରେ ସ୍ୱୀକାର କରିବେ।

### ପରିବାରକୁ ...

କ'ଣ କରିବେ ବୋଲି ଅପରାଜିତାଙ୍କୁ କହିବା ସହ ପ୍ରିୟଦର୍ଶିନୀ ଦୁଃଖରେ ପୂରାପୂରି ଭାଙ୍ଗିପଡ଼ିଥିଲେ। ଏହି ସମୟରେ ଅପରାଜିତାଙ୍କୁ ପ୍ରଶାନ୍ତଙ୍କ ପରିବାରର ଅନ୍ୟାନ୍ୟ ସଦସ୍ୟ ମଧ୍ୟ ଅପରାଜିତାଙ୍କୁ ଭେଟିଥିବା ବେଳେ ସାଂସଦ ସେମାନଙ୍କୁ ମଧ୍ୟ ଆଶ୍ୱାସନା ଦେଇଥିଲେ। ଏହି ଅବସରରେ ଅପରାଜିତ ପ୍ରଶାନ୍ତଙ୍କ ଶବାଧାରରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

୪୧ ବର୍ଷୀୟ ପ୍ରଶାନ୍ତ ବାଲେଶ୍ୱରସ୍ଥିତ ସିପେଟ୍‌ରେ ଆକାଉଣ୍ଟାଣ୍ଟ୍ ଭାବେ ଚାକିରି କରିଥିଲେ। ଗତ ରବିବାର ସେ ପତ୍ନୀ ପ୍ରିୟଦର୍ଶିନୀ ଓ ପୁଅ ତନୁଜଙ୍କୁ ସାଙ୍ଗରେ ନେଇ ଜମ୍ମୁ-କଶ୍ମୀର ବୁଲିବାକୁ ଯାଇଥିଲେ। ଆତଙ୍କବାଦୀ ଆକ୍ରମଣ ଘଟଣା ନେଇ ତାଙ୍କ ବଡ଼ଭାଇ ସୁଶାନ୍ତ କୁମାର ଶତପଥୀଙ୍କୁ ଗତକାଲି ଅପରାହ୍ଣ ପ୍ରାୟ ୨ଟା ୩୦ ସମୟରେ ଫୋନ୍ ଆସିଥିଲା। ପ୍ରଶାନ୍ତଙ୍କ ଦେହାନ୍ତ ହୋଇଥିବା ବେଳେ ତାଙ୍କ ପତ୍ନୀ ଓ ପୁଅ ସୁରକ୍ଷିତ ଥିବା ସୂଚନା ମିଳିଥିଲା। ଶ୍ରୀନଗରର ପହଲଗାମ୍‌କୁ ଅନ୍ୟ ପର୍ଯ୍ୟଟକଙ୍କ ସହ ସେମାନେ ବୁଲିବାକୁ ଯାଇଥିବା ବେଳେ ଆତଙ୍କୀମାନେ ସେମାନଙ୍କ ଧର୍ମ ପଚାରି ଗୁଳିବର୍ଷଣ କରିଥିଲେ। ପ୍ରଶାନ୍ତଙ୍କ ମୃତ୍ୟୁ ଖବର ଶୁଣି ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ତାଙ୍କ ଘରକୁ ଲୋକଙ୍କ ସୁଅ ଛୁଟିଛି।

ସେହିପରି ପ୍ରଶାନ୍ତଙ୍କ ସମ୍ପର୍କରେ ତାଙ୍କ ଭାଇ କହିଛନ୍ତି ଯେ କଶ୍ମୀର ବୁଲିଯିବା ସକାଶେ ସେ ଦୀର୍ଘ ଦିନ ଧରି ଟଙ୍କା ସଞ୍ଚୟ କରୁଥିଲା ଓ ଶେଷରେ ପୁଅ ତନୁଜର ପରୀକ୍ଷା ସରିବା ପରେ କଶ୍ମୀର ଅଭିମୁଖେ ଯାତ୍ରା କରିଥିଲା। ସେଠାରେ ବୁଲାବୁଲି କରିବା ସମୟରେ ସେ ସ୍ଥାନୀୟ ପରିବେଶକୁ ବେଶ୍ ଉପଭୋଗ କରିଥିଲେ। ଏପରିକି ଆତଙ୍କୀ ଆକ୍ରମଣର ଶିକାର ହେବାର କେଇ ଘଣ୍ଟା ପୂର୍ବରୁ ବୈସରନଠାରେ ପ୍ରାକୃତିକ ପରିବେଶର ଭରପୂର ଉପଭୋଗ କରିବାର ଭିଡିଓ ମଧ୍ୟ ପରିବାର ଲୋକଙ୍କ ସହ ଶେୟାର୍ କରିଥିଲେ। ସେ ସେଠାରେ ସ୍ନୋବଲ୍ ଫିଙ୍ଗି ପୁଅ ଓ ପତ୍ନୀ ସହ ଖେଳିବା ସଙ୍ଗେ ସଙ୍ଗେ ଲାଲ୍ ରଙ୍ଗର ଜାକେଟ୍ ପିନ୍ଧି ପୁଅ ସହ ଫଟୋ ମଧ୍ୟ ଉଠାଉଥିବାର ଭିଡିଓ ପଠାଇଥିଲେ। ତେବେ ରୋପୱେରେ ପୁଅ ଓ ପତ୍ନୀ ସହ ଥିବା ସମୟରେ ପ୍ରଶାନ୍ତଙ୍କ ଛାତିରେ ଗୁଳି ବାଜିଥିଲା ଓ ସେ ସେହିଠାରେ ହିଁ ଟଳିପଡ଼ିଥିଲେ ବୋଲି ପତ୍ନୀ ପ୍ରିୟଦର୍ଶିନୀ କହିଛନ୍ତି।

ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡ ଉନ୍ମୋଚିତ

# ଭିତ୍ତିଭୂମି ପ୍ରକଳ୍ପର ବାସ୍ତବ ସମୟ ତଦାରଖ ହେବ



**ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଆଜି ପୂର୍ତ୍ତ ବିଭାଗର ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡ଼ର ଉନ୍ମୋଚନ କରିଛନ୍ତି। ଏହାଦ୍ୱାରା ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପଗୁଡିକର ବାସ୍ତବ ସମୟରେ ତଦାରଖ କରାଯାଇପାରିବ ଏବଂ ପ୍ରକଳ୍ପଗୁଡିକ ନିର୍ଭୁଲ ଭାବେ କାର୍ଯ୍ୟକାରୀ ହେବା ସହ ଏଥିରେ ଅଧିକ ଦକ୍ଷତା ଆସିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ପୂର୍ବରୁ ଯେଉଁ ମନିଟରିଂ ସିଷ୍ଟମ ଥିଲା, ସେଥିରେ ସୂଚନା ଗୁଡିକ ଠିକ୍ ଭାବେ ଆସି ପାରୁନଥିଲା, କାର୍ଯ୍ୟର ଅଗ୍ରଗତି ମନ୍ଥର ହେଉଥିଲା ଏବଂ ତା'ସହିତ ନିଷ୍ପତ୍ତି ନେବାରେ ମଧ୍ୟ ବିଳମ୍ବ ହେଉଥିଲା। ଏହି ଉନ୍ନତ ଜିଆଇଏସ୍ ଡ୍ୟାସବୋର୍ଡ ମାଧ୍ୟମରେ ସମସ୍ତ ପ୍ରମୁଖ ପ୍ରକଳ୍ପଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇ ସାର୍ବଜନୀନ ସମ୍ପତ୍ତି ଓ ଚାଲୁରହିଥିବା ପ୍ରକଳ୍ପଗୁଡ଼ିକର ସଦ୍ୟ ଚିତ୍ର ଦେଖିହେବ। ଜିଲ୍ଲା ଓ ବ୍ଲକ ସ୍ତରରେ ଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ମଧ୍ୟ ସବିଶେଷ ତଥ୍ୟ ଜାଣିହେବ। ଏଥିସହ ଏହିସବୁ ପ୍ରକଳ୍ପ ପାଇଁ ସଠିକ୍ ସ୍ଥାନ ନିରୂପଣ କରିବାକୁ ରାସ୍ତା ଏବଂ ସାଟେଲାଇଟ୍ ମ୍ୟାପ୍ ମଧ୍ୟ ଦେଖିହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେଣୁ ଏହି ବ୍ୟବସ୍ଥାରେ ଅଧିକ ଆର୍ଥିକ ସ୍ୱଚ୍ଛତା ଆସିପାରିବ ବୋଲି ସେ କହିଛନ୍ତି। ଡ୍ୟାସ୍ ବୋର୍ଡରେ ଥିବା ଇସ୍ୟୁ ଟ୍ରାକରବ୍ୟବସ୍ଥା ଦ୍ୱାରା ପ୍ରକଳ୍ପ ଗୁଡ଼ିକର ଜମି ଅଧିଗ୍ରହଣ ସମସ୍ୟା, ଜଙ୍ଗଲ ଜମି ସମସ୍ୟା ଏବଂ ଜବରଦଖଲ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ସଠିକ୍ ତଦାରଖ କରାଯାଇପାରିବ। ଲାଇଭ୍ ପ୍ରୋଜେକ୍ଟ ଟ୍ରାକିଂ, ଆର୍ଥିକ ତଦାରଖ, ସକ୍ରିୟ ବିପଦ ସତର୍କତା ଏବଂ କାର୍ଯ୍ୟଦକ୍ଷତା ନିରୀକ୍ଷଣ ସୁବିଧା ଦ୍ୱାରା ପ୍ରକଳ୍ପକୁ ନେଇ ନିଷ୍ପତ୍ତି ଗ୍ରହଣ କରିବା ଆହୁରି ସହଜ ହେବ।

ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡକୁ ଆହୁରି ବ୍ୟାପକ କରି ଅନ୍ୟ ବିଭାଗଗୁଡ଼ିକ ଦ୍ୱାରା ବ୍ୟବହାର ଉପଯୋଗୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ଓଡ଼ିଶାର ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ ବ୍ୟବସ୍ଥା ଦୃଢ଼ୀଭୁତ ହେବ ଏବଂ ସମୃଦ୍ଧ ଓଡ଼ିଶା ନିର୍ମାଣର ଲକ୍ଷ୍ୟ ଆହୁରି ତ୍ୱରାନ୍ୱିତ ହେବ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିସହ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବ ମାନେ ଉପସ୍ଥିତ ଥିଲେ।

'ୱାନ୍ ନେସନ-ୱାନ୍ ଇଲେକ୍ସନ' କର୍ମଶାଳା: ଯୁବବର୍ଗ ସହ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ

# ଦେଶକୁ ନୂଆ ଦିଶା ଦେଖାଇବ: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୪।୪:** 'ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନ' କେବଳ ନିର୍ବାଚନ ଖର୍ଚ୍ଚ ଏବଂ ଆଚାର ସଂହିତା ବିଷୟରେ ସୀମିତ ହୋଇ ରହିନାହିଁ ବରଂ ଏହା ଦେଶର

- ବିକଶିତ ଭାରତ କଳ୍ପନାର ଆଧାରଶୀଳା
- ସଶକ୍ତ ଓ ସ୍ଥିର ଭାରତ ପାଇଁ ନିର୍ଣ୍ଣାୟକ ହେବ

ରାଜନୈତିକ ସ୍ଥିରତା, ସୁଶାସନ ଏବଂ ବିକାଶର ନୂଆ ଦିଶା ଦେଖାଇବାର ମାଧ୍ୟମ ଅଟେ ବୋଲି ବୁଧବାର ନୂଆଦିଲ୍ଲୀ ସ୍ଥିତ ଡା. ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟରରେ 'ୱାନ୍ ନେସନ୍-ୱାନ୍ ଇଲେକ୍ସନ' ବିଷୟ ଉପରେ ଆୟୋଜିତ କର୍ମଶାଳାରେ ଦେଶର ଯୁବବର୍ଗଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏହି




ବିଷୟ ଏବେ ଆଇନ ଏବଂ ରାଜନୈତିକ ଚର୍ଚ୍ଚା ପରିସରରୁ ବାହାରି ଦେଶର ପ୍ରମୁଖ ଏଜେଣ୍ଡାର ଅଂଶବିଶେଷ ହୋଇଛି । କିଛି ବି ବଡ ରାଜନୈତିକ ନିଷ୍ପତ୍ତିକୁ ନିର୍ଣ୍ଣାୟକ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ନୀତି, ଯୋଜନା, ରାଜନୀତି ଏବଂ ସବୁଠୁ ମହତ୍ୱପୂର୍ଣ୍ଣ ଜନଭାଗିଦାରୀ ଆବଶ୍ୟକ। ଏହି ଭାବନା ସହ ଆଜି ଆମେ ଏହି କର୍ମଶାଳାରେ ଏକାଠି ହୋଇଛୁ। ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦି କହୁଛନ୍ତି, ଏହି ସମୟ ହିଁ ଭାରତର ସମୟ, ସେହି ବିଷୟକୁ ନେଇ ବିରୋଧୀଙ୍କ ନକାରାତ୍ମକ ଟିପ୍ପଣୀ ଦୁର୍ଭାଗ୍ୟଜନକ। ସେମାନଙ୍କ ଏହି ମନ୍ତବ୍ୟ କେବଳ ଦେଶର ସାମ୍ବିଧାନିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁନାହିଁ, ବରଂ ଜନାଦେଶକୁ ମଧ୍ୟ ହତାଦର କରୁଛି। ସମ୍ବିଧାନର କଥା କହୁଥିବା ଲୋକେ ହିଁ ସମ୍ବିଧାନର ସବୁଠୁ ଅଧିକ କ୍ଷତି କରୁଛନ୍ତି। ୧୯୬୭ ପରେ ଲୋକଙ୍କର ଆକାଂକ୍ଷାକୁ ଉପେକ୍ଷା କରାଯାଉଥିବା ସମୟରେ କଂଗ୍ରେସ ଭଙ୍ଗାରୁଜା ରାଜନୀତିକୁ ଆଗକୁ ବଢାଇବାରେ ସକ୍ଷମ ହୋଇଥିଲା। ସାମନ୍ତବାଦୀ ଚିନ୍ତାଧାରା ପୋଷଣ କରୁଥିବା ଏହି ଲୋକମାନେ ତୃତୀୟ ଥର ପାଇଁ ମୋଦିଙ୍କୁ ଜନତା ଦେଇଥିବା ଜନାଦେଶକୁ ସ୍ୱୀକାର କରିପାରୁନାହାନ୍ତି। ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ ବିକଶିତ ଭାରତ କଳ୍ପନାର ଆଧାରଶୀଳା, ଯାହା ସଶକ୍ତ ଏବଂ ସ୍ଥିର ଭାରତ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ୧୪ରୁ ଖୋଲିବ ଧାନମଣ୍ଡି




**ବରଗଡ଼,୨୩।୪(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲାରେ ରବି ଧାନ ସଂଗ୍ରହ ପାଇଁ ବୁଧବାର ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ସମେତ ଜିଲ୍ଲାର ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା, ଚାଷୀ ଓ ମିଲର୍ସ ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ, ଆସନ୍ତା ମେ' ୧୪ରୁ ରବି ଧାନ ସଂଗ୍ରହ ପାଇଁ ଜିଲ୍ଲାରେ ମଣ୍ଡି ଖୋଲିବ। ମଣ୍ଡିଗୁଡ଼ିକରେ ଚାଷୀମାନେ ଯେପରି ସୁରୁଖୁରୁରେ ଧାନ ଦେଇ ସେ ବାବଦ ଅର୍ଥ ସହଜରେ ପାଇପାରିବେ, ସେ ଦିଗରେ ଠୋସ୍ ପଦକ୍ଷେପ ନିଆଯିବ। ସେହିପରି କୌଣସି ପ୍ରକାର ଅନିୟମିତତା ଦୃଷ୍ଟିକୁ ଆସିଲେ, ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ରାଜ୍ୟରେ ୩ଟି ସିଭିଲ୍ ଜଜ୍ କୋର୍ଟ ଗଠିତ

**ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ):** ରାଜ୍ୟରେ ଗଠିତ ହୋଇଛି ୩ଟି ନୂଆ ସିଭିଲ୍ ଜଜ୍ କୋର୍ଟ (ଜୁନିୟର ଡିଭିଜନ୍)। ଏହି କୋର୍ଟଗୁଡିକ ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ସୁନ୍ଦରଗଡ ଜିଲ୍ଲାର ଲେଫ୍ରିପଡା, ସମ୍ବଲପୁର ଜିଲ୍ଲାର ରେଙ୍ଗାଲିଠାରେ ସ୍ଥାପନ କରାଯାଇଛି। ଓଡିଶା ଉଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କ୍ରମେ ରାଜ୍ୟ ସରକାର ଏହି କୋର୍ଟଗୁଡିକ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ୩ଟି କୋର୍ଟ ଗଠନ ହେବା ପରେ ଏହିସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟଗୁଡିକର ଅଧିକାର ସମାପ୍ତ ହୋଇଛି।

## କୂଅ ସଫା କଲାବେଳେ ଶ୍ୱାସରୁଦ୍ଧ ହୋଇ ୨ ମୃତ

**ରାୟଗଡ଼ା,୨୩।୪(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ବନ୍ଧ୍ରି ଗାଁରେ ଅଭାବନୀୟ ଘଟଣା ଘଟଣା ଦେଖିବାକୁ ମିଳିଛି। କୂଅ ସଫା କରିବା ଦୁଇ ଜଣଙ୍କ ପାଇଁ କାଳ ହୋଇଛି। କୂଅ ଭିତରେ ଶ୍ୱାସରୁଦ୍ଧ ହୋଇ ଦୁଇ ଜଣଙ୍କ ଜୀବନ ଚାଲିଯାଇଛି। ମିଳିଥିବା ସୂଚନାନୁସାରେ, ଏହି ଦୁଇ ବ୍ୟକ୍ତି ସଫା କରିବାକୁ କୂଅ ଭିତରକୁ ମୋଟର ପମ୍ପ ନେଇ ଓହ୍ଲାଇଥିଲେ । ଅଣନିଶ୍ୱାସୀ ହୋଇ କୂଅ ଭିତରୁ ବାହାରି ପାରିନଥିଲେ । ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସେଠାରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ମୃତକଦ୍ୱୟ ହେଲେ ତେତେ ଟାଙ୍ଗାରାଙ୍ଗା (୨୫) ଓ ଚିତ୍ତରଞ୍ଜନ ଟାଙ୍ଗାରାଙ୍ଗା (୩୦)। ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଶୋକର ଲହରୀ ଖେଳିଯାଇଛି।

- ହାଇକୋର୍ଟ ନିର୍ଦ୍ଦେଶର ଅବମାନନା

## ବିନା ନୋଟିସରେ ଚାଲିଲା ବୁଲଡୋଜର, ଉଜୁଡ଼ିଲା ପରିବା ଚାଷ



**ଭଦ୍ରକ,୨୩।୪(ସଂଚାର ବ୍ୟୁରୋ):** ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରିବା ସହିତ ବିନା ନୋଟିସରେ ସ୍ଥିତିବାନ ସମ୍ପତ୍ତିରେ ପ୍ରଶାସନ ପକ୍ଷରୁ ବୁଲଡୋଜର ଚାଲିଲା। ଫଳରେ ଏକାଧିକ ପରିବାରଙ୍କ ପରିବା ଚାଷ ଉଜୁଡ଼ିଯାଇଛି। ଏପରି ଅଭିଯୋଗ ଆଣିଛନ୍ତି ଭଦ୍ରକ ଜିଲ୍ଲା ବନ୍ତ ତହସିଲ ଅଧୀନ ଗୋବିନ୍ଦପୁର ଗ୍ରାମର ଏକାଧିକ ପରିବାର। ମିଳିଥିବା ସୂଚନାନୁଯାୟୀ, ଗ୍ରାମର କିଛି ଗୋଚର ଜମିକୁ କେତେକ ମୁଷ୍ଟିମେୟ ଲୋକ ଜବରଦଖଲ କରିଥିବା ଅଭିଯୋଗ ହୋଇଥିଲା । ଯାହାକୁ ନେଇ ହାଇକୋର୍ଟ ସମ୍ପୃକ୍ତ ଗୋଚର ଜମିକୁ ଜବର ଦଖଲ ମୁକ୍ତ କରିବା ସକାଶେ ନିର୍ଦ୍ଦେଶ ଦେଇଥିଲେ। ବନ୍ତ ତହସିଲର ଏକ ଟିମ ପୁଲିସ ଉପସ୍ଥିତିରେ ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ସକାଶେ ପହଞ୍ଚିଥିଲା। କିନ୍ତୁ ଉକ୍ତ ଟିମ୍ ଗୋଚର ଜମି ପରିବର୍ତ୍ତେ ଗ୍ରାମର କେତେକ ପରିବାରର ସ୍ଥିତିବାନ ଜମି ଉପରେ ବୁଲଡୋଜର ଚଳାଇ ବାଡ଼ ଭାଙ୍ଗିବା ସହ ଚାଷକୁ ନଷ୍ଟ କରିଦେଇଥିବା ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ତହସିଲ କର୍ତ୍ତୃପକ୍ଷଙ୍କ ଏକତରଫା କାର୍ଯ୍ୟକୁ ବିରୋଧ କରିବା ସହ ଜାତୀୟ ମାନବାଧିକାର କମିସନ, ରାଜ୍ୟ ମାନବାଧିକାର କମିସନରଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି କ୍ଷତିଗ୍ରସ୍ତ ପରିବାର। ତୁରନ୍ତ ସେମାନଙ୍କୁ କ୍ଷତିପୂରଣ ଯୋଗାଇଦେବା ସକାଶେ ଦାବି ମଧ୍ୟ କରିଛନ୍ତି।

ନିଆରା ଜନଶୁଣାଣି

## ଲୋକଙ୍କ ପାଖରେ ପହଞ୍ଚି ଅଭିଯୋଗ ଶୁଣିଲେ ବିଧାୟକ

**ଜଳେଶ୍ୱର,୨୩।୪(ସଂଚାର ବ୍ୟୁରୋ):** ଆଜି ଏଠାରେ ଏକ ନିଆରା ଜନଶୁଣାଣି ଦେଖିବାକୁ ମିଳିଛି। ଏଠି ଲୋକେ ଅଧିକାରୀଙ୍କ ପାଖକୁ ନୁହେଁ, ବରଂ ବିଧାୟକ ନିଜେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ଶୁଣିଛନ୍ତି। ପ୍ରଶାସନର ନିର୍ଦ୍ଦେଶ କ୍ରମେ ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ପ୍ରକୋଷ୍ଠ ଓ ଜିଲ୍ଲା ସ୍ତରରେ ସରକାରଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ହୋଇଥାଏ। ସେହିଭଳି ତୃଣମୂଳ ସ୍ତରରେ ସାଧାରଣ ଜନତାଙ୍କ ସମସ୍ୟାର ସମାଧାନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସାଙ୍ଗରେ ଧରି ଉପାନ୍ତ ଅଞ୍ଚଳକୁ ଗଲେ ବାଲେଶ୍ୱର ଜିଲ୍ଲା ସଦର ବିଜେପି ବିଧାୟକ ମାନସ କୁମାର ଦତ୍ତ।



ସିଧାସଳଖ ଲୋକମାନଙ୍କ ଅଭିଯୋଗ ଶୁଣିଲେ ବିଧାୟକ। କିଛି ସମସ୍ୟାର ତୁରନ୍ତ ସମାଧାନ କରିବା ସହ କିଛି ସମସ୍ୟା ଖୁବଶୀଘ୍ର ସମାଧାନ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କଷାଫଳ ପଞ୍ଚାୟତରେ ଦେଖିବାକୁ ମିଳିଛି ଏଭଳି ଏକ ନିଆରା ଜନଶୁଣାଣି। ଜିଲ୍ଲା ସଦର ମହକୁମାଠାରୁ ଏହି ଗାଁ ପ୍ରାୟ ୫୦ କିମି ଦୂର ହୋଇଥିବାରୁ ଅଞ୍ଚଳବାସୀ ବିଭିନ୍ନ ସମସ୍ୟା ନେଇ ବାରମ୍ବାର ଜିଲ୍ଲା ମୁଖ୍ୟାଳୟକୁ ଆସି ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ତେଣୁ ବିଧାୟକ ସମସ୍ତ ବିଭାଗର ଅଧିକାରୀଙ୍କୁ ସାଙ୍ଗରେ ନେଇ ଲୋକଙ୍କ ନିକଟକୁ ଯାଇ ସମସ୍ତ ଅଭିଯୋଗ ଶୁଣିଛନ୍ତି । ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ୨୦୫ଟି ଅଭିଯୋଗ ଶୁଣାଣୀ ହୋଇଥିଲା। ଅଭିଯୋଗ ମଧ୍ୟରେ ମୁଖ୍ୟତଃ ପାନୀୟ ଜଳ ଯୋଗାଣ, ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଏବଂ ଜମିଜମା ଜନିତ ସମସ୍ୟା ସର୍ବାଧିକ ରହିଥିଲା। ଅଭିଯୋଗ ଆଧାରରେ ସରକାରଙ୍କ ବିଭିନ୍ନ ଯୋଜନା ଅନୁଯାୟୀ ଆବାସ ସହାୟତା, ଜଳ ନିଷ୍କାସନ, ଭତ୍ତା ଇତ୍ୟାଦି ଅଭିଯୋଗ ଉପରେ ବିଚାର ପୂର୍ବକ ତୁରନ୍ତ ସେଗୁଡିକ ସମାଧାନ ନିମନ୍ତେ ଉପସ୍ଥିତ ଥିବା ବିଭିନ୍ନ ବିଭାଗୀୟ ଅଧୀକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ପରିଚାଳିତ ଲୋକଙ୍କ ସରକାର ସବୁବେଳେ ଲୋକଙ୍କ ସାଥୀରେ ରହିଛି । ତୃଣମୂଳ ସ୍ତରରେ ସାଧାରଣ ଜନତାଙ୍କ ସମସ୍ତ ସମସ୍ୟାର ତ୍ୱରିତ ସମାଧାନ ପାଇଁ ରାଜ୍ୟରେ ସରକାର ଦୃଢ଼ ପ୍ରତିଶୃତିବଦ୍ଧ ବୋଲି ବିଧାୟକ କହିଥିଲେ। ଅନ୍ୟପଟେ ନିଜ ଅଞ୍ଚଳରେ ସରକାରଙ୍କ ସମସ୍ତ ବିଭାଗର ଅଧିକାରୀ ଏବଂ ବିଧାୟକ ଉପସ୍ଥିତ ରହି ସମସ୍ୟା ସମାଧାନ କରିଥିବାରୁ ସାଧାରଣ ଜନତା ଖୁସି ପ୍ରକଟ କରିଛନ୍ତି। ତେଣୁ ସେମାନେ ବିଧାୟକ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ବିଧାୟକଙ୍କ ଏଭଳି ଜନଶୁଣାଣି ରାଜ୍ୟର ଅନ୍ୟ ନେତାମାନଙ୍କ ପାଇଁ ଉଦାହରଣ ସାଜିଛି।

## ଥାନା ଭିତରେ ପୁଲିସ୍‌କୁ ଆକ୍ରମଣ: କନେଷ୍ଟବଳ ଗୁରୁତର

**ବଲାଙ୍ଗିର,୨୩।୪(ସଂଚାର ବ୍ୟୁରୋ):** ଥାନା ଭିତରେ ପୁଲିସକୁ ଆକ୍ରମଣ। କାଠ ଫାଳିଆ ମାଡ଼ରେ କନେଷ୍ଟବଳ ସୁଦାମ ନାଗ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ବଲାଙ୍ଗିର ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ତୁରେକେଲା ଥାନା ଢୋଲମାନ୍ଦଲ ଗାଁର ମଗଶିର ପରାଭୋଇ ଓ ତାଙ୍କ ସ୍ତ୍ରୀ ମୁରିବାହାଲ ଥାନା କୁମ୍ଭାରୀ ଗାଁକୁ ନିଜ ପୁଅ ପାଇଁ ଝିଅ ଦେଖିବାକୁ ଆସିଥିଲେ। କିନ୍ତୁ ଝିଅର ବିବାହ ବୟସ ହୋଇନଥିବାରୁ କନ୍ୟାପକ୍ଷ ଲୋକ ଝିଅ ବିବାହ ପାଇଁ ମନା କରିଦେଇଥିଲେ। ସେଠାରୁ ସ୍ୱାମୀ-ସ୍ତ୍ରୀ ଝିଅକୁ ଅପହରଣ କରି ଫେରାର ହେଉଥିବା ସମୟରେ ପୁଲିସ ଉଭୟଙ୍କୁ କାବୁ କରି ଥାନାରେ ଅଟକ ରଖିଥିଲା। ତେବେ ବିଳମ୍ବିତ ରାତିରେ ମଗଶିର ପୁଲିସକୁ ଆକ୍ରମଣ କରି ଚମ୍ପଟ ମାରିବା ସକାଶେ ଉଦ୍ୟମ କରିଥିଲା। ତା'ର କାଠଫାଳିଆ ମାଡ଼ରେ ଶ୍ରୀ ନାଗ ଆହତ ହୋଇଛନ୍ତି। କିନ୍ତୁ ମଗଶୀରର ଫେରାର୍ ଉଦ୍ୟମ ବିଫଳ ହୋଇଥିବା ବେଳେ ତାକୁ ଅନ୍ୟ ପୁଲିସ୍ କର୍ମଚାରୀମାନେ କାବୁ କରିନେଇଥିଲେ। ଖବର ପାଇ ଘଟଣାସ୍ଥଳରେ କଣ୍ଟାବାଞ୍ଜି ଏସଡିପିଓ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୁଲିସ୍ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ୨୬ ଯାଏ ତାତିରୁ ନାହିଁ ତ୍ରାହି




**ପଶ୍ଚିମରେ ୪୭ ଛୁଇଁବ ତାପମାତ୍ରା**

**ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ):** ସମ୍ପ୍ରତି ଭୀଷଣ ଗ୍ରୀଷ୍ମ ପ୍ରବାହରେ ସମଗ୍ର ରାଜ୍ୟ ଭାଜି ହେଉଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଶେଷକରି ତତଲା କଡ଼େଇରେ ସନ୍ତୁଳିତ ହେଉଛି ପଶ୍ଚିମ ଓଡ଼ିଶା। ଏହି ଅଞ୍ଚଳର ଝାରସୁଗୁଡ଼ାରେ ତାପମାତ୍ରା ଗତ ୪ ଦିନ ହେଲା ପାଖାପାଖି ୪୩ ଡିଗ୍ରୀ ଉପରେ ରହିଆସିଛି। ଏହାଛଡ଼ା ଉପକୂଳ, ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ମଧ୍ୟ ଗ୍ରୀଷ୍ମ ଲହରୀ ଗତ ସପ୍ତାହ ତୁଳନାରେ ଯଥେଷ୍ଟ ଅଧିକ ଅନୁଭୂତ ହେଉଛି। କିନ୍ତୁ ରାଜ୍ୟରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ସମାନ ସ୍ଥିତି ଜାରି ରହିବ। ଅର୍ଥାତ୍ ଆହୁରି ୪ ଦିନ ଜନସାଧାରଣଙ୍କୁ ଭୀଷଣ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିରେ ସନ୍ତୁଳିତ ହେବାକୁ ପଡ଼ିବ। ଏପରିକି ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଆଜି କେନ୍ଦ୍ର ପକ୍ଷରୁ ଜାରି ପୂର୍ବାନୁମାନ ଅନୁସାରେ, ଆଗାମୀ ୪ ଦିନ ପର୍ଯ୍ୟନ୍ତ ତାତିରୁ ତ୍ରାହି ମିଳିବାର ନାହିଁ। ବରଂ ପଶ୍ଚିମରେ ତାପମାତ୍ରା ଚଳିତ ବର୍ଷ ସର୍ବାଧିକ ହେବାର ଆଶଙ୍କା ରହିଛି। ଗତ ସୋମବାର ଓ ମଙ୍ଗଳବାର ଝାରସୁଗୁଡ଼ା ତାପମାତ୍ରା କ୍ରମାଗତ ଭାବେ ବଢ଼ିଥିବା ବେଳେ ମଙ୍ଗଳବାର ତାପମାତ୍ରା ଚଳିତ ବର୍ଷର ସର୍ବାଧିକ ୪୬ ଡିଗ୍ରୀ ଉପରେ ରହିଥିଲା। ଆସନ୍ତାକାଲି ଏଠାରେ ତାପମାତ୍ରା ୪୭ ଡିଗ୍ରୀ ଉପରେ ରହିବା ନେଇ ଆକଳନ କରାଯାଇଛି। ଏହାଛଡ଼ା ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, ବଲାଙ୍ଗିର ଓ କଳାହାଣ୍ଡି ଆଦି ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଅନ୍ୟପକ୍ଷରେ ୧୪ଟି ଜିଲ୍ଲାକୁ ୟେଲୋ ସତର୍କତା ମଧ୍ୟ ଦିଆଯାଇଛି। ଅବଶ୍ୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନରେ ଉପକୂଳ ଓଡ଼ିଶା ପାଇଁ ସାମାନ୍ୟ ଆଶ୍ୱସ୍ତିକର ଖବର ରହିଛି। କାରଣ ପଶ୍ଚିମ ଓଡ଼ିଶା ଅପେକ୍ଷା ଉପକୂଳ ଓଡ଼ିଶାରେ ତାତି ସାମାନ୍ୟ କମ୍ ଅନୁଭୂତ ହେବ। କିନ୍ତୁ ଏଠାରେ ଖରା କମିଲେ ବି ତାତି ଓ ଗୁଳୁଗୁଳି ଯଥେଷ୍ଟ ଅଧିକ ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଜନସାଧାରଣ ପ୍ରବଳ ଖରା ପରିପ୍ରେକ୍ଷୀରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ସକାଶେ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଆସିଛି। ବିଶେଷକରି ପ୍ରଚଣ୍ଡ ଖରା ବେଳେ ଅତି ଜରୁରୀ କାମ ନ ଥିଲେ ଘରୁ ନବାହାରିବାକୁ କୁହାଯାଉଛି। ପାଇଁ ପରାମର୍ଶ ଦିଆଯାଇଛି।

## ସମୁଦ୍ରରୁ ମାଛ ଧରିବା ଉପରେ କଟକଣା

**ଚିନ୍ତାରେ ମତ୍ସ୍ୟଜୀବୀ**

**ବାଲେଶ୍ୱର,୨୩।୪(ସଂଚାର ବ୍ୟୁରୋ):** ଗତ ୧୫ରୁ ଆସନ୍ତା ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ସମୁଦ୍ରରୁ ମାଛ ଧରିବା ଉପରେ କଟକଣା ଲାଗିଥିବା ବେଳେ ଏହାକୁ ନେଇ ମତ୍ସ୍ୟଜୀବୀ ପରିବାର ଚିନ୍ତାରେ ପଡ଼ିଯାଇଛନ୍ତି। ମାଛ ବଂଶ ବୃଦ୍ଧି ସକାଶେ ନିଆଯାଇଥିବା ଏଭଳି ପଦକ୍ଷେପ ଯୋଗୁଁ ବାଲେଶ୍ୱର ଜିଲ୍ଲା ବାହାବଳପୁର ମାଛଧରା ଜେଟିରେ ହଜାର ହଜାର ମତ୍ସ୍ୟଜୀବୀ ଓ ମାଛ ବ୍ୟବସାୟୀ ଏବେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। କଟକଣା ହଟିବା ପର୍ଯ୍ୟନ୍ତ ସମସ୍ତ ମତ୍ସ୍ୟଜୀବୀଙ୍କୁ ସରକାରୀ ସହାୟତା ଯୋଗାଇଦେବା ସକାଶେ ସେମାନେ ନିବେଦନ କରିଛନ୍ତି। ମାଛ ବଂଶ ବିସ୍ତାର ପାଇଁ ସରକାର ନେଇଥିବା ନିଷ୍ପତ୍ତିକୁ ମତ୍ସ୍ୟଜୀବୀମାନେ ସ୍ୱାଗତ କରିଛନ୍ତି। କିନ୍ତୁ ଦୁଇ ମାସ ପାଇଁ ମତ୍ସ୍ୟ ବିଭାଗ ପକ୍ଷରୁ ଅନୁକମ୍ପା ରାଶି ପ୍ରଦାନ କରିବା ସକାଶେସେମାନେ ନିବେଦନ କରିଛନ୍ତି। ଏ ପ୍ରସଙ୍ଗରେ ବାଲେଶ୍ୱର ଜିଲ୍ଲା ସହକାରୀ ମତ୍ସ୍ୟ ଅଧିକାରୀ କହିଛନ୍ତି ଯେ ଯେଉଁ ଗରିବ ମତ୍ସ୍ୟଜୀବୀମାନେ ସୋସାଇଟିରେ ପଞ୍ଜୀକରଣ କରିଛନ୍ତି, ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ।

## ତୁର୍କୀରେ ୬.୨ ତୀବ୍ରତାର ଶକ୍ତିଶାଳୀ ଭୂମିକମ୍ପ

**ନୂଆଦିଲ୍ଲୀ,୨୩।୪:** ବୁଧବାର ତୁର୍କୀରେ ୬.୨ ତୀବ୍ରତାର ଏକ ଭୂମିକମ୍ପ ହୋଇଛି। ଯାହା ଫଳରେ ଇସ୍ତାନବୁଲରେ କମ୍ପନ ଅନୁଭୂତ ହେବାରୁ ଲୋକମାନେ ନିଜ ଘର ଛାଡି ବାହାରକୁ ଚାଲି ଆସିଥିଲେ।

ତୁର୍କୀର ଏଏଫ୍ଏଡି ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଏହି ଭୂମିକମ୍ପକୁ ରାଜଧାନୀ ସହରରେ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଘଟିଥିବା ଅନ୍ୟତମ ଶକ୍ତିଶାଳୀ ଭୂମିକମ୍ପ ବୋଲି ଅଭିହିତ କରିଛି, ଯାହା ବୋସ୍ଫରସ ଜଳସନ୍ଧିର ଇଉରୋପୀୟ ଓ ଏସୀୟ ଉପକୂଳରେ ଅବସ୍ଥିତ। ଏହି ଭୂମିକମ୍ପ, ଯାହା ସ୍ଥାନୀୟ ସମୟ ମଧ୍ୟାହ୍ନ ୧୨:୪୯ ରେ ହୋଇଥିଲା। ଏହାର କେନ୍ଦ୍ରବିନ୍ଦୁ ଇସ୍ତାମ୍ବୁଲରୁ ପଶ୍ଚିମକୁ ପ୍ରାୟ ୮୦ କିଲୋମିଟର (୫୦ ମାଇଲ) ଦୂରରେ ସିଲିଭ୍ରି ଅଞ୍ଚଳରେ ଥିଲା। ଏଏଫ୍ଏଡି ଅନୁସାରେ, ଏହା ୬.୯୨ କିଲୋମିଟର (୪.୩ ମାଇଲ) ଗଭୀରତାରେ ଘଟିଥିଲା। ବର୍ତ୍ତମାନ ସୁଦ୍ଧା କୌଣସି କ୍ଷୟକ୍ଷତି ରିପୋର୍ଟ ହୋଇନାହିଁ।

# ବିଳମ୍ବିତ ବିଚାର, ଡରୁନାହାନ୍ତି ଦୁର୍ନୀତିଗ୍ରସ୍ତ

**ଭୁବନେଶ୍ୱର,୨୩।୪:** ବିଳମ୍ବିତ ବିଚାର ଏବଂ ଦଣ୍ଡବିଧାନ ହାର କମ୍ ରହୁଥିବାରୁ ଦୁର୍ନୀତିଗ୍ରସ୍ତ କର୍ମଚାରୀମାନଙ୍କର ବ୍ୟବସ୍ଥା ପ୍ରତି ଭୟ ରହୁନାହିଁ । ଫଳରେ ତଳୁ ଉପର ପର୍ଯ୍ୟନ୍ତ ଦୁର୍ନୀତି ବ୍ୟାଧି ବ୍ୟାପକ ହେଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି ।

ରାଜ୍ୟ ସରକାର ବାରମ୍ବାର କହୁଛନ୍ତି ଯେ ଦୁର୍ନୀତି ନିବାରଣ ମାମଲାରେ ଓଡିଶାରେ ଦଣ୍ଡବିଧାନ ହାର ଜାତୀୟ ହାର ତୁଳନାରେ ସନ୍ତୋଷଜନକ । ତେବେ ବର୍ଷରେ ତିନି ଶହ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ମାମଲାର ଫଏସଲା ହୋଇପାରୁ ନାହିଁ । ଯେତିକି ମାମଲା ବି ଫଏସଲା ହେଉଛି ସେଥିରୁ ଅଧିକାଂଶରେ ଅଭିଯୁକ୍ତ ଖଲାସ ହୋଇଯାଉଛନ୍ତି ।

୨୦୨୩ ଡିସେମ୍ବରରେ ପ୍ରକାଶ ପାଇଥିବା ଭାରତ ସରକାରଙ୍କ ସର୍ବଶେଷ ଏନସିଆରବି ରିପୋର୍ଟର ତଥ୍ୟ ମୁତାବକ



ଓଡିଶାରେ ଯେତେ ସଂଖ୍ୟକ ଦୁର୍ନୀତି ନିବାରଣ ମାମଲା ବିଚାର ପ୍ରତୀକ୍ଷାରେ ରହୁଛି ସେଥିରୁ ବର୍ଷରେ ମାତ୍ର ୬.୪ ପ୍ରତିଶତ ଫଏସଲା ହେଉଥିବାବେଳେ ୯୩.୬ ପ୍ରତିଶତ ପୁରୁଣା ମାମଲା ଭାବେ ପରବର୍ତ୍ତୀ ବର୍ଷକୁ ଗଡୁଛି । ଫଏସଲା ହେଉଥିବା ଦୁର୍ନୀତି ନିବାରଣ ମାମଲାରେ ବର୍ଷରେ ଦଣ୍ଡବିଧାନ ହାର ୩୬.୪ ପ୍ରତିଶତବୋଲି ଏହି ରିପୋର୍ଟ କହୁଛି ।

ଏଥିରେ ପ୍ରଦତ୍ତ ତଥ୍ୟ ମୁତାବକ ଉକ୍ତ ବର୍ଷରେମାତ୍ର ୨୪୭ଟି ଦୁର୍ନୀତି ନିବାରଣ ମାମଲା ଫଏସଲା ହେଉଥିବାବେଳେ ସେଥିରୁ ମୋଟ୍ ୯୦ଟିରେ ଦଣ୍ଡବିଧାନ ହୋଇଛି ଏବଂ ୧୦୭ଟିରେ ଅଭିଯୁକ୍ତମାନେ ଦୋଷମୁକ୍ତ ହୋଇଛନ୍ତି। ମାମଲା ଚାଲୁଥିବାବେଳେ ଅଭିଯୁକ୍ତଙ୍କ ମୃତ୍ୟୁ କାରଣରୁ ଅନେକ କ୍ଷେତ୍ରରେ ଏହା ବନ୍ଦହୋଇ ଯାଉଛି । ଏହାଛଡା ଆଉ କେତେକ ଦୁର୍ନୀତି ନିବାରଣ ମାମଲାକୁ ମଧ୍ୟ କର୍ତ୍ତୃପକ୍ଷ ବାତିଲ କରିବାକୁ ବାଧ୍ୟ ହେଉଛନ୍ତି ।

ତଳୁ ଉପର ପର୍ଯ୍ୟନ୍ତ ଅଧିକାଂଶ ସରକାରୀ ଦପ୍ତରରେ ବିନା ଲାଞ୍ଚରେ କାମ ହେଉନାହିଁ । ଏମିତିକି ପରିବାରର କେହି ମରିଗଲେ ଉତ୍ତରାଧିକାରୀ ପ୍ରମାଣପତ୍ରଟିଏ ପାଇବାପାଇଁ ବି ବହୁ କ୍ଷେତ୍ରରେ ଲାଞ୍ଚ ଦେବାକୁ ପଡୁଛି । ପ୍ରତିଦିନ ଖବରକାଗଜ ପୃଷ୍ଠାରେ ଛୋଟ ବଡ କାମ ପାଇଁ ଲାଞ୍ଚନେଇ ସରକାରୀ କର୍ମଚାରୀ ଧରାପଡିବା ଏବଂ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିବା ଘେନି ମାଳ ମାଳ ଖବର ପ୍ରକାଶ ପାଉଛି । ମୋଟାମୋଟି ଭାବେ ବର୍ଷକୁ ବର୍ଷ ଦୁର୍ନୀତି କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲୁଛି । ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ହଜାର ହଜାର ଅଭିଯୋଗ ପଞ୍ଜିକୃତ ହେବାର ମୁଖ୍ୟ କାରଣ ତଳସ୍ତରରେ ଲୋକଙ୍କ ଅଭିଯୋଗର ସମାଧାନ ନକରି ବର୍ଷ ବର୍ଷ ଧରି ପକାଇ ରଖିବା । ଏମିତିକି ଗରିବ ଲୋକଙ୍କୁ ବାସଗୃହ ଓ ରାସନକାର୍ଡ ଯୋଗାଇ ଦେବାଲାଗି ଲାଞ୍ଚ ନେଇ ଧରାପଡିବାର ନଜିର ଅନେକ ରହିଛି ।

ଏବେ ରାଜ୍ୟର ବିଭିନ୍ନ ଭିଜିଲାନ୍ସ ଅଦାଲତରେ ୪ହଜାରରୁ ଅଧିକ ମାମଲା ବିଚାର ପ୍ରତୀକ୍ଷାରେ ଅଛି । ଏଥିରୁ ଏମିତି କିଛି ମାମଲା ରହିଛି ଯେଉଁଗୁଡିକ ୨୦/୩୦ ବର୍ଷ ଧରି ଗଡୁଛି । ଏଭଳି ପୁରୁଣା ମାମଲାରେ ଅନେକ ଅଭିଯୁକ୍ତ ଏବଂ ସରକାରୀ ସାକ୍ଷୀ ଓ ତଦନ୍ତକାରୀ ଅଧିକାରୀ ବୟସାଧିକ୍ୟ କାରଣରୁ ଅଦାଲତରେ ହାଜର ହୋଇପାରୁ ନାହାନ୍ତି।

ଅଭିଜ୍ଞ ଆଇନ୍‌ଜୀବୀମାନେ କହୁଛନ୍ତି ଯେ ସୀମିତ ସମୟ ମଧ୍ୟରେ ତଦନ୍ତସାରି ଅଭିଯୋଗଫର୍ଦ୍ଦ ଦାଖଲ କରାଗଲେ ଏବଂ ଛଅମାସରୁ ବର୍ଷେ ଭିତରେ ରୁଜୁ ହେଉଥିବା ଭିଜିଲାନ୍ସ ମାମଲାଗୁଡିକ ଫଏସଲା କରାଗଲେ ତ୍ୱରିତ ଦଣ୍ଡବିଧାନ ଭୟରେ ଦୁର୍ନୀତି କମିଯାଆନ୍ତା । ଏହାଛଡା ଆୟ ବର୍ହିଭୂତ ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ସହିତ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ବିଧି ବ୍ୟବସ୍ଥା ଅନୁଯାୟୀ ଚାକିରିରୁ ବିଦା କରାଗଲେ ଏହାର ପ୍ରଭାବ ମଧ୍ୟ ଅନ୍ୟ କର୍ମଚାରୀ ଓ ଅଧିକାରୀଙ୍କ ଉପରେ ପଡନ୍ତା । (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ୩୦ରୁ 'ୱିମେନ୍ସ ବିଜନେସ୍ ମେଳା ୨.୦'

## ୨୦୦ରୁ ଅଧିକ ମହିଳାଙ୍କ ଷ୍ଟଲ୍, ୩୫ରୁ ଅଧିକ ଖାଦ୍ୟ ଷ୍ଟଲ୍

**ଭୁବନେଶ୍ୱର:** ଚଳିତ ମାସ ୩୦ରୁ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ୱିମେନ୍ସ ବିଜିନେସ୍ ମେଳା ୨.୦ ଆରମ୍ଭ ହେବ। ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ନ୍ୟାସନାଲ୍ ୱିମେନ୍ସ ଏଣ୍ଟରପ୍ରିନ୍ୟୁରସିପ୍ କାଉନ୍‌ସିଲ୍ (ଆଇଏନ୍‌ଡବ୍ଲ୍ୟୁଇସି) ପକ୍ଷରୁ ଆୟୋଜନ କରାଯାଉଥିବା ଏହି ମେଳା ପାଞ୍ଚ ଦିନ ଧରି ମେ' ୪ ପର୍ଯ୍ୟନ୍ତ ଚାଲିବ। ଏଥିରେ ୨୩୦ରୁ ଅଧିକ ଷ୍ଟଲ୍ ସ୍ଥାପନ କରାଯିବ। ଜନଜାତି ଉଦ୍ୟୋଗୀ, ଏସ୍‌ଏଚ୍‌ଜି ଗ୍ରୁପ୍ ଏବଂ ଶିଶୁ ଉଦ୍ୟୋଗୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଷ୍ଟଲ୍ ଦିଆଯିବ। ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରୁ ଏଥିରେ ମହିଳା ଉଦ୍ୟୋଗୀମାନେ ଭାଗ ନେବେ। ୨୦୨୨ରେ ଏହି ମେଳାର ପ୍ରଥମ ସଂସ୍କରଣ ଆୟୋଜନ କରାଯାଇଥିଲା।

ଆଇଏନ୍‌ଡବ୍ଲ୍ୟୁଇସି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ ମେଳାର ଦ୍ୱିତୀୟ ସଂସ୍କରଣ ମହିଳା ଉଦ୍ୟୋଗୀମାନଙ୍କ ବର୍ଦ୍ଧିତ ଗୁରୁତ୍ୱକୁ ଉପସ୍ଥାପିତ କରିବ। ଏହା ଏକ ସମ୍ପୂର୍ଣ୍ଣ ଭିନ୍ନ ଅନୁଭୂତି ପ୍ରଦାନ କରିବ। ସୁସ୍ମିତା ସେନ୍, ଜାୟେଦ୍ ଖାନ୍, ପ୍ରକୃତି ମିଶ୍ର, ଶୋଭା ଦେ ଓ ପ୍ରହ୍ଲାଦ କକରଙ୍କ ଭଳି ବଲିଉଡ୍ ସେଲିବ୍ରିଟି ଏଥିରେ ସାମିଲ ହେବେ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ ଏକ ଖାଦ୍ୟ ଉତ୍ସବ ଆୟୋଜନ କରାଯିବ, ଯେଉଁଥିରେ ୩୮ଟି ଷ୍ଟଲ୍ ରହିବ। ଏହା ବ୍ୟତୀତ ଏକ ଅଟୋମୋବାଇଲ୍ ଜୋନ୍ ରହିବ, ଯେଉଁଥିରେ ପ୍ରତିଷ୍ଠିତ ବ୍ରାଣ୍ଡ୍‌ଗୁଡ଼ିକର ଗାଡ଼ି ପ୍ରଦର୍ଶିତ ହେବ। ଏହି ମେଳାରେ ସାମିଲ ହେବାକୁ ଥିବା ମହିଳାମାନଙ୍କୁ ବ୍ୟବସାୟର ମନ୍ତ୍ର ପ୍ରଦାନ କରାଯିବ। ସେମିନାର ଆୟୋଜନ କରାଯିବ। ରାଜ୍ୟର ସବୁ ମହିଳାଙ୍କୁ ସଶକ୍ତ କରିବା ସହ ସେମାନଙ୍କ ପାଇଁ ଏହା ସହଯୋଗର ସେତୁ ହେବ। ସବୁ ଷ୍ଟଲ୍‌ର ବ୍ରାଣ୍ଡିଂ କରାଯିବ ଏବଂ ଷ୍ଟଲ୍ ବିଷୟରେ ସବିଶେଷ ତଥ୍ୟ ରହିବ। ଏହି ମେଳା ମହିଳାମାନଙ୍କୁ ବ୍ରାଣ୍ଡ୍ ଶୁଭାରମ୍ଭ, ବଜାର ସଂଯୋଗ, ଗ୍ରାହକ ସମ୍ପର୍କ, ଷ୍ଟାର୍ଟଅପ୍ ଏବଂ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଉନ୍ନତି ପାଇଁ ଆବଶ୍ୟକ ଯୋଜନା ସମ୍ପର୍କରେ ଅବଗତ କରିବ। ଏଥିରେ ଫ୍ୟାସନ୍, ସ୍ୱାସ୍ଥ୍ୟ, ଖାଦ୍ୟ, କୃଷି, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ଅର୍ଥନୀତି, ରିଅଲ୍ ଇଷ୍ଟେଟ୍ ଓ ଅଟୋମୋବାଇଲ୍ ଶିଳ୍ପର ପ୍ରତିନିଧିତ୍ୱ ରହିବ। ଏହି ଅବସରରେ ଏମ୍‌ଏସ୍‌ଏମ୍‌ଇ ବିଭାଗର ସ୍ୱତନ୍ତ୍ର ସଚିବ ଶୁଭେନ୍ଦ୍ର କୁମାର ନାୟକ, ଆଇସିସି ଓଡ଼ିଶା ଶାଖାର ଅଧକ୍ଷ ରାଜୀବ ସାହୁ, ଉପାଧକ୍ଷ ନୀଳାଞ୍ଜନା ମୁଖାର୍ଜୀ, ଆଇଏନ୍‌ଡବ୍ଲ୍ୟୁଇସି ଆବାହକ ପ୍ରୀତି ପଲ୍ଲବୀ ପଟ୍ଟନାୟକ, ସହ ଆବାହକ ସ୍ୱାତୀ କେଜ୍ରିୱାଲ, ସୁମାଦେବୀ ଦାଶ ଓ ଅନ୍ୟମାନେ ଉପସ୍ଥିତ ଥିଲେ।






## ଆଜିର ସୁନା ଦର

ଗତ ଡିସେମ୍ବର ୩୧ରୁ ବର୍ତ୍ତମାନ ସୁଦ୍ଧା ସୁନା ଦର ମୋଟ ୨୦ ହଜାର ୮୫୦ ଟଙ୍କା। ଚାରି ମାସ ମଧ୍ୟରେ ପାଖାପାଖି ୨୬.୪% ମହଙ୍ଗା ହୋଇଛି ସୁନା। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୩୫୦, ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୧୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୩୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୧୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ,୧୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୫୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୩୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୩୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦,୧୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮,୩୫୦ ଓ ୯୦,୧୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୧,୦୦୦ ଟଙ୍କା ହୋଇଛି।

## ଆଇଏମଏଫ ଆର୍ଥିକ ବର୍ଷ ୨୦୨୬ ପାଇଁ ଭାରତର ଅଭିବୃଦ୍ଧି ପୂର୍ବାନୁମାନକୁ ହ୍ରାସ କଲା

**ନୂଆଦିଲ୍ଲୀ,୨୩।୪:** ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ଆର୍ଥିକ ବର୍ଷ ୨୦୨୬ ପାଇଁ ଭାରତର ଅର୍ଥନୈତିକ ଅଭିବୃଦ୍ଧି ପୂର୍ବାନୁମାନକୁ ୬.୨%କୁ ହ୍ରାସ କରିଛି। ଏହା ପୂର୍ବବର୍ଷ ଅପେକ୍ଷା ଅଭିବୃଦ୍ଧି ହାରରେ ହ୍ରାସ ପାଇବାର ସଙ୍କେତ ଦେଉଛି, ଯାହା ବିଶ୍ୱବ୍ୟାପୀ ଅର୍ଥନୈତିକ ଅନିଶ୍ଚିତତା ଓ ଆଭ୍ୟନ୍ତରୀଣ ଚାପ ଯୋଗୁଁ ହୋଇପାରେ। ଆଇଏମଏଫର ସାମ୍ପ୍ରତିକ ରିପୋର୍ଟ ଅନୁସାରେ, ବିଶ୍ୱ ଅର୍ଥନୀତିରେ ମନ୍ଥରତା, ମୁଦ୍ରାସ୍ଫୀତି ଚାପ, ଏବଂ ଭାରତରେ ଖାଉଟି ଚାହିଦା ଏବଂ ନିବେଶ କ୍ଷେତ୍ରରେ କିଛି ମାତ୍ରାରେ ଶିଥିଳତା ଏହି ପୂର୍ବାନୁମାନ ହ୍ରାସର କାରଣ ହୋଇପାରେ। ତେବେ, ଭାରତ ଏବେ ମଧ ବିଶ୍ୱର ଅନ୍ୟତମ ଦ୍ରୁତ ବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରେ ରହିଛି। ଏହି ହ୍ରାସ ସତ୍ତ୍ୱେ, ଆଇଏମଏଫ ଭାରତ ସରକାରଙ୍କ ନିବେଶ, ଡିଜିଟାଲ ଅର୍ଥନୀତିର ଅଗ୍ରଗତି, ଏବଂ ସଂସ୍କାର ପଦକ୍ଷେପଗୁଡ଼ିକୁ ସକାରାତ୍ମକ ପ୍ରଭାବ ପକାଇଛି। ଏହା ମଧ ପରାମର୍ଶ ଦେଇଛି ଯେ ଅର୍ଥନୈତିକ ସ୍ଥିରତା ବଜାୟ ରଖିବା ପାଇଁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଏବଂ ଅଧିକ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଅର୍ଥନୈତିକ ବିଶେଷଜ୍ଞମାନେ କହୁଛନ୍ତି ଯେ ଏହି ପୂର୍ବାନୁମାନ ହ୍ରାସ ସତ୍ତ୍ୱେ ଭାରତରେ ଅର୍ଥନୈତିକ ପୁନରୁଦ୍ଧାରର ସମ୍ଭାବନା ରହିଛି, ଯଦି ସରକାର ରପ୍ତାନୀ ବୃଦ୍ଧି ଏବଂ ଅଭ୍ୟନ୍ତରୀଣ ଉତ୍ପାଦନ କ୍ଷେତ୍ରକୁ ଶକ୍ତିଶାଳୀ କରିବା ପାଇଁ ପଦକ୍ଷେପ ନିଅନ୍ତି। ଏହି ରିପୋର୍ଟ ଅର୍ଥନୀତି ନୀତି ନିର୍ମାତାଙ୍କୁ ଆଗାମୀ ବଜେଟ ଏବଂ ନୀତି ପ୍ରଣୟନରେ ଅଧିକ ରଣନୀତିକ ହେବାକୁ ପ୍ରେରଣା ଦେଇପାରେ, ଯାହା ଦୀର୍ଘମିଆଦୀ ଅଭିବୃଦ୍ଧି ନିଶ୍ଚିତ କରିବ।



## ଫ୍ଲିପ୍‌କାର୍ଟ ହେଡ୍‌କ୍ୱାର୍ଟର୍ସକୁ ସିଙ୍ଗାପୁରରୁ ଭାରତ ଫେରାଇ ଆଣିବ କମ୍ପାନୀ

**ନୂଆଦିଲ୍ଲୀ, ୨୩।୪:** ଫ୍ଲିପକାର୍ଟର ଘରବାହୁଡ଼ା। ମାନେ ଦେଶର କମ୍ପାନୀ ଦେଶକୁ ଫେରିବ। କାରଣ କମ୍ପାନୀ ଦୀର୍ଘଦିନ ଧରି ସିଙ୍ଗାପୁରରୁ ପରିଚାଳିତ ହେବା ପରେ ଶେଷରେ ଭାରତ ଫେରିବାକୁ ନିଷ୍ପତ୍ତି ନେଇଛି। ଫ୍ଲିପ୍‌କାର୍ଟର ମୁଖ୍ୟାଳୟ(ହେଡ୍‌କ୍ୱାର୍ଟର୍ସ)କୁ ସିଙ୍ଗାପୁରରୁ ଏବେ ଭାରତ ଆସିବାକୁ ଯାଉଛି। ଏନେଇ କମ୍ପାନୀ କହିଛି "ଏହି ପଦକ୍ଷେପ ଏକ ସ୍ୱାଭିବକ ପରିବର୍ତ୍ତନ। ଭାରତୀୟ ଅର୍ଥନୀତିର ବିଶାଳ ସମ୍ଭାବନା ଏବଂ ଭାରତରେ ଡିଜିଟାଲ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ପାଇଁ ଆମର ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ-ଚାଳିତ କ୍ଷମତା ସହାୟକ ହେବ ବୋଲି କମ୍ପାନୀ କହିଛି। ଏନେଇ ଫ୍ଲିପ୍‌କାର୍ଟ ପ୍ରବକ୍ତା କହିଛନ୍ତି " ଭାରତରେ ଜନ୍ମିତ ଏବଂ ବିକଶିତ ହୋଇଥିବା କମ୍ପାନୀ ଭାବରେ, ଏହି ପରିବର୍ତ୍ତନ ଆମ ଗ୍ରାହକ, ବିକ୍ରେତା ଓ ଅଂଶଧାରୀର ସମୁହର ସେବା କରିବା ଆମର ଫୋକସ ଓ ତତ୍ପରତାକୁ ବଢ଼ାଇବ। ଫଳରେ, ଆମ ଦେଶର ବୃଦ୍ଧି ପାଉଥିବା ଡିଜିଟାଲ୍ ଅର୍ଥନୀତି ଏବଂ ଉଦ୍ୟୋଗରେ ଯୋଗଦାନ ଦେବା ଜାରି ରଖିପାରିବୁ। ଆମେ ଆଗକୁ ଥିବା ସୁଯୋଗଗୁଡ଼ିକ ପାଇଁ ବେଶ୍ ଉତ୍ସାହିତ ଅଛୁ, ଏବଂ ଭାରତର ଭବିଷ୍ୟତ ପ୍ରତି ଆମର ଦୀର୍ଘଦିନରୁ ଥିବା ବିଶ୍ୱାସକୁ ପୁନଃସ୍ଥାପନ କରିବାକୁ ଯାଉଛୁ।"

ସେ ଆହୁରି କହିଛନ୍ତି "ଏହି ରଣନୈତିକ ନିଷ୍ପତ୍ତି ଭାରତ ପ୍ରତି ଆମର ଗଭୀର ଏବଂ ଅଟଳ ପ୍ରତିବଦ୍ଧତା ଏବଂ ଏହାର ଉଲ୍ଲେଖନୀୟ ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି। ଆମେ ଭାରତ ସରକାରଙ୍କ ଦୃଢ଼ ଦୃଷ୍ଟିକୋଣ ଏବଂ ଏକ ସମୃଦ୍ଧ ବ୍ୟବସାୟିକ ପରିବେଶ ଏବଂ ବ୍ୟବସାୟ କରିବାର ସହଜତାକୁ ପ୍ରୋତ୍ସାହିତ କରିବାରେ ସକ୍ରିୟ ପଦକ୍ଷେପ ଦ୍ୱାରା ଅନୁପ୍ରାଣିତ ହେଉଛି, ଯାହା ଆମର ଯାତ୍ରାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ବୃଦ୍ଧି କରିଛି।" କମ୍ପାନୀର ଏହି ନିଷ୍ପତ୍ତି ଏପର୍ଯ୍ୟନ୍ତ ନିୟାମକ ମଞ୍ଜୁରୀ ଅପେକ୍ଷାରେ ରହିଛି। କିନ୍ତୁ ଏହା ଭାରତୀୟ ଷ୍ଟାର୍ଟଅପ୍ ମଧ୍ୟରେ ବୃଦ୍ଧି ପାଉଥିବା ଆଗ୍ରହର ଧାରା ପ୍ରତିଫଳିତ କରୁଛି। ଗତ କିଛି ମାସ ମଧ୍ୟରେ, ଜେପ୍ଟୋ, ଗ୍ରୋ, ଏବଂ ଫୋନପେ ଭଳି କମ୍ପାନୀଗୁଡ଼ିକ ସେମାନଙ୍କର ମୁଖ୍ୟାଳୟକୁ ଭାରତକୁ ଫେରାଇ ଆଣିଛନ୍ତି। ଏହି କମ୍ପାନୀଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ହେଉଛି ଭାରତରେ କମ୍ପାନୀଗୁଡ଼ିକର ଅଭିବୃଦ୍ଧି ହାସଲ କରିବା ଏବଂ ଘରୋଇ ଷ୍ଟକ୍ ବଜାର ତାଲିକାଭୁକ୍ତ ପାଇଁ ପ୍ରସ୍ତୁତ କରିବା। ୨୦୦୭ ମସିହାରେ ବେଙ୍ଗାଲୁରୁରେ ଫ୍ଲିପକାର୍ଟର ପ୍ରତିଷ୍ଠା ହୋଇଥିଲା। ସଚିନ ବଂଶଲ ଏବଂ ବିନି ବଂଶଲଙ୍କ ଏହାର ପ୍ରତିଷ୍ଠା କରିଥିଲେ। ଆରମ୍ଭରେ ଏହି କମ୍ପାନୀ କେବଳ ଅନଲାଇନରେ ବହି ବିକ୍ରି ଉପରେ ଧ୍ୟାନ ଦେଉଥିଲେ। ହେଲେ ଏହାର ଦ୍ରୁତ ସଫଳତା ଯୋଗୁ କମ୍ପାନୀ ଧୀରେ ଧୀରେ ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ ଏବଂ ତେଜରାତି ସାମଗ୍ରୀରେ ଯୋଗାଇବା ଆରମ୍ଭ କରିଥିଲା। ତେବେ ୨୦୧୧ ମସିହାରେ କମ୍ପାନୀ ଏହାର ମୁଖ୍ୟାଳୟକୁ ସିଙ୍ଗାପୁର ସ୍ଥାନାନ୍ତର କରିଥିଲା। ବିଦେଶୀ ନିବେଶକୁ ଆକର୍ଷିତ କରିବା, ଟିକସରୁ ଲାଭ ପାଇବା ଏବଂ ଭାରତର ଜଟିଳ ନିୟାମକ ବ୍ୟବସ୍ଥାର ମୁକାବିଲା କରିବା ପାଇଁ କମ୍ପାନୀ ଏପରି ନିଷ୍ପତ୍ତି ନେଇଥିଲା। କମ୍ପାନୀର ଏହି ରଣନୈତିକ ଯୋଗୁ ଏହାର ଅଭିବୃଦ୍ଧି ଏବଂ ବିଶ୍ୱ ନିବେଶକଙ୍କ ଧ୍ୟାନ ଆକର୍ଷଣ କରିବାର ସହାୟ ହୋଇଥିଲା। ୨୦୧୮ ମସିହାରେ, ଆମେରିକୀୟ ରିଟେଲ କମ୍ପାନୀ ୱାଲମାର୍ଟ ୧୬ ବିଲିୟନ ଡଲାର ନିବେଶ କରି ଫ୍ଲିପକାର୍ଟର ୭୭ ପ୍ରତିଶତ ଅଂଶଧନ ଅଧିଗ୍ରହଣ କରିଥିଲା। ଯାହା ବିଶ୍ୱସ୍ତରରେ ସବୁଠାରୁ ବଡ଼ ଇ-କମର୍ସ ଚୁକ୍ତି ମଧ୍ୟରୁ ଗୋଟିଏ ଥିଲା। ଏବଂ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଡିଜିଟାଲ୍ ବଜାରରେ ୱାଲମାର୍ଟର ପ୍ରବେଶକୁ ସୁଦୃଢ଼ କରିଥିଲା।






## ଆଜିର ପେଟ୍ରୋଲ, ଡିଜେଲ ଦର

ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳ ଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଅଭିନେତ୍ରୀ ମୀନାକ୍ଷୀ ଚୌଧୁରୀ ହେଲେ ରାମରାଜ କଟନ୍‌ର ବ୍ରାଣ୍ଡ୍ ଆମ୍ବାସଡର

**ଭୁବନେଶ୍ୱର, ୨୩।୪:** ପାରମ୍ପରିକ ପୋଷାକ ପ୍ରସ୍ତୁତ ପାଇଁ ପ୍ରସିଦ୍ଧ ଭାରତର ପ୍ରମୁଖ ବ୍ରାଣ୍ଡ୍ ରାମରାଜ କଟନ, ଏହାର ନୂଆ ପ୍ରିମିୟମ୍ ଟାୱେଲ୍ ରେଞ୍ଜ ମ୍ରୀଥୁ ଟାଓ୍ୱେଲ୍ସ ପାଇଁ ଅଭିନେତ୍ରୀ ମୀନାକ୍ଷୀ ଚୌଧୁରୀଙ୍କୁ ବ୍ରାଣ୍ଡ ଆମ୍ବାସଡର କରିଛି। ପ୍ରିମିୟମ୍ ହୋମ୍ ଟେକ୍ସଟାଇଲ୍ ସେଗମେଣ୍ଟରେ ଏଣ୍ଟ୍ରି ସହ ମ୍ରୀଥୁ ଟାଓ୍ୱେଲ ଚାରିଟି ବର୍ଗରେ ଟାଓ୍ୱେଲ ଲଞ୍ଚ କରିଛି। ମ୍ରୀଥୁ ଟାୱେଲ୍ସ କଲେକ୍ସନରେ ରହିଛି ଇଟାଲୀୟ ଏବଂ ଜର୍ମାନ ସୌନ୍ଦର୍ଯ୍ୟ ଦ୍ୱାରା ଅନୁପ୍ରାଣିତ ସିଗନେଚର ଷ୍ଟାଇଲ। ବାମ୍ବୁ ପଲ୍ସ, ପ୍ଲସ୍ ଟେରି ଟାୱେଲ୍ସ ରେଞ୍ଜ ଏବଂ ଷ୍ଟ୍ରାଇପଡ୍ ଆଣ୍ଡ୍ ଚେକ୍ଡ ଟାୱେଲ୍ସ ଭଳି ଚାରିଟି ବର୍ଗରେ ଲଞ୍ଚ ହୋଇଛି। ରାମରାଜ କଟନର ପରିଚାଳନା ନିର୍ଦ୍ଦେଶକ ଅରୁଣ ଈଶ୍ୱର କହିଛନ୍ତି, "ମ୍ରୀଥୁ ଟାୱେଲ୍ସର ଶୁଭାରମ୍ଭ ଆମ ଗ୍ରାହକମାନଙ୍କ ପାଇଁ ଅସାଧାରଣ ଗୁଣବତ୍ତା, ଅଭିନବ ଡିଜାଇନ୍ ଏବଂ ସ୍ଥାୟୀ ବିକଳ୍ପ ପ୍ରଦାନ କରିବା ପାଇଁ ରାମରାଜ କଟନର ସମର୍ପଣର ଉଦାହରଣ। ଏହା ସବୁ ବର୍ଗଙ୍କ ଧ୍ୟାନକୁ ରଖି ପ୍ରସ୍ତୁତ କରାଯାଇଛି। ସେହିଭଳି ମୀନାକ୍ଷୀ ଚୌଧୁରୀ ମ୍ରୀଥୁ ଟାଓ୍ୱେଲର ବ୍ରାଣ୍ଡ୍ ଆମ୍ବାସାଡର ହେବାକୁ ନେଇ ଖୁସି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଏହି ବ୍ରାଣ୍ଡ୍ ଭାରତର ସମୃଦ୍ଧ ପରମ୍ପରା ଏବଂ ସାଂସ୍କୃତିକ ଐତିହ୍ୟକୁ ନିରନ୍ତର ଭାବରେ ବଜାୟ ରଖିଛି। ଏହି ବ୍ରାଣ୍ଡ କେବଳ ଅସାଧାରଣ ଉତ୍ପାଦ ଉତ୍ପାଦନ କରୁଛି ତାହା ନୁହେଁ ବରଂ ଭାରତୀୟ କାରିଗରୀ ଏବଂ ନବସୃଜନର ସାରକୁ ମଧ ପାଳନ କରୁଛି।"




## ବିଶ୍ୱର ପ୍ରଥମ ୧୦ଜି ବ୍ରଡ୍‌ବ୍ୟାଣ୍ଡ ନେଟୱର୍କ ଲଞ୍ଚ୍ କଲା ଚୀନ

**ନୂଆଦିଲ୍ଲୀ:** ଆମେରିକା ହେଉ କିମ୍ବା ଅନ୍ୟ କେଉଁ ଦେଶ ଚୀନ ବିକାଶ ସ୍ପିଡ୍‌କୁ କେହି ରୋକିପାରିବ ନାହିଁ। ଅନ୍ୟ ଦେଶମାନେ ଯାହା ଚିନ୍ତା କରୁଛନ୍ତି ଚୀନ ତାହା କାମରେ କରି ଦେଖାଇ ଦେଉଛି। ଆଉ ଭାରତ କଥା ତ ଛାଡ଼ନ୍ତୁ। ଭାରତ ଏବେ ବି ଚୀନ ଠାରୁ ବହୁ ପଛରେ ରହିଛି। ଚୀନକୁ ଟକ୍କର ଦେବାକୁ ହେଲେ ଭାରତକୁ କେଜାଣେ ଆହୁରି କେତେ ବର୍ଷ ସମୟ ଲାଗିବ। କାରଣ ଟେକ୍ନୋଲୋଜୀ ଦୁନିଆରେ ଚୀନ ପୁଣି ଏକ ନୂଆ କାମ କରି ଦେଖାଇଛି, ଯାହା ପୂର୍ବରୁ କେହି କରିପାରି ନାହାନ୍ତି। ଚୀନ୍ ୨୦ ଏପ୍ରିଲ୍ ୨୦୨୫ରେ ହେବେଇ ପ୍ରଦେଶର ସୁନାନ୍ କାଉଣ୍ଟିରେ ଏକ ୧୦ଜି ବ୍ରଡବ୍ୟାଣ୍ଡ ନେଟୱାର୍କ ଲଞ୍ଚ କରିଛି। ଏଠାରେ "ଜି" ଜେନେରେସନ୍ ନୁହେଁ ଏହାର ଅର୍ଥ ଗିଗାବିଟ୍। ଏହା ବିଶ୍ୱର ପ୍ରଥମ କମର୍ସିଆଲ୍ ୱାୟର୍ଡ ବ୍ରଡବ୍ୟାଣ୍ଡ ନେଟୱାର୍କ, ଯାହା ପ୍ରତି ସେକେଣ୍ଡରେ ୧୦ ଗିଗାବିଟ୍ ପର୍ଯ୍ୟନ୍ତ ସ୍ପିଡ୍ ଦେବ। ଏହା ୫ଜି କିମ୍ବା ୬ଜି ପରି ୱାୟାରଲେସ୍ ମୋବାଇଲ୍ ନେଟୱାର୍କ ସହ ଜଡ଼ିତ ନୁହେଁ, ଏହା ଆଡ୍‌ଭାନ୍ସଡ ଫାଇବର-ଅପ୍ଟିକ୍ ଟେକ୍ନୋଲୋଜୀ ୫୦ଜି ପ୍ୟାସିଭ୍ ଅପ୍ଟିକାଲ୍ ନେଟୱାର୍କ (୫୦ଜି-ପିଓଏନ) ବ୍ୟବହାର କରେ। ହୁଓ୍ୱେଇ ଏବଂ ଚୀନ ୟୁନିକମ୍ ଏହି ଦୁଇ କମ୍ପାନୀ ମିଶି ଏହି ନେଟୱାର୍କ ଲଞ୍ଚ୍ କରିଛନ୍ତି। ଏଥିରେ ୩ ମିଲିସେକେଣ୍ଡ ଲାଟେନ୍ସି ସହିତ ୯,୮୩୪ ଏମବିପିଏସ ଡାଉନଲୋଡ୍ ସ୍ପିଡ୍ ଏବଂ ୧,୦୦୮ ଏମ୍‌ବିପିଏସ୍ ଅପଲୋଡ୍ ସ୍ପିଡ୍ ମିଳିବ। ସରଳ ଭାଷାରେ ବୁଝିବାକୁ ଗଲେ ପ୍ରାୟ ୨୦ ଜିବି ଆକାରର ଏକ ୪କେ ଚଳଚ୍ଚିତ୍ର ଡାଉନଲୋଡ୍ କରିବାକୁ ମାତ୍ର ୨୦ ସେକେଣ୍ଡରୁ ବି କମ ସମୟ ଲାଗିବ। ସାଧାରଣତଃ ୨୦ ଜିବି ଆକାରରେ କଣ୍ଟେଣ୍ଟ ଡାଉନଲୋଡ କରିବାକୁ ୧ ଜିବିପିଏସ ସଂଯୋଗରେ ପ୍ରାୟ ୭-୧୦ ମିନିଟ୍ ସମୟ ଲାଗେ।




**ପହଲଗାମରେ ଆତଙ୍କୀ ହମ୍‌ଲା**

## କଶ୍ମୀର ପର୍ଯ୍ୟଟନ ଶିଳ୍ପକୁ ବଡ଼ ଧକ୍କା, କୋଟି କୋଟି ଟଙ୍କାର କ୍ଷତି ସହିବେ

**ନୂଆଦିଲ୍ଲୀ,୨୩।୪:** ଜମ୍ମୁ ଓ କଶ୍ମୀରର ଅନନ୍ତନାଗ ଜିଲାରେ ଥିବା ପହଲଗାମରେ ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇଛି। ଯାହା କଶ୍ମୀରର ପର୍ଯ୍ୟଟନ ଶିଳ୍ପକୁ ଗଭୀର ଆଘାତ ଦେଇଛି। ଏହି ଆକ୍ରମଣରେ ୨୬ରୁ ୨୮ ଜଣ ପର୍ଯ୍ୟଟକଙ୍କ ସମେତ ଅନେକ ଲୋକ ପ୍ରାଣ ହରାଇଥିବାବେଳେ ୧୭ରୁ ୨୦ ଜଣ ଆହତ ହୋଇଛନ୍ତି। ୨୦୧୯ ପରେ ହୋଇଥିବା ପୁଲଓ୍ୱାମା ଆକ୍ରମଣ ପରେ ଏହା ସବୁଠାରୁ ବଡ଼ ଆତଙ୍କବାଦୀ ଆକ୍ରମଣ ବୋଲି କୁହାଯାଉଛି। ଏହି ଘଟଣା କଶ୍ମୀରର ଅର୍ଥନୀତି, ସ୍ଥାନୀୟ ଜନଜୀବନ ଏବଂ ପର୍ଯ୍ୟଟନ ଶିଳ୍ପରେ ଦୀର୍ଘମିଆଦୀ ପ୍ରଭାବ ପକାଇବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି।



### ପର୍ଯ୍ୟଟନ ଶିଳ୍ପରେ କଶ୍ମୀରର ଗୁରୁତ୍ୱ

କଶ୍ମୀର, ଯାହାକୁ 'ପୃଥିବୀର ଭୂସ୍ୱର୍ଗ' ବୋଲି କୁହାଯାଏ, ତା'ର ପ୍ରାକୃତିକ ସୌନ୍ଦର୍ଯ୍ୟ ଯୋଗୁଁ ଦେଶ-ବିଦେଶ ପର୍ଯ୍ୟଟକଙ୍କ ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ ଜଣାଶୁଣା। ପହଲଗାମ, ଗୁଲମାର୍ଗ, ସୋନମାର୍ଗ ଓ ଡାଲ ଲେକ ଭଳି ସ୍ଥାନଗୁଡିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ୨୦୨୪ ମସିହାରେ ପ୍ରାୟ ୨୩୬ ଲକ୍ଷ ପର୍ଯ୍ୟଟକ କଶ୍ମୀର ପରିଦର୍ଶନ କରିଥିଲେ। ଯେଉଁଥିରୁ ୬୫,୦୦୦ରୁ ଅଧିକ ବିଦେଶୀ ପର୍ଯ୍ୟଟକ ଥିଲେ। ଏହି ପର୍ଯ୍ୟଟନ ଶିଳ୍ପ ଅଞ୍ଚଳର ମୋଟ ଘରୋଇ ଉତ୍ପାଦ (GDP)ର ୭-୮% ଯୋଗଦାନ କରୁଛି ଏବଂ ପ୍ରାୟ ୨.୫ ଲକ୍ଷ ସ୍ଥାନୀୟ ବାସିନ୍ଦାଙ୍କ ଜୀବିକା ଏହା ଉପରେ ନିର୍ଭର କରୁଛି। ହୋଟେଲ ମାଲିକ, ଟ୍ରାଭେଲ ଗାଇଡ, ଘୋଡା ଚାଳକ ଓ ଅନ୍ୟାନ୍ୟ କ୍ଷୁଦ୍ର ବ୍ୟବସାୟୀମାନେ ପର୍ଯ୍ୟଟନରୁ ରୋଜଗାର କରନ୍ତି। କେନ୍ଦ୍ର ସରକାର ମଧ ୨୦୧୯ରେ ଆର୍ଟିକଲ ୩୭୦ ରଦ୍ଦ ପରେ କାଶ୍ମୀରରେ ଶାନ୍ତି ଓ ସ୍ଥିରତାର ପ୍ରମାଣ ସ୍ୱରୂପ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେଇଛନ୍ତି। ୨୦୨୩ରେ ଶ୍ରୀନଗରରେ G20 ପର୍ଯ୍ୟଟନ ବୈଠକ ଆୟୋଜନ ଏବଂ ନୂଆ ଫିଲ୍ମ ନୀତି ଜରିଆରେ କାଶ୍ମୀରକୁ ଏକ ଆକର୍ଷଣୀୟ ଗନ୍ତବ୍ୟ ଭାବେ ପ୍ରଚାର କରାଯାଇଛି।

### ପହଲଗାମ ଆତଙ୍କୀ ହମ୍‌ଲାର ପ୍ରଭାବ

ପହଲଗାମର ବୈସରଣ ମେଡୋ, ଯାହାକୁ 'ମିନି ସ୍ୱିଜରଲ୍ୟାଣ୍ଡ' ବୋଲି କୁହାଯାଏ, ଏକ ଜନପ୍ରିୟ ଟ୍ରେକିଂ ଓ ପର୍ଯ୍ୟଟନ ସ୍ଥଳ। ଏହି ଆକ୍ରମଣ ପର୍ଯ୍ୟଟନ ଋତୁର ଆରମ୍ଭରେ ଘଟିଛି, ଯେତେବେଳେ ହଜାର ହଜାର ପର୍ଯ୍ୟଟକ କାଶ୍ମୀରର ମେଡୋ ଓ ବଗିଚା ଦେଖିବା ପାଇଁ ଆସନ୍ତି। ଏହି ଘଟଣା ପରେ ପର୍ଯ୍ୟଟକଙ୍କ ମନରେ ଭୟ ସୃଷ୍ଟି ହୋଇଛି, ଯାହା ଫଳରେ ଅନେକେ ତାଙ୍କ ଯାତ୍ରା ବାତିଲ କରୁଛନ୍ତି। ଟ୍ରାଭେଲ ଏଜେଣ୍ଟ ଆସୋସିଏସନ ଅଫ କଶ୍ମୀରର ସଭାପତି ରଉଫ ଟ୍ରାମ୍ବୁ କହିଛନ୍ତି ଯେ, ଗତ କିଛି ବର୍ଷରେ ଶାନ୍ତିପୂର୍ଣ୍ଣ ପରିସ୍ଥିତି ଯୋଗୁଁ ପର୍ଯ୍ୟଟନ ଶିଳ୍ପରେ ଅଭିବୃଦ୍ଧି ହୋଇଥିଲା, କିନ୍ତୁ ଏହି ଆକ୍ରମଣ ପରେ ବ୍ୟବସାୟୀ ଓ ଗ୍ରାହକଙ୍କ ତରଫରୁ ବାତିଲ ଅନୁରୋଧ ଆସୁଛି। ଏହି ଆକ୍ରମଣ କଶ୍ମୀରର ପ୍ରାୟ ୧୨,୦୦୦ କୋଟି ଟଙ୍କାର ପର୍ଯ୍ୟଟନ ଶିଳ୍ପକୁ ବଡ଼ ଧକ୍କା ଦେଇଛି। ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି ଯେ ୨୦୨୫ର ପର୍ଯ୍ୟଟନ ଋତୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇପାରେ। ଡାଲ ହ୍ରଦରେ ଚାଲୁଥିବା ୧,୫୦୦ରୁ ଅଧିକ ହାଉସବୋଟ ଏବଂ ୩,୦୦୦ରୁ ଅଧିକ ହୋଟେଲ ରୁମର ବ୍ୟବସାୟ ଏହା ଦ୍ୱାରା ପ୍ରଭାବିତ ହେବ। ଏହା ସହିତ, ଅମରନାଥ ଯାତ୍ରା ପାଇଁ ପାହାଲଗାମ ଏକ ପ୍ରମୁଖ ମାର୍ଗ ହୋଇଥିବାରୁ, ଏହି ଆକ୍ରମଣ ଆଗାମୀ ଯାତ୍ରା ଉପରେ ମଧ ପ୍ରଭାବ ପକାଇପାରେ। ୨୦୨୪ରେ ଅମରନାଥ ଯାତ୍ରାରେ ୫ ଲକ୍ଷରୁ ଅଧିକ ଯାତ୍ରୀ ଅଂଶଗ୍ରହଣ କରିଥିଲେ, କିନ୍ତୁ ଏହି ଘଟଣା ପରେ ଯାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇବାର ଆଶଙ୍କା ରହିଛି।

### ଅର୍ଥନୈତିକ ଓ ସାମାଜିକ ପ୍ରଭାବ

ଏହି ଆକ୍ରମଣ କଶ୍ମୀରର ଅର୍ଥନୀତିକୁ ବର୍ଷ ବର୍ଷ ପଛକୁ ନେଇଯାଇଛି। କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ପର୍ଯ୍ୟଟନ ହେଉଛି ଜମ୍ମୁ ଓ କାଶ୍ମୀରର ଅର୍ଥନୀତିର ମେରୁଦଣ୍ଡ। ଏହି ଆକ୍ରମଣ ସ୍ଥାନୀୟ ଲୋକଙ୍କ ରୋଜଗାର ଛଡାଇ ନେଇଛି। ସ୍ଥାନୀୟ ବାସିନ୍ଦା ମହମ୍ମଦ ଉମର କହିଛନ୍ତି, ଏହା ଆମ ପାଇଁ ବ କ୍ଷତି। ଆମର ସମସ୍ତ କାମ ହରାଇଛୁ। ଆମ ଆୟର ଉତ୍ସ ଛଡାଇ ନିଆଯାଇଛି।ଆକ୍ରମଣ ପରେ ପାହାଲଗାମରୁ ପର୍ଯ୍ୟଟକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ଅନେକ ପର୍ଯ୍ୟଟକ ଅଞ୍ଚଳ ଛାଡି ଚାଲିଯାଇଛନ୍ତି, ଯାହା ଫଳରେ ଶ୍ରୀନଗରରୁ ଦିଲ୍ଲୀ ଓ ମୁମ୍ବାଇକୁ ଅତିରିକ୍ତ ବିମାନ ସେବା ଆରମ୍ଭ କରାଯାଇଛି। ଏୟାର ଇଣ୍ଡିଆ ଓ ଇଣ୍ଡିଗୋ ଭଳି ବିମାନ ସେବା ସଂସ୍ଥାଗୁଡିକ ଏପ୍ରିଲ ୩୦, ୨୦୨୫ ପର୍ଯ୍ୟନ୍ତ ଟିକେଟ ବାତିଲ ଓ ପୁନଃନିର୍ଦ୍ଧାରଣ କରିଛନ୍ତି।

### ଭବିଷ୍ୟତ ପାଇଁ ଚ୍ୟାଲେଞ୍ଜ

ଏହି ଆକ୍ରମଣ କଶ୍ମୀରର ପର୍ଯ୍ୟଟନ ଶିଳ୍ପକୁ ପୁନରୁଦ୍ଧାର କରିବା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପାହାଲଗାମ ହୋଟେଲିୟର୍ସ ଗିଲ୍ଡର ପୂର୍ବତନ ସଭାପତି ଅବଦୁଲ ଓ୍ୱାହିଦ ମଲିକ କହିଛନ୍ତି, ଏହି ମୁହୂର୍ତ୍ତରେ ପର୍ଯ୍ୟଟନ ଆମ ପ୍ରାଥମିକତା ନୁହେଁ; ମାନବୀୟ କ୍ଷତି ଆମକୁ ଅଧିକ ଯନ୍ତ୍ରଣା ଦେଉଛି। ସରକାରଙ୍କୁ ପର୍ଯ୍ୟଟକଙ୍କ ଆସ୍ଥା ଫେରାଇ ଆଣିବା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଓ ପ୍ରଚାର କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପଡିବ। ଏହା ସହିତ, ସ୍ଥାନୀୟ ବାସିନ୍ଦାଙ୍କ ଆର୍ଥିକ ସ୍ଥିତିକୁ ସୁଦୃ କରିବା ପାଇଁ ବିକଳ୍ପ ରୋଜଗାର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ। ଏହି ଘଟଣା କଶ୍ମୀରର ସୌନ୍ଦର୍ଯ୍ୟ ଓ ଆତିଥ୍ୟର ପରିଚୟକୁ ଝାପସା କରିଦେଇଛି। ସ୍ଥାନୀୟ ବାସିନ୍ଦା ଓ ସରକାରଙ୍କ ମିଳିତ ପ୍ରୟାସ ଦ୍ୱାରା ହିଁ ଏହି ସଙ୍କଟରୁ ଉଦ୍ଧାର ପାଇ କାଶ୍ମୀର ପୁଣି ଥରେ ପର୍ଯ୍ୟଟକଙ୍କ ପାଇଁ ଏକ ସୁରକ୍ଷିତ ଓ ଆକର୍ଷଣୀୟ ଗନ୍ତବ୍ୟ ହୋଇପାରିବ।

# ବରଗଡ଼ ଜିଲ୍ଲାରେ ଅଘୋଷିତ ବିଜୁଳି କାଟ୍ ଜାରି

- ୨୪ ଘଣ୍ଟା ବିଜୁଳି ନଦେଲେ ଟାଟା ପାୱାର ବିରୁଦ୍ଧରେ ଆନ୍ଦୋଳନ ଚେତାବନୀ ଦେଲା ଆମ୍ ଆଦମୀ ପାର୍ଟି



**ଭେଡେନ,୨୩।୪(ସଂଚାର ବ୍ୟୁରୋ):** ବର୍ତ୍ତମାନ ସମୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜୀବନ ଯାତ୍ରା ବ୍ୟାହତ ହୋଇଥିବା ବେଳେ ବିଜୁଳି ଭଳି ଅତିଆବଶ୍ୟକ ସେବା ବ୍ୟାହତ ହେଉ ଥିବା ଅଭିଯୋଗ କରିଛି ଆମ୍ ଆଦମୀ ପାର୍ଟି। ବରଗଡ଼ ଜିଲ୍ଲାରେ ଟାଟା ପାୱାର ମେନଟେନେନ୍ସ ନାଁ ରେ ବାରମ୍ବାର ଅଘୋଷିତ ବିଜୁଳି କାଟ କରୁଥିବା ଏକ ନିତିଦିନିଆ ବ୍ୟାପାର ପାଲଟି ଯାଇଛି ବୋଲି ଜିଲ୍ଲା ଆବାହକ ଭବାନୀ ସାହୁ ଅଭିଯୋଗ କରିଛନ୍ତି। ଟାଟା ପାୱାର ମନଇଛା ଲାଇନ କାଟୁଛି ହେଲେ କେହି କହିବାକୁ ନାହାନ୍ତି ବୋଲି ସମ୍ପାଦକ ସ୍ୱରୂପ ଭୋଇ କହିଛନ୍ତି। ଘଣ୍ଟା ଘଣ୍ଟା ଧରି ପାୱାର କଟ ହେଉଛି କାହିଁକି ଟାଟା ପାୱାର ଉପରେ ଜବାବ ଦେହି ଲାଗୁ କରାଯାଉନି ଓ କେବଳ ଅନୁକମ୍ପା ଦେଖାଯାଉଛି ବୋଲି ମହିଳା ନେତ୍ରୀ ମାରିୟମ ବାର୍ଲା କହିଛନ୍ତି ସେହିପରି ଜିଲ୍ଲା ସ୍ତରୀୟ ଦିଶା ମିଟିଂରେ ମାନ୍ୟବର ସାଂସଦ, ବିଧାୟକଙ୍କ ଉପସ୍ଥିତିରେ ଲାଇନ କଟି ଯିବା ଦୁର୍ଭାଗ୍ୟ ର କଥା ଓ ଟାଟା ପାୱାର ଉପରେ କେହି ଅଙ୍କୁଶ ଲଗାଇ ପାରୁ ନଥିବା ଶ୍ରୀ ସାହୁ କହିଛନ୍ତି ତେଣୁ ଏହି ଅଘୋଷିତ ପାୱାର କଟ୍ କୁ ବନ୍ଦ କରି ୨୪ ଘଣ୍ଟା ଅନବରତ ବିଦ୍ୟୁତ ସପ୍ଲାଇ ଜାରି ରଖିବାକୁ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଏକ ଦାବୀ ପତ୍ର ଦେଇଛି ଆପ୍। ଆଗକୁ ଟାଟା ପାୱାର ଉପରେ ପ୍ରଶାସନ ଅଙ୍କୁଶ ନଲଗେଇଲେ ଆନ୍ଦୋଳନ କରିବାକୁ ଜନସାଧାରଣ ବାଧ୍ୟ ହେବେ ଓ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଶ୍ରୀ ସାହୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅସିତ ସାହୁ, ଏମ ଏ ସଲାଉଦ୍ଦିନ, ଜାଭେଦ ଖାନ ଉପସ୍ଥିତ ଥିଲେ।ସୂଚନା ଯୋଗ୍ୟ ଯେ ନିର୍ବାଚନ ସମୟରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୩୦୦ ୟୁନିଟ ଫ୍ରି ବିଜୁଳି ଦିଆଯିବ ବୋଲି ବୁଲି ବୁଲି ପ୍ରଚାର କରିଥିଲେ କିନ୍ତୁ ନୂଆ ସରକାର ଗଠନ ହେବାର ଦଶମାସ ପରେ ଦେଇଥିବା ପ୍ରତିଶ୍ରୁତି କୁ ଭୁଲି ଯାଇଛନ୍ତି ଅନ୍ୟପଟେ ଆମ୍ ଆଦମୀ ପାର୍ଟି ପଞ୍ଜାବ ରେ ୩୦୦ ୟୁନିଟ ପ୍ରତ୍ୟେକ ପରିବାର କୁ ଫ୍ରି ବିଜୁଳି ଦେଇଆସୁଛି ଓ ଗତ ୧୦ ବର୍ଷ ରେ ଦିଲ୍ଲୀ ଭଳି ରାଜ୍ୟରେ ଲୋକଙ୍କୁ ୨୪ ଘଣ୍ଟା ବିଜୁଳି ଓ ୨୦୦ ୟୁନିଟ ଫ୍ରି ବିଜୁଳି ଦେଇଆସୁଛି ତେଣୁ ଓଡ଼ିଆ ଭଳି ବଳକା ରାଜ୍ୟରେ କାହିଁକି ଡବଲ ଇଂଜିନ ସରକାର ବିଜୁଳି ଠିକ ରେ ଦେବାରେ ବିଫଳ ବୋଲି ଶ୍ରୀ ସାହୁ ପ୍ରଶ୍ନ କରିଛନ୍ତି।

# ପଲିଥିନ୍ ଗୋଟାଳିଙ୍କୁ ସୁରକ୍ଷା ଯୋଜନା ପ୍ରହସନ



**କଳାହାଣ୍ଡି,୨୩।୪(ସଂଚାର ବ୍ୟୁରୋ):** ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦରେ ସହରର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଧର୍ମଗଡ଼ ଗଲିକନ୍ଦିର ଆରମ୍ଭ କରି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ସବୁଠି ପାହାଡ ସଦୃଶ ଆବର୍ଜନା ଗଦା ହୋଇ ରହିଛି। ଦିନଦିନ ଧରି ଆବର୍ଜନା ଜମା ହୋଇ ରହିବାରୁ ସେଠାରେ ପୁଣି ଗନ୍ଧମୟ ସାଙ୍ଗକୁ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ଗତ କିଛି ଦିନ ଝଡ଼ ତୋଫାନ ବର୍ଷାରେ ସ୍ଥିତି ଆହୁରି ସଙ୍ଗୀନ ହୋଇପଡ଼ିଛି। ପରିସ୍ଥିତି ଏଭଳି ହୋଇଛି ଯେ, ଲୋକମାନେ ସେହି ବାଟ ଦେଇ ଯାତାୟାତ କରିବାକୁ ଅମଙ୍ଗ ହେଉଛନ୍ତି। ସହରରେ ନାମକୁ ମାତ୍ର ସଫେଇ ଚାଲିଥିବାବେଳେ ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳର ଅବହେଳା ଯୋଗୁଁ ସହରରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ସହରବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଧର୍ମଗଡ଼ରେ ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାର ଉପରେ କଟକଣା ଜାରି ହୋଇଥିବାବେଳେ ସହରର ଏକାଠି ସ୍ଥାନରେ ଜମା ହୋଇଥିବା ଆବର୍ଜନାରେ ପ୍ରଚୁର ବ୍ୟବହୃତ ପ୍ଲାଷ୍ଟିକ୍ ଓ ପଲିଥିନ୍ ଥିବା ଦେଖିବାକୁ ମିଳୁଛି। ସହରରେ ଜମା ହୋଇଥିବା ଆବର୍ଜନାରୁ ପ୍ଲାଷ୍ଟିକ୍ ସଂଗ୍ରହ କରି ପଲିଥିନ୍ ଗୋଟାଳି ନିଜର ପେଟ ପାଇଁ ରୋଜଗାର କରୁଛନ୍ତି। ଆବର୍ଜନାମୁକ୍ତ କରିବାରେ ଏହି ଅବଦାନ ମଧ୍ୟ କିଛି କମ୍ ନୁହେଁ। ଏହାକୁ ଦୃଷ୍ଟିରେ ରଖି ସହରରେ ଥିବା ପଲିଥିନ୍ ଗୋଟାଳିମାନଙ୍କୁ ପ୍ରୋତ୍ସାହନ ଦିଆଯାଇ ସହରକୁ ପ୍ଲାଷ୍ଟିକ୍ ଓ ପଲିଥିନ୍ ମୁକ୍ତ କରାଯିବା ପାଇଁ ଏକ ସ୍ୱତନ୍ତ୍ର ଯୋଜନା କରାଯିବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା। ଧର୍ମଗଡ଼ ସହର ସମେତ ଅନ୍ୟାନ୍ୟ ସହରରେ କେତେଜଣ ପଲିଥିନ୍ ଗୋଟାଳି ଅଛନ୍ତି ତାହାର ଚିହ୍ନଟ ପ୍ରକ୍ରିୟା ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ସହରରେ ଅନେକ ପଲିଥିନ୍ ଗୋଟାଳି ଆବର୍ଜନାରୁ ପଲିଥିନ୍ ଓ ପ୍ଲାଷ୍ଟିକ୍ ସଂଗ୍ରହ କରୁଛନ୍ତି। ଏହି ପଲିଥିନ୍ ଗୋଟାଳିମାନେ ଅଳିଆ ଆବର୍ଜନାରୁ ପଲିଥିନ୍ ସଂଗ୍ରହ କରି ପରୋକ୍ଷରେ ପରିବେଶକୁ ସ୍ୱଚ୍ଛ ରଖିବାରେ ସହାୟତା କରୁଛନ୍ତି। ସହରରେ ପ୍ଲାଷ୍ଟିକ୍ ବୋତଲ ଉଠାଉଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇ ଏନ୍ଏସି ପକ୍ଷରୁ ପରିଚୟ ପ୍ରଦାନ ଓ ସେମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।
ବର୍ଜ୍ୟବସ୍ତୁ ପରିଚାଳନାରେ ସେମାନଙ୍କୁ ନିଯୁକ୍ତି ଦିଆଯାଇ ସହରକୁ ପ୍ଲାଷ୍ଟିକ୍ ଓ ପଲିଥିନ୍ ମୁକ୍ତ କରିବା ସହିତ ସେମାନଙ୍କୁ ସାମାଜିକସ୍ତରରେ ସ୍ୱୀକୃତି ଓ ପରିଶ୍ରମର ଉପଯୁକ୍ତ ମୂଲ୍ୟ ଦେଲେ ନିଶ୍ଚିତ ଭାବେ ଧର୍ମଗଡ଼ ସହର ପ୍ଲାଷ୍ଟିକ୍ ଓ ପଲିଥିନ୍ ମୁକ୍ତ ହୋଇପାରିବ ବୋଲି ବିଭିନ୍ନ ସାମାଜିକ

# କେନ୍ଦୁଟିକିରା ବିଦ୍ୟାଳୟରେ ପୃଥିବୀ ଦିବସ ପାଳନ



**ସୁବର୍ଣ୍ଣପୁର,୨୩।୪(ସଂଚାର ବ୍ୟୁରୋ):** ଡୁଙ୍ଗୁରିପାଲି ବ୍ଲକ ଶୁଖା କ୍ଲଷ୍ଟର ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ କେନ୍ଦୁଟିକିରା ରେ ପୃଥିବୀ ଦିବସ ପାଳିତ ହୋଇଥିଲା।ଏହି ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆନନ୍ଦ ବାରିକ ଙ୍କର ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସୁବାଷ ପାଣ୍ଡେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ସହକାରୀ ଶିକ୍ଷକ ପ୍ରମୋଦ କୁମାର ବାରିକ ପୃଥିବୀ ଦିବସ ର ଉଦେଶ୍ୟ ଜ୍ଞାପନ କରିଥିଲେ। ଶିଶୁ ମାନେ ଆଗାମୀ ଭବିଷ୍ୟତ ର ବଂଶଧର।ପ୍ରକୃତି ସଂରକ୍ଷଣ, ପରିବେଶ ସଚେତନତା ଓ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମ ରେ ଛାତ୍ରଛାତ୍ରୀ ମାନ ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମସ୍ତେ ସାମୁହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ସକ୍ରିୟ ଅଂଶଗ୍ରହଣ କରି ବ୍ୟାପକ ବୃକ୍ଷ ରୋପଣ କଲେ ଅବନୀ ରାଣୀ ସବୁଜିମା ଭରା ହୋଇ ପରିବେଶ ସନ୍ତୁଳିତ ହୋଇ ପାରିବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ।ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଶିଶୁବାଟୀକା ଓ ପ୍ରଥମ ଶ୍ରେଣୀ ର ଛାତ୍ରଛାତ୍ରୀ ବିନ୍ଦୁ ଯୋଡି ବୃକ୍ଷ ର ଚିତ୍ର ଅଙ୍କନ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ର ଛାତ୍ରଛାତ୍ରୀ ମାନେ ପ୍ରାକୃତିକ ଦୃଶ୍ୟ ର ଚିତ୍ର, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ର ଛାତ୍ରଛାତ୍ରୀ ମାନେ ବୃକ୍ଷ ମୋ ବନ୍ଧୁ ବିଷୟରେ ରଚନାଲେଖିଥିଲେ। କୃତୀ ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିସରରେ ମୁଖ୍ୟ ଅତିଥି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ବୃକ୍ଷ ରୋପଣ କରିଥିଲେ। ପରିଶେଷରେ ସହକାରୀ ଶିକ୍ଷୟିତ୍ରୀ ମଦନା ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଂଶୁଘାତରେ ମୃତ୍ୟୁ ଅଭିଯୋଗ: ରେଡକ୍ରସ ପାଣ୍ଠି ତରଫରୁ ୧୫୦୦୦ ପ୍ରଦାନ



**ହିଞ୍ଜିଳିକାଟୁ,୨୩।୪(ସଂଚାର ବ୍ୟୁରୋ):** ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଖରିଡା ଗ୍ରାମର ଜଣେ ଚାଷୀ ସାଇକେଲ ଯୋଗେ ହିଞ୍ଜିଳିକାଟୁ ଆସୁଥିବା ବେଳେ ଟଳି ପଡ଼ି ଅଚେତ ହୋଇ ପ୍ରାଣ ହରାଇଛନ୍ତି। ମୃତକ ଜଣକ ହେଉଛନ୍ତି ଖରିଡା ଗ୍ରାମର ଦୀନବନ୍ଧୁ ବେହେରା (୬୦) ସୂଚନା ଅନୁଯାୟୀ, ମଧାହ୍ନ ସମୟରେ ଦୀନବନ୍ଧୁ ଖରିଡା ଗ୍ରାମରୁ ସାଇକେଲ ଯୋଗେ ନିଜ ବିଲର କୀଟନାଶକ ଔଷଧ ନେବା ପାଇଁ ହିଞ୍ଜିଳିକାଟୁ ଆସୁଥିଲେ ବାଟରେ କୌଣସି କାରଣରୁ ଟଳି ପଡ଼ି ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ଓ ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ ଓ ଏହି ଖବର ପାଇଁ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଶିଶିର କୁମାର ମିଶ୍ର, ବିଜେପି ନଗର ସଭାପତି ସୁଧାଂଶୁ ଶେଖର ସାବତ, ପୂର୍ବତନ ବିଜେପି ନଗର ସଭାପତି ସନ୍ତୋଷ ପାଣିଗ୍ରାହୀ, ମାଧବ ଗୌଡ଼ ମେଡିକାଲରେ ପହଂଚିଥିଲେ ଓ ମୃତ୍ୟୁ ହୋଇଥିବା ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ସରକାରଙ୍କ ରେଡକ୍ରସ ପାଣ୍ଠି ତରଫରୁ ୧୫୦୦୦ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିଥିଲେ ଓ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଥିବା ବେଳେ ପୋଲିସ ପହଂଚି ଅପମୃତ୍ୟୁ ମାମଲା ରୁଜୁ କରିଛି ।

# ଟପ ଟେନ ତାଲିକାର ୨ୟ ସ୍ଥାନରେ ରାଜନୀତି ବିଜ୍ଞାନ ବିଭାଗ ଛାତ୍ରୀ



**ବୁଗୁଡ଼ା,୨୩।୪(ସଂଚାର ବ୍ୟୁରୋ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ +୩ ବାର୍ଷିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ବୁଗୁଡ଼ା ପିପୁଲ୍ସ କଲେଜ ରାଜନୀତି ବିଜ୍ଞାନ ବିଭାଗର ଛାତ୍ରୀ ଶିବାନୀ ରାଉତ ୧୪୦୦ ମାର୍କରୁ ୧୧୮୭ ମାର୍କ ହାସଲ କରି ଶ୍ରେଷ୍ଠ ଦଶ ତାଲିକାର ଦ୍ୱିତୀୟ ସ୍ଥାନରେ ରହି କଲେଜ ପାଇଁ ଗୌରବ ଆଣିଛନ୍ତି। ଶିବାନୀ ବେଲଗୁଣ୍ଠା ବ୍ଲକ ଅଧିନସ୍ଥ ଜିରୋଳି ଗ୍ରାମର ନିରାକାର ରାଉତ ଏବଂ ମମତା ରାଉତଙ୍କ ସୁକନ୍ୟା ହୋଇଥିବା ବେଳେ ସେ ମାମୁଁ ଘର ରାମଣ୍ଡାରେ ରହି ପିପୁଲ୍ସ କଲେଜରେ ଅଧ୍ୟୟନ କରୁଥିଲେ। ଶିବାନୀ ଆଗକୁ ଦିଲ୍ଲୀର ଜବାହର ଲାଲ ନେହେରୁ ବିଶ୍ୱ ବିଦ୍ୟାଳୟରେ ସ୍ନାତକୋତ୍ତର ଅଧ୍ୟୟନ ସହ ୟୁପିଏସସି ପରୀକ୍ଷା ଦେଇ ପ୍ରଶାସିକା ହେବାକୁ ଲକ୍ଷ୍ୟ ରଖିଛନ୍ତି। ସେ ତାଙ୍କ ସଫଳତାର ଶ୍ରେୟ କଲେଜର ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ତତ୍ତ୍ୱାବଧାନରେ ରାଜନୀତି ବିଜ୍ଞାନ ବିଭାଗର ଶିକ୍ଷାଦାନ ବ୍ୟବସ୍ଥା ସାଙ୍ଗକୁ ବିଭଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଡକ୍ଟର ବିନୋଦ କୁମାର କର, ଲୋକନାଥ ବେହେରା, ପବିତ୍ର ଖଣ୍ଡୁଆଳ ପ୍ରମୁଖ ଅଧ୍ୟାପକବୃନ୍ଦଙ୍କୁ ଦେଇଛନ୍ତି ।

# ପଶୁପକ୍ଷୀଙ୍କ ସାହାରା ହେଲା ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ

**ବାଲିଆପାଳ,୨୩।୪(ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ସାଲମୁଳା ଜଙ୍ଗଲରେ ପଶୁ, ପକ୍ଷୀ, କୀଟ ପତଙ୍ଗ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି ବାଲିଆପାଳ ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ। ଧୀରେ ଧୀରେ ତାପମାତ୍ରା ବଢୁଥିବାରୁ ମଣିଷ ପାଇଁ ପାଣି ସମସ୍ୟା ସୃଷ୍ଟି ହେଉଥିବା ର ପ୍ରତେକ ଦିନ ଅଭିଯୋଗ ହେଉଛି। ମାତ୍ର ଜଙ୍ଗଲରେ ରହୁଥିବା ପଶୁ ପକ୍ଷୀ ମାନେ ଖାଇବା ପାଇଁ ଖାଦ୍ୟ ଓ ପିଇବା ପାଇଁ ପାଣି ଗ୍ରୀଷ୍ମ ଦିନରେ ସମସ୍ୟା ଦେଖାଯାଏ କିନ୍ତୁ ଏମାନେ କାହା ପାଖରେ ଅଭିଯୋଗ କରିବେ, ଏମାନଙ୍କର ଅଭିଯୋଗ ଶୁଣିବ କିଏ। ବର୍ତ୍ତମାନ ମଣିଷ ପାଖରେ ଟିକିଏ ସମୟ ନାହିଁ କାହାରି କଥା ଶୁଣିବାକୁ, ବ୍ୟସ୍ତ ବହୁଳ ସମୟରୁ କିଛି ସମୟ ବାହାର କରି ନିଜ ଘର ଛାତ ଉପରେ କିମ୍ବା ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ ତରଫରୁ ଜଙ୍ଗଲରେ ରହୁଥିବା ପଶୁ ପକ୍ଷୀ ମାନଙ୍କ ପାଇଁ କିଛି ଖାଦ୍ୟ ସହିତ ପାଣିର ବ୍ୟବସ୍ଥା କରିଛନ୍ତି। ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ ରେ ସଭାପତି ଶିବଶଙ୍କର ନାୟକ, ଉପସଭାପତି ଜ୍ୟୋତିର୍ମୟୀ ପାତ୍ର, ସଂପାଦକ ସନାତନ ଗଙ୍ଗାଇ ଏବଂ ସମସ୍ତ ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ ରେ ସଦସ୍ୟ ମାନେ ଏଣେତେଣେ ପଡ଼ିଥିବା ପାଣି ବୋତଲ କୁ ଗୋଟାଇ ଆଣି ସେଥିରେ ପକ୍ଷୀ ମାନଙ୍କ ପାଣି ପିଇବା ପାଇଁ ବ୍ୟବସ୍ଥା କରାଇଥିଲେ ।



# ପାରାଲିଗାଲ୍ ସ୍ୱେଚ୍ଛାସେବୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ




**ସୁବର୍ଣ୍ଣପୁର,୨୩।୪(ସଂଚାର ବ୍ୟୁରୋ):** ବିକଳ୍ପ ବିବାଦ ସମାଧାନ କେନ୍ଦ୍ର, ସୁବର୍ଣ୍ଣପୁରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଆଇନ ସହାୟକ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ସୁବର୍ଣ୍ଣପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି ପୌରାହିତ୍ୟ କରି ନ୍ୟାୟିକ ବ୍ୟବସ୍ଥା, ନ୍ୟାୟ ସୁବିଧା, ପୋକଶୋ ଆଇନ, (ଜେଭିଭି) ଜୁଭେନାଲ ଜଷ୍ଟିସ ବୋର୍ଡ ଇତ୍ୟାଦିର କାର୍ଯ୍ୟକାରିତାକୁ ପ୍ରାଞ୍ଜଳ ଭାବେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସଂସାଧନ ଅଧିକାରୀ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ବିଭାଗୀୟ କଲ୍ୟାଣକାରୀ ଯୋଜନା ଓ ସେଗୁଡିକର କାର୍ଯ୍ୟକାରିତା ବିଷୟରେ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ସହାୟତା ଯୋଜନା ତଥା ଅନ୍ୟ ସାମାଜିକ ସୁରକ୍ଷା ଯୋଜନା ସହ ଆବଶ୍ୟକ ଯୋଗ୍ୟତା ଇତ୍ୟାଦି ବିଷୟରେ ଅଲୋଚନା କରିଥିଲେ। ଆଞ୍ଚଳିକ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା ଅନଔପଚାରିକ ଶ୍ରମିକଙ୍କ ପାଇଁ ଲାଭଜନକ ଯୋଜନା, ନିମ୍ନ ଆୟ ଶ୍ରେଣୀ ପାଇଁ ଶ୍ରମ ସମ୍ବନ୍ଧୀୟ ସୁବିଧା ଓ ଶ୍ରମ ଆଇନ ଉପରେ ତାଲିମ ପ୍ରଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଆଇନ ପରାମର୍ଶଦାତା କେଶବ ଚନ୍ଦ୍ର ମେହେର, ପାରିବାରିକ ଘରୋଇ ହିଂସା, ମହିଳା ଓ ଶିଶୁ ସୁରକ୍ଷା ନିର୍ଯାତନା ସହ ଯୋଜନା ଓ ନ୍ୟାୟିକ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଏହି ତାଲିମ ଦ୍ୱାରା ସ୍ୱେଚ୍ଛାସେବୀମାନେ ନାଗରିକଙ୍କ ମଧ୍ୟରେ ଆଇନ ଓ ସରକାରୀ ସେବା ପ୍ରତି ସଚେତନତା ବଢ଼ାଇବା ସହ ଅଞ୍ଚଳରେ ନ୍ୟାୟ ସୁବିଧା ପହଞ୍ଚେଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରି ଜନସାଧାରଣଙ୍କୁ ସାମାଜିକ, ନ୍ୟାୟିକ ତଥା ବୌଦ୍ଧିକ ଦିଗ ପ୍ରତି ସଚେତନତା ପ୍ରଦାନ ପୂର୍ବକ ଏକ ସୁସ୍ଥ ସମାଜ ଗଠନରେ ସମାଜ ଓ ସରକାରୀ ବିଧି ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ପୂର୍ବକ କାର୍ଯ୍ୟ କରିପାରିବେ।

# ବେନିୟମ ବନ୍ଧୁକ ରଖିବା ଅଭିଯୋଗରେ ଆଉ ୨ ଗିରଫ



**ଭଞ୍ଜନଗର,୨୩।୪(ସଂଚାର ବ୍ୟୁରୋ):** ଭଞ୍ଜନଗର ପୋଲିସକୁ ବୁଧବାର ବେନିୟମ ବନ୍ଧୁକ ରଖିବା ଅଭିଯୋଗରେ ଆଉ ଏକ ସଫଳତା ମିଳିଛି। ମଙ୍ଗଳବାର ବେନିୟମ ଭାବେ ବନ୍ଧୁକ ରଖିବା ଅଭିଯୋଗରେ ୩ ଜଣ ଗିରଫ ହୋଇଥିବା ବେଳେ ବୁଧବାର ଏଥିରେ ଆଉ ଦୁଇଜଣ ଯୋଡ଼ି ହୋଇଛନ୍ତି। ବୁଧବାର ଭଞ୍ଜନଗର ପୋଲିସ ନୟାଗଡ଼ ଜିଲା ଶରଣକୁଳର ସାଲୁ ନାଇକ ଏବଂ ଭଞ୍ଜନଗର ଲନ୍ଦେଇସାର ସୂର୍ଯ୍ୟ ପ୍ରଧାନଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ବନ୍ଧୁକ ଏବଂ ଦୁଇଟି ଜୀବନ୍ତ ଗୁଳି ଜବତ କରାଯାଇଛି। ଏଥିସହ ଗୋଟିଏ ସ୍କୁଟି ଗାଡି ମଧ୍ୟ ଜବତ କରାଯାଇଛି। ବେନିୟମ ଭାବେ ବନ୍ଧୁକ ଆହୁରି କିଛି ଲୋକ ରଖିଛନ୍ତି। ପୋଲିସ ସେମାନଙ୍କ ଉପରେ ନଜର ରଖିଛି। ଅନ୍ୟ ଅଭିଯୁକ୍ତ ମାନଙ୍କୁ ମଧ୍ୟ ପୋଲିସ ଗିରଫ ପାଇଁ ଜାଲ ବିଛାଇଛି।

# ପୂର୍ତ୍ତ ଓ ଗୃହନିର୍ମାଣ ବିଭାଗର ଅପରିଣାମଦର୍ଶିତା ବର୍ଷେ ଭିତରେ ପାଣିରେ ପଡ଼ିଲା କୋଟିକୋଟି ଟଙ୍କା

**ନୀଳଗିରି,୨୩।୪(ସଂଚାର ବ୍ୟୁରୋ):** ନୀଳଗିରି ପୂର୍ତ୍ତ ଓ ଗୃହନିର୍ମାଣ ବିଭାଗର ଅପରିଣାମଦର୍ଶିତା ପାଇଁ କୋଟିକୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଥିବା ଦେଖିବାକୁ ମିଳିଛି। ନୂତନ କରି ନୀଳଗିରି ମିତ୍ରପୁର ରାସ୍ତାର ଉନ୍ନତିକରଣ ପାଇଁ କାମ ଚାଲିଥିବା ବେଳେ ଏହାର ପ୍ରାୟ ସତୁରୀ ପ୍ରତିଶତ କାମ ସରିବାକୁ ବସିଛି।ମାତ୍ର ନୀଳଗିରି ପିବ୍ଲ୍ୟୁଡ଼ି କାର୍ଯ୍ୟାଳୟ ଠାରୁ ହସ୍ପିଟାଲ୍ ପର୍ଯ୍ୟନ୍ତ ରାସ୍ତା ବିଗତ ଏକବର୍ଷ ତଳେ ନିର୍ମାଣ କରାଯାଇ କୋଟିଏ ପାଖାପାଖି ଟଙ୍କା ବ୍ୟୟ ହୋଇଥିବା ଅନୁମାନ କରାଯାଇଥିବା ସାଧାରଣ ଲୋକ ଅଭିଯୋଗ କରିଛନ୍ତି। ତେବେ ଉକ୍ତ ରାସ୍ତାର ପ୍ରଶସ୍ତିକରଣ ପାଇଁ ଦୁଇଦିନ ତଳେ ରାସ୍ତାର ଉଭୟପାର୍ଶ୍ୱରେ ଠିକାଦାରଙ୍କ ଦ୍ୱାରା ମେସିନ ସାହାଯ୍ୟରେ କଂକ୍ରିଟରାସ୍ତାକୁ ତଡା ଯାଉଥିବା ଦେଖିବାକୁ ମିଳିଛି।ଯେତେବେଳେ କି ରାସ୍ତାମଝିରେ ବିଦ୍ୟୁତ୍ ଖୁଣ୍ଟ ପୂର୍ବଭଳି ରହିଥିବା ଦେଖାଯାଇଛି। ଠିକାଦାର ବିଦ୍ୟୁତ୍ ଖୁଣ୍ଟ ଅପସାରଣ ନକରିବା ଫଳରେ ପୁନର୍ବାର ଉକ୍ତ ରାସ୍ତାରେ ଅର୍ଥ ଅପଚୟ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏତଦଭିନ୍ନ ରାସ୍ତା ତାଡିଦେବା ଫଳରେ ସତର୍କତା ଚିହ୍ନ ନଥିବ କାରଣରୁ ଦୁଇଦିନ ମଧ୍ୟରେ ଅଧିକାଂଶ ଲୋକ ଦୁର୍ଘଟଣାର ଶିକାର ହୋଇଥିବା ଜଣାଯାଇଛି। ତେବେ ଏନେଇ ଗୁରୁତର ଅଭିଯୋଗ ଆଣିଛନ୍ତି ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ। ମୁଖ୍ୟମନ୍ତ୍ରୀଙ୍କୁ ଚିଠିଲେଖି ବିଗତ ବର୍ଷରେ ନିର୍ମାଣ କରାଯାଇଥିବା ୨୦ଫୁଟ ଓସାର ଏବଂ ଦେଢ଼ଫୁଟ ଗଭୀର ରାସ୍ତାଟି ମଜଭୁତ ଥିବା ବେଳେ କେଉଁ କାରଣରୁ ପୂର୍ତ୍ତବିଭାଗ ପୁନର୍ବାର ତାଡ଼ିବାକୁ ନିର୍ଦ୍ଦେଶ ଦେଲେ କିମ୍ବା ନିର୍ଦ୍ଦିଷ୍ଟ ଜନୈକ ଠିକାଦାରଙ୍କୁ କାମଦେଇ ସନ୍ତୁଷ୍ଟ କରିବାକୁ ବିଭାଗୀୟ ଅଧିକାରୀ ଏଭଳି ଚାଲ କରିଛନ୍ତି ତାହାକୁନେଇ ଅଭିଯୋଗ ଆଣିଛନ୍ତି। ପୁନର୍ବାର କାମହେବା ଫଳରେ ରାଜ୍ୟ ସରକାରଙ୍କ କୋଟିକୋଟି ଟଙ୍କା ପାଣିରେ ପଡ଼ିଥିବା ବେଳେ ପୂର୍ତ୍ତବିଭାଗର ଏପରି ଅପରିଣାମ ଦର୍ଶୀତା ପାଇଁ ରାଜ୍ୟସରକାର କୋଟିକୋଟି ଟଙ୍କା ରାଜସ୍ୱ ହରାଇବେ। ତେଣୁ ଏହାର କ୍ରାଇମବ୍ରାଞ୍ଚ୍ ତଦନ୍ତ କରାଇ ପ୍ରକୃତ ଦୋଷୀଙ୍କୁ ଫୌଜଦାରୀ ମାମଲା ରୁଜୁ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ସମେତ ପୂର୍ତ୍ତ ଓ ଗୃହନିର୍ମାଣ ବିଭାଗର ମନ୍ତ୍ରୀ, ମୁଖ୍ୟ ଶାସନସଚିବ, ୱାର୍କସ ଶାସନସଚିବ, ଭିଜିଲାନ୍ସ ଡିଜି, ଜିଲ୍ଲାପାଳଙ୍କୁ ମଧ୍ୟ ଚିଠି ଲେଖିଥିବା ସୂଚନା ମିଳିଛି। ସବୁଠୁଁ ଗୁରୁତ୍ୱପୂର୍ଣ୍ଣ କଥା ଉକ୍ତ ରାସ୍ତାଟି ବାଲେଶ୍ୱର ସାଂସଦଙ୍କ ଗ୍ରାମକୁ ମୁଖ୍ୟରାସ୍ତା ହୋଇଥିବା ବେଳେ ପୂର୍ତ୍ତବିଭାଗର ଏଭଳି କାର୍ଯ୍ୟକଳାପକୁ ସାଧାରଣରେ ଅସନ୍ତୋଷ କରାଯାଇଛି।

# ଭାରସାମ୍ୟ ହରାଇ ଓଲଟି ବୋଲେରୋ ୫ ଛାତ୍ରୀଛାତ୍ରଙ୍କ ସମେତ ୧୦ ଆହତ

**ଛତ୍ରପୁର,୨୩।୪,(ସଂଚାର ବ୍ୟୁରୋ):** ଛତ୍ରପୁର ଥାନା ଅଧିନ ଉଜଳେଶରୀ ମନ୍ଦିର ଜାତୀୟ ରାଜପଥ ନିକଟରେ ବୁଧବାର ଏକ ଦୁର୍ଘଟଣା ହୋଇଛି। ସ୍କୁଲ ଖରା ଛୁଟି ହୋଇଯିବା ପରେ ଏକ ବୋଲେରୋ ଗାଡି ଓଡି ୦୨ଟି ୩୯୯୦ ଯୋଗେ ନିଜ ଘରକୁ ଫେରୁଥିବା କେତେଜଣ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକଙ୍କୁ ନେଇ ଆସୁଥିବା ଗାଡିଟି ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି। ଗାଡିଟି ରାସ୍ତାର ତଳକୁ ଖସି ଓଲଟି ପଡିଛି। ଏଥିରେ ଚାଳକ ସମେତ ୧୦ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୫ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ଅନ୍ୟ ୫ ଜଣ ଅଭିଭାବକ ଅଛନ୍ତି। ଏମାନେ ସମସ୍ତେ ଭୁବନେଶ୍ୱରରୁ ଏକ ଘରୋଇ ଶିକ୍ଷାନୁଷ୍ଠାନରୁ ନିଜ ଗ୍ରାମ ଚନ୍ଦ୍ରଗିରିକୁ ଏକ ବୋଲେରୋ ଗାଡିରେ ଫେରୁଥିବା ବେଳେ ଘଟିଛି ଏହି ଦୁର୍ଘଟଣା। ସ୍ଥାନୀୟ ଜନସାଧାରଣ ଓ ପୋଲିସ ସହାୟତାରେ ଆହତ ମାନଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲକୁ ଅଣାଯାଇଥିଲା। ଗାଡିଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ୧୦ ଜଣ। ଘଟଣା ସ୍ଥଳରେ ଛତ୍ରପୁର ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଆହତ ଛାତ୍ରୀଛାତ୍ର ହେଲେ ଲିଜା ଶବର, ରୁପାଲୀ ଶବର, ବର୍ଷା ରାଣୀ ଶବର ଓ ଲକ୍ଷ୍ମୀ ଶବର। ଅଭିଭାବକ ମଦନ ଦଳ ବେହେରା, ଦେବରାଜ ଶବର, ମନୁ ଶବର, ସନ୍ୟାସୀ ଶବର ଓ ଗାଡି ଚାଳକ କଳା କୃଷ୍ଣ ମହାପାତ୍ର।



# ମିଶନ ଶକ୍ତି କାଫେରୁ ଚୋରି କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍



**ବାଲିପାଟଣା,୨୩।୪(ସଂଚାର ବ୍ୟୁରୋ):** ଖୋଦ୍ ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ୍ ପରିସରରେ ଥିବା ମିଶନ ଶକ୍ତି କାଫେ ରୁ ମଙ୍ଗଳ ବାର ବିଳମ୍ବିତ ରାତ୍ରୀରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତ୍ରୀରେ ବାଲିପାଟଣା ବ୍ଲକ ପରିସରରେ ଥିବା ମିଶନ ଶକ୍ତି କାଫେର କବାଟ ଭାଙ୍ଗି ଦୁର୍ବୃତ୍ତ ମାନେ ଚୋରି କରିଥିବା ଅଭିଯୋଗ ହେଉଛି। ଆଜି ସକାଳୁ ମିଶନ ଶକ୍ତି ର ପରିଚାଳିକା ସତ୍ୟଭାମା ବେହେରା ପହଞ୍ଚିବା ପରେ ଦେଖିଥିଲେ ଯେ, କବାଟ ତାଲା ଭାଙ୍ଗିକରି ପଡ଼ିଛି। କାଫେରେ ଥିବା ରୋଷେଇ ସାମଗ୍ରୀ ସହିତ, ଲୁଗା ସାମଗ୍ରୀ, ୨ଟି ଗ୍ୟାସ୍ ସିଲିଣ୍ଡର୍, ଟପ୍, ଷ୍ଟାଣ୍ଡ ଫ୍ୟାନ, ଗ୍ରାଇଣ୍ଡର ଇତ୍ୟାଦି ଚୋରି ହୋଇଛି। ଏହାପରେ ସେ ସଙ୍ଗେ ସଙ୍ଗେ ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ ମିଶନ ଶକ୍ତି କର୍ମଚାରୀ। ଅଭିଯୋଗ ଆଧାରରେ ଘଟଣା ସ୍ଥଳରେ ବାଲିପାଟଣା ପୋଲିସ୍ ପହଞ୍ଚି ଅଧିକ ତଦନ୍ତ ଚଳାଇଛି।

**ଅଧା ରହିଗଲା ୟୁପିଏସ୍‌ସି ସ୍ୱପ୍ନ**

# ଗଞ୍ଜେଇ ସହ ଅଭିଯୁକ୍ତକୁ ଧରିଲା ସନ୍ଧାନୀ କୁକୁର




**କୋରାପୁଟ,୨୩।୪(ସଂଚାର ବ୍ୟୁରୋ):** ଅଧା ରହିଗଲା ୟୁପିଏସି ସ୍ୱପ୍ନ । ବାଧକ ସାଜିଲା ଅର୍ଥ। ମାଙ୍କ ଦେହ ଅସୁସ୍ଥ ଥିବା ଅଳ୍ପ କିଛି ଟଙ୍କା ପାଇଁ କରୁଥିଲେ ଗଞ୍ଜେଇ ଚାଲାଣ। କୋରାପୁଟ ରେଳ ଷ୍ଟେସନରେ ନିକଟରେ ଧରିଲା ପୋଲିସ। ବିପୁଳ ପରିମାଣର ଗଞ୍ଜେଇ ସହ ଅଭିଯୁକ୍ତକୁ ଧରିଲା ସନ୍ଧାନୀ କୁକୁର। ତେବେ ଗିରଫ ଅଭିଯୁକ୍ତ ଜଣକ ବିହାରର ଅରବିନ୍ଦ କୁମାର ଶର୍ମା ବୋଲି ଜଣାପଡୁଛି।
ସୂଚନା ମୁତାବକ, ହାୱଡ଼ା ଏକ୍ସପ୍ରେସ ଟ୍ରେନରୁ କୋରାପୁଟ ଷ୍ଟେସନରେ ଜିଆରପି ଏବଂ ଆରପିଏଫ୍ ପୁଲିସ ଦ୍ୱାରା ୩୪ କିଲୋ ୫ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏଥିସହ ଅଭିଯୁକ୍ତକୁ ଗିରଫ କରାଯାଇଥିବା ନେଇ ଜିଆରପି ଥାନା ଅଧିକାରୀ ସନ୍ତୋଶୀ ମହନ୍ତ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ଜଣକ ବିହାରର ଅରବିନ୍ଦ କୁମାର ଶର୍ମା ଯିଏ ଦିଲ୍ଲୀରେ ରହି ୟୁପିଏସି ପାଇଁ ପ୍ରସ୍ତୁତି କରୁଥିଲେ। ସେ ଦୁଇଟି ଦାମି ଟ୍ରଲି ବ୍ୟାଗରେ ଗଞ୍ଜେଇ ନେଇ ଜଗଦଲପୁର ଅଭିମୁଖେ ଯିବାକୁ ଥିବା ଟ୍ରେନରେ ଚଢୁଥିବା ସମୟରେ ପୋଲିସ ହାତରେ ଧରା ପଡ଼ିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଦିଲ୍ଲୀରେ ରହି ପାଠ ପଢିବା ସମୟରେ ମାଙ୍କ ଦେହ ଅସୁସ୍ଥ ହେବାରୁ କିଛି ଲୋକଙ୍କ ସହାୟତାରେ କିଛି ଟଙ୍କା ପାଇଁ ଗଞ୍ଜେଇ ନେବାକୁ ଆସିଥିବା ସ୍ୱୀକାର କରିଛନ୍ତି। ଏନଡିପିଏସ ଆକ୍ଟରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯିବ ବୋଲି ଜିଆରପି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ବିଭିନ୍ନ ଦାବି ନେଇ କ୍ଷେତ ମଜଦୁର ସଙ୍ଘର ବିକ୍ଷୋଭ

**ଗଞ୍ଜାମ,୨୩।୪(ସଂଚାର ବ୍ୟୁରୋ):** ଓଡ଼ିଶା କ୍ଷେତ ମଜଦୁର ସଙ୍ଘ ପକ୍ଷରୁ ବିଭିନ୍ନ ଦାବିନେଇ ବ୍ଲକ ମୁଖ୍ୟ ଫାଟକ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ ହୋଇଛି। ଏ ନେଇ ସଙ୍ଘର କର୍ମକର୍ତ୍ତା ବିଡିଓ ଅଚ୍ୟୁତାନନ୍ଦ ଯାନୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ । ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନମୁଖୀ ଶାସନ ତଥା ନିତ୍ୟ ଅପରିହାର୍ଯ୍ୟ ଜିନିଷର ଅହେତୁକ ମୂଲ୍ୟ ବୃଦ୍ଧି ହୋଇଛି। ଭାଜପା ସରକାର ଆସିଲେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ମାସିକ ତିନିହଜାର ବୃଦ୍ଧି, ତିନିଶହ ୟୁନିଟ ମାଗଣା ବିଜୁଳି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଯାବତ୍ ପ୍ରତିଶ୍ରୁତି ପାଳନ କାହିଁକି କରୁନି ବୋଲି ସିପିଆଇଏମ ନେତା ତଥା ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାୟ ପ୍ରଶ୍ନ କରିଥିଲେ। ରାଜ୍ୟରେ ପ୍ରାୟ ୭୦ ଭାଗ ଜମି ଭାଗ ଚାଷୀଙ୍କ ଦ୍ୱାରା ଚାଷ କରୁଛନ୍ତି କିନ୍ତୁ ଭାଗ ଚାଷୀ ପାଇଁ ସରକାରଙ୍କ ଆଇନଗତ ବ୍ୟବସ୍ଥା ନାହିଁ ବୋଲି ବରିଷ୍ଠ କ୍ଷେତ ମଜଦୁର ସଙ୍ଘ ପକ୍ଷରୁ ଅଭିଯୋଗ ହୋଇଛି । ବିକ୍ଷୋଭ ପ୍ରଦର୍ଶନ ବେଳେ କ୍ଷେତ ମଜଦୁର ସଙ୍ଘ ବ୍ଲକ ସଭାପତି ପଦ୍ମ ଚରଣ ପ୍ରଧାନ, ଦିଲ୍ଲୀପ କୁମାର ଛୋଟରାୟ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାୟକ, ବିନାୟକ ସିଠ, ଗଙ୍ଗାଧର ରେଡି, ଖଲି ତରାଇ, ପ୍ରଫୁଲ୍ଲ ସ୍ୱାଇଁ, କୃଷ୍ଣ ଗୌଡ଼, ଖଲି ସ୍ୱାଇଁ, ତ୍ରିନାଥ ତରାଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।





ଜ୍ୟୋତିରଞ୍ଜନ ମହାନ୍ତିଙ୍କ ପ୍ରଯୋଜିତ ତଥା ଅଶ୍ୱିନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'ଡେଲିଭରି ବୟ' ୨୦୨୩ ଏପ୍ରିଲ୍ ୭ ତାରିଖରେ ମୁକ୍ତିଲାଭ କରିଥିଲା। ଜଣେ ଡେଲିଭରି ବୟର ଦୁର୍ଘଟଣାଜନିତ ମୃତ୍ୟୁ ଘଟଣା ନ୍ୟାୟାଳୟରେ ପହଞ୍ଚେ। ବିଚାର ପରେ ମୃତ ଡେଲିଭରି ବୟକୁ ନ୍ୟାୟ ମିଳେ। ଏଥିରେ ଶୈଳେନ୍ଦ୍ର ଓ ସନ୍ତୁ ଶୀର୍ଷକ ଭୂମିକାରେ ଅଭିନୟ କରିଥିଲେ। ଏଭଳି ଭିନ୍ନ

## ଅର୍ଚ୍ଚିତା ଏଥର ଡେଲିଭରି ବୟ

ଧରଣର କାହାଣୀକୁ ନେଇ ପ୍ରସ୍ତୁତ 'ଡେଲିଭରି ବୟ'କୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ପ୍ରଯୋଜକ ଜେ.ଆର.ଏମ୍.ଙ୍କ କାହାଣୀକୁ ସଂଳାପରେ ସଜାଇଥିଲେ ଡ. ଦୀପକ ଜେନା। ଏଥିରେ ବୁଦ୍ଧାଦିତ୍ୟ, ସୂର୍ଯ୍ୟମୟୀ, ଶୈଳେନ୍ଦ୍ର, ଶକ୍ତି ବରାଳ, ଜୀବନ ପଣ୍ଡା, ସୁଶାନ୍ତ, ଇଲୁ ବାନାର୍ଜୀ, ସରୋଜ ଦାଶ, ଚୌଧୁରୀ ବିକାଶ ଦାସ, ସନ୍ତୁ, ଅମନ୍, ଗୁଡ୍ଡୁ, ପ୍ରିୟମ୍ବଦା ଓ ପୁପୁଲ୍ ପ୍ରମୁଖ ଅଭିନୟ କରିଥିଲେ।

ଏବେ ଏହାର ଦ୍ୱିତୀୟ ସଂସ୍କରଣ 'ଡେଲିଭରି ବୟ-୨' ମୁକ୍ତିଲାଭ କରିବାକୁ ଯାଉଛି। କୌତୂହଳର ବିଷୟ ହେଲା, ଦର୍ଶକ ଏଥିରେ ନାୟିକା ଅର୍ଚ୍ଚିତାଙ୍କୁ ଡେଲିଭରି ବୟ ଭୂମିକାରେ ଦେଖିବାକୁ ପାଇବେ। ସେ ପଲ୍ଲବୀ ନାମ୍ନୀ ଜଣେ ମହିଳା ଡେଲିଭରି ବୟ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି। କିଭଳି ସମସ୍ୟାରେ ପଡ଼ି ଜଣେ ଶିକ୍ଷିତ ଯୁବତୀ ଏଭଳି ବୃତ୍ତି ଆପଣାଇଛି, ତାହାକୁ ନେଇ କାହାଣୀ ଗତିଶୀଳ ହୋଇଛି। ଫିଲ୍ମର ନିର୍ଦ୍ଦେଶକ ଅଶ୍ୱିନ ତ୍ରିପାଠୀଙ୍କ କହିବା ଅନୁଯାୟୀ, ଏହା ଏକ ବଡ଼ ବଜେଟ୍ ଓ ବଡ଼ ଷ୍ଟାର୍‌କାଷ୍ଟର ସିନେମା। ଏଥିରେ ଅର୍ଚ୍ଚିତାଙ୍କୁ ଦର୍ଶକ ପୁଣି ଥରେ ଭିନ୍ନ ଧରଣର ଭୂମିକା ଓ ଗେଟ୍‌ଅପ୍‌ରେ ଦେଖିବାକୁ ପାଇବେ। 'ପାଦେ ଆକାଶ'କୁ ନେଇ ସଂପ୍ରତି ଚର୍ଚ୍ଚାରେ ଥିବା ଅର୍ଚ୍ଚିତା ଜ୍ୟୋତିରଞ୍ଜନ ମହାନ୍ତିଙ୍କ ପ୍ରଯୋଜିତ 'ଡେଲିଭରି ବୟ ୨'ରେ ପୁଣି ନିଜ ପ୍ରତିଭାର ଉପଯୁକ୍ତ ପ୍ରଦର୍ଶନ କରିଛନ୍ତି ବୋଲି ଚର୍ଚ୍ଚା ହେଉଛି।



**ଓଡ଼ିଆ ଚଳଚ୍ଚିତ୍ର ପରିସରରେ ସେ ବେଶ୍ ପରିଚିତ। 'ଚିଲିକା ତୀରେ', 'ଏଇ ଆମ ସାଂସାର', 'ମାଣିକ', 'ମମତାର ଡୋରି', 'ସତ କେବେ ଲୁଚି ରହେନା', 'ଆରତି', 'ଘର ମୋର ସ୍ୱର୍ଗ' ଭଳି ଶତାଧିକ ଓଡ଼ିଆ ସିନେମାରେ ନିଜର ଚମତ୍କାର ଅଭିନୟ ଜରିଆରେ ଦର୍ଶକଙ୍କ ମନ ଜିଣିଛନ୍ତି ସେ। ପ୍ରାୟ ଚାରି ଦଶନ୍ଧିରୁ ଅଧିକ କାଳ ଧରି ଚଳଚ୍ଚିତ୍ର ଜଗତରେ ସକ୍ରିୟ ରହିବା ସହ ନାୟିକାରୁ ନେଇ ଚରିତ୍ର ଅଭିନୟ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ପାରଦର୍ଶିତା ପ୍ରତିପାଦିତ କରିଛନ୍ତି। ପିଲାଦିନର ଏକ ଅଭୁଲା ସ୍ମୃତିକୁ ପାଠକଙ୍କ ସହ ବାଣ୍ଟିଛନ୍ତି ଚନ୍ଦ୍ରା ରାୟ।**

## ଉତ୍ତମ-ସୁପ୍ରିୟାଙ୍କୁ ଦେଖିବା ନିଶାରେ ଟ୍ରେନ୍ ଫେଲ୍ ହେଲୁ

ସପ୍ତମ ଶ୍ରେଣୀରେ ପଢ଼ିବା ବେଳର କଥା। ଖରାଛୁଟି ହୋଇଥାଏ। ମାମୁଘର କଲିକତା ବୁଲିଯିବାକୁ କାର୍ଯ୍ୟକ୍ରମ ହୋଇଥାଏ। ପୁରୀ-ହାୱଡ଼ା ଏକ୍ସପ୍ରେସ୍‌ରେ କଲିକତା ଯିବାକୁ ବାହାରିଥାଉ। ବାବା, ମାଆ ଓ ଆମେ ଭାଇଭଉଣୀ ଦୁଇଟା ରିକ୍ସା କରି ଷ୍ଟେସନ୍‌କୁ ବାହାରିଲୁ। ସେତେବେଳେ ଭୁବନେଶ୍ୱର ଷ୍ଟେସନ୍ ପାଖରେ ଝୁନ୍‌ଝୁନ୍‌ୱାଲା ବଗିଚା ଥାଏ। ସେହି ବଗିଚା ପାଖରେ ଅନ୍ଧାରରେ ଗୋଟାଏ ଆମ୍ବାସଡର୍ ଗାଡ଼ି ଛିଡ଼ା ହୋଇଥାଏ। ପଛ ସିଟ୍‌ରେ ଜଣେ ଭଦ୍ରମହିଳା ଓ ତାଙ୍କ କଡ଼ରେ ଜଣେ ଭଦ୍ରବ୍ୟକ୍ତି ବସିଥାନ୍ତି।

ରିକ୍ସାରୁ ମୋ ମାଆ ତାଙ୍କୁ ଦେଖି ଚିଲେଇବାକୁ ଲାଗିଲେ। ରଖ ରଖ କହି ରିକ୍ସାଚାଳକଙ୍କୁ ଅଟକାଇ ଦେଲେ। ତା'ପରେ ବାବାମାଆ ରିକ୍ସାରୁ ଓହ୍ଲାଇ କାର୍ ପାଖକୁ ଗଲେ। ଦେଖିଲାବେଳକୁ ଗାଡ଼ି ଭିତରେ ବଙ୍ଗଳା ଚଳଚ୍ଚିତ୍ର ନାୟକ ଉତ୍ତମ କୁମାର ଓ ନାୟିକା ସୁପ୍ରିୟା ଚୌଧୁରୀ ବସିଛନ୍ତି। ସେମାନଙ୍କୁ ଲୋକେ ଚିହ୍ନିପକାଇ ଭିଡ଼ ଜମାଇବାରୁ ଦୁହେଁ ସ୍ମିତହାସ୍ୟ ଦେଇ ଗାଡ଼ିର କାଚ ବନ୍ଦ କରିଦେଲେ। ତା'ପରେ ମୋ ବାବାମାଆଙ୍କ କଥାରୁ ଜାଣିଲି ଯେ ଚନ୍ଦ୍ରଭାଗା ପାଖରେ ତାଙ୍କର ଏକ ଫିଲ୍ମ ସୁଟିଂ ପାଇଁ ସେମାନେ ଓଡ଼ିଶା ଆସିଛନ୍ତି।

ମୋର ମନେପଡ଼ିଲା ରବି ଟକିଜ୍‌ରେ ମୁଁ ଦେଖିଥିବା ବଙ୍ଗଳା ସିନେମାରେ ଏ ଦୁଇ ଜଣ ଅଭିନୟ କରିଥିଲେ। ମୁଁ ସେମାନଙ୍କୁ କେତେ ଥର ଦେଖିଛି। ମୋ ମୁଣ୍ଡରେ ପଶିଲା କି ମୁଁ ବି ଟିକେ ପାଖରୁ ଦେଖିବି। ବାବାମାଆ ଟିକେ ଆଗକୁ ପଳାଇ ଥାଆନ୍ତି। ମୁଁ ସେମାନଙ୍କୁ କିଛି ନକହି ଉତ୍ତମ କୁମାର ଓ ସୁପ୍ରିୟାଙ୍କୁ ଦେଖିବାକୁ ଗାଡ଼ି ପାଖକୁ ଚାଲିଗଲି। ବାବାମାଆ ମୋତେ ଖୋଜୁଥାନ୍ତି ହେଲେ ମୁଁ ଯାଇ ସେ ଆମ୍ବାସଡର୍ ଗାଡ଼ି ପାଖରେ।



କିଛି ସମୟ ପରେ ଗାଡ଼ି ପାଖରୁ ଫେରି ମୁଁ ବାବାମାଆଙ୍କୁ ଖୋଜିବା ଆରମ୍ଭ କଲି। କିନ୍ତୁ ସେମାନଙ୍କୁ ପାଇଲି ନାହିଁ। ଜୋର୍‌ରେ କାନ୍ଦ ଲାଗିଲା। ମୋତେ ବାବା ଖୋଜି ପାଇବା ବେଳକୁ ବହୁତ ସମୟ ବିତି ଯାଇଥିଲା। ଏ ଭିତରେ ଟ୍ରେନ୍ ଆସି ଚାଲି ଯାଇଥିଲା। ଆମେ ଆଉ ମାମୁଘରକୁ ସେଦିନ ଯାଇପାରିଲୁ ନାହିଁ। ଘରେ ମାଆ ବହୁତ ଗାଳି ଦେଲେ। ପ୍ରଥମ ଥର ଉତ୍ତମ କୁମାରଙ୍କୁ ଦେଖିବା ଓ ଟ୍ରେନ୍ ଫେଲ୍ ହେବା ଘଟଣା ମୁଁ ଏଯାଏ ଭୁଲି ପାରିନାହିଁ।''



## ଶେଷରେ ଅଭିଷେକ

ଓଲିଉଡ୍‌ର ଡ୍ୟାସିଂ ଷ୍ଟାର୍ ଶୈଳେନ୍ଦ୍ରଙ୍କୁ ଗୋଟିଏ ଓଡ଼ିଆ ସିନେମାରେ ନାୟକ ଭାବେ ଅଭିନୟ କରିବାକୁ ପ୍ରସ୍ତାବ ମିଳିଥିଲା। କିନ୍ତୁ କୌଣସି କାରଣରୁ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ପରେ ପ୍ରସ୍ତାବିତ ଛବିର କାହାଣୀ ଶୁଣି ଓଲିଉଡ୍‌ର ସୋବର୍ ବୟ ସବ୍ୟସାଚୀ ଅଭିନୟ ଲାଗି ଆଗ୍ରହ ଦେଖାଇ ଉତ୍ସାହିତ ହୋଇଥିଲେ, କିନ୍ତୁ ନିଷ୍ପତ୍ତି ଜଣାଇବାକୁ ସମୟ ନେଇଥିଲେ। ତା'ପରେ 'ଆଜିର ରେବତୀ' ଫେମ୍ ବଙ୍ଗୀୟ ନାୟକ ବନି ସେନଗୁପ୍ତାଙ୍କୁ ନିଆଯିବା ଲାଗି ଆପାତତଃ ସ୍ଥିରୀକୃତ ହୋଇଥିଲା। ଉଭୟ ଓଡ଼ିଆ ଓ ବଙ୍ଗଳାରେ ନିର୍ମିତ ହେଉଥିବାରୁ ବନି ଥିଲେ ପର୍‌ଫେକ୍ଟ ଚଏସ୍। ହେଲେ ତାଙ୍କ ପ୍ରାଇସ୍ ନିର୍ମାତାଙ୍କୁ ଦ୍ୱନ୍ଦ୍ୱରେ ପକାଇଦେଲା। ଏହାପରେ ସେହି ଭୂମିକା ଲାଗି 'ଆଇ ଲଭ୍ ୟୁ -୨' ଫେମ୍ ଆଦିତ୍ୟଙ୍କ କଥା ବିଚାରକୁ ନିଆଯାଇଥିଲା। ଏତେ ସବୁ ଅଦଳବଦଳ ଭିତରେ ଶେଷରେ ବାଜି ମାରିଛନ୍ତି ନାୟକ ଅଭିଷେକ ପଣ୍ଡା। ରମେଶ ବାରିକଙ୍କ ପ୍ରଯୋଜିତ 'ସ୍ୱଟ୍‌ବୟ'ରେ ନାୟକ ଭାବେ ଚୁକ୍ତିବଦ୍ଧ ହୋଇଛନ୍ତି ଅଭିଷେକ। ତାଙ୍କ ବିପକ୍ଷରେ ନାୟିକା ଭାବେ ନଜର ଆସିବେ 'ରାମ୍' ଫେମ୍ ରୂପସା। ଅଭିଷେକ ପଣ୍ଡାଙ୍କୁ ଦର୍ଶକ ନିକଟରେ ମୁକ୍ତିଲାଭ କରିଥିବା 'ଘମାଘୋଟ'ରେ ଦେଖିବାକୁ ପାଇଛନ୍ତି। ଡକ୍ଟର ରଜନୀରଂଜନ ଏହି ଫିଲ୍ମର ସଂଳାପ ଲେଖିଥିବା ବେଳେ ଅସଦ୍ ନିଜାମ୍ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି।



- 'ହସିବ ପୁଣି ମୋ ସୁନାସଂସାର', 'ମନ ମୋର ପ୍ରଜାପତି', 'ବାବାଜିକା ଠୁଲୁ' ଓ 'ସମୀକ୍ଷା' ଭଳି ଓଡ଼ିଆ ଛବିର ନିର୍ଦ୍ଦେଶନା ଦେଇଥିବା ସିନେମାଟୋଗ୍ରାଫର୍-ଡିରେକ୍ଟର୍ ରଞ୍ଜନ ମିଶ୍ର ଆଉ ଏକ ଓଡ଼ିଆ ସିନେମା କାମରେ ହାତ ଦେଇଛନ୍ତି। ଏହାର ପ୍ରଯୋଜନା କରୁଛନ୍ତି ବିକାଶ ଚନ୍ଦ୍ର ପଟ୍ଟନାୟକ। ବି-କ୍ୟୁବ୍ ଏଣ୍ଟର୍‌ଟେନ୍‌ମେଣ୍ଟ୍ ବ୍ୟାନର୍‌ରେ ନିର୍ମାଣାଧୀନ ଏହି ଛବିର ସ୍କ୍ରିପ୍ଟ ଲେଖୁଛନ୍ତି ଲୋକପ୍ରିୟ ସଂଳାପକାର ଡକ୍ଟର ରଜନୀରଞ୍ଜନ।

- 'କ୍ରିଷ୍ଣା ଗୋବିନ୍ଦା', 'ଦି ଏଣ୍ଡ୍', 'ହତ୍ୟା', 'ଭାଇଜାନ୍', 'ବାପା ତମେ ଭାରି ଦୁଷ୍ଟ',



'ଦେଖା ହେଲା ପ୍ରେମ ହେଲା', 'ଜଙ୍ଗଲ' ଓ 'ତୋ ପ୍ରେମରେ ମୁଁ ବନ୍ଧା' ଭଳି ଓଡ଼ିଆ ଛବିର ଜଣାଶୁଣା ନିର୍ଦ୍ଦେଶକ ଟି. ଗଣେଶ ଏବେ ଏକ ସର୍ଟ ଫିଲ୍ମର ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି।

- ନୂଆ ଓଡ଼ିଆ ସିନେମା 'ଲଢ଼େଇ'ର ପୂରା ଟିମ୍ ଗୋଆରେ ପ୍ରବାସୀ ଓଡ଼ିଆଙ୍କ ସହ ଓଡ଼ିଆ ନବବର୍ଷ ପାଳିଛନ୍ତି। ଏହି ଅବସରରେ ସିନେମାର ନୂଆ ଝଲକ ଲୋକାର୍ପିତ ହୋଇଥିଲା। ଏହି ସମାବେଶରେ ପ୍ରଯୋଜକ ଦେବାଶିଷ ପଟ୍ଟନାୟକ, ନିର୍ଦ୍ଦେଶକ ଅଶୋକ ପତି, ନାୟକ ଲୋହିତାକ୍ଷ ଓ ନାୟିକା ଅଭିଲିପ୍ସା ପ୍ରମୁଖ ଉପସ୍ଥିତ ଥିଲେ।



## ବଲିଉଡ୍ ତାରକାଙ୍କ ଦ୍ୱିତୀୟ ଘର

ଏବେ ଚର୍ଚ୍ଚାରେ ରହିଛି ମହାରାଷ୍ଟ୍ରର କୋଙ୍କଣ ବେଳାଭୂମି ଅଞ୍ଚଳର ଶାନ୍ତ ସହର ଆଲିବାଗ୍। କୋଳାହଳମୟ ମୁମ୍ବାଇର ବ୍ୟସ୍ତବହୁଳ ଜୀବନରୁ ବାହାରି ଏଠିକି ଛୁଟି ଆସୁଛନ୍ତି ବହୁ ବଲିଉଡ୍ ତାରକା। ଆଉ ତାରକାଙ୍କ ବିଳାସମୟ ବଙ୍ଗଳା ଓ ଆକର୍ଷଣୀୟ ଡିଜାଇନ୍‌ର ଭିଲ୍ଲା ଆଲିବାଗ୍‌କୁ ଦେଇଛି ଆଲିଶାନ୍ ଚେହେରା।

### ଶାହରୁଖ୍‌ଙ୍କ ଦେଜା ଭୁ ଫାର୍ମ୍‌ସ



ଆଲିବାଗ୍‌ର ବିଳାସମୟ ବଙ୍ଗଳା କଥା ଆସିଲେ ପ୍ରଥମ ସ୍ଥାନରେ ରହିବେ କିଙ୍ଗ୍ ଖାନ୍ ଶାହରୁଖ୍। ସେଠାରେ ତାଙ୍କର ସୁଦୃଶ୍ୟ ଘରର ନାମ ଦେଜା ଭୁ ଫାର୍ମ୍‌ସ୍। ଛୁଟି କଟାଇବାକୁ ବା ପାର୍ଟି କରିବାକୁ ପରିବାର ସହ ଏଠାକୁ ଆସନ୍ତି ସେ। ଖାନ୍ ପରିବାରର ଦେଜା ଭୁ ଫାର୍ମ୍‌ସ ୧୯,୯୬୦ ବର୍ଗମିଟର୍ ପରିମିତ ସ୍ଥାନରେ ଅବସ୍ଥିତ। ଶାନ୍ତ ବାତାବରଣର ସହ ଅତ୍ୟାଧୁନିକ ସୁବିଧା ଥିବା ଏହି ଫାର୍ମ ହାଉସ୍‌ରେ ଶାହରୁଖ ଓ ତାଙ୍କ ପତ୍ନୀ ଗୌରୀ ଖାନ୍ ଅନେକ ବଲିଉଡ୍ ସମାବେଶ ଆୟୋଜନ କରିଛନ୍ତି। ଏଠାରେ ଏକ ଆଉଟ୍‌ଡୋର୍ ସୁଇମିଂ ପୁଲ୍, ଟ୍ରି ହାଉସ୍ ଓ ଏକ ହେଲିପ୍ୟାଡ୍ ରହିଛି।

### ବିରୁଷ୍କାଙ୍କ ସିରିନ୍ ହେଭେନ୍

ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ଓ କ୍ରିକେଟର୍ ବିରାଟ କୋହଲିଙ୍କର ଆଲିବାଗ୍‌ରେ ରହିଛି ଏକ ଦାମୀ ଘର। ସୂଚନା ଅନୁଯାୟୀ, ବିରାଟ ଓ ଅନୁଷ୍କାଙ୍କ 'ସିରିନ୍ ହେଭେନ୍' ୧୦,୦୦୦ ବର୍ଗଫୁଟ୍ ଜମି ଉପରେ ନିର୍ମିତ ଏବଂ ବିଶ୍ୱପ୍ରସିଦ୍ଧ ଆର୍କିଟେକ୍ଟ 'ସାଓଟା' ଏହାର ଡିଜାଇନ୍ କରିଛି। ଏହାକୁ ଲାଗି ୧୯ କୋଟି ଟଙ୍କା ମୂଲ୍ୟର ୮ ଏକର ଜମି ମଧ୍ୟ କିଣିଛନ୍ତି ବିରୁଷ୍କା। ସୁସେନ୍



ଖାନ୍‌ଙ୍କ ଦ୍ୱାରା ଇଣ୍ଟେରିୟର୍ ଡିଜାଇନ୍ ହୋଇଥିବା ଏହି ଭିଲ୍ଲାରେ ସମସ୍ତ ଅତ୍ୟାଧୁନିକ ସୁବିଧା ରହିଛି।

### ଦୀପିକା-ରଣବୀରଙ୍କ କୋଷ୍ଟାଲ୍ ରିଟ୍ରିଟ୍

ଗତବର୍ଷ ରଣବୀର ସିଂହ ଓ ଦୀପିକା ପାଦୁକୋନ୍ ଆଲିବାଗ୍‌ରେ ୨.୨୫ ଏକର ଜମିରେ ୧୮,୦୦୦ ବର୍ଗଫୁଟ୍ ପରିମିତ ଅଞ୍ଚଳରେ ନିର୍ମିତ ଏକ ବିଳାସପୂର୍ଣ୍ଣ ବଙ୍ଗଳା ଖରିଦ କରିଛନ୍ତି। ୫ କୋଠରିବିଶିଷ୍ଟ ଏଇ



ଅତ୍ୟାଧୁନିକ ବଙ୍ଗଳା କିହିମ୍ ବେଳାଭୂମିଠାରୁ ମାତ୍ର ୧୦ ମିନିଟ୍ ଦୂରତ୍ୱରେ ଅବସ୍ଥିତ। ୨୦୨୧ରେ ୨୨କୋଟି ଟଙ୍କା ଦେଇ ଦୀପିକା-ରଣବୀର ଏହାକୁ କିଣିଥିବା ସୂଚନା ରହିଛି।

### ରାହୁଲ୍ ଖାନ୍ନାଙ୍କ ଟ୍ରାଙ୍କୁଇଲ୍ ହେଭେନ୍

ଯଦିଓ ଅଭିନେତା ରାହୁଲ୍ ଖାନ୍ନା ନିକଟରେ କୌଣସି ଚଳଚ୍ଚିତ୍ରରେ ଅଭିନୟ କରି ଚର୍ଚ୍ଚାରେ ନାହାନ୍ତି, କିନ୍ତୁ ତାଙ୍କର ଆଲିବାଗ୍ ବଙ୍ଗଳା ବେଶ୍ ଚର୍ଚ୍ଚିତ। ପିଲାଦିନରୁ ସେ ବାରମ୍ବାର ଆଲିବାଗ୍ ବୁଲି ଆସୁଥିଲେ ଏବଂ ପରେ ସେଠାରେ ସେ ଏକ ଭବ୍ୟ ବଙ୍ଗଳା କିଣିଛନ୍ତି। ପ୍ରାୟତଃ



ତାଙ୍କର ଦୁଇ ପୋଷା କୁକୁରଙ୍କ ସହିତ ରାହୁଲ୍ ମୁମ୍ବାଇର କୋଳାହଳରୁ ଦୂରେଇ ଏଠି ଛୁଟି ଉପଭୋଗ କରନ୍ତି।

### ଅମିତାଭ ବଚ୍ଚନ ଓ କ୍ରିତି ସାନନ୍ ପଡ଼ୋଶୀ

ମୁମ୍ବାଇରେ ଏକାଧିକ ଦାମୀ ବଙ୍ଗଳା ଓ ଫ୍ଲାଟ୍ ଥିବା ବିଗ୍ ବି ଅମିତାଭ ବଚ୍ଚନ୍ ଗତବର୍ଷ ୧୦ କୋଟି ଟଙ୍କା ଦେଇ ଆଲିବାଗ୍‌ରେ ୧୦,୦୦୦ ବର୍ଗଫୁଟ୍ ପରିମିତ ଜମି କ୍ରୟ କରିଛନ୍ତି। ଅଭିନେତ୍ରୀ କ୍ରିତି ସାନନ୍ ସମାନ ଅଞ୍ଚଳରେ ୨୦୦୦ ବର୍ଗଫୁଟ୍ ଆକାରର ଏକ ପ୍ଲଟ୍ କିଣିଛନ୍ତି। ସେହିପରି ୨୦୨୪ରେ 'ଦ ଆର୍ଚ୍ଚିସ୍' ଜରିଆରେ ବଲିଉଡ୍ ଡେବ୍ୟୁ କରିଥିବା ସୁହାନା ଖାନ୍ ୯.୫ କୋଟି ଟଙ୍କା ବ୍ୟୟରେ ସେଠାରେ ଏକ ଫାର୍ମହାଉସ୍ କିଣିଛନ୍ତି।



ନାୟିକା ତୃପ୍ତି ମିରାମ୍ବିକାଙ୍କୁ ପୁଣି ମିଳିଛି ଜଣେ ଆଗଧାଡ଼ିର ନାୟକଙ୍କ ସାଥ୍। ଏହି ଆଗଧାଡ଼ିର ନାୟକ ହେଉଛନ୍ତି ତାଙ୍କର ପୁରୁଣା କୋ-ଷ୍ଟାର୍ ଅମ୍ଲାନ। ଦର୍ଶକ ଖୁବ୍ ଶୀଘ୍ର ଅମ୍ଲାନ-ତୃପ୍ତି ଯୋଡ଼ିକୁ ବଡ଼ ପରଦାରେ ଦେଖିବାକୁ ପାଇବେ। ଅମ୍ଲାନ ଓ ତୃପ୍ତି ମିରାମ୍ବିକା ଯେଉଁ ସିନେମାରେ



## ପୁଣି ଅମ୍ଲାନ ତୃପ୍ତି ଏକାଠି



ଦ୍ୱିତୀୟ ବାର ନାୟକ-ନାୟିକା ହେବାକୁ ଯାଉଛନ୍ତି, ତାହାର ଶୀର୍ଷକ ଏଯାବତ୍ ସ୍ଥିରୀକୃତ ହୋଇନାହିଁ। ତେବେ ଓଲିଉଡ୍‌ର ଅନ୍ୟତମ ସଫଳ ନିର୍ଦ୍ଦେଶକ ସୁଧାଂଶୁମୋହନ ସାହୁ ଏହାର ନିର୍ଦ୍ଦେଶନା ଦେଉଛନ୍ତି। 'ତୁ ମୋ ଆଖିର ତାରା', 'ଦେ ମା ଶକ୍ତି ଦେ', 'ତୁ ମୋ ଗାର୍ଲଫ୍ରେଣ୍ଡ୍', 'ଦିୱାନା ଦିୱାନୀ' ଓ 'ଆଶିକ' ପରି ଛଅଟି ସଫଳ ଚଳଚ୍ଚିତ୍ର ଭେଟି ଦେଇଥିବା ପ୍ରମୋଦ ସ୍ୱାଇଁ ଏହାର ପ୍ରଯୋଜକ। ଅମ୍ଲାନ-ତୃପ୍ତି ମିରାମ୍ବିକାଙ୍କୁ ଶେଷ ଥର ଲାଗି ଗତବର୍ଷ ମୁକ୍ତିଲାଭ କରିଥିବା ବ୍ରଜ ସିଂଙ୍କ ନିର୍ଦ୍ଦେଶିତ 'ସମୟ କହିବ କିଏ କାହାର'ରେ ଦେଖିଥିଲେ ସିନେପ୍ରେମୀ। ନାମକରଣ ହୋଇ ନଥିବା ଏହି ଓଡ଼ିଆ ଛବିଟି ଦର୍ଶକଙ୍କ ଦ୍ୱାରା କେତେ ଗ୍ରହଣୀୟ ହେଉଛି ମୁକ୍ତିଲାଭ ପରେ ଜଣାପଡ଼ିବ।

## ଘନ ଘନ ବିଦ୍ୟୁତ୍ କାଟ, ଲୋକେ ହନ୍ତସନ୍ତ

**ହିଞ୍ଜିଳିକାଟୁ,୨୩।୪ (ସଂଚାର ବ୍ୟୁରୋ):** ସହରରେ ପ୍ରଚଣ୍ଡ ରୌଦ୍ରତାପ, ଏହାରି ଭିତରେ ଅଘୋଷିତ ବିଦ୍ୟୁତ କାଟ।ସତେ ଯେମିତି ବୋଝ ଉପରେ ନଳିତା ବିଡ଼ା।ସକାଳ ୧୦ ହେଲା ମାତ୍ରେ ଘରୁ ବାହାରକୁ ବାହାରିବା ସମ୍ଭବ ହେଉନାହିଁ।ଅତ୍ୟାବଶ୍ୟକ କାମ ଥିଲେ ଲୋକେ ବାହାରକୁ ବାହାରୁଛନ୍ତି।ଦେହ ଜଳି ପୋଡ଼ି ଗଲା ଭଳି ଅନୁଭବ ହେଉଛି ଅନ୍ୟପଟେ ଅଘୋଷିତ ବିଦ୍ୟୁତ କାଟ ଫଳରେ ଲୋକଙ୍କ ମନରେ ଅସନ୍ତୋଷର ନିଆଁ କୁହୁଳିଲାଣି।ଗଛର ପତ୍ରଟିଏ ନ ହଲିଲେ ବି ବିଦ୍ୟୁତର ଲୁଚକାଳି ଖେଳ ଲୋକଙ୍କ କଷ୍ଟକୁ ଦ୍ୱିଗୁଣିତ କରୁଛି। ମରାମତି ଆଳରେ ଦିନବେଳା ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ କାଟ ଉପଭୋକ୍ତାଙ୍କୁ ଯେତିକି ନିରାଶ କରିଛି ସନ୍ଧ୍ୟା ହେବା ମାତ୍ରେ ଦୁହାକୁ ଦୁହା ଅଘୋଷିତ ବିଦ୍ୟୁତ କାଟ ସହରବାସୀଙ୍କୁ ସେତିକି ଯନ୍ତ୍ରଣା ଦେଇଛି। ତେବେ ଅପରପକ୍ଷରେ ଲାଇନ କଟିଲେ ଉପଭୋକ୍ତାଙ୍କୁ ସୂଚନା ଦିଆଯାଉ ନାହିଁ। ତେବେ ବାରମ୍ବାର ବିଦ୍ୟୁତ କାଟକୁ ନେଇ ଲୋକେ ଅତିଷ୍ଠ ହୋଇଥିବା ବେଳେ ଅସନ୍ତୋଷ କେତେବେଳେ ଉଗ୍ରରୂପ ଧାରଣ କରିବ ଏଥିରେ ସନ୍ଦେହ ନାହିଁ।

## ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

**ହିଞ୍ଜିଳିକାଟୁ,୨୩।୪ (ସଂଚାର ବ୍ୟୁରୋ):** ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଖରିଡା ଗ୍ରାମ କେନାଲ ସାହିରେ ପ୍ରଚଣ୍ଡ ରୌଦ୍ରତାପରେ ଟଳିପଡ଼ିଲେ ଦୀନବନ୍ଧୁ ବେହେରା (୬୦)ଜ୍ଞସେ ସାଇକେଲ ଯୋଗେ କୀଟନାଶକ ଆଣିବାକୁ ହିଞ୍ଜିଳିକାଟୁ ଆସୁଥିବା ବେଳେ ଉକ୍ତ ଘଟଣା ଘଟିଛି।ସ୍ଥାନୀୟ ଲୋକେ ଉଦ୍ଧାର କରି ହିଞ୍ଜିଳି ମେଡିକାଲରେ ଭର୍ତ୍ତି କରିଥିଲେ କିନ୍ତୁ ଡ଼ାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।ଖବର ପାଇ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ରଙ୍କ ଉପସ୍ଥିତିରେ ଅତିରିକ୍ତ ତହସିଲଦାର ସୁରଜ ନାୟକ ବେହେରା ରେଡ଼କ୍ରସ ପକ୍ଷରୁ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେଜ୍ଞଜିଲ୍ଲା ଉପସଭାପତି ମାଧବ ଗୌଡ଼, ଯୁବ ନେତା ସନ୍ତୋଷ ପାଣିଗ୍ରାହୀ ଓ ନଗର ସଭାପତି ସୁଧାଂଶୁ ସାବତ ଉପସ୍ଥିତ ଥିଲେ। ପରିବାର ବର୍ଗ ଅଂଶୁଘାତ ଜନିତ ମୃତ୍ୟୁ ଆଶଙ୍କା କରୁଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁ କାରଣ ସ୍ପଷ୍ଟ ହେବ ବୋଲି ଅଧିକ୍ଷକ ଡା. ଶ୍ରୀକାନ୍ତ ସାହୁ କହିଛନ୍ତି।

### ଜିଲ୍ଲା ପରିଷଦ ବୈଠକରେ ହୋହାଲ୍ଲା

# ମାଇକ୍,ଚୌକି ସମ୍ମାନରେ ଅଟକିଛି ବିଜେଡ଼ି

**ବିଞ୍ଝାରପୁର,୨୩।୪(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଷଷ୍ଠ ଜିଲ୍ଲାପରିଷଦ ସାଧାରଣ ବୈଠକରେ ବିଜୁ ଜନତା ଦଳର ଜିଲ୍ଲା ପରିଷଦର ସଭ୍ୟା ଓ ସଭ୍ୟ ମାନଙ୍କର ହୋ ହାଲ୍ଲା। ଜିଲ୍ଲା ପରିଷଦ ସଦସ୍ୟଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଉନଥିବା ଅଭିଯୋଗ କରି ହୋ ହାଲ୍ଲା। ପ୍ରତି ଜବାବ୍ ଦେଲେ ଅମର।



ଆଜି ଯାଜପୁର ଜିଲ୍ଲାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଷଷ୍ଠ ସାଧାରଣ ପରିଷଦ ବୈଠକ। ତେବେ ଏହି ବୈଠକରେ ଦେଖା ଦେଇଥିଲା ହୋ ହାଲ୍ଲା ଦୃଶ୍ୟ। ପୂର୍ବ ପ୍ରସ୍ତୁତି ନେଇ ଯାଜପୁର ଜିଲ୍ଲା ପ୍ରଶାସନକୁ ବିରୋଧ କରିବା ନେଇ ବିଜୁ ଜନତା ଦଳର ଜିଲ୍ଲା ପରିଷଦର ସଭ୍ୟା ଓ ସଭ୍ୟ ମାନେ ବୁଧବାର ଦିନ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଷଷ୍ଠ ଜିଲ୍ଲାପରିଷଦ ଷଷ୍ଠ ସାଧାରଣ ବୈଠକରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ହେଉଥିବା ସରକାରୀ ଉନ୍ମୋଚନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦଙ୍କ ନାମ ନଥିବା, ଜିଲ୍ଲା ପରିଷଦଙ୍କ ପାଣ୍ଠି ଅର୍ଥକୁ ଠିକ ଭାବେ ଖର୍ଚ୍ଚ ନ କରାଯାଉନଥିବା ଓ ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟଙ୍କୁ ସମ୍ମାନ ଦିଆଯାଉନଥିବା ଅଭିଯୋଗ ଆଣି ବିଜେଡିର ଜିଲ୍ଲା ପରିଷଦ ସଭ୍ୟା ଓ ସଭ୍ୟ ମାନେ ହୋ ହାଲ୍ଲା କରିଥିଲେ।ଯାହାକୁ ନେଇ ଉପସ୍ଥିତ ଥିବା ବଡ଼ଚଣା ବିଧାୟକ ଅମର ନାୟକଙ୍କ ସହିତ ଜିଲ୍ଲା ପରିଷଦ ସଭ୍ୟା ଓ ସଭ୍ୟଙ୍କ ଯୁକ୍ତି ତର୍କ ଲାଗିଥିଲେ। ବିଧାୟକ ଅମର ନାୟକ ଙ୍କୁ ଜ୍ଞାନ ନ ଥିବା କହି ଆକ୍ଷେପ କରିଥିଲେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ ବରାଳ।ଯାହାର ପ୍ରତିଜବାବ୍ ଦେଇଥିଲେ ଅମର।

୨୦୧୮ ମସିହାରେ ତତ୍କାଳୀନ ନବୀନ ସରକାର ତ୍ରିସ୍ତରୀୟ ପଂଚାୟତ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧି ମାନଙ୍କର କ୍ଷମତା ଓ ସମ୍ମାନକୁ ସଂକୁଚିତ କରିଥିବା କହିଥିଲେ ଅମର। ମୂଳ ପ୍ରସଙ୍ଗରୁ ବାହାରି, ଲୋକଙ୍କ ସମସ୍ୟାର ସମାଧାନ ଉପରେ ଆଲୋକପାତ ନକରି ବିଜେଡ଼ି ପ୍ରସଙ୍ଗ ବାହାରେ ମାଇକ୍ ଚୌକି ସମ୍ମାନରେ ଅଟକିଥିବା କହିଥିଲେ ଅମର। ଜିଲ୍ଲା ପରିଷଦ ସଭ୍ୟା ଓ ସଭ୍ୟାଙ୍କୁ ସମର୍ଥନ କରି ଅଧକ୍ଷା ଓ ଉପାଧକ୍ଷ ନିଜ ଆସନରୁ ଓଲାହି ଆସି ସଭ୍ୟ ଓ ସଭ୍ୟାଙ୍କୁ ସମର୍ଥନ କରି ଯୁକ୍ତିତର୍କରେ ସାମିଲ ହୋଇଥିଲେ। ଯାହାର ଏକ ଭିଡ଼ିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି।ତେବେ ନିଜକୁ ବିଜେଡ଼ିର ତୁଙ୍ଗ ନେତା ବୋଲାଉଥିବା ଗଣେଶ ନିଜ ନିର୍ବାଚନମଣ୍ଡଳୀ ରେ ବିଜେଡ଼ିକୁ ନ ଜିତାଇ ମୁହଁ ଝାଡୁଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।ଜିଲ୍ଲା ପରିଷଦ ସଭ୍ୟା ଓ ସଭ୍ୟ ଙ୍କୁ ଉଚିତ ସମ୍ମାନ ମିଳିବ ବୋଲି ଉପସ୍ଥିତ ଥିବା ଜିଲ୍ଲାପାଳ କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।ଏହି ବୈଠକ ରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବଡ଼ଚଣା ବିଧାୟକ ଅମର ନାୟକ, ରାଜ୍ୟସଭା ସାଂସଦ ସୁଲତା ଦେଓ, ଯାଜପୁର ବିଧାୟିକା ସୁଜାତା ସାହୁ ଉପସ୍ଥିତ ଥିଲେ, ସମସ୍ତ ଜୋନର ଜିଲ୍ଲା ପରିଷଦ ସଦସ୍ୟ ଏବଂ ସଦସ୍ୟା, ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ରାସ୍ତାରେ ଖାଲ, ଭୟଭୀତ ହେଉଛନ୍ତି ଜନସାଧାରଣ



**ଯାଜପୁର ରୋଡ୍, ୨୩।୪(ସଂଚାର ବ୍ୟୁରୋ):** କୋରେଇ ବ୍ଲକ ଅସନଝର ପଂଚାୟତର ବଛିପୁର ଗ୍ରାମ ଭିତରେ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାକଡଟି ଭାଙ୍ଗିଯାଇଥିବା ବେଳେ ଦୀର୍ଘ ୪ ବର୍ଷ ବିତିଯାଇଥିଲେ ମଧ୍ୟ ମରାମତି କରିବାକୁ କାହାର ଦୃଷ୍ଟି ପଡୁନାହିଁ। ଏହି ରାସ୍ତାରେ ଦୈନିକ ହଜାର ହଜାର ଲୋକ ଯାତାୟାତ କରିଥାନ୍ତି। ଜୀବନ ଜୀବିକା ପାଇଁ ଏହି ରାସ୍ତା ଉପଯୋଗ ହୋଇଥିବା ବେଳେ ଏବେ କିନ୍ତୁ ମରଣଯନ୍ତା ପାଲଟିଛି। ଉକ୍ତ ରାସ୍ତା ଦେଇ ଅସନଝର, ରଣପୁର, ଗୋପାଳପୁର, ତୋରନ୍ଦା, ଚିଙ୍ଗୁଡିପୁର, ସାଆଁଳା, ମହୁଲିଆ, ରଘୁପୁର, ରାମକୃଷ୍ଣପୁର ଆଦି ୨୫ ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକ ଉକ୍ତ ରାସ୍ତାଟି ଉପରେ ନିର୍ଭର କରିଥାନ୍ତି। ଅନ୍ଧାର ରାତିରେ ଉକ୍ତ ରାସ୍ତାର ଖାଲଗର୍ଭରେ ଅନେକ ପଥଚାରୀ ପଡ଼ି ଦୁର୍ଘଟଣାର ଶିକାର ହେଉଥିବା ଗ୍ରାମବାସୀ କୁହନ୍ତି। ବିଭାଗୀୟ ଅଧିକାରୀ ଉକ୍ତ ରାସ୍ତାର ଗୁରୁତ୍ୱ ଉପଲବ୍ଧି କରି ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତକୁ ମରାମତି କରିବା ପାଇଁ ସର୍ବସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

## ସାଇବର ନିୟମ ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ

**ଜଗତସିଂହପୁର,୨୩।୪(ସଂଚାର ବ୍ୟୁରୋ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଆଦିକବି ସରଳା ଦାସ ସ୍ନାତକ ମହାବିଦ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସାଇବର ନିୟମ ଓ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ମମତା ରାଉତ, ସାମାଜିକବିଜ୍ଞାନ ବିଭାଗର ମୁଖ୍ୟ ମନୋଜ କୁମାର ସ୍ୱାଇଁ, ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଦୀପକ କୁମାର ସିଂ, ରସାୟନ ବିଜ୍ଞାନ ଅଧ୍ୟାପକ ସରୋଜ କୁମାର ଶାନ୍ତି, ରାଜନୀତି ବିଜ୍ଞାନ ଅଧ୍ୟାପକ ଦୀପକ କୁମାର ରାଉତ, ପାରା ଲିଗାଲ ସ୍ୱେଚ୍ଛାସେବୀ କବିତା ସେଠୀ, ଜିଲ୍ଲା ପୁଲିସର ସାଇବର ବିଶେଷଜ୍ଞ ଶୁଭ୍ରଜିତ ଦାସ, ମଧୁ ସୂଦନ ସାହୁ, ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧକ୍ଷ ଶ୍ରୀମତୀ ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସାଇବର ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ ଯାହା ଦ୍ୱାରା ସମସ୍ତ ପ୍ରକାରର ସାଇବର ଅପରାଧକୁ ନିୟନ୍ତ୍ରଣ କରାଯାଇ ପାରିବ। ଏହି ଆଇନରେ ଡିଜିଟାଲ କ୍ଷେତ୍ର ସହିତ ଜଡିତ ବିଭିନ୍ନ ଆଇନଗତ ସମସ୍ୟା ଯେପରିକି ସାଇବର ଅପରାଧ, ଇ-କମର୍ସ, ତଥ୍ୟ ଗୋପନୀୟତା ଏବଂ କୃତ୍ରିମ ବୁଦ୍ଧିମତା ଅନ୍ତର୍ଭୁକ୍ତ। ସାମାଜିକ ଗଣମାଧ୍ୟମ ଯଥା ଫେସବୁକ, ୱାଟସଅପ୍, ଇନଷ୍ଟାଗ୍ରାମ, ଏକ୍ସ ଇତ୍ୟାଦି କିପରି ସୁରକ୍ଷିତ ଭାବେ ବ୍ୟବହାର କରିହେବ ଏହି ବିଷୟରେ ସଚିବ ସଚେତନ କରିଥିଲେ। ଏହା ସହ ଅତିତରେ ଘଟିଥିବା କିଛି ସାଇବର ଅପରାଧ ବିଷୟରେ ଆଲୋଚନା କରି ସାଇବର ମାମାଲା ଅଦାଲତରେ କିପରି ପରିଚାଳନା କରାଯାଏ ଏବଂ ସାଇବର ଅପରାଧୀଙ୍କ ପାଇଁ ଥିବା ଦଣ୍ଡ ବିଧାନ ସମ୍ପର୍କରେ ମଧ୍ୟ ସଚିବ ଆଲୋଚନା କରିଥିଲେ। ସାଇବର ବିଶେଷଜ୍ଞ ଶ୍ରୀ ଦାସ ଓ ଶ୍ରୀ ସାହୁ କହିଥିଲେ ଯେ ସାଇବର ଆଇନ ଅନୁଯାଇ ବିଭିନ୍ନ ପ୍ରକାରର ସାଇବର ଠକେଇ ଅନ୍ତର୍ଭୁକ୍ତ। ଯୁବପିଢ଼ିଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମର ବ୍ୟବହାର ଏକ ଧାରାରେ ପରିଣତ ହୋଇଯାଇଛି। ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରିବା ସମୟରେ ସୁରକ୍ଷା ପ୍ରତି ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ।



## ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ଜିଲ୍ଲା ଗସ୍ତ

**ବରଗଡ଼,୨୩।୪(ସଂଚାର ବ୍ୟୁରୋ):** ଓଡିଶା ଖାଦ୍ୟ ଆୟୋଗ ସଦସ୍ୟ ଦୟାନିଧି ଦାଶ ଏବଂ ଅକ୍ଷୟ କୁମାର ବେହେରା ତିନି ଦିନିଆ ବରଗଡ଼ ଜିଲା ଗସ୍ତରେ ଆସିଛନ୍ତି। ମଙ୍ଗଳବାର ସୋହେଲା ବ୍ଲକ ଅନ୍ତର୍ଗତ କେନ୍ଦମଣ୍ଡି ଓ ଗର୍ଭଣା ଗ୍ରାମାଞ୍ଚଳର ଅଙ୍ଗନୱାଡି କେନ୍ଦ୍ର, ଗର୍ଭଣା ସେବାଶ୍ରମ, ଚିଚିଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କିଚେନ ଗାର୍ଡେନ ଏବଂ ଚିଚିଣ୍ଡା ସ୍ଥିତ ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ଅପ୍ରତ୍ୟାଶିତ ଭାବରେ ପରିଦର୍ଶନ କରିଥିଲେ। ପିଲାମାନଙ୍କୁ ବଣ୍ଟନ କରାଯାଉଥିବା ମଧ୍ୟାହ୍ନ ଭୋଜନ ଏବଂ ଛତୁଆର ଗୁଣାତ୍ମକ ମାନ ଯାଞ୍ଚ କରିବା ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ।



## ଶାଳଗାଁ ଉଚ୍ଚବିଦ୍ୟାଳୟରେ ଧରିତ୍ରୀ ଦିବସ ପାଳିତ



**ବେତନଟୀ,୨୩।୪(ସଂଚାର ବ୍ୟୁରୋ):** ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଜାତୀୟ ସବୁଜ ବାହିନୀ ( ଇକୋକ୍ଲବ) ଦ୍ୱାରା ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଅଛି ଇକୋକ୍ଲବ ର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା ସଭାପତିତ୍ୱ କରିଥିଲେ, ଶିକ୍ଷକ ବୃନ୍ଦ ଚିତ୍ତରଞ୍ଜନ ପୁହାଣ, ପ୍ରଭାସ କୁମାର ନାୟକ, ଉମାକାନ୍ତ ସାସମଲ୍, ପ୍ରଭାକର ଉପାଧ୍ୟାୟ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ବିଷୟରେ ପରାମର୍ଶ ଦେଇଥିଲେ। ଧରିତ୍ରୀ ମାତାର ସୁରକ୍ଷା ପାଇଁ ଛାତ୍ର ଛାତ୍ରୀ ମାନେ ସମାଜକୁ ସଚେତନତା କାରାଇବା ଜରୁରୀ ଅଟେ। ବିଜ୍ଞାନ ଯୁଗରେ ଅତ୍ୟାଧୁନିକ ଜୀବନ ଶୈଳୀ ରାସ୍ତା ପ୍ରଶସ୍ତିକରଣ, କଳକାରଖାନା ନୂତନ ଘର ନିର୍ମାଣ ପାଇଁ ବୃକ୍ଷ କଟା ଯିବା ସହିତ ରାସାୟନିକ ସାର ଓ ଔଷଧ ପ୍ରୟୋଗ ଯୋଗୁଁ ପରିବେଶ ସନ୍ତୁଳନ ଭାରସ୍ୟମ ହରାଇ ବସିଛି। ଜନ ଜଙ୍ଗଲ ଓ ଜଳ ସହିତ ଧରିତ୍ରୀ ମାତାର ସମ୍ପର୍କ ସୁରକ୍ଷା ଉପରେ ଜନସାଧାରଣ ଓ ଛାତ୍ର ସମାଜ ଆଗେଇଆସି ପରିବେଶକୁ ସୁରକ୍ଷା କରିବା ଉଚିତ୍ ବୋଲି ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ। ଉକ୍ତ ଦିବସରେ ନିଜ ନିଜ ବାଡ଼ିରେ ପରିବାର ବିଭାଘର, ଜନ୍ମଦିନ, ସୁଧକ୍ରିୟା ଓ ଅନ୍ୟାନ୍ୟ ଦିବସକୁ ସ୍ମରଣୀୟ କରିବା ପାଇଁ ଗୋଟିଏ ଗୋଟିଏ ବୃକ୍ଷ ଲଗାଇବେ ବୋଲି ଛାତ୍ର ଛାତ୍ରୀ ମାନେ ଶପଥ ନେଇଥିଲେ। ଉକ୍ତ କାର୍ଯ୍ୟ କ୍ରମରେ ପ୍ରିୟଙ୍କା ବେହେରା, ଅଭିଜ୍ଞାନ ସାହୁ ଓ ଅନ୍ୟମାନେ ସହଯୋଗ କରିଥିଲେ ସର୍ବଶେଷରେ ପ୍ରମୋଦ କୁମାର ବିନ୍ଧାଣି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏ.ବି.ସି. ମେମୋରିଆଲ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ, ହାତୀଗଡ଼ ଦଳ ବିଜୟୀ



**ବାଲିଆପାଳ,୨୩।୪(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତ ଅଧିନସ୍ଥ ମଝିପଡା ପଦା ଖେଳପଡ଼ିଆ ଠାରେ ଏ.ବି.ସି. ମେମୋରିଆଲ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ଫାଇନାଲରେ ବଳରାମପୁର ଦଳକୁ ହରାଇ ହାତୀଗଡ଼ ଦଳ ବିଜୟୀ ହୋଇଥିଲେ କ୍ଷଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବାଲିଆପାଳ ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରି ବିଜେତା ଦଳକୁ ପୁରସ୍କୃତ କରିବା ସହିତ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ପଞ୍ଚାୟତର ପୂର୍ବତନ ସରପଞ୍ଚ ମନ୍ମଥ ମାଣିକ, ସପନ ଦାସ, ବାଲିକୁଦ ଆଦିବାସୀ ସାହି ମୁଖ୍ୟ ଭୀମ ହେମ୍ବ୍ରମ, ଯୁବ ନେତା ଶ୍ରୀକାନ୍ତ ନାଥ, ଗୌରାଙ୍ଗ ଦାସ, ପପୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆଦିବାସୀ ଭାଇ ଭାଉଣୀ ମାନେ ବିଧାୟିକା ଶ୍ରୀମତୀ ସୁବାସିନୀ ଜେନାଙ୍କୁ ମାଦଳର ତାଳେ ତାଳେ ନୃତ୍ୟ କରି ଖେଳ ପଡ଼ିଆ ନିକଟକୁ ପାଛୋଟି ଆଣି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବିଧାୟିକା ଶ୍ରୀମତୀ ଜେନା କିଛି ସମୟ ଆଦିବାସୀ ଭାଇ ଭଉଣୀଙ୍କ ସହ ବିତାଇ ସେମାନଙ୍କ ସୁଖ ଦୁଃଖ ପଚାରି ବୁଝିଥିଲେ। ଏ.ବି.ସି. କ୍ଲବ୍ ର ସଦସ୍ୟ ମାନେ ଫୁଟବଲ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ପଶ୍ଚିମବଙ୍ଗ କାଠ ଚାଲାଣ: ମାଡ଼ିବସିଲା ବନ ବିଭାଗ

**ଉଦଳା,୨୩।୪(ସଂଚାର ବ୍ୟୁରୋ):** ବନ ବିଭାଗକୁ ବୋକା ବନାଇ ସମସ୍ତଙ୍କ ସାମ୍ନାରେ କରୁଥିଲେ ଲୁଟ୍। ଗୋଟିଏ ଜାଗା ପାଇଁ ପୁରୁଣା ଅନୁମତି ପତ୍ର ଥିବା ବେଳେ ତାକୁ ଦେଖାଇ ସମସ୍ତଙ୍କୁ ଭକୁଆ ବନାଇ ଲକ୍ଷ ଲକ୍ଷ ଟଙ୍କାର କାଠ ୱେଷ୍ଟ ବେଙ୍ଗଲକୁ ଚାଲାଣ କରୁଥିଲେ। ମାଡି ବସିଲା ବନ ବିଭାଗ, ଧରିଲା ୧୬ ଚକିଆ ଟ୍ରକ ଭର୍ତ୍ତି କାଠ। ମଙ୍ଗଳବାର ବିଳମ୍ବିତ ରାତିରେ ଉଦଳା ବନ ବିଭାଗ ମାଟିହୁଡ଼ି ଅଞ୍ଚଳରେ ଚଢ଼ାଉ କରିଥିବା ବେଳେ ଗୋଟିଏ ୧୬ ଚକିଆ ଟ୍ରକରେ ୟୁକାଲି ପଟାସ କାଠ ଗଣ୍ଡି ଲୋଡ୍ ହେଉଥିବା ଦେଖିବାକୁ ପାଇଥିଲା। ଏହି କାଠ ସବୁ ଉଦଳାରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିଲା। କାଠ କାଟି ନେବା ପାଇଁ ଗଛ କଟାଯାଉଥିବା ଜମିର ଟ୍ରେସ୍ ଏବଂ ବଦର ବାହାର କରାଯିବାର ନିୟମ ଥିବା ବେଳେ କାଠ ମାଫିଆ ଅନ୍ୟ ଏକ ଜମିର ପୂର୍ବରୁ କଟା ଯାଇଥିବା ଟ୍ରେସ ବଦର ଦେଖାଇ ବେଆଇନ ଭାବେ କାଠ ଚାଲାଣ କରୁଥିବା ଜାଣି ବନ ବିଭାଗ ଗାଡିକୁ ନିଜ ହେପାଜତକୁ ନେଇଥିଲା। ଯାହାକି ଗାଡ଼ିରେ ବେଆଇନ ଭାବେ କାଠ ଚାଲାଣ ହେଉଥିବା ବେଳେ ଟ୍ରକକୁ ବନ ବିଭାଗ କାର୍ଯ୍ୟାଳୟକୁ ଆଣି ତଦନ୍ତ କରୁଛି ବିଭାଗ। ସେପଟେ ଜବତ କାଠର ମୂଲ୍ୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଛି।




### ସହରର ସୌନ୍ଦର୍ଯ୍ୟକରଣ ପାଇଁ ଖର୍ଚ୍ଚ ଲକ୍ଷାଧିକ

# ଉଦ୍ୟାନ କରି ଭୁଲିଗଲା ପ୍ରଶାସନ



**କଣ୍ଟାବାଞ୍ଜି,୨୩।୪(ସଂଚାର ବ୍ୟୁରୋ):** ସହରର ସୌନ୍ଦର୍ଯ୍ୟକରଣ ପାଇଁ ଯୋଜନା କରୁଛନ୍ତି ସରକାର। ଏହାକୁ କାର୍ଯ୍ୟକାରୀ ବି କରାଯାଉଛି। ହେଲେ ତା' ପରେ ଆଉ ଏହାର ତଦାରଖ କରାଯାଉନି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ବଲାଙ୍ଗୀର କଣ୍ଟାବାଞ୍ଜି ସହରରେ ଥିବା ୨ଟି ମିନି ପାର୍କ। ସରକାରୀ ଅବହେଳା କାରଣରୁ ଲକ୍ଷଲକ୍ଷ ଟଙ୍କାର ପ୍ରକଳ୍ପ ମିନିପାର୍କ ଅଦରକାରୀ ହୋଇପଡ଼ିଛି।

କଣ୍ଟାବାଞ୍ଜି ସହରର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଏନ୍ଏସି ତରଫରୁ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଲା ୨ଟି ମିନି ପାର୍କ। ଝଙ୍କରପଡା ସ୍ଥିତ ବିଦ୍ୟାଳୟ ଓ ତହସିଲ ଅଫିସ ନିକଟରେ ଉଦ୍ୟାନ ତିଆରି କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ପାର୍କଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ପାର୍କ ଭିତରେ ଥିବା ପିଲାଙ୍କ ଖେଳିବା ସାମଗ୍ରୀ ଓ ଦୋଳି ସବୁ ଭାଙ୍ଗିରୁଜି ଖିତ ଖାଇବା ଅବସ୍ଥାରେ।

୨୦୨୧ ନଭେମ୍ବରରେ ପାର୍କ ଶୁଭାରମ୍ଭ ପରଠାରୁ ରକ୍ଷଣାବେକ୍ଷଣ ପାଇଁ ଏନ୍ଏସି ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ସହରବାସୀଙ୍କ ଆମୋଦପ୍ରମୋଦ ପାଇଁ ପାର୍କ ନାଁରେ ସରକାରୀ ଟଙ୍କା ବାଟମାରଣା ହୋଇଥିବା ଅଭିଯୋଗ ହୋଇଛି। ତେବେ ଲକ୍ଷଲକ୍ଷ ଟଙ୍କା ସରକାରୀ ଅନୁଦାନରେ ତିଆରି ହୋଇଥିବା ମିନି ପାର୍କର ରକ୍ଷଣାବେକ୍ଷଣା ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା।

## ତାଲୁକ ଆଇନ ସେବା ସମିତି ତରଫରୁ ଆଇନ ସଚେତନତା ଶିବିର




**କଳାହାଣ୍ଡି,୨୩।୪(ସଂଚାର ବ୍ୟୁରୋ):** ଧର୍ମଗଡ଼ ତାଲୁକ ଆଇନ ସେବା ସମିତି ପକ୍ଷରୁ ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଅତିରିକ୍ତ ଜିଲ୍ଲା ଜର୍ଜ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନ ଙ୍କ ଅଧ୍ୟକ୍ଷତା ରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଦେୱାନୀ ବିଚାରପତି ଇପ୍ସି ମହାନ୍ତି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀଚନ୍ଦନ ସେଠି, ବରିଷ୍ଠ ଆଇନଜୀବୀ ଚିନ୍ତାମଣି ପାତ୍ର, ସରକାରୀ ଓକିଲ ଧୀରେନ୍ଦ୍ର ପାତ୍ର ଓ ରଶ୍ମିତା ମହାନନ୍ଦ, ରିଟେନର କଲ୍ୟାଣୀ ନାଏକ, ବରିଷ୍ଠ ଓକିଲ ମିହିର ରଞ୍ଜନ ପଟ୍ଟଯୋଶୀ, ସିଡିପିଓ ଧରିତ୍ରୀ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ତାଲୁକ ଆଇନ ସେବା ସମିତି ର ଅଧ୍ୟକ୍ଷ ଶ୍ରୀ ପ୍ରଧାନ ପୋଷ ଅଧିନିୟମ କଣ, ଜଣେ ପୀଡିତ କେମିତି ଭାବରେ ଅଭିଯୋଗ କରିପାରିବିବେ ଏବଂ ସେହି ଅଭିଯୋଗ ର କିଭଳି ଭାବରେ ସମାଧାନ କରାଯାଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବରେ ସରକାରୀ ଓକିଲ ଶ୍ରୀ ପାତ୍ର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପାଇଁ ଅଭିନୀତ ଅଟ୍ରୋସିଟି ଅଧିନିୟମ ଉପରେ ସମ୍ୟକ ଧାରଣ ଦେବା ସହ ତାହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।କାର୍ଯ୍ୟକ୍ରମ କୁ ଆଇନଜୀବୀ ଶ୍ରୀମତୀ କଲ୍ୟାଣୀ ନାଏକ ପରିଚାଳନା କରିଥିବା ବେଳେ ବରିଷ୍ଠ ଓକିଲ ମିହିର ରଞ୍ଜନ ପଟ୍ଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁଳମାତ୍ରାରେ ଅଙ୍ଗନବାଡି କର୍ମୀ, ଆଇ.ସି.ଡି.ଏସ ସୁପରଭାଇଜର ମାନେ ଉପସ୍ଥିତ ଥିଲେ।

## ବେଧଡ଼କ ସରକାରୀ ଜମି ବିକ୍ରି ଅଭିଯୋଗ

**ବ୍ରହ୍ମପୁର,୨୩।୪(ସଂଚାର ବ୍ୟୁରୋ):** ଗଞ୍ଜାମ ତହସିଲ ଅନ୍ତର୍ଗତ ଆଲିଆବାଦ ମୌଜା ର ନୀଳାଦ୍ରିପୁର ଗ୍ରାମର କିଛି ବ୍ୟକ୍ତି ଗତ କିଛି ମାସ ହେଲାଣି ସେ ଅଞ୍ଚଳର ଗରିବ ଲୋକଙ୍କ ଠୁ କିଛି ଅର୍ଥ ନେଇ ମାଁ ରାମଚଣ୍ଡୀଙ୍କ ପାହାଡ ତଳେ ଥିବା ସରକାରୀ ଜମିକୁ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ପୂର୍ବ ସରକାର ସମୟରେ ପଞ୍ଚାୟତବାସୀ ଓ ମନ୍ଦିର କମିଟି ତରଫରୁ ଗଞ୍ଜାମ ତହସିଲଦାରଙ୍କୁ ଲିଖିତ ଜଣେଇବା ପରେ ମଧ୍ୟ ଏହା ଉପରେ କିଛି ପଦକ୍ଷେପ ନନିଆଯିବାରୁ ବର୍ତ୍ତମାନ ନୀଳାଦ୍ରିପୁର ଗ୍ରାମର ଜଣେ ରାଉଳ କିଛି ଅସାମାଜିକ ବ୍ୟକ୍ତିଙ୍କୁ ଧରି ଏହିପରି ସରକାରୀ ଜମିର ବିକ୍ରି କରୁଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। କିଛି ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ଘର ନିର୍ମାଣ କରି ମାସିକ ମୋଟା ଅଙ୍କର ବଟି ମଧ୍ୟ ଅସୁଲ କରୁଥିବା ଜଣାପଡ଼ିଛି। ଏପରିକି ଉକ୍ତ ଅଞ୍ଚଳରେ ଦୋକାନ ଘର ନାଁରେ ମଦ ଓ ଗଂଜେଇ ମଧ୍ୟ ବିକ୍ରି କରାଯାଉଥିବା ସୂଚନା ମିଳିଛି। ସନ୍ଧ୍ୟା ସମୟରେ ସେହି ରାସ୍ତା ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଛି। ଯାହା ଫଳରେ ସନ୍ଧ୍ୟା ପରେ ସ୍ଥାନୀୟ ଅଞ୍ଚଳବାସୀ ଓ ମନ୍ଦିରକୁ ଆସୁଥିବା ଭକ୍ତମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏହାଦ୍ୱାରା ସବୁଜ ଜଙ୍ଗଲ ନଷ୍ଟ ହେବା ସହିତ ସରକାରୀ ଜମିର ଦୁରୁପଯୋଗ କରାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ପ୍ରଶାସନ ଯଦି ଏହା ଉପରେ ଉଚିତ ପଦକ୍ଷେପ ନେଇ ସେହି ସରକାରୀ ଜମିରୁ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ପଦକ୍ଷେପ ନ ନିଅନ୍ତି ତେବେ ଗ୍ରାମବାସୀ ରାସ୍ତା ରୋକ କରିବେ ବୋଲି ଆଜି ବୈଠକ ରେ ନିଷ୍ପତି ନେଇଛନ୍ତି।



## ହତ୍ୟା ଘଟଣା ମାମଲାରେ: ଜଣେ ଗିରଫ

**ଥୁଆମୂଳ ରାମପୁର,୨୩।୪(ସଂଚାର ବ୍ୟୁରୋ):** ଗତ ଜାନୁଆରୀ ୧୬ରେ ଥୁଆମୂଳ ରାମପୁର ଥାନା ପେଙ୍ଗଡୁସି ଗ୍ରାମଠାରେ ଜଣେ ଯୁବକଙ୍କ ହତ୍ୟା ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସୂଚନା ମୁତାବକ ପେଙ୍ଗଡୁସି ଗ୍ରାମରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖି ପୋଲିସ ଏହା ଏକ ହତ୍ୟା ଘଟଣା ବୋଲି ସନ୍ଦେହ କରିଥିଲା। ମୃତକ ଜଣକ ରାୟଗଡା ଜିଲା କାଶିପୁର ବ୍ଲକ ଭାଟିପାସ ଗାଁର ଲକ୍ଷ୍ମଣ ମାଝୀ ବୋଲି ଚିହ୍ନଟ କରାଯାଇଥିଲା।

## ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା

**ସୁବର୍ଣ୍ଣପୁର,୨୩।୪(ସଂଚାର ବ୍ୟୁରୋ):** ସୋନପୁର ସହର ର ଥନାପତିପଡ଼ା ଠାରେ ଏକ ନୂତନ ପଞ୍ଚମୁଖୀ ହନୁମାନଙ୍କ ପ୍ରାଣ ପ୍ରତିଷ୍ଠା ହୋଇଯାଇଛି। ଏଥିପାଇଁ ସୋମବାର ଦିନ କଳସ ଯାତ୍ରା ସହ ଅଙ୍କୁରା ରୋପଣ ଦ୍ୱିତୀୟ ମଙ୍ଗଳବାର ଦିନ ରତ୍ନମୁଦ ସହ ତୃତୀୟ ବୁଧବାର ଦିନ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପ୍ରଥମ ଦିନ କଳସ ଶୋଭାଯାତ୍ରାରେ ପରମ ହନୁମାନ ଙ୍କ ଭକ୍ତ ସୋନପୁର ଜିଲ୍ଲା ବଲାଡିର ବାବା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଞ୍ଚଳର ଶତାଧିକ ମହିଳା ତଥା ସମସ୍ତ ଭକ୍ତ ମହାନଦୀରୁ ଏକ ବିଶାଳ କଳସ ଶୋଭାଯାତ୍ରାରେ ମନ୍ଦିର ପହଞ୍ଚିଥିଲେ। ଏବଂ ବିଭିନ୍ନ ସ୍ଥାନରୁ ସାଧୁସନ୍ଥ ତଥା ହନୁମାନ ବାବାଙ୍କ ଆଗମନ ହୋଇଥିଲା। ମୁଖ୍ୟ ପୂଜକ ଗୋବର୍ଦ୍ଧନ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ମୁଖ୍ୟ କର୍ତ୍ତା ଭାବରେ ଶୋଭା ପ୍ରକାଶ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ।

## ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା

**ଭେଡେନ,୨୩।୪(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ ଭେଡେନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଚାଲିଥିବା ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳାର ଦ୍ୱିତୀୟ ଦିବସର ସକାଳ ବନ୍ଦନା କାଳାଂଶରେ ଭିକାରି ଚରଣ ଖମାରୀ ଓ କିଶୋର କୁମାର ପାଇକ ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ସମସ୍ତଙ୍କ ଶୁଭ କାମନା କରି ଗୁରୁମା ଗୁରୁଜୀ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ।ସନ୍ଧ୍ୟା ବନ୍ଦନା କାଳାଂଶରେ ନିର୍ମଳ ମେହେର (ସଂଚାର), ଜ୍ୟୋତିରଞ୍ଜନ ମହାପାତ୍ର (ପ୍ରମେୟ ଖବର କାଗଜ), ହୀରା ମହାକୁର (ଏମ୍. ବି.ସି ଟି.ଭି ଓ ଭେଡେନ ଟି.ଭି)ଯୋଗ ଦେଇ ସମସ୍ତଙ୍କର ଶୁଭ କାମନା କରିଥିଲେ। ମୁଖ୍ୟ ବକ୍ତା ଭାବରେ ଚୈତନ୍ୟ କର୍ମୀ (ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପ୍ରବଚକ) ଯୋଗ ଦେଇ 'ଦୈନନ୍ଦିନ ଜୀବନରେ ଗୀତାର ପ୍ରୟୋଗ'ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଭୋଜରାଜ ଦୁଆନ ପରିଚାଳନା କରିଥିଲେ।ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଶ୍ୱିନୀ କୁମାର ବାରିକ ଅତିଥି ଅଧିକାରୀଙ୍କର ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମ ସଂଭାଗ ସଂଯୋଜକ ଜ୍ୟୋତିରଞ୍ଜନ ମିଶ୍ର, ସଂଭାଗ କାର୍ଯ୍ୟାଳୟ ପ୍ରମୁଖ ବିକ୍ରାନ୍ତ ବେହେରା ଓ ସଂକୁଳ ପ୍ରମୁଖ ଅଶ୍ୱିନୀ କୁମାର ଦାଶ ଉପସ୍ଥିତ ଥିଲେ।

